ISSN No. : 2583-147X (P)




ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE

*The Official Journal of*
*Prachee Centre for Cultural Relations*

ଅପ୍ରେଲ ୨୦୨୪
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଦଶମ ବର୍ଷର ପ୍ରଥମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

# ❧ 'ପ୍ରାଚୀ'ର କଲମ ❧

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 10, April 2024, Issue No. I

ISSN NO. 2583-147X (P)

**RNI No. : ODIODI/2015/64435**

P.R. No. : CK(C)/96/2022-2024



**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଳିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସେମିଲିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪


# ଏଇ ସଂଖ୍ୟାରେ...


| | | |
|---|---|---|
| **ପ୍ରବନ୍ଧ ବିଭାଗ :** | | |
| କବି ସୌଭାଗ୍ୟ କୁମାର ମିଶ୍ରଙ୍କ | | |
| କବିତ୍ୱର ବଳିଷ୍ଠ ଇସ୍ତାହାର : ଅନ୍ଧ ମହୁମାଛି | ଦେବାଶିଷ ଦାସ | ୦୮ |
| ଶବାଧାର ଓ ପରମ୍ପରା | ଶୀତଳ କୁମାର ବେହେରା | ୧୩ |
| କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ | ସାଇପ୍ରସାଦ ସାହୁ | ୧୮ |
| ନାରୀ | ଛବିରାଣୀ ପତି | ୨୦ |
| **ଗଳ୍ପ ବିଭାଗ :** | | |
| କିଳିବିଲିଆ କିଙ୍ଗ | ରାମକୃଷ୍ଣ ଦାଶ | ୨୪ |
| ଅଭିଶାପ | ଶମ୍ଭୁନାଥ ଦାସ | ୨୬ |
| ପୂଜାଫୁଲ | ଅଧ୍ୟାପକ ପର୍ଶୁରାମ ଓଝା | ୨୮ |
| ରକ୍ତିମ ସୂର୍ଯ୍ୟ | ଲୀଳାବତି ମହାପାତ୍ର | ୩୩ |
| ଆମ ଗାଁରେ ହୋଲି | ଅମରନାଥ ବାରିକ୍ | ୩୫ |
| ରକ୍ତ | ଲିପ୍‌ସା ପଟେଲ | ୩୭ |
| ଚଳଚ୍ଚିତ୍ର ଜଗତ | ସ୍ୱରୂପା ପ୍ରିୟଦର୍ଶିନୀ ପଣ୍ଡା ସାମନ୍ତ | ୩୯ |
| ଉତ୍ତରାଧିକାରୀ | ଶାଶ୍ୱତୀ ସାମଲ | ୪୨ |
| ଧୋକା | ଗୀତାଞ୍ଜଳି ନାୟକ | ୪୭ |
| ସ୍ୱର୍ଗଦ୍ୱାର | ପ୍ରଦ୍ୟୁମ୍ନ ପଟ୍ଟନାୟକ | ୫୧ |
| ଆମେ ସମସ୍ତେ ବାବୁ | ସୁଧାଂଶୁ ଶେଖର ଦ୍ୱିବେଦୀ | ୫୩ |
| ସୌଭାଗ୍ୟବତୀ ସନ୍ତକ | ସୁନନ୍ଦା ମହାନ୍ତି | ୫୫ |
| ସନାତନ | ବିନୟ ମହାପାତ୍ର | ୫୬ |
| ମଦ | ଶିବ ପ୍ରସାଦ ବାହିନୀପତି | ୬୧ |
| ଏମିତି ସାଥିଟିଏ | ଗାୟତ୍ରୀ ସିଂହ | ୭୦ |
| ମୋନାଲିସା | ସରୋଜ କୁମାର ଜେନା | ୭୪ |
| **କବିତା ବିଭାଗ :** | | |
| ମାଟିର ମଣିଷ | ବେଣୁଧର ସୂତାର | ୭୯ |
| ଚିରନିଦ୍ରା | ମଧୁସ୍ମିତା ମିଶ୍ର | ୮୦ |

| | | |
|---|---|---|
| ସତରେ ତୁମେ ଆସ ଭାରି ଅଝଟ ପଣରେ | ଗୀତାଞ୍ଜଳି ପୃଷ୍ଟି | ୮୧ |
| ଏକତା ଆସିବ ଫେରି | ନିରୂପମା ସାହୁ | ୮୧ |
| ଆମେ କେଡ଼େ ଅପାରଗ | ବସନ୍ତ କୁମାର ସାହୁ | ୮୨ |
| ଲିପିପତ୍ର | ରଘୁନାଥ ତ୍ରିପାଠୀ | ୮୩ |
| ହେ ମହାତ୍ମା | ଅଶ୍ୱିନୀ କୁମାର ସେଠୀ | ୮୪ |
| ପ୍ରାଚୀ | ମୈତ୍ରୀ ଭୂଷଣ ଖୁଣ୍ଟିଆ | ୮୬ |
| ବାପୁଙ୍କ ସ୍ମରଣେ | ଇଂ. ହରେକୃଷ୍ଣ ଦଳାଇ | ୮୭ |
| ଲଉଡ଼ି ପୁରୁଷ | ଶ୍ରୀ ଚୈତନ୍ୟ କୁମାର ସାହୁ | ୮୮ |
| ଭାବନାର ଧାରା | ଶ୍ରୀମତୀ ମନୋଜା ନାୟକ | ୮୮ |
| ମୋ ଗାଁ ପାଇଁ ପଦେ | ଶ୍ରୀମତୀ ଆରତି ରାଣୀ ଡାକୁଆ | ୮୯ |
| ସନ୍ଧ୍ୟା | ଗୀତାଞ୍ଜଳି ନାୟକ | ୯୦ |
| ବୈଚିତ୍ର୍ୟତା | କୁନଲତା ତ୍ରିପାଠୀ | ୯୧ |
| ସମର୍ପଣ | ଗୀତା ଦାସ | ୯୨ |
| ବଗଲା ଅଜା | ଅନ୍ନପୂର୍ଣ୍ଣା ସାହୁ | ୯୩ |
| ସ୍ୱଦେଶ ପ୍ରୀତି | ବନଲତା ସିଂହ | ୯୪ |
| ଜୀବନ ତରୀ | ପ୍ରଭାତି ରାଣୀ ମହାନ୍ତି | ୯୫ |
| କରୁଣାର ଅନୁକମ୍ପାର ହାତ ଯେବେ ଛୋଟ ପଡ଼ିଯାଏ | ରୀତାଞ୍ଜଳି ପ୍ରଧାନ | ୯୬ |
| କୋକେଇରେ ଯାଇ ଶୋଇବ | ଶ୍ରୀ କୈଳାସ ଚନ୍ଦ୍ର ପାଢ଼ୀ | ୯୭ |
| ଶ୍ରଦ୍ଧା ସୁମନ | ସ୍ନେହଲତା ଦ୍ୱିବେଦୀ | ୯୮ |
| ମୋ ପିଛା ଛାଡୁନି ବର୍ଷା | ବିନ୍ଦୁସାଗର ଓଝା | ୯୮ |
| ଶହେ ଚଉବନତମ ଜୟନ୍ତୀରେ ବାପୁ ଘେନ ପ୍ରଣିପାତ | କବି ଶ୍ରୀ ସୁରେନ୍ଦ୍ର ମହାପାତ୍ର | ୯୯ |
| କନ୍ୟାରତ୍ନ ଅନନ୍ୟା | ଅମରନାଥ ବାରିକ୍ | ୧୦୦ |
| କଖାରୁ ଗଛ | ସୁଲୋଚନା ଦାଶ | ୧୦୧ |
| ନବୀନର ଆଗମନେ | ଶୀତଳ କୁମାର ବେହେରା | ୧୦୨ |
| ତଥାଗତ ବୁଦ୍ଧ | ଶ୍ରୀ ରାଜକିଶୋର ସ୍ୱାଇଁ | ୧୦୩ |
| ସାକ୍ଷାତକାର | ପ୍ରତାପ ସ୍ୱାଇଁ | ୧୦୪ |

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

## ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା .................................................... ପିନ୍‌କୋର୍ଡ଼ ..............................

ମୋବାଇଲ୍ ନମ୍ବର ................................ ଇ-ମେଲ୍ ....................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର............................................ ତାରିଖ................................

ବ୍ୟାଙ୍କ୍.................................. ସ୍ଥାନ..................................................

ତାରିଖ................................. ଦସ୍ତଖତ..................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# କବି ସୌଭାଗ୍ୟ କୁମାର ମିଶ୍ରଙ୍କ କବିତ୍ୱର ବଳିଷ୍ଠ ଇସ୍ତାହାର : ଅନ୍ଧ ମହୁମାଛି

ଦେବାଶିଷ ଦାସ

ଆଧୁନିକ ଓଡ଼ିଆ କାବ୍ୟ-ଜଗତରେ କବି ସୌଭାଗ୍ୟ କୁମାର ମିଶ୍ର ଜଣେ ପ୍ରସିଦ୍ଧ କବିମାନସ । ତାଙ୍କ କବିତାରେ ଆଧୁନିକ ସମସ୍ୟାବହୁଳ ସାମାଜିକ ଜୀବନର ଅସହାୟତା, ଆଶଙ୍କା, ଦ୍ୱନ୍ଦ୍ୱ ଓ ସଂଘର୍ଷର ଚିତ୍ର ଉତ୍କୀର୍ଣ୍ଣ । ବିଚ୍ଛିନ୍ନତାବୋଧ, ଭାବପ୍ରବଣତା, ରୋମାଣ୍ଟିକଧର୍ମୀ, ଈଶ୍ୱରଚେତନା ଏବଂ ମୃତ୍ୟୁ ସମ୍ପର୍କୀୟ ଦାର୍ଶନିକ ଅବବୋଧ ତାଙ୍କ କବିତାର ମୁଖ୍ୟ ସ୍ୱର । କଥିତ ଭାଷାକୁ ସାବଲୀଳ ଛନ୍ଦ ଲାଳିତ୍ୟ ପ୍ରଦାନ କରିବାରେ ଶ୍ରୀ ମିଶ୍ରଙ୍କ ସାମର୍ଥ୍ୟ ଓ କୃତିତ୍ୱ ଅସାମାନ୍ୟ । କବିତାରେ ମିଥ୍, ପ୍ରତୀକ, ଚିତ୍ରକଳ୍ପାଦିର ବ୍ୟବହାରରେ ଓ ଅନ୍ୟାନ୍ୟ ଆଙ୍ଗିକଗତ ପରୀକ୍ଷା-ନିରୀକ୍ଷାରେ ସେ ବହୁ ସଫଳତାର ଅଧିକାରୀ । ତାଙ୍କ କବିତା ସଙ୍କଳନ ମଧ୍ୟରେ- 'ଆତ୍ମନେପଦୀ', 'ମଧ୍ୟପଦଲୋପୀ', 'ନଈ ପହଁରା', 'ଅନ୍ଧ ମହୁମାଛି', 'ବଜ୍ରଯାନ', 'ଦ୍ୱା ସୁପର୍ଣ୍ଣା', 'ମଣିକର୍ଣ୍ଣିକା', 'ଅନ୍ୟତ୍ର', 'ଚରାଚର', 'ଉଜ୍ଜୟିନୀ', 'ମାତୃସ୍ପର୍ଶ', 'କାବ୍ୟ ସମ୍ଭାର', 'ପୁନର୍ବସୁ' ଇତ୍ୟାଦି ଉଲ୍ଲେଖଯୋଗ୍ୟ ।

୧୯୭୭ ମସିହାରେ ପ୍ରକାଶିତ 'ଅନ୍ଧ ମହୁମାଛି' କବିତା ଗ୍ରନ୍ଥଟି କବି ସୌଭାଗ୍ୟ କୁମାର ମିଶ୍ରଙ୍କ କବିତ୍ୱର ଏକ ଅପୂର୍ବ ତଥା ବଳିଷ୍ଠ ଇସ୍ତାହାର । 'ଅନ୍ଧ ମହୁମାଛି' ଏହି ସଂକଳନର ଶୀର୍ଷକ କବିତା । କବିଙ୍କ କବିତାରେ ଜୀବନ ପ୍ରତି ଅହେତୁକ ମୋହ ଥିବାର ଲକ୍ଷ୍ୟ କରାଯାଏ । ଜୀବନକୁ ସରସ, ସୁନ୍ଦର ଓ ମଧୁମୟ ଭାବରେ ଉପଭୋଗ କରିବା ପାଇଁ ଯଥେଷ୍ଟ ତ୍ୟାଗ ଓ ନିଷ୍ଠା ପ୍ରକାଶିତ ହୋଇଛି । କବି ଏହି କବିତା ସଂକଳନ ବେଳକୁ ବିଶେଷ ଭାବରେ ପାଶ୍ଚାତ୍ୟାଭିମୁଖୀ ନ ହୋଇ ଭାରତୀୟ ଆଧ୍ୟାତ୍ମିକ ଚେତନା ଦ୍ୱାରା ପ୍ରଭାବିତ ହେବାରେ ଲାଗିଛନ୍ତି । ସମାଲୋଚକ ସୀତାନାଥ ଦାସ ଏ ସମ୍ପର୍କରେ ମତପ୍ରକାଶ କରି କହିଛନ୍ତି- "ଅନ୍ଧ ମହୁମାଛି କବିତା ଗ୍ରନ୍ଥରେ ବିଭିନ୍ନ କବିତା ଅନୁଧ୍ୟାନରୁ ମନେହୁଏ କବି ଅନୁଭୂତି ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଅନୁଭୂତି ବିନା କବିତା ନୀରସ, ସ୍ୱାଦହୀନ, ବୈଚିତ୍ର୍ୟହୀନ ଓ ମୃତପ୍ରାୟ ହୋଇଥାଏ । ଅନେକ ଫୁଲର ମଧୁ ସଂଗ୍ରହ କରିବା ସମୟରେ ବିବିଧ ଅନୁଭୂତିପୁଷ୍ଟ ମହୁମାଛି ପରି କବି ସାଧାରଣ ସାଂସାରିକ ଜୀବନର ବିଭିନ୍ନ ଘଟଣା, ଦୃଶ୍ୟ ଓ ଗଭୀର ଦର୍ଶନ ସହ ସଂପୃକ୍ତ ଥାଇ ମଧ୍ୟ ନିର୍ଲିପ୍ତ ଭାବରେ ସଂଗୃହୀତ ଅନୁଭୂତିର ସ୍ୱାଦ ଓ ରସକୁ ନିଜ କବିତାରେ ପରିବେଷଣ କରିଛନ୍ତି ।"

ନାମକରଣ କାବ୍ୟ-ମନ୍ଦିରର ମୁଖଶାଳା । ମନ୍ଦିରର ମୁଖଶାଳାରୁ ଆମେ ମନ୍ଦିର ଗଢ଼ିଥିବା ଶିଳ୍ପୀର ଶିଳ୍ପ-ପରାକାଷ୍ଠା ସମ୍ପର୍କରେ ଏକ ସୁସ୍ପଷ୍ଟ ଅବଧାରଣ କରିପାରୁ । ଅନୁରୂପ ଭାବରେ କାବ୍ୟ ବା କବିତାର ନାମକରଣରୁ କବିର ଶିଳ୍ପୀସୁଲଭ ଦୃଷ୍ଟିକୋଣ, ପ୍ରଜ୍ଞାଦୀପ୍ତ ଆଭିମୁଖ୍ୟ ଓ ସର୍ଜନା ନୈପୁଣ୍ୟର ଚାରୁ ବ୍ୟଞ୍ଜନା ଉପଲବ୍ଧ ହୁଏ । ମହୁମାଛି ସାଧାରଣତଃ ପରିଶ୍ରମର ପ୍ରତୀକ । ସେ ପରିଶ୍ରମକାତର ନୁହେଁ; ବରଂ ସେ ହେଉଛି କର୍ମଠ । ତେବେ ବିଚାରଯୋଗ୍ୟ, କବି ଏଠାରେ ମହୁମାଛିକୁ ଅନ୍ଧ ବୋଲି ସମ୍ବୋଧନ କରିଛନ୍ତି କାହିଁକି ? ଏହାର ଉତ୍ତର ଦେବାକୁ ଯାଇ ସ୍ୱୟଂ କବି ଶ୍ରୀ

ମିଶ୍ର ଏକ ସାକ୍ଷାତକାରରେ କହିଛନ୍ତି- "ଏହି କବିତାରେ ମହୁମାଛି ଏଥିପାଇଁ ଅନ୍ଧ ଯେ, ସେ ସୁନ୍ଦର ଏବଂ କୁତ୍ସିତ ମଧ୍ୟରେ ଥିବା ତଥାକଥିତ ଦୂରତ୍ୱକୁ ଦେଖିପାରିବ ନାହିଁ ।" ତେଣୁ କବିତା ମାଧ୍ୟମରେ ଆମ ସମସ୍ତଙ୍କୁ ଅନ୍ଧ ମହୁମାଛି ପରି ହୋଇ ସୁନ୍ଦର ଏବଂ କୁତ୍ସିତ ମଧ୍ୟରେ ଭେଦଭାବ ନକରି ସର୍ବତ୍ର ମଧୁ ତଥା ଅମୃତର ଉପଲବ୍ଧି କରିବା ପାଇଁ କବି ଆହ୍ୱାନ ଜଣାଇଛନ୍ତି ।

ଭାରତୀୟ ବାଙ୍ମୟ ତଥା ସଂସ୍କୃତିରେ ସାତ ସଂଖ୍ୟାର ବେଶ୍ ମହତ୍ୱ ରହିଛି । ସାତ ସଂଖ୍ୟାଟି ଭାରତୀୟମାନଙ୍କ ପାଇଁ ଅତି ଶୁଭଙ୍କର । ତେଣୁ ଏହି ସଂଖ୍ୟାଟି ଅନେକ ପ୍ରକାରରେ ଭାରତୀୟ ସାହିତ୍ୟରେ ବ୍ୟବହୃତ ହୋଇ ଆସୁଅଛି; ତଥା- ସପ୍ତକାଣ୍ଡ, ସପ୍ତଜିହ୍ୱା, ସପ୍ତଦ୍ୱୀପ, ସପ୍ତଧାତୁ, ସପ୍ତପାତାଳ, ସପ୍ତପିତା, ସପ୍ତପୁରୀ, ସପ୍ତପୁରୁଷ, ସପ୍ତମାତା, ସପ୍ତମାତୃକା, ସପ୍ତରଥୀ, ସପ୍ତର୍ଷି, ସପ୍ତସମୁଦ୍ର, ସପ୍ତସ୍ୱର୍ଗ, ସପ୍ତସ୍ୱର, ସପ୍ତାଙ୍ଗ, ସପ୍ତାୟର, ସପ୍ତାଶ୍ୱ, ସପ୍ତାର୍ଷ୍ୟ, ସପ୍ତାହ ଇତ୍ୟାଦି । ଏହି କବିତାକୁ ମଧ୍ୟ କବି ସାତଟି ପର୍ଯ୍ୟାୟରେ ବିଭକ୍ତ କରିଛନ୍ତି । ପ୍ରତ୍ୟେକ ପର୍ଯ୍ୟାୟରେ କବି ଭିନ୍ନ ଭିନ୍ନ ବିଷୟର ଅବତାରଣା କରିଅଛନ୍ତି ।

କବିତାର ପ୍ରଥମ ପର୍ଯ୍ୟାୟରେ କବି ମନ ସମାଜମୁଖୀ ଓ ଲଘୁ ପରିହାସର ସ୍ୱର ଉଚ୍ଚାର୍ଣ୍ଣ । ଆଧୁନିକ ଜୀବନର ବେଦନାବୋଧ, ଅସହାୟତା, ସ୍ୱପ୍ନଭଙ୍ଗ ଆଦି ଜଟିଳ ସମସ୍ୟା ଦ୍ୱାରା କବିପ୍ରାଣ ବ୍ୟସ୍ତ ବିବ୍ରତ ହୋଇଉଠିଛି ଓ ବେଳେବେଳେ ବିଳାପ କରିଉଠିଛି । ଆଧୁନିକ ଓଡ଼ିଆ କବିମାନଙ୍କ ପ୍ରାଣରେ ଇଂରାଜୀ କବି T.S. Eliot ଯେପରି ଆସ୍ଥାନ ଜମାଇ ବସିଛନ୍ତି, ଅନୁରୂପ ଭାବରେ ଶ୍ରୀ ମିଶ୍ରଙ୍କ କବିତାରେ ଦେଖିବାକୁ ମିଳେ । ଆଧୁନିକ ମଣିଷର ସଂଶୟବୋଧ, ହତାଶା, ନିଃସଙ୍ଗତା, ବିଷାଦବୋଧ ଆଦି ଭାବରାଜି ଦ୍ୱାରା କବି ବହୁ ଭାବରେ ଆକ୍ରାନ୍ତ । ଏହି କବିତାରେ ଅନ୍ଧ ମହୁମାଛି ହିଁ ନାୟକ; ଯିଏକି ଜୀବନର ତାଡ଼ନାରେ ଅନ୍ଧ ନିୟତି ଓ ସମୟର ଅଖଣ୍ଡ ସ୍ରୋତରେ ସହାୟହୀନ ଭାବରେ ଗତିକରି ଚାଲିଛି । ପ୍ରଥମ ପର୍ଯ୍ୟାୟରୁ ହିଁ ଅନ୍ଧ ମହୁମାଛିରୂପୀ ମଣିଷର ଅସହାୟତା ଆରମ୍ଭ... ।

"ଫାଙ୍କା ଧୂ ଧୂ କ୍ଷେତର ଦାଢ଼ରେ ଠିଆ ହୋଇ ଏକେଲା
ମଣିଷ ଶୁଣେ ପକ୍ଷୀ ଉଡ଼ିଯାଏ ଡେଣା ଫଡ଼୍‌ଫଡ଼୍ କରି
X X X
ବଡ଼ଟିର ହାତରେ ଛଟପଟ କଙ୍କି ।"

ଏଠାରେ କବି ପ୍ରତୀକର ବ୍ୟବହାର କରିଛନ୍ତି । ଏଇ ଫାଙ୍କା ଧୂ ଧୂ କ୍ଷେତରେ ହିଁ ତ ମଣିଷ ଜୀବନର ଅସହାୟତାର ଚିତ୍ର ସ୍ପଷ୍ଟ ବାରି ହୋଇପଡ଼େ । ପିଲାଟିର ହାତରେ ଛଟପଟ ହେଉଥିବା କଙ୍କିରେ ଏହି ଅସହାୟତାର ଅନ୍ୟ ଗୋଟିଏ ଦିଗ ଯେଉଁଠି ବଞ୍ଚି ରହିବାର ଲାଳସା ସହିତ ଏକ ବୃହତ୍ତର ଶକ୍ତିର ଆନୁଗତ୍ୟ ଏବଂ ଶିକାର ହୋଇ ରହିବାର ଅନୁଭବ ପ୍ରତୀକିତ ହୁଏ ।

ମୃତ୍ୟୁ ଚେତନା ତଥା ଜୀବନ ପ୍ରତି ସାଙ୍ଘାତିକ ଆକର୍ଷଣ କବିଙ୍କ କବିତାକୁ ବହୁବର୍ଣ୍ଣୀ କରିଛି । ସମୟ ସଚେତନତା କବିତାକୁ ଅନେକାଂଶରେ କରିଛି ଜୀବନବୋଧକୁ ତୀବ୍ରତର ଓ ମହତ୍ତର । ତାଙ୍କ କବିତାରେ ମାଙ୍କଡ଼ସା ଦୈହିକ କ୍ଷୁଧାର ପ୍ରତୀକ । ସମାଜରେ ସର୍ବଦା ନିରୀହ, ନିଷ୍କପଟ ମଣିଷ ସମୟର ଚକିରେ ପେଶି ହୁଏ । ସର୍ବଦା ଶୋଷିତ, ଅତ୍ୟାଚାରିତ ହୁଏ । ଜୀବନର ବାସ୍ତବତା ତଥା ଜୀବନବୋଧକୁ କବିତାର ଦ୍ୱିତୀୟ ପର୍ଯ୍ୟାୟରେ ଦେଖିବାକୁ ମିଳେ ।

"ଲାଲ ମାଙ୍କଡ଼ସାର ଅତୃପ୍ତ ଜାଲ ଭିତରକୁ
ନିରୀହ ପୋକଟିକୁ ଫିଙ୍ଗି ଦେବାକୁ ହୁଏ ।
X X X
ଶୃଙ୍ଖଳା ସାଇକେଲର କେଁ କଟର ଶବ୍ଦରେ
ବୁଝି ଯିବାକୁ ହୁଏ ବୁଢ଼ା ପିଅନକୁ
ଭଣଜାର ଆତ୍ମହତ୍ୟାର ନିଶ୍ଚିତ କାରଣ ।"

ବୈଚିତ୍ର୍ୟପୂର୍ଣ୍ଣ ଏ ପୃଥିବୀ । ସମୟ ବଡ଼ ବଳବାନ । ଏଠାରେ କାହାରି ମୁକ୍ତି ନାହିଁ । ସମସ୍ତେ କାଳର ଅଧୀନ । "ପୃଥ୍ୱୀ ବିଭାଣ୍ଡଂ ଗଗନ ପିଧାନଂ ସୂର୍ଯାଗ୍ନିନାରାତ୍ରିଦିବନ୍ଧନେନ ମାସର୍ତ୍ତୁଦର୍ବୀ ପରିଘଟ୍ଟନେନ ଭୂତାନିକାଳ ପଚତିତି ବାର୍ତ୍ତାଃ ।"

ଅର୍ଥାତ୍ ପୃଥିବୀ ହେଉଛି ଏକ ହାଣ୍ଡି ସଦୃଶ । ଆକାଶ ଏହାର ଢାଙ୍କୁଣି । ସୂର୍ଯ୍ୟ, ଅଗ୍ନି, ରାତ୍ରି ଏବଂ ଦିବସ ଇନ୍ଧନ । ମାସ ଏବଂ ଋତୁ ହେଉଛନ୍ତି ଦର୍ବୀ (ଚଟୁ) ଏବଂ ଏହି କାଳ ହେଉଛି ରୋଷେୟା; ଯିଏ ବର୍ଷତମାମ, ଜୀବନ ତମାମ ଆମ ସମସ୍ତଙ୍କୁ ପାଚନ କରୁଅଛି । ସମସ୍ତେ କାଳର ଅଧୀନ । କାଳକୁ ଭୁଆଁ ବୁଲେଇବାର ସାମର୍ଥ୍ୟ କାହାରି ପାଖରେ ନାହିଁ । ସମସ୍ତେ ଗୋଟିଏ ନିୟମରେ ବନ୍ଧା । କାରଣ ସମସ୍ତେ ସେହି ଅଦୃଶ୍ୟ ଶକ୍ତିର କ୍ରୀଡ଼ନକ । ତେଣୁ ଏଠାରେ ଜୀବନ ଓ ମୃତ୍ୟୁ, ଫୁଲ ଓ ଭ୍ରମର, ରେଫରୀ ଓ ଖେଳୁଆଡ଼ କେହିବି ନିଜକୁ ମୁକ୍ତ କରିପାରନ୍ତି ନାହିଁ । ତେଣୁ ଏହିପରି ଏକ ସାର୍ବଜନୀନ ସତ୍ୟକୁ ଆବିଷ୍କାର କରିବାକୁ ଯାଇ କବି କହିଛନ୍ତି-

"କେହି ଖସିଯାଇ ପାରେନା, ନା ଫୁଲ ନା ଭ୍ରମର
ନା ରେଫରୀ ନା ଖେଳୁଆଡ଼
ନା ମୃତ୍ୟୁ, ନା ଜୀବନ,
ସବୁ କେବଳ ଓହ୍ଲାଇ ଆସନ୍ତି
କୌଣସି ବିଚିତ୍ର ଉପନ୍ୟାସର ସତାବନ ପୃଷ୍ଠାରେ
ଲାଖି ରହି ଯାଇଥିବା ଅଚାନକ ପାଉଁଶଟିକକ
ଯା'ର ନାଁ ସ୍ମୃତି
ଓ ପ୍ରସିଦ୍ଧ ସତ୍ୟ ପହଁରୁଥାଏ ପବନରେ ।"

ପ୍ରେମ ଚିର ପବିତ୍ର, ଶାଶ୍ୱତ, ଅବିନାଶୀ, ସ୍ୱର୍ଗୀୟ ଦୀପ୍ତିରେ ଦୀପ୍ତିବନ୍ତ । ଭାରତୀୟ ବାଙ୍ମୟରେ ପ୍ରେମର ଜୟଗାନ ସର୍ବଦା କରାଯାଇଛି । ଯେ ଯାହାକୁ ଭଲପାଏ ତାକୁ ତା'ର ଦୋଷ ଦୁର୍ବଳତା ଦିଶେ ନାହିଁ । ସିଏ ତ ତା'ର ଦୁର୍ବଳତାକୁ, ଆଳସ୍ୟକୁ ମଧ୍ୟ ଭଲପାଇ ବସେ । ତାକୁ ଅନ୍ୟ କିଛି ଦେଖା ଯାଏନା ।

ପୃଥିବୀରେ ବଞ୍ଚି ରହିଲେ ଜୀବନରେ ଦୁଃଖକୁ ବାରମ୍ବାର ସାମନା କରିବାକୁ ପଡ଼େ, ଦୈନ୍ୟକୁ ଆପଣେଇ ନେବାକୁ ହୁଏ, ବିଷାଦକୁ ଜାଣି ଜାଣି ଭୁଲିବାକୁ ହୁଏ ଏବଂ ଅସହାୟତାକୁ ଅସ୍ୱୀକାର କରିବାକୁ ପଡ଼େ । ଦୁଃଖକୁ ଆପଣାର କରିବା କବିଙ୍କ ଦୃଷ୍ଟିରେ ଆଦୌ ବୁଦ୍ଧିମାନ ବ୍ୟକ୍ତିର କାର୍ଯ୍ୟ ନୁହେଁ । ମୁଁ ତ୍ୱ କୁ ଦୂରେଇ ଦେବାକୁ ହେବ, ବଡ଼ଲୋକ ହେବାର ସ୍ୱପ୍ନ, କେଉଁ ଯୁବତୀକୁ ଭଲପାଇବାର ଚିନ୍ତା ବା ସୁବର୍ଣ୍ଣ ବ୍ୟୋମଯାନରେ ବିଦେଶ ଯିବାର କଳ୍ପନା ଦୂରେଇ ଦେଲେ ଜୀବନର ସକଳ ଦୁଃଖ ଅପସରି ଯିବ । ମଣିଷ ତା' ଚତୁଃଦିଗରୁ ଦୁଃଖକୁ ଦୂରେଇ ଦେଲେ ତା' ଦୃଷ୍ଟିରେ ନାନା ପ୍ରତିକୂଳ ଘଟଣା ସତ୍ତ୍ୱେ ଜୀବନ ସୁନ୍ଦର ଆନନ୍ଦମୟ ହୋଇଉଠିବ ।

ସମୟ କାହାକୁ କେବେ ଅପେକ୍ଷା କରେନାହିଁ । ମର୍ତ୍ତ୍ୟରେ ଜନ୍ମଲାଭ କଲେ ମୃତ୍ୟୁ ଅବଶ୍ୟମ୍ଭାବୀ । ଆମ ପୂର୍ବରୁ ଅନେକ ଲୋକ ଆସିଥିଲେ, ସେମାନେ ସମସ୍ତେ କାଳର ବିସ୍ମୃତି ଗର୍ଭରେ ଲୀନ ହୋଇ ସାରିଲେଣି । ଦିନ ଆସିବ ଆମେ ସମସ୍ତେ ମଧ୍ୟ ସେମିତି ଚାଲିଯିବା ଆରପାରିକି- "ଜାତସ୍ୟ ହି ଧ୍ରୁବଂ ମୃତ୍ୟୁ ।" କବିତାର ଚତୁର୍ଥ ପର୍ଯ୍ୟାୟରେ ପାଞ୍ଚ ସାତ କୁଣ୍ଢେଇ ବା ଘୋଡ଼ା ପିଠିରେ ସବାର ଅନ୍ଧ ଜମିଦାର ଚିତ୍ରରେ ଏହି ଅସହାୟତାର ଅନୁଭୂତି ଆହୁରି ତୀକ୍ଷ୍ଣ ହୋଇଉଠିଛି । ତେଣୁ ନାୟକର ଶକ୍ତି ନାହିଁ ବା ପରିଣତି ନାହିଁ । ସେ ଅନୁଗୃହୀତ ଏବଂ ତା' ପାଇଁ ପରିଣତିକୁ ଅପେକ୍ଷା କରିବା ହିଁ ଏକମାତ୍ର ସାରାଂଶ ।

ପଞ୍ଚମ ପର୍ଯ୍ୟାୟରେ ଏହାହିଁ କବିତାର ପ୍ରଥମ ସ୍ତର ଯେଉଁଠି ନିରାଶା, କ୍ଷୟ ଓ ସହାୟତାହୀନତା ସ୍ପଷ୍ଟ ହୋଇଉଠିଛି । ଏହି ସ୍ତରରେ ପୁଣି ନାୟକ ଆଲୋକରେ ବୁଲିବୁଲି ମଧୁ ସଂଗ୍ରହ କରିବାରେ ବ୍ୟସ୍ତ । ଏଠାରେ ମହୁମାଛି ମଧୁରତା, ଆଲୋକ ଓ ଜୀବନର ପ୍ରତୀକ । 'ମଧୁସୂକ୍ତ'ରେ ଉଲ୍ଲେଖ ଅଛି- "ଓଁ ମଧୁବାତା ଋତାୟତେ ମଧୁକ୍ଷୀରନ୍ତି ସିନ୍ଧବଃ ମାଧ୍ୱୀନଃ ସନ୍ତ୍ୱୋଷଧି ।" ବାଡ଼ରେ ମଧୁ, ସିନ୍ଧୁରେ ମଧୁ,

ଔଷଧରେ ମଧୁ, ଅତ୍ର ତତ୍ର ସର୍ବତ୍ର ମଧୁ ବିଦ୍ୟମାନ । ତେଣୁକରି ସେଦିନ ମଧୁସୂଦନ ରାଓ ଗାଇ ଉଠିଥିଲେ-

"ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି
ଏ ସୃଷ୍ଟି ଅମୃତମୟ ହେ
ଜାଗ ନରନାରୀ ଅମୃତ ସନ୍ତତି
ପିଅ ସେ ଅମୃତପୟ ହେ
ପିଇ ସେ ଅମୃତ ଦିବସ ଶର୍ବରୀ
ଗାଅ ଅମୃତର ଜୟ ହେ ।"

ସେହିପରି 'ଅନ୍ଧ ମହୁମାଛି' କବିତାର ମୂଲ୍ୟ ଥିଲା ଦୁଇଟି ଆଖି- ଅନ୍ତର୍ଦୃଷ୍ଟି ଓ କବି ଦୃଷ୍ଟି । ଦର୍ପିତ ଏକ ଦ୍ୱିଧାମୁକ୍ତ ଆତ୍ମବିଶ୍ୱାସ ଘେନି କବି ସବୁଠି ମହୁ ଲକ୍ଷ୍ୟ କରିଛନ୍ତି । କବିତାରେ କାବ୍ୟନାୟକ ଆହ୍ୱାନ ଜଣାଇଛି ପ୍ରତ୍ୟେକ ମଣିଷକୁ- ତା'ର ସତ୍ତାକୁ, ବିଚାରବୋଧକୁ । ସୃଷ୍ଟିକୁ ନିଜ ଭିତରେ ଧରି ରଖିବା, ଭଲପାଇବା ଏବଂ ଆପଣାର କରିନେବା ହିଁ ଏକମାତ୍ର ସମାଧାନ । ମାଟି, ପାଣି, ପବନ, ଗଛଲତା, ଦେହ, ଆଲୋକ, ଅନ୍ଧକାର, ସୁଖ-ଦୁଃଖ, ପାପ-ପୁଣ୍ୟ, ହସ-କାନ୍ଦ, ଭଲ-ମନ୍ଦ, ସବୁଠି ସବୁରି ଉର୍ଦ୍ଧ୍ୱରେ, ମହନୀୟ ସୃଷ୍ଟିର ସୌନ୍ଦର୍ଯ୍ୟକୁ ଅନୁଭବ କରିବାକୁ ପଡ଼ିବ । କବି ସର୍ବତ୍ର ଅମୃତର ସନ୍ଧାନ କରିଛନ୍ତି ଓ ମହୁମାଛିକୁ ସେପରି ସର୍ବତ୍ର ମହୁର ସନ୍ଧାନ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି । କବିଙ୍କ ମତରେ ଫୁଲରେ ଯେପରି ମହୁ ଭର୍ତ୍ତି ହୋଇ ରହିଛି, ସେହିପରି କୁଷ୍ଠରୋଗୀର ଘା'ରେ ସୌନ୍ଦର୍ଯ୍ୟର ସନ୍ଧାନ କରାଯାଇପାରେ । କୁତ୍ସିତ ଭିତରେ ବି ଭଲପାଇବାର ଉପାଦାନକୁ ଆବିଷ୍କାର କରାଯାଇପାରେ ।

କବିଙ୍କ ମତରେ- "ସବୁଠି ମହୁ, କଟକରେ, କଦମ୍ବରେ, ଖଟରେ, ଖଳାରେ, ଗୁମାନରେ, ଗରୁଡ଼ ସ୍ତମ୍ଭରେ, ଘଣ୍ଟାରେ, ଘିଅରେ, ଚେରରେ, ଚିନ୍ତାରେ, ଛକରେ, ଛୁରିରେ, ଜାମୁରୋଳରେ, ଜେଲରେ, ଝଡ଼ାପତ୍ରରେ, ଝିଙ୍କାରୀର ଶବ୍ଦରେ, ଟିପ ଚିହ୍ନରେ, ଟାଙ୍ଗର ମାଟିରେ, ଠାରରେ, ଠିକ-ଠ-ବର୍ତ୍ତୁଳ ଚନ୍ଦ୍ରାନନରେ, ଡାଳରେ, ଡମ୍ବରୁରେ, ତାରୁଣ୍ୟରେ, ତନ୍ଦ୍ରାରେ, ଥାଳିରେ, ଧିର ପାଣିରେ, ଦା'ରେ, ଦୋକାନରେ, ଧମକରେ, ଧ୍ୟାନରେ, ନାମରେ, ନିର୍ବାଣରେ, ପଦ୍ମରେ, ପରାଜୟରେ, ଫାଙ୍କା କ୍ଷେତରେ, ଫଳରେ, ବଂଶୀରେ, ବିବାଦରେ, ଭୋର୍‌ରେ, ଭୟରେ, ମେଘରେ, ମନ୍ଦିରରେ, ଯୋନିରେ, ଯାତ୍ରାରେ, ରତିରେ, ରେରେକାରରେ, ଲୋଭରେ, ଲାଭରେ, ବୃହସ୍ପତି ଓ ବେଶ୍ୟା, ଶାନ୍ତି, ଶୋକ, ସବୁଠି, ସମସ୍ତଙ୍କଠି, ମହୁ, ମହୁ, ସୋଦରଠି, ସମୁଦ୍ରଠି, ଷୋଳକଳା ଓ ଷଷ୍ଠୀ ହୋମରେ, ହବନରେ, କ୍ଷତିରେ, କ୍ଷମାରେ ସବୁଠି ମହୁ, ଫୁଲରେ ଓ କୁଷ୍ଠ ରୋଗୀର ଘା'ରେ ।"

"କବିତାରେ ସମୁଦାୟ ୯୩ ଟି ସ୍ଥାନ-କାଳ-ପାତ୍ରରେ ମହୁର ସମ୍ଭାବନା କଥା ସୂଚିତ ହୋଇଛି । ମାନବୀୟ ଏବଂ ଅମାନବୀୟ ଭେଦରେ ଏ ସମଗ୍ର ପରିମଣ୍ଡଳ ଦ୍ୱିବିଧ । କେତେକ ଅମୂର୍ତ୍ତ ଏବଂ କେତେକ ମୂର୍ତ୍ତ । ଉଭୟ ସଜୀବ ନିର୍ଜୀବର ଚିତ୍ରଣ ପ୍ରସଙ୍ଗ ଏ କବିତାର ଭାବବସ୍ତୁ । ଜୀବନ ଏବଂ ଜଗତର ବହୁବିଧ ବିରୋଧୀମୂଳକ ଏବଂ ସମତାମୂଳକ ପରିସ୍ଥିତି ତଥା ଅନୁଭବ ମଧ୍ୟରେ ଅନ୍ଧ ମହୁମାଛି ସଦୃଶ ସବୁକିଛିକୁ ଆପଣେଇ ନେବାର ଉଦ୍ୟମ ଏ କବିତାରେ ଅଭିବ୍ୟକ୍ତ । ଯଦି ବୃତ୍ତୀୟ ଧାରାରେ ଆକଳନ କରାଯାଏ, ତେବେ ପ୍ରଥମେ ଆସିବ ଚିନ୍ତା । ଚିନ୍ତାରୁ ସୃଷ୍ଟି ହେବ ଭୟ- ଭୟରୁ ରେରେକାର- ରେରେକାରରୁ ବିବାଦ- ବିବାଦରୁ ଛୁରୀ ଧାରଣ - ଛୁରୀରୁ ହନନ- ହନନରୁ ଜେଲ୍- ଜେଲରୁ ପରାଜୟ- ପରାଜୟରୁ ଶୋକ- ଶୋକରୁ କ୍ଷମା- କ୍ଷମାରୁ ଶାନ୍ତି ।"(୧)

କବିତାର ଶେଷ ପର୍ଯ୍ୟାୟରେ ମହୁମାଛି ସମ୍ପର୍କରେ ସୂଚନା ରହିଛି, ଯେଉଁଠି ମହୁମାଛିକୁ ପ୍ରତ୍ୟକ୍ଷ ଭାବରେ ସମ୍ବୋଧନ କରାଯାଇ ତା'ର ସ୍ୱାଭାବିକ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ସଚେତନ କରି ଦିଆଯାଇଛି ।

"ଅନ୍ଧ ମହୁମାଛି !
ଉଡୁଥା, ବୁଲୁଥା ବୁଲୁଥା

କିଛି ଦେଖନା, ଦେଖନା, ଦେଖନା
ଯାହା ପାରୁଛୁ ଶୁଣ୍ଢ ପୁରାଇ ଚୋଷିନେ, ଚୋଷିନେ
ହିସାବ ହେବ ପରେ
ତୋ ମୃତ୍ୟୁର ବର୍ଣ୍ଣବୋଧ ବ୍ୟାକରଣ ମାନସାଙ୍କ
ପୁଣି ଶିଶୁ ପୃଥିବୀ ଶିଖୁଥିଲା ବେଳେ ।"

ତାଙ୍କ କବିତାରେ ମାଙ୍କଡ଼ସା, ସାପ ଦୈହିକ କ୍ଷୁଧାର ପ୍ରତୀକ ଓ ମହୁମାଛି ସେହିପରି ଆଧୁନିକ ବ୍ୟସ୍ତ ମଣିଷ ଜୀବନର ପ୍ରତିନିଧି । ପରିସ୍ଥିତି ପ୍ରତି ସେ ନିର୍ବିକାର ହେବାକୁ ବାଧ୍ୟ । ତାକୁ ଜୀବନର ଗଳିକନ୍ଦିରୁ ସମସ୍ତ ବୈସାଦୃଶ୍ୟ ଓ ବିରୋଧାଭାସ ଭିତରୁ ବଞ୍ଚିବାର ଉପାଦାନ ସଂଗ୍ରହ କରିବାକୁ ହେବ । ଜୀବନ ପାଇଁ ଏ କାରୁଣ୍ୟର ଶେଷ ନାହିଁ ।

କବିତାରେ କାବ୍ୟନାୟକ ମହୁମାଛି ଆହ୍ୱାନ ଜଣାଇଛି ପ୍ରତି ମଣିଷକୁ ତା'ର ସତ୍ତାକୁ ଓ ବିଚାରବୋଧକୁ ମଧୁ ସଂଗ୍ରହ ପାଇଁ । ଫୁଲରୁ ମଧୁ ସଂଗ୍ରହ କରିବା ମହୁମାଛି ପାଇଁ ସର୍ବସାଧାରଣ ସାପେକ୍ଷ । ମାତ୍ର କୁଷ୍ଠ ରୋଗୀର ଘା'ରେ ମଧୁ ସନ୍ଧାନ କରିବା କେବଳ କବି ସୌଭାଗ୍ୟଙ୍କ ବିଶ୍ୱମୈତ୍ରୀର ପରିଚୟ । ପୃଥିବୀରେ ସର୍ବତ୍ର ଆନନ୍ଦର ଚୈତ୍ରଯାତ୍ରା ଖେଳାଇ ଦେବାର ଅଭିନବ ପଦକ୍ଷେପ । ଉଭୟ ଅପରିବର୍ତ୍ତନୀୟ-ପରିବର୍ତ୍ତନତା **(Unchangable-Changing)** ଏବଂ ପରିବର୍ତ୍ତନୀୟ-ଅପରିବର୍ତ୍ତନତା **(Changeable-Unchange)** ଚେତନାକୁ ଆଧାର କରି କବି ସମସ୍ତ ପରିସ୍ଥିତି (ଅନୁକୂଳ ବା ପ୍ରତିକୂଳ)ରେ ମଣିଷକୁ ଅନ୍ଧ ମହୁମାଛି ତୁଲ୍ୟ ବିବାଦ, ବୈଷମ୍ୟ ଏବଂ ସ୍ୱବିରୋଧୀ ତତ୍ତ୍ୱଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ସମଚିତ୍ତତା ପ୍ରଦର୍ଶନ କରିବାକୁ ଆହ୍ୱାନ ଜଣାଉଛନ୍ତି । ଏ ସମସ୍ତ ଦୃଷ୍ଟିରୁ କବିତା 'ଅନ୍ଧ ମହୁମାଛି' ଅଭିନବତ୍ୱର ଏକ ଅଲଙ୍ଘନୀୟ ସ୍ୱରଲିପି ।

ସହାୟକ ଗ୍ରନ୍ଥସୂଚୀ :


୧. ମିଶ୍ର, ସୌଭାଗ୍ୟ କୁମାର - ଅନ୍ଧ ମହୁମାଛି, ଟାଇମପାସ ପ୍ରକାଶନ

୨. ଦାସ, ଡ. ରବୀନ୍ଦ୍ର କୁମାର - ର ଉଲଙ୍ଘିତ ଆଲୋକରେ 'ଅନ୍ଧ ମହୁମାଛି'- ଇସ୍ତାହାର- ଜୁଲାଇ-୨୦୨୧, ପୃଷ୍ଠା- ୫୮

୩. ମହାରଣା, ଡ. ସୁରେନ୍ଦ୍ର କୁମାର - ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଶା ବୁକ୍‌ଷ୍ଟୋର, ବିନୋଦ ବିହାରୀ, କଟକ, ତୃତୀୟ ସଂସ୍କରଣ-୨୦୧୫


●


ଜୟନ୍ତପୁର, ସମ୍ବଲପୁର-୭୬୮୧୧୨
ଦୂରଭାଷ : ୯୯୩୭୭୦୧୪୭୫

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଶବାଧାର ଓ ପରମ୍ପରା

**ଶୀତଳ କୁମାର ବେହେରା**

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜରେ ତା'ର ସୃଷ୍ଟି, ସ୍ଥିତି ଓ ଲୟ । ସାମାଜିକ କୌଳିକ ପଥା, ସାମାଜିକ ସଂସ୍କୃତି, ସାମାଜିକ ପରମ୍ପରା, ସାମାଜିକ ଚଳଣୀକୁ ପାଥେୟ କରି ସେ ଉତ୍ସର୍ଗ କରେ ତା'ର ଜୀବନ । ସମାଜରେ ବାସ କରୁଥିବା ସବୁ ବର୍ଗର / ଜାତିର ଲୋକଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ରୂପକ ସମ୍ବୋଧନ କରେ ଭାଇ, ଦାଦା, ମଉସା, ଅଜା ଇତ୍ୟାଦି । ସେଥିରେ ବ୍ୟକ୍ତିର ମାନ ବୃଦ୍ଧି ହୁଏ ଜଣେ ସଭ୍ୟ, ଶିକ୍ଷିତ, ଭଦ୍ରବ୍ୟକ୍ତି ବୋଲି । ଜଣେ ଖଣ୍ଡାୟତ ଘରର ପୁଅ ପଡ଼ୋଶୀ ରଜକ ଘରର ବ୍ୟକ୍ତିକୁ ଦାଦା ସମ୍ବୋଧନ କରି ଡାକିବାରେ କେତେ ମହାନତା ପ୍ରତିପାଦିତ ହୋଇପାରୁଛି । ଓଡ଼ିଶାର ହିନ୍ଦୁ ସମାଜରେ ଏହାର ଗୁରୁତ୍ୱ ବେଶ୍ ଉପଲବ୍ଧ । ଜଣେ ପଡ଼ୋଶୀର ସୁଖ ଦୁଃଖର ସାଥି ହୋଇ ଚଳିବା ହେଉଛି ଓଡ଼ିଆ ପରମ୍ପରା । ମାନବ ଜୀବନ କେବଳ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ ନୁହେଁ, ତାହା ପରମାର୍ଥ ପାଇଁ, ଶାନ୍ତି ପାଇଁ, ସମୃଦ୍ଧି ପାଇଁ । ପ୍ରତ୍ୟେକ ଜୀବନକୁ ସାକାର କରିବା ହେଉଛି ମାନବ ଧର୍ମ ।

ହିନ୍ଦୁ ଜାତିର ପୂର୍ବପୁରୁଷମାନଙ୍କର କାର୍ଯ୍ୟାବଳୀ, ଚଳଣୀ, ପରମ୍ପରାକୁ ଅଗ୍ରାଧିକାର ଦିଆଯାଏ । ସେଥିରୁ ମିଳେ ଅହେତୁକ ଆନନ୍ଦ, ମନରେ ଆସେ ଶୁଦ୍ଧତା ଓ ପବିତ୍ରତା । ପରିବାରର ସମସ୍ତ ସଦସ୍ୟ ଜେଜେ ବାପାଙ୍କ ପୋଥି ଖୋଜି ସନ୍ଧାନ କରନ୍ତି ପରମ୍ପରା ଓ ଚଳଣୀର ନମୁନା । ଶ୍ରାଦ୍ଧ ଉତ୍ସବ ହେଉ, ପୂଜାପଦ୍ଧତି ହେଉ ଠିକ୍ ବାଟରେ କରାଯିବା ବିଧେୟ । ସେଥିରେ ମନର ପବିତ୍ରତା ଆସେ । ଆଧୁନିକ ଯୁଗର ଯୁବପିଢ଼ି ସେ ସବୁକୁ ଅନ୍ଧବିଶ୍ୱାସ ବୋଲି ଆଖ୍ୟା ଦିଏ । ଏପରିକି ସେମାନେ ଠାକୁରଙ୍କୁ ବିଶ୍ୱାସ କରୁ ନାହାନ୍ତି । ସବୁଗୁଡ଼ିକ କେବଳ ବିଜ୍ଞାନ ବଳରେ ସମ୍ଭବ । ଆଉ ମଧ ଯୁକ୍ତି କରୁଛନ୍ତି ତାହା ବିଲେଇ ବାନ୍ଧି ଶ୍ରାଦ୍ଧ କରିବା । ଶ୍ରେଣୀରେ ବିଜ୍ଞାନ ଶିକ୍ଷକ କହିଲେ, ପୃଥିବୀରେ ଯାହା କିଛି ସମ୍ଭବ ହେଉଛି ତାହା କେବଳ ବିଜ୍ଞାନ ବଳରେ । ସେ ପିଲା ଘରକୁ ଫେରିବା ପରେ ମାଆ ଗୁରୁବାର ମାଣବସା କାର୍ଯ୍ୟ କରୁଅଛି । ସେ ଯେଉଁ ମାଣରେ ମୁଢ଼ି ଖାଉଥିଲା ମାଆ ତାକୁ ଧୋଇ ଧାଇ ଧାନ ମାଣେ ପୁରାଇ ନାଲି ଛିଟ କନାଟି ଢାଙ୍କି, ଫୁଲ ଦିଟା, କଉଡ଼ିଟି ଥାପି କହୁଛି, ଧନରେ, ଏ ହେଉଛି ଲକ୍ଷ୍ମୀ ଠାକୁରାଣୀ । ତାଙ୍କୁ ମୁଣ୍ଡିଆ ମାର । ଏ ଆମ ଘରର ଧନ ସମ୍ପତ୍ତି ବଢ଼ାଇବେ । ବିନା ଦ୍ୱିଧାରେ ପିଲାଟି ମା'ଙ୍କର ଭକ୍ତି ପାଖରେ ପ୍ରତିବାଦ କରିବାର ଜ୍ଞ ନାହିଁ । ସେ ମାଆଙ୍କର ଭକ୍ତିକୁ ସମ୍ମାନ ଦେଉଛି ।

ମାନବର ଜନମ ଓ ମୃତ୍ୟୁ ଧ୍ରୁବ ସତ୍ୟ । ଜନ୍ମରେ ଆତ୍ମବିଭୋର, ମୃତ୍ୟୁରେ ମ୍ରିୟମାଣ । ଭାଗବତ ବାଣୀ କହେ-

"ମର୍ତ୍ତ୍ୟ ମଣ୍ଡଳେ ଦେହ ବହି
ଦେବତା ହୋଇଲେ ମରଇ ।"

ହିନ୍ଦୁ ଧର୍ମ ଅନୁସାରେ ଜଣେ ବ୍ୟକ୍ତିର ମୃତ୍ୟୁରେ ଆମକୁ ପାରମ୍ପରିକ ଅନୁସାରେ ବିଧିବିଧାନ ଅନୁକରଣୀୟ, ସେଥିରୁ ବିଚ୍ୟୁତ ହେଲେ ଆମ ମନରେ ପାପ ଘୋଟିବ । ଆମର ଅମର ଆତ୍ମାଟି ଶାନ୍ତି ଲଭିପାରିବ ନାହିଁ ବୋଲି ଆମର ବିଶ୍ୱାସ । ଶରୀର ମଧ୍ୟରୁ ଜୀବ ଚାଲିଗଲା ପରେ ତାହା ହୋଇଗଲା ଶବ । ସେବେଠୁଁ ଲୋଡ଼ା ପଡ଼ିବ ପଡ଼ୋଶୀମାନଙ୍କ ଭିତରେ ଥିବା ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କର । ତାଙ୍କଠାରୁ ଉପଯୁକ୍ତ ପରାମର୍ଶ ଗ୍ରହଣ କରି ଶବ ପୋତାଯିବ କିମ୍ବା ପୋଡ଼ା ଯିବ । ଶବଟି ମଡ଼ାରେ ପରିଣତ ହୋଇଗଲା । ଜଣେ ବ୍ୟକ୍ତି ମଡ଼ାକୁ ଜଗି ବସିବାକୁ ବାଧ । ତାକୁ ଏକୁଟିଆ ଛାଡ଼ି କେଉଁଆଡ଼େ ଯାଇ ହେବନାହିଁ । ନିଜର ପରିବାର, ବନ୍ଧୁବାନ୍ଧବ, ସାଙ୍ଗସାଥୀ ଆସି ଶେଷ ଦର୍ଶନ ନକରିବା ପର୍ଯ୍ୟନ୍ତ ତାହା ପଦାକୁ ଯାଇପାରିବ ନାହିଁ । ଏପରିକି ଶବର ଏକାନ୍ତ ନିଜର ବ୍ୟକ୍ତି (ପୁଅ, ବାପ, ମାଆ, ଭାଇ, ଭଉଣୀ) ଦୂରରୁ ଆସିବା ପର୍ଯ୍ୟନ୍ତ ବରଫ ପଲିଥିନି କିମ୍ବା କଫିନ୍‌ରେ ରଖା ଯାଏ ।

ଶବାଧାର ପ୍ରସ୍ତୁତ କରିବା ଏକ ନିଆରା ପରମ୍ପରା । ମୁଁ ଏଠାରେ ଗ୍ରାମାଞ୍ଚଳ କଥାକୁ ଉଲ୍ଲେଖ କରିବାକୁ ଯାଉଛି । ସହରାଞ୍ଚଳ କିମ୍ବା ସ୍ୱର୍ଗଦ୍ୱାର କଥା ନୁହଁ । ସର୍ବ ପ୍ରଥମେ ରଜକକୁ ଏବଂ ନାପିତକୁ ଖବର ପଠାଇ ଡକାଇବାକୁ ପଡ଼ିବ । ଶବ ଯେଉଁଥିରେ ମଶାଣୀକୁ ଯିବ ତାକୁ କୋକେଇ କୁହନ୍ତି । କେକେଇଟି ଛଅଖଣ୍ଡି ବାଉଁଶ ବା କାଠରେ ତିଆରି ହେବ । ସେ କଞ୍ଚା ବାଉଁଶଟିକୁ ରଜକ କାଟିବ । ତା'ପରେ ସଂଗ୍ରହ ହେବ ନୂତନ ବସ୍ତ୍ର 'ଯୋଡ଼/ଶାଢ଼ି, ସାୟା, ବ୍ଲାଉଜ, କାଚ, ସିନ୍ଦୁର, ଅଳତା, ପାନିଆ, ଫୁଲହାର, ଖଇ, କଉଡ଼ି, ଖୁଚୁରା ପଇସା, ଚକୋଲେଟ, ଲୁଣ, ତେଲ, ଧୂପ, ଝୁଣା, ଘିଅ, ତୂଳା ଓ କଞ୍ଚି । ବୟୋଜ୍ୟେଷ୍ଠ ଲୋକଙ୍କ କଥା ଅନୁଯାୟୀ ନିଜ ଗୃହର ଚାଳରୁ ତିନି ଗଡ଼ିରୁ ଛଅଣ ଅଣାଯାଇ ଓଲଟ ଦଉଡ଼ା ବଳା ଯାଏ । ଛଅଖଣ୍ଡ ବାଉଁଶକୁ ବାନ୍ଧିବା ପାଇଁ ଆଠଖଣ୍ଡ ଛୋଟ ଦଉଡ଼ା ଓ ଖଣ୍ଡିଏ ଲମ୍ବ ଦଉଡ଼ା ବଳା ଯାଏ । ସେ ଖଣ୍ଡ ଦଉଡ଼ାଟି ଶବ ଉପରେ ଗୋଡ଼ା ହୋଇ ବନ୍ଧାଯାଏ । ତାକୁ ଓଲଟାଇ ରଖାଯାଏ ଏବଂ ଜଣେ ବ୍ୟକ୍ତି କୋକେଇକୁ ମାଡ଼ି ବସିଥାଏ ଶବ ଆସି ଶୋଇବା ପର୍ଯ୍ୟନ୍ତ ।

"କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ
କି ଘେନି ଯିବୁ ତୋର ଛୁଟିଲେ ଘଟ ।
ଘର ବୋଲି ଅର୍ଜିଛୁ ଯେତେ ପଦାର୍ଥ
ଘଟ ଛୁଟିଲେ ତୋତେ ବୋଲିବେ ଭୂତ ।
ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା
ଛ'ଖଣ୍ଡି କାଠ ତୋତେ ହୋଇବ ଲୋଡ଼ା ।"

(ମନବୋଧ ଚଉତିଶା- ଭକ୍ତ ଦାସ)

ଆତ୍ମୀୟ ସ୍ୱଜନ ପରିବାର ବର୍ଗଙ୍କ ସହାୟତାରେ ଶବଟିକୁ କୋକେଇ ଉପରକୁ ନିଆଯାଏ । ଶବାଧାରୀର ସମସ୍ତ ବ୍ୟବହାର୍ଯ୍ୟ ପଦାର୍ଥ ଯଥା- ବଟୁଆ, ପାନକୋଟା ନଳ, ବାଡ଼ି, ଚଷମା, ବଙ୍କୁଲି ବାଡ଼ି, ଡାଏରୀ, କଲମ, ମୁଣି, କୋଥଳି ଶବ ପାଖରେ ରଖାଯାଏ । ସେ ଶୋଇବା କୋଠରୀରୁ ମୁଠାଏ ମାଟି ଅଣାଯାଏ । ଗୃହର ବୟସ୍କ ମହିଳା ଗୋବର ଛଡ଼ା ପାଣି ଘର ଓ ବାହାରେ ପକାନ୍ତି । ହରିବୋଲ ଶବ୍ଦରେ ଗୃହ ପରିବେଶ ପ୍ରକମ୍ପିତ ହୋଇଯାଏ । ପରିବାର ଲୋକଙ୍କର କାନ୍ଦ ବୋବାଳି ପରିବେଶକୁ ଭାବଗମ୍ଭୀର କରି ତୋଳେ । କୀର୍ତ୍ତନ ଦଳଙ୍କର ହରିନାମ ଶବ୍ଦ ଆକାଶ ପ୍ରକମ୍ପିତ କରେ । ଶବକୁ ପୁଷ୍ପମାଳାରେ ଆଚ୍ଛାଦିତ କରି ମୁଠା ମୁଠା ଧୂପକାଠିର ଧୂର୍ମଶିଖା ବାୟୁମଣ୍ଡଳକୁ ଶୁଦ୍ଧ କରିଦିଏ । 'ରାମ ନାମ ସତ୍ୟ ହେ, ହରି ନାମ ସତ୍ୟ ହେ' ଧ୍ୱନି ଉଚ୍ଚାରଣ କରି କୋକେଇକୁ ସ୍କନ୍ଧରେ ବହନ କରି ଶ୍ମଶାନ ଅଭିମୁଖେ ଆଗେଇ ଚାଲନ୍ତି । ଶବାଧାରର ସର୍ବ ଅଗ୍ରରେ ଜଣେ ବ୍ୟକ୍ତି ଫଟା ମାଠିଆଟି, ଖଣ୍ଡିଆ ଝୁଡ଼ିଟି ଧରି ଚାଲେ । ଖଇ କଉଡ଼ି ଧାରଣ କରିଥିବା ବ୍ୟକ୍ତି ବାଟସାରା ବୁଣି ବୁଣି ଯାଏ । ଛୋଟ ପିଲାମାନେ ଖଇ କଉଡ଼ି ମଧ୍ୟରୁ ଚକୋଲେଟ, ଖୁଚୁରା ପଇସା ଗୋଟାଇବା ପାଇଁ ଧସ୍ତା ପେଲା ହେଉଥାନ୍ତି । ରୁଣ୍ଡିଭୁତ ଶବାନୁସରଣ ଜନତା ନେତ୍ରରୁ ବାରି ନିର୍ଗତ କରିବା ସଂଗେ ସଂଗେ ଉଚ୍ଚାରଣ କରୁଥାନ୍ତି 'ଆହା, ଲୋକଟା ଚାଲିଗଲା ।'

ଏହି ଲୋକମୁଖ ବାଣୀ ଆତ୍ମାର ସ୍ୱର୍ଗପ୍ରାପ୍ତି ହେବାର ଏକ ଦୃଷ୍ଟାନ୍ତ ବା ନମୁନା । ଓଡ଼ିଆରେ ଗୋଟିଏ ଲୋକବାଣୀ ଅଛି 'କେଉଁ ଲୋକ ମଲେ ସ୍ୱର୍ଗକୁ ଯାଏ, ଆଉ କେଉଁ ଲୋକ ନର୍କରେ ପଡ଼େ ।' ସ୍ୱର୍ଗ ଓ ନର୍କ ସବୁ ଏ ଧରାପୃଷ୍ଠରେ । ଜନ ମୁଖେ ହରି, ଆତ୍ମପଦ, ସ୍ୱର୍ଗପ୍ରାପ୍ତି । ସେ ଲୋକ ମରିଛି ଭଲ ହେଇଛି । ବାଟରୁ ଗୋଟେ କଣ୍ଟା ଚାଲି ଯାଇଛି । ଲୋକେ ଟିକେ ଶାନ୍ତିରେ ନିଶ୍ୱାସ ମାରିଲା ଇତ୍ୟାଦି ବାକ୍ୟବାଣ-ନର୍କଗତି ।

"ପକାଇ ଆସିବେ ମଶାଣୀ ଭୂଇଁରେ,
ଦୁଆରେ ଦେବେ ଗୋବର
ମଲାଗଲା ବୋଲି ଦି'ଘଡ଼ି କାନ୍ଦିବେ,
ଜଣେ ନ ଯିବେ ସଙ୍ଗର ।
ଆସିବାର ବେଳେ ଏକାରେ ତୁମର,
ଗଲାବେଳେ ଯିବୁ ଏକା
ମଲେ ତୋର ସଙ୍ଗେ ଜଣେ କେ,
ନଯିବେ ଧର୍ମ ଥିଲେ ହେବ ସଖା ।"

(ଟୀକା ଗୋବିନ୍ଦଚନ୍ଦ୍ର)

ଶ୍ମଶାନ ହେଉ ବା ନିଜ ପୈତୃକ ଜାଗାରେ ଗାତ ଖୋଳା ଯାଏ । ଚଉଦ ପା ଅର୍ଥ ତିନି ହାତ ଏକ ଚାଖଣ୍ଡ ଲମ୍ବର ଗାତ ଖୋଳାଯିବ । ତଦ୍ରୂପ ଲମ୍ବର ଗଭୀରତା ହେଉଛି ଗାତଟି । ଗାତଟିକୁ ଧୂପ, ଝୁଣା, ଫୁଲ ଚନ୍ଦନରେ ପ୍ରତିଷ୍ଠା କରି ରଖାଯାଏ । କୋକେଇ ଦେହରୁ ଶବକୁ ଅଲଗା କରି ଚେୟାର କିମ୍ବା ଷ୍ଟୁଲ ଉପରେ ଉପବିଷ୍ଟ କରନ୍ତି । ନାପିତ ଶବକୁ କ୍ଷୌର କରେ । ଶବ ଦେହରୁ ନଖ ଓ କେଶ ଟିକେ କାଟି ରଖେ । ତାହାକୁ ସଲ କହନ୍ତି । ତାକୁ ଗୋଟିଏ କାଦୁଅ ପେଣ୍ଡୁଳାରେ ଭର୍ତ୍ତିକରି ଗୃହର ବଡ଼ ମୁଣ୍ଡକୁ ଦିଅନ୍ତି । ତାହା ନଅଦିନ ଧରି ପୂଜା କରାଯାଏ । ଗୋଟିଏ ତିନି କାଠିଆ ଉପରେ ଛୋଟ ମାଟି ପାତ୍ରରେ ରଖି ହଳଦୀ କପଡ଼ାଟି ତା ଉପରେ ପଡ଼ି ପୂଜା ହୁଏ । ମୁଖାଗ୍ନି ପ୍ରଦାନ କରିଥିବା ପରିବାରର ବଡ଼ପୁଅ ସକାଳୁ ପାଣିନୋଟା, ଦାନ୍ତକାଠି, ଚା, ଜଳଖିଆ, ଦ୍ୱିପ୍ରହର ପ୍ରସାଦ, ସନ୍ଧ୍ୟାରେ ଚା ବିସ୍କୁଟ ଏବଂ ସନ୍ଧ୍ୟା ଭୋଜନ ପ୍ରଦାନ କରେ ।

ଶବକୁ ତେଲ, ହଳଦୀ ଲଗାଇ ସ୍ନାନ କରାଯାଏ । ତା'ପରେ ନୂତନ ବସ୍ତ୍ର ପରିଧାନ କରି ମୁଣ୍ଡରେ ଚନ୍ଦନ ଟିପା, ଫୁଲମାଳ ପିନ୍ଧାଇ ଫଟୋ ଉତ୍ତୋଳନ କରନ୍ତି । ଶବକୁ ତିନିଜଣ ବ୍ୟକ୍ତି ହସ୍ତରେ ଧାରଣ କରି ଗାତର ଚର୍ତୁପାର୍ଶ୍ୱରେ ସାତ ବେଢ଼ା ପରିକ୍ରମା କରନ୍ତି । ତତ୍‌ପରେ ଗାତ ମଧ୍ୟକୁ ପ୍ରବେଶ କରନ୍ତି । କଂସା ତାଟିଆରେ ଗୃହର ଶେଷ ଭାତ ଅଣାଯାଇଥାଏ । ବଡ଼ପୁଅ ଶବକୁ ଭାତ ଖୁଆଇ ଦିଏ, ବାପା, ମାଆ-ଭାତ ଖା । ତିନିଥର ବଡ଼ ପାଟିରେ ଉଚ୍ଚାରଣ କରି ଖୁଆଇ ଦିଏ । ତତ୍‌ପରେ ପରିବାରର ଅନ୍ୟମାନେ ଯଥାନୁରୂପେ କାର୍ଯ୍ୟ କରନ୍ତି । ତା'ପରେ ମୁଖାଗ୍ନିର ବେଳ । ଚାଳରୁ ଓଲାରି ଥିବା ଛଅଣ କେରେ ନେଇ ନିଆଁ ଲଗାଇ ଶବର ମୁହଁ ପାଖରେ ବୁଲାଇ ଦିଆଯାଏ । ତା'ପରେ କଞ୍ଚରେ ଗୋଡ଼ା ଯାଇଥିବା ତୁଳମଣ୍ଡିକୁ ଗୁଆଘୃତରେ ଲଗାଯାଇ ନିଆଁ ଲଗାଇ ପରିବାର ସଦସ୍ୟ ଶବକୁ ପ୍ରଦାନ କରନ୍ତି । ତଦୁପରେ ମୃତ୍ତିକା ଅର୍ପଣ କାର୍ଯ୍ୟକ୍ରମ । ଉପସ୍ଥିତ ସମସ୍ତ ଜନତା ମୃର୍ତ୍ତିକା ଅର୍ପଣ କରନ୍ତି । ଶବର ଶରୀରକୁ ସୋରିଷ ତେଲରେ ଜର୍ଜରିତ କରି ଲୁଣକୁ ଥାପି ଦିଆଯାଏ । ଶବାଧାରୀର ସମସ୍ତ ଆସବାବପତ୍ର ସହ ବ୍ୟବହାର୍ଯ୍ୟ ପଦାର୍ଥକୁ ଗାତରେ ଭର୍ତ୍ତି କରି ଦିଆଯାଏ । କୌଣସି ପଦାର୍ଥ ଯେପରି ରହି ନଯାଏ, ତାକୁ ତଦାରଖ କରାଯାଏ । ସମାଦିଟିକୁ ତିଆରି ପୂର୍ବରୁ କୋକେଇର ଛଖଣ୍ଡି ବାଉଁଶକୁ ଗାତ ମଧ୍ୟରେ ପକାଇ ଦିଆଯାଏ । ଶବଟିର ମୁଣ୍ଡର ଉତ୍ତର ଦିଗକୁ ଥାଏ, ବିଣାମୁଠି ବୋଦାଟି ମୁଣ୍ଡ ଥିବା ସମାଦିରେ ବସା ଯାଏ । ପାଖରେ ଛିଣ୍ଡା ଝୁଡ଼ି ଓ ମାଠିଆଟିକୁ ରଖିବା ବିଧେୟ । ତା'ପରେ ସମସ୍ତେ ପୋଖରୀକୁ ଗାଧୋଇବାକୁ ଯାଆନ୍ତି ଓ ଗାତ ଖୋଳା ଯାଇଥିବା ଶାବଳ, କୋଦାଳ, କୋଡ଼ିକୁ ତେଲ ଲଗାଇ ଧୋଇ ଆଣିବା ବେଳେ ଧାରକୁ ଆଗକୁ ରଖି ଅଣାଯାଏ । ଗୃହରେ ଆସି ପହଞ୍ଚିବା ସଂଗେ ବୟସ୍କ ମହିଳା ଗୋଟିଏ ଥାଳିରେ ନିମପତ୍ରଟିଏ ପକାଇ ପାଣି ରଖିଥିବେ ଏବଂ ପାଖରେ କିଛି ଶୁଖିଲା ମୁଢ଼ି ବା ଚୁଡ଼ା ରଖା ଯାଇଥାଏ । ସମସ୍ତ ସଦସ୍ୟ ନିମପାଣି ପାଇବାକୁ ବାଧ । ନହେଲେ କାୟା ଅପବିତ୍ର

ରହିବ । ତା'ପରେ ଘରର ବୟୋଜ୍ୟେଷ୍ଠ ନାରୀ ପିତା ଭାତ ରାନ୍ଧିବ । ତୁମର ଭାଇବନ୍ଧୁ କୁଟୁମ୍ବ, ପଡ଼ୋଶୀ ପିତା ପାଇବେ । ପିତା ନ ପାଇଲେ ଶୁଦ୍ଧି ହୋଇପାରିବ ନାହିଁ ।

ପ୍ରଥମ, ଦ୍ୱିତୀୟ ଦିନ ସେହି ଶୋକାକୁଳ ଅବସ୍ଥାରେ ଅତିବାହିତ ହୁଏ । ତୃତୀୟ ଦିନ ବନ୍ଧୁବାନ୍ଧବଙ୍କୁ ଖବର କୁହାଯାଏ । କେଉଁମାନେ ନବମ ଦିନରେ ତୁଠକୁ ଯିବେ ଓ କେଉଁମାନେ ଆମିଷ ପାଳିବେ । ନବମ ଦିନ ପର୍ଯ୍ୟନ୍ତ ଗୃହରେ ଅକଟା, ଅବଟା ଖାଦ୍ୟ ଖାଇବାକୁ ପଡ଼େ । ମୁଖୁଜିଆ ପ୍ରତ୍ୟେକ ଦିନ ସଲ ପାଖରେ ସମସ୍ତ ଖାଦ୍ୟ ଅର୍ପଣ କରି ନିଜେ ଭୋଜନ କରେ । ନବମ ଦିନ କଟା ପରିବା ରୋଷାଇ ହୁଏ । ଛଅ ଦିନ ବନ୍ଧୁବାନ୍ଧବଙ୍କ ସହ ଆଲୋଚନା କରାଯାଇ ଚିଠା ପ୍ରସ୍ତୁତ କରାଯାଏ । ଏକାଦଶାହ କାର୍ଯ୍ୟ କି ପ୍ରକାର, ଓ କେତେ ଲୋକଙ୍କ ପାଇଁ ଖାଦ୍ୟ ଯୋଗାଡ଼ ହେବ । ନବମ ଦିନ ରାତ୍ରିରେ ଗୋଟିଏ ନିଆଁବଡ଼ ମୋଡ଼ା ଯାଇ ରଖା ହୋଇଥାଏ । ଦଶମ ଦିନ ରାତ୍ର ୪ଟାରୁ ଉଠି ମୁଖୁଜିଆ ନିଆଁବଡ଼ ଧରି ଏବଂ ଶଲ ହାଣ୍ଡିକୁ ଧରି ପୋଖରୀ ବା ନଦୀକୂଳକୁ ଯାଇ ବସି ରହେ । ଧ୍ୟାନ ଥାଏ ନିଆବଡ଼ ଯେପରି ଲିଭି ନଯାଏ । ନିର୍ଦ୍ଦିଷ୍ଟ ସମୟରେ ନାପିତ ମାନେ ପୋଖରୀ କୂଳରେ ପହଞ୍ଚି କ୍ଷୌର କାର୍ଯ୍ୟକ୍ରମ ଆରମ୍ଭ କରନ୍ତି । ନିଜର ଭାୟାମାନଙ୍କ ମଧ୍ୟରେ ଯେଉଁ ବ୍ୟକ୍ତି ବୟୋଜ୍ୟେଷ୍ଠ ତାଙ୍କୁ ଆଗ କ୍ଷୌର ହେବାକୁ ପଡ଼େ । ଯେଉଁମାନେ ସାନ ସେମାନେ ଲଣ୍ଡିତ ମୁଣ୍ଡ ହେବାକୁ ପଡ଼େ । ଶେଷରେ ଜ୍ୱାଇଁ, ଭଣଜା କ୍ଷୌର ହୁଅନ୍ତି । ତା'ପରେ ମୁଖୁଜିଆ କାର୍ଯ୍ୟକ୍ରମ । ସେଠାକୁ ଜଣେ ସ୍ୱତନ୍ତ୍ର ବ୍ରାହ୍ମଣ ଆସନ୍ତି । ତାଙ୍କୁ ତୁଠିଆ ବ୍ରାହ୍ମଣ କୁହନ୍ତି । ଗୋଟିଏ ଭଙ୍ଗା ଛେଲୁଆରେ ଧାନ ଉଁଷା ଯାଏ । ପୋଖରୀ ଜଳ ମଧ୍ୟରେ ପଶି ଠେକି ପିଟା ଯାଇ ଜଳରେ ସାନ ବୋଡ଼ ପକାଇ ସୂର୍ଯ୍ୟକୁ ଜଳ ଟେକାଯାଏ । ସେଠାରୁ ତୁଠ କାମ ସାରି ଘରକୁ ଆସି ପ୍ରେତ କାର୍ଯ୍ୟ କରାଯାଏ । ତାକୁ ପ୍ରେତ ଛଡ଼ା କାର୍ଯ୍ୟ ବୋଲି କୁହନ୍ତି । ତୁଠିଆ ବ୍ରାହ୍ମଣଙ୍କ ସଂଖ୍ୟା ଖୁବ୍ କମ୍ । ତୁଠ କାମ ପରେ ସମସ୍ତେ ଚୁଡ଼ା, ମୁଢ଼ି, ଦହି, ଗୁଡ଼, ଜଳଖିଆ ଖିଆଯାଏ । ଦଶାହ ଦିନ ରାତ୍ରରେ ସପରିବାର ବନ୍ଧୁବାନ୍ଧଙ୍କ ସହ ଏକତ୍ର ଭୋଜନ କରନ୍ତି । ଭୋଜନ ଶେଷରେ ମାଲ ଆଟିକା ଯାଏ । ଏହା ଏକ ସୁନ୍ଦର ପରମ୍ପରା । ଭୋଜନ ସମୟରେ ମଡ଼ାଚଣ୍ଡିଆ ଡାହାଣ ପତ୍ରଟି ପ୍ରେତ ପାଇଁ ପକାଯାଏ । ଏକ ପରସା ଦିଆଯାଏ । ସମସ୍ତ ମଡ଼ାଚଣ୍ଡିଆ ମାନଙ୍କ ପତ୍ରରୁ ଟିକେ ଟିକେ ଖାଦ୍ୟ ସଂଗ୍ରହ କରି ପ୍ରେତ ପତ୍ରରେ ଦେଇଥାନ୍ତି । ସେ ପତ୍ରଟିକୁ ମୁଖୁଜିଆ ସମାଦି ସ୍ଥାନରେ ଦେଇ ସାରିବା ପରେ ସମସ୍ତେ ଭୋଜନ କରନ୍ତି । ମୁଖୁଜିଆ ଉକ୍ତ ସ୍ଥାନକୁ ଗୋବର ପାଣିରେ ଧୋଇ ପରିଷ୍କାର କରେ । ପରିବାରର ସମସ୍ତ ଲୋକ ଖାଇସାରିବା ପରେ ମାଲ ଆଟିକା ପ୍ରସ୍ତୁତ ହୁଏ । କୁମ୍ଭାର ଦୁଇଟି ମଧ୍ୟମ ଧରଣର ଆଟିକା ଦେଇଥାଏ । ତାକୁ ଆଣରେ ଲିପା ଯାଏ । ଗବ ବାଡ଼ି ଖଣ୍ଡେ ଅଣାଯାଏ । ରନ୍ଧା ଯାଇଥିବା ସମସ୍ତ ପ୍ରକାରର ଖାଦ୍ୟ ବ୍ୟଞ୍ଜନ ଦୁଇ ଆଟିକାରେ ରଖାଯାଏ । ଗୋଟିଏ ପୋଡ଼ା ମାଛ, ପିଠା ଖଣ୍ଡେ, ଅଇନା, ଛିଡ଼ା ବିଞ୍ଚଣା, ଛାଞ୍ଚୁଣୀ, ତେଲଦୀପ ଇତ୍ୟାଦି ଦେଇ ମାଲ ହାଣ୍ଡି ପ୍ରସ୍ତୁତ ହୁଏ । ମାଲ ହାଣ୍ଡି ଘରୁ ଯିବା ପୂର୍ବରୁ ବାଲିଘର ତିଆରି ହୁଏ । ବାଲିକୁ ଚଲାଇ, ଉପରି ଭାଗକୁ ଥାଳିରେ ସମାନ କରି ଦୀପଟିଏ ବସାଇ ଏକ ପାଛିଆ ଢାଙ୍କୁଣି ଦିଆଯାଏ । ସେଥିରୁ ଜଣାପଡ଼େ ଆମ ପ୍ରେତ ଆତ୍ମାଟି କେଉଁ ରୂପରେ ପାଦଚିହ୍ନ ପକାଇ ଆମ ଗୃହରୁ ବିଦାୟ ନେଲା । ଏହାର ଅନ୍ୟ ଗୋଟିଏ ସାରମର୍ମ ହେଉଛି ପ୍ରେତ ଆତ୍ମାଟି ଆମ ଗୃହରୁ ସବୁଦିନ ପାଇଁ ଚାଲିଗଲେ । ଆମର ଆଉ ଭୟ ନାହିଁ । କେତେଜଣ ବୟସ୍କ ଲୋକଙ୍କୁ ଛାଡ଼ି ସମସ୍ତେ ଶୋଇଯିବେ । ତା'ପରେ ମୁଖୁଜିଆ ମାଲ ଆଟିକା ଭାରଟିକୁ କାନ୍ଧରେ ବହନ କରି ପଦାକୁ ଯିବ । ସଙ୍ଗରେ କେତେଜଣ ସାହସୀ ଲୋକ ମାଲଆଟିକା ସଙ୍ଗରେ ପଦାକୁ ଯିବେ । ହାତରେ ଶକ୍ତ ଠେଙ୍ଗାଟି ନେବାକୁ ଭୁଲିବେ ନାହିଁ । ମାଲ ଭାରଟି କେଉଁ ଯାଗାରେ ବାଜିବ ନାହିଁ । ତାକୁ ପକାଇବା ସମୟରେ ମୁଣ୍ଡର ଓଲଟ ବାଟରେ ତଳେ ପକାଇବ ଓ ପଛକୁ ନ ଅନାଇ ସମସ୍ତେ ଗୃହକୁ ବାହୁଡ଼ିବେ । ଘରେ କେତେ ଜଣ ଜାଗ୍ରତ ଥିବେ । ସେମାନଙ୍କ ଭିତରୁ ଜଣେ ଠେଙ୍ଗାରେ ଚାଳ ଉପରେ ପାହାରଟି ଦେବ ।

ଘର ଭିତରୁ ପ୍ରଶ୍ନ ଆସିବ - କିଏ ?

ଆମେ ଗଙ୍ଗାକୁଳିଆ ମାଲ ମାହୁନ୍ତ ।

କୁଆଡ଼େ ଯାଇଥିଲ ?

ଆମେ ଦୁଃଖ ପକାଇ ସୁଖ ଆଣିବାକୁ ?

ହେଉ ତେବେ ଆସ ।

ଦ୍ୱାର ଖୋଲିଯିବ । ସମସ୍ତେ ଗୃହକୁ ପ୍ରବେଶ କରି ଦେଖିବେ ବାଲି ଉପରେ କି ପଦଚିହ୍ନ । ଝିଟିପିଟି, ଅସରପା, ବେଙ୍ଗ, ସାପ ଇତ୍ୟାଦି । ଅର୍ଥ ପରିବାର ଲୋକଙ୍କ ମନରୁ ଭୟ ତୁଟିଗଲା । ଦ୍ୱାଦଶ ଦିନରେ ସଂକୀର୍ତ୍ତନ ଦଳ ଆସି ପ୍ରେତକୁ ସନ୍ତୁଷ୍ଟ କରି ଚାଉଳ ପଇସା ଧରି ଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତି । ପଦରେ କୁହନ୍ତି-

"ଉଦ୍ଧାର ହେବୁ ଯେବେ ଏ ଭବସାଗରୁ

ଉପାୟ କରି ଭଜ ଏବେ ଶ୍ରୀଗୁରୁ ।

ନ ଯିବେ ସଂଗେ କେହି ଯିବୁ ତୁ ଏକା

ନାମ ମାତ୍ର ପଥକୁ ହୋଇବ ସଖା ।" (ଭକ୍ତ ଦାସ)

"ଯାହା ଦେବୁ ହସ୍ତ ଟେକିରେ କୁମର,

ଯାହା ଦେବୁ ହସ୍ତ ତୋଳି

ଡାହାଣ ହସ୍ତରେ ଯେ ଧର୍ମ କରିବୁ,

ହେବ ପଥକୁ ସଙ୍ଖାଳି ।

ଦେବୁ ଦିଆଇବୁ ଦାନହିଁ କରିବୁ,

ମରଣ ପଥକୁ ସେହି

ମରଣର ପଥ କେଡ଼େ ସେ ଜଞ୍ଜାଳ,

ମୁକତି ଲଭିବୁ ତୁହି ।"

(ଟୀକା ଗୋବିନ୍ଦ୍ରଚନ୍ଦ୍ର)

ଏହା ହେଉଛି ହିନ୍ଦୁ ଧର୍ମର ଶବାଧାର ଓ ପରମ୍ପରା । ବାର ଦିନରେ ସମସ୍ତ ବନ୍ଧୁବାନ୍ଧବ ନିଜ ନିଜର ଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଅପେକ୍ଷା ଥାଏ ବର୍ଷିକିଆ କାର୍ଯ୍ୟକ୍ରମକୁ ।

●

ନରେନ୍ଦ୍ରପୁର, ଘଣ୍ଟେଶ୍ୱର, ଭଦ୍ରକ

ଦୂରଭାଷ : ୭୭୫୦୯୦୯୭୦୩

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ

ସାଇପ୍ରସାଦ ସାହୁ

ନୂଆଁଖାଇ ହେଉଛି କୃଷି ଓ କୃଷକର ପର୍ବ । ସେଥିପାଇଁ ଏହାକୁ କୃଷିଭିତ୍ତିକ ପର୍ବ ବୋଲି କୁହାଯାଏ । ଇତିହାସ ପୃଷ୍ଠାକୁ ଓଲଟାଇ ଦେଖିଲେ ତତ୍କାଳୀନ କୋଶଳ ରାଜ୍ୟ ବା ବର୍ତ୍ତମାନର ପଶ୍ଚିମ ଓଡ଼ିଶାରେ ଏକ ସ୍ୱାତନ୍ତ୍ର୍ୟ ରହିଛି । ଏହି ଅଞ୍ଚଳରେ ବସବାସ କରୁଥିବା ଲୋକେ ପ୍ରକୃତି ପୂଜା ଓ ଭାଇଚାରାକୁ ବଜାୟ ରଖିବା ପାଇଁ ନୂଆଁଖାଇ ପର୍ବକୁ ପାଳନ କରିଥାନ୍ତି । କାହିଁ କେଉଁ ଆବହମାନ କାଳରୁ ମନୁଷ୍ୟ ଓ ପ୍ରକୃତିର ସମ୍ପର୍କ ରହିଆସିଛି । ପ୍ରକୃତିକୁ ଛାଡ଼ି ମନୁଷ୍ୟ ରହିପାରିବ ନାହିଁ । ଏହାରି କୋଳରେ ଆରମ୍ଭରୁ ନିଜର ଜୀବନ ଜୀବିକା ପ୍ରତିପୋଷଣ କରିଆସିଛି । ମନୁଷ୍ୟର ମସ୍ତିଷ୍କ ବିକଶିତ ହେବା ସାଙ୍ଗକୁ ତା'ର ବ୍ୟବହାର ମଧ ପରିବର୍ତ୍ତନ ହୋଇଛି ଏବଂ ଆପେ ଆପେ ପ୍ରକୃତିକୁ ମା' ରୂପରେ ପୂଜା କରି ଆସୁଛି । ଯାହା ବିଭିନ୍ନ ପର୍ବପର୍ବାଣୀରେ ପ୍ରତିଫଳନ ହେଉଛି । ତନ୍ମଧ୍ୟରୁ ପଶ୍ଚିମ ଓଡ଼ିଶାରେ ପାଳନ କରାଯାଉଥିବା 'ନୂଆଁଖାଇ' ପର୍ବ ଅନ୍ୟତମ । ଏହି ମହାନ ପର୍ବ 'ଗଣପର୍ବ' ରୂପେ ଆଖ୍ୟାୟିତ । ଏହା ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି, ଭାଷା, ପରମ୍ପରା, ଚାଲି-ଚଳଣ ଏବଂ ସର୍ବୋପରି ଭାବାବେଗ ସହିତ ଓତଃପ୍ରୋତ ଭାବେ ଜଡ଼ିତ । ନୂଆଁଖାଇ ଯେ, କେବଳ ପାରମ୍ପରିକ ପର୍ବ ନୁହେଁ ବରଂ ଏହି ପର୍ବ ଭ୍ରାତୃତ୍ୱ ଭାବ ଓ ଏକତାର ପର୍ବ, ସୌହାର୍ଦ୍ଦ୍ୟ ମହାମିଳନର ପର୍ବ କାରଣ ଯିଏ ଯେଉଁଠି ଯେତେ ଦୂରରେ ଥାଆନ୍ତୁ ନା କାହିଁକି ଅନ୍ତତଃ ବର୍ଷକୁ ଥରେ ଏହି ନିର୍ଦ୍ଦିଷ୍ଟ ପର୍ବ ସମୟରେ ସମସ୍ତେ ଏକତ୍ରିତ ହୋଇଥାନ୍ତି । ଯାହା ଲୋକମାନଙ୍କ ମଧରେ ଭାବର ଆଦାନ ପ୍ରଦାନ ସହିତ ଆତ୍ମୀୟଭାବ ବଢ଼ିଥାଏ । ଧାନ ହେଉଛି ଏହି ଅଞ୍ଚଳର ପ୍ରମୁଖ ଖାଦ୍ୟ ଶସ୍ୟ । ପ୍ରତିବର୍ଷ ଜୁନ ମାସ ବେଳକୁ ମୌସୁମୀର ଆଗମନ ହୋଇଥାଏ । ଧରଣୀ ମା ଦେହରେ ଜମିକୁ ଚାଷୀ ପିଲା ଚଷି ଫସଲ ଲଗାଇଥାଏ । ପ୍ରଥମ ଧାନ ଫସଲ ଠିକ ଭାଦ୍ରବ ମାସ ଶେଷ ବେଳକୁ ଅମଳ ହୋଇଥାଏ । ପଶ୍ଚିମ ଓଡ଼ିଶାର ଆଁଟ ଓ ମାଳ ଅଞ୍ଚଳରେ ପ୍ରଥମ କରି ଫସଲ ହୋଇଥାଏ । ମନୁଷ୍ୟର ଧର୍ମ ହେଲା ଯେଉଁଠୁ ଖାଦ୍ୟ ପାଇଥାଏ, ତାହାକୁ ପ୍ରଥମେ ନିଜ ଇଷ୍ଟଦେବୀଙ୍କୁ ସମର୍ପଣ କରାଯାଇଥାଏ । ପଶ୍ଚିମ ଓଡ଼ିଶାର ବିଭିନ୍ନ ଗଡ଼ଜାତ ଅଞ୍ଚଳରେ ବିଭିନ୍ନ ଇଷ୍ଟଦେବୀ ରହିଛନ୍ତି । ସମ୍ବଲପୁରରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ, ବଲାଙ୍ଗୀରରେ ପାଟଣେଶ୍ୱରୀ, ସୋନପୁରରେ ସୁରେଶ୍ୱରୀ ଓ କଳାହାଣ୍ଡିରେ ମା' ମାଣିକେଶ୍ୱରୀଙ୍କ ପୀଠରେ ଏହି ନବାନ୍ନ ଭୋଗ ପ୍ରସ୍ତୁତି ପାଇଁ ରାଶି ନକ୍ଷତ୍ର ଦେଖାଯାଇ ଲଗ୍ନ ଧାର୍ଯ୍ୟ ହୋଇଥାଏ । ପ୍ରତି ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ଏକ ନିର୍ଦ୍ଦିଷ୍ଟ ସମୟରେ ନବାନ୍ନ ଭୋଗ ଲଗାଯିବା ପାଇଁ ପଣ୍ଡିତମାନଙ୍କ ଦ୍ୱାରା ଲଗ୍ନ ନିର୍ଦ୍ଧାରଣ କରାଯାଏ । ଏହାକୁ ନୂଆଁଖାଇର ଲଗ୍ନଧାର୍ଯ୍ୟ ନୀତି କୁହାଯାଏ । ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ ପର୍ବ ପଶ୍ଚିମ ଓଡ଼ିଶାର ପଲ୍ଲୀଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଉତ୍ସବ ମୁଖର ହୋଇଉଠେ । ଚଳିତ ବର୍ଷ ସେପ୍ଟେମ୍ବର ମାସ ୮ ତାରିଖରେ ଏହି ତିଥି ପଡୁଛି । ନୂଆଁଖାଇ ଏକ

କୃଷିଭିତ୍ତିକ ଏବଂ ଅନନ୍ୟ ପର୍ବ ହୋଇଥିବା ବେଳେ ପଶ୍ଚିମାଞ୍ଚଳର ସମସ୍ତ ପୁରପଲ୍ଲୀ ଏଥିପାଇଁ ଖୁବ୍ ଉତ୍ସାହ ଓ ଉଦ୍ଦୀପନା ଦେଖା ଦେଇଥାଏ । ନବାନ୍ନ ପାଳନର ପୂର୍ବ ପ୍ରସ୍ତୁତି ପ୍ରାୟ ସପ୍ତାହେ ପୂର୍ବରୁ ଆରମ୍ଭ ହୋଇଥାଏ । ଗାଁ ଗହଳିରେ ଘରଦ୍ୱାର ଲିପାପୋଛା କରି ସଫାସୁତୁରା କରାଯାଇଥାଏ । ନୂଆଁଖାଇ ପୂର୍ବରୁ ଯିଏ ଯେଉଁଠି ବାହାରେ ଚାକିରି କରୁଥିଲେ ହେଁ ସେମାନେ ଗାଁକୁ ଦୁଇଚାରି ଦିନ ପାଇଁ ନିଶ୍ଚୟ ଆସିଥାନ୍ତି । ନୂଆଁଖାଇ ପର୍ବରେ ନୂତନ ଶସ୍ୟ ଏବଂ ଏହି ଋତୁରେ ଉତ୍ପାଦିତ ସମସ୍ତ ପନିପରିବାକୁ ନବାନ୍ନ ରୂପେ ଲଗାଯାଏ । ନୂଆଁଖାଇ ଦିନ ପ୍ରାତଃ କାଳରୁ ଘରର ବୋହୂମାନେ ସ୍ନାନାଦି ନିତ୍ୟକର୍ମ ସମାପନ କରି ଘରେ ନୂତନ ଶସ୍ୟରେ ଅନ୍ନ, କ୍ଷୀର, କାକରା, ଆରିସା ଆଦି ସ୍ୱାଦିଷ୍ଟ ପିଠାପଣା ଓ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ଗାଁର ଇଷ୍ଟଦେବୀଙ୍କ ପାଖରେ ଝାଙ୍କର ବା ପୂଜାରୀ ଲଗ୍ନ ଅନୁଯାୟୀ ନୂଆଁକୁଣ୍ଡା ଲଗାଇ ସମସ୍ତଙ୍କ ଘରକୁ ବଣ୍ଟନ କରାଯାଏ । ଏହାପରେ ପରିବାରର ସମସ୍ତ ସଦସ୍ୟ ପ୍ରଭାତ ସମୟରୁ ସ୍ନାନ କରି ନୂତନ ବସ୍ତ୍ର ପରିଧାନ ସାଙ୍ଗକୁ ଘରର ମୁଖିଆ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ସମର୍ପଣ କରନ୍ତି । ନୂଆ ଅରୁଆ ଚାଉଳ, ଧୂପ, ଦୀପ ସମର୍ପଣ ପୂର୍ବକ ଅଧିକ ଅମଳ ପାଇଁ କୃଷିକ୍ଷେତ୍ରକୁ ଯାଇ ପୃଥିବୀମାତାଙ୍କୁ ଉପାସନା ଓ ପୂଜାର୍ଚ୍ଚନା କରିଥାନ୍ତି । ପରେ ଘରେ ସମସ୍ତେ ଏକତ୍ରିତ ଭାବରେ ବସିଥାନ୍ତି ଓ ଘରର ମୁଖିଆ ଗୋଟି ଗୋଟି କରି ନୂଆଁକୁଣ୍ଡା ବାଣ୍ଟିଥାନ୍ତି । ନୂଆଁକୁଣ୍ଡା ନୂଆଁ ଧାନକୁ କୁଟି ସେଥିରେ ନଡ଼ିଆ, ରାଶି ଓ ଗୁଡ଼ ମିଶାଇ ପ୍ରସ୍ତୁତ କରାଯାଇଥାଏ । ନୂଆଁକୁଣ୍ଡା ବହୁ ଅଞ୍ଚଳରେ କୁରେପତ୍ରର ଦନାରେ ରଖି ପୂଜା କରାଯାଏ । ଭିନ୍ନ ଭିନ୍ନ ସମ୍ପ୍ରଦାୟରେ କୁରେଇ, ମହୁଲ, ଶାଳ ଆଦି ପତ୍ରରେ ନବାନ୍ନ ଅର୍ପଣ କରାଯିବାର ବିଧିବ୍ୟବସ୍ଥା ରହିଛି । ନୂଆ ଚାଉଳରୁ ପ୍ରସ୍ତୁତ ଖିରୀ, ପିଠା ଏବଂ ବିଭିନ୍ନ ପନିପରିବାରେ ପ୍ରସ୍ତୁତ ବ୍ୟଞ୍ଜନ, ବନଜାତ ବାଉଁଶ କରଡ଼ିରେ ତିଆରି ଆମ୍ବୁଲ ଖଟା ଆଦି ଅନେକ ଖାଦ୍ୟର ସମ୍ଭାରକୁ ଶାଳପତ୍ରରେ ତିଆରି ଖଲି ଓ ଦନାରେ ପରଷା ଯାଇଥାଏ । ନୂଆଁଖାଇର ଗୁରୁତ୍ୱ ଅତୀତ ଠାରୁ ଆରମ୍ଭ କରି ଭବିଷ୍ୟତ ଯାଏ ଲମ୍ବିଯାଇଛି । ଏହି ପର୍ବ ଯେତେ ପ୍ରାଚୀନ, ତା'ର ଲକ୍ଷ୍ୟ, ଉଦ୍ଦେଶ୍ୟ ମଧ୍ୟ ସେଭଳି ନିତ୍ୟ ନୂତନ ଓ ଚିର ସବୁଜ । ସମ୍ବଲପୁରୀ ଭାଷାରେ କଥାଟିଏ ଅଛି- 'ଜିଁ ଜାଗିଥିଲେ ବଛ୍ରେ' ଅର୍ଥାତ୍- ଏହି ବର୍ଷ ଆସ ନୂଆଁ ଖାଇବା, ଜୀବନ ଥିଲେ ପୁଣି ଆଗାମୀ ବର୍ଷ ଈଶ୍ୱରଙ୍କ ଆଶୀର୍ବାଦରୁ ଏକାଠି ହେବା । ପର୍ବର ଦ୍ୱିତୀୟ ପର୍ଯ୍ୟାୟରେ 'ଜୁହାର୍ ଭେଟ୍ ଘାଟ୍' ପ୍ରଥାରେ ପରିବାର ତଥା ଗ୍ରାମର କନିଷ୍ଠମାନେ ଜ୍ୟେଷ୍ଠ ସଦସ୍ୟମାନଙ୍କୁ ପାଦଧରି ମୁଣ୍ଡିଆ ମାରିବା ଏବଂ ଜ୍ୟେଷ୍ଠମାନେ କନିଷ୍ଠମାନଙ୍କୁ ଆଶୀର୍ବାଦ ପୂର୍ବକ ମଙ୍ଗଳ କାମନା କରିବା ପରମ୍ପରା ଏଯାବତ ରହିଛି । ସମସ୍ତ ପ୍ରକାର ତିକ୍ତତାକୁ ଭୁଲି ଭାଇଚାରା ବନ୍ଧନରେ ବାନ୍ଧି ହେବା ଏହି ପର୍ବର ଏକ ଅନନ୍ୟ ପରମ୍ପରା । କେବଳ ଯେ ପାରିବାରିକ କ୍ଷେତ୍ରରେ ଏହା ସଂହତି ଓ ସମ୍ପର୍କ ସ୍ଥାପନା କରେ ତାହା ନୁହେଁ; ସାମାଜିକ କ୍ଷେତ୍ରରେ ମଧ୍ୟ ଏହାର ଢେର୍ ଉପାଦେୟତା ରହିଛି । କୃଷିଭିତ୍ତିକ, ଧର୍ମଭିତ୍ତିକ ଓ ପ୍ରାଚୀନ ପରମ୍ପରାର ବାର୍ତ୍ତାବାହକ ନୂଆଁଖାଇ ଆମକୁ ତ୍ୟାଗ, ନିଷ୍ଠା, ସେବା, ଭକ୍ତି ଓ ଈଶ୍ୱର ବିଶ୍ୱାସ ସମ୍ବନ୍ଧରେ ଆମକୁ ଶିକ୍ଷା ଦେଇଥାଏ ।

ସିନ୍ଧେକେଲା, ବଲାଙ୍ଗୀର
ଦୂରଭାଷ : ୯୯୩୭୦୩୪୭୪୨

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ନାରୀ

ଛବିରାଣୀ ପତି

ନାରୀ କେତେ ମହୀନୟାନ ମହୀୟସୀ ଓ ପ୍ରେମମୟୀ ବଳିଷ୍ଠ- ଜୀବନ୍ତ ପ୍ରତିମାଟିଏ । ଏ ସଂସାରରେ ଆଯାତ ଅନନ୍ତ କୋଟି ବ୍ରହ୍ମାଣ୍ଡର ଜୀବଜଗତ ମଧ୍ୟରୁ ସ୍ନେହମୟୀ ତଥା ବାତ୍ସଲ୍ୟଭରା ମମତାମୟୀର ମୂର୍ତ୍ତିମନ୍ତ ପ୍ରତୀକଟି ନାରୀ । ସୃଷ୍ଟିରେ ପ୍ରାୟତଃ ଏକ ଅପୂରକ ଅନନ୍ତ ଏବଂ ଅନନ୍ୟ ମଧ୍ୟ । ବିପୁଳ ତଥା ଅସରନ୍ତି ଅନାବିଳ ଶ୍ରଦ୍ଧାର ଧାରା ଶ୍ରାବଣରେ ଗଢ଼ି ଉଠିଥାଏ ତା' ସ୍ନେହ ସ୍ନିଗ୍ଧ ସୃଷ୍ଟିର ସମ୍ଭାର । ଦେବୀରୂପା ସେହି ଅଭୟ ବରଦାୟିନୀ କରୁଣାମୟୀ ଶିଖାଇଥାଏ ଆଉ ଦେଖାଇଥାଏ ସବୁରିକୁ ବଞ୍ଚିବାର ସବୁ ପ୍ରକାର ରାହା ।

ସେଇ ନାରୀ, କେବେ କ'ଣ କାହାରି ସରଳ ବିଶ୍ୱାସରେ ବିଷ ଭରି ସତରେ କ'ଣ ହୋଇପାରେ ସୁଖୀ । କାହା ପ୍ରଗତିର ପ୍ରତିବନ୍ଧକ ସାଜି ସତରେ କ'ଣ ଲକ୍ଷ୍ୟସିଦ୍ଧ କରିପାରେ ନିଜ ଭାଗ୍ୟର ଦୌଡ଼ରେ । କାହାରି ଅନାବିଳ ପ୍ରେମର ପ୍ରଚ୍ଛଦ ପଟରେ ଅକ୍ଲେଶରେ ଆଙ୍କି ଦେଇପାରେ କ'ଣ ସତରେ ଅନାବନା ଭାବନାର ଏତେ ବଡ଼ ବଡ଼ କଳଙ୍କିତ ଅଧ୍ୟାୟର ସୌଧ ମାନ ? ଏମିତି ଅନେକ ପ୍ରଶ୍ନର ଉତ୍ତର ଖୋଜୁ ଖୋଜୁ ଅବିଳମ୍ବେ ଆସିଯାଏ ବୟସର ଅପରାହ୍ନ । ଥାଏ ଅପେକ୍ଷାରତ ସେହି କାଳ କାଳ ରାତ୍ରିକୁ । ଯାହାର ସକାଳ ନା' କେବେ ହୋଇଛି, ନା' କେବେ ହବ ! ପାଇବା ହରାଇବାର ହିସାବ ଖାତା ତା' ପାଇଁ ହଜି ଯାଇଥାଏ ସବୁଦିନ ପାଇଁ ଇତିହାସର କାଳଗର୍ଭ-ଗହ୍ୱର ଭିତରେ । ସବୁ ନିରର୍ଥକ ହୋଇଯାଏ ଏବଂ ହୋଇଯାଏ ମୂଲ୍ୟହୀନ । ଭାବି ବସେ ଅନେକ ଅସମ୍ଭବକୁ ସମ୍ଭବ କରିବାର ଅଦମ୍ୟ ପ୍ରୟାସରେ କଳ-ବଳ-କୌଶଳର ଚିରାଚରିତ ବିଚିତ୍ର ଘଟଣା ଦୁର୍ଘଟଣାବଳୀକୁ । ସେଥିଭିତରୁ କିଛି ନିମିଷକେ ସୁଖ ଦେଇ ହଜିଯା'ନ୍ତି କାହିଁ କେଉଁ ଅଜଣା ଅଦେଖା ଇଲାକାରେ । ଯାହ, ସବୁବେଳେ ଖାଲି ଦେଇ ଚାଲୁଥାନ୍ତି କାଳ ବୈଶାଖୀର ଝଡ଼ବର୍ଷା ପରି କୁଢ଼ କୁଢ଼ ଅବଶୋଷ, ଅନୁତାପ, ଆଉ ଦୁଃଖ କେବଳ ଦୁଃଖ... !

ଯୌବନର ମଧ୍ୟମା ସୋପାନରେ ପ୍ରେମ ପ୍ରଣୟରେ ପାଦ ଥାପିବାକୁ ସଂକୋଚ କରେ ବିବେକୀ ମଣିଷଟେ । କାରଣ ସେ ଜାଣେ 'ପ୍ରେମର ବୟସ ନଥାଏ କି ନଥାଏ ମଧ୍ୟ ଆୟୁଷ ।' ତଥାପି ଖଟାଏ ସେ ତାର ବୁଦ୍ଧି ଓ ବିବେକକୁ ଯଦିଓ ଏହା ଖୁବ୍ କ୍ୱଚିତ୍ ହୁଏ । ସଂସ୍କାରି ସମାଜର ନାଲି ଆଖିର ଆକଟ ତଥା ସମାଲୋଚନାକୁ ଡରି ସେଥିରୁ କ୍ଷାନ୍ତ ରହିଥାଏ । ଆମ ସାମାଜିକ ଶୃଙ୍ଖଳାବୋଧ ଆମକୁ ପ୍ରଥମେ ଶିକ୍ଷା ଦେଇଥାଏ ସଂଯମ । ସ୍ତ୍ରୀ ଅବା ହେଉ ପୁରୁଷ ସଂସାର ବନ୍ଧନରେ ଥରେ ବାନ୍ଧି ହୋଇଗଲେ ହେଁ ଧରି ନିଏ ତା' ପାଇଁ ତା' ଜୀବନ ସାଥୀଟି ହେଉଛି ହର୍ତ୍ତା, କର୍ତ୍ତା ପୁଣି ତା' ଜୀବନ ପଥର ଦୈବ ବିଧାତା । ସକଳ ଆଶା ଅସୂୟାର ଅଭିଳାଷକୁ ଜଳାଞ୍ଜଳି ଦେଇ ଗଢ଼ିଥାଏ ସୁନାର ସଂସାରଟିଏ । ଅଭିଆଡ଼ି ବେଳର ସ୍ୱେଚ୍ଛାଚାରୀ ମନୋବୃତ୍ତିକୁ ବିବେକର ଲଗାମରେ କଷି ଧରି ରଖେ ନିଜ ଅକ୍ତିଆରରେ । ବିବାହର ପବିତ୍ର ବନ୍ଧନରୁ ପବିତ୍ର ମାନସିକତାରେ ଉଜ୍ଜୀବିତ କରିବା

ଲାଗି ଚେଷ୍ଟା ଜାରି ରଖିଥାଏ ନିରନ୍ତର । ମାତ୍ର ସଫଳତା ବିଫଳତା ଧାର୍ଯ୍ୟ କରେ ସମୟ ନିର୍ଘଣ୍ଟ । ସମୟ ଯାହାର ଅଧୀନରେ ଏ ସାରା ଜଗତ । ତା'ର ଅଦେଖା ହାତରେ ଛାଡ଼ି ଦିଏ ନିଜର ଭାଗ୍ୟ ଆଉ ଭବିଷ୍ୟ । ଏହି ଭାବନା ନେଇ ସାନ୍ତ୍ୱନା ଦେଇ ଚାଲେ ସେ ନିଜକୁ ବାରମ୍ବାର ।

'ଦଇବ ଦଉଡ଼ି ମଣିଷ ଗାଈ,

ଯେଣିକି ଟାଣିବ ତେଣିକି ଯାଇ' ।

ମୌସୁମୀର ଅନୁକୂଳରେ ହେଉ ବା ପ୍ରତିକୂଳରେ ଯାତ୍ରା କରିବାକୁ ସେ ହୋଇଯାଏ ଏକପ୍ରକାର ବାଧ୍ୟ । ଯଦିଓ ପ୍ରତିକୂଳର ଯାତ୍ରା ଯେ କେତେ ଭୟାନକ ସେଥିପ୍ରତି ବେଶ ହୃଦୟଙ୍ଗମ କରିପାରେ ତଥାପି ଚାଲେ ଯଥୋଚିତ ସଚେତନତାର ସହିତ । ସେହି ଚିନ୍ତା ଚେତନାରେ ହଜାଇ ଦିଏ ସବୁକିଛି ଓ ଟେକିଦିଏ ନିଜକୁ ଭାଗ୍ୟର ହାତରେ ।

ଆମ ମହନୀୟ ଭାରତୀୟ ପରମ୍ପରା, ଜାତି, ସଂସ୍କୃତି ଓ ସଭ୍ୟତାର ମହୀୟସୀ କରୁଣାମୟୀ ନାରୀ ଚରିତ୍ରଙ୍କର ଦୟା, କ୍ଷମା, ତ୍ୟାଗ, ସମର୍ପଣର ଗାଥା କିଛି କମ୍ ନାହିଁ ପୁରାଣ ଶାସ୍ତ୍ର ଓ ଐତିହ୍ୟରେ ତଥା ଏ ଯୁଗରେ ମଧ୍ୟ । ତଥାପି, ଅନେକ ଅଛନ୍ତି ଯେଉଁମାନେ ଅନ୍ୟର ଅଧିକାରକୁ ଜୋର ଜବରଦସ୍ତି ଝାମ୍ପି ନିଅନ୍ତି ନିଜର ଅନୈତିକ କାର୍ଯ୍ୟସିଦ୍ଧି ଉଦ୍ଦେଶ୍ୟରେ । ଲଗାଇ ଦିଅନ୍ତି କେତେ କେତେ ସଂସାରରେ ଏକ ପ୍ରକାର ଅସଜଡ଼ା ଝଡ଼ ଆଉ ଅଶାନ୍ତିର ନିଆଁ । ଭରି ଦିଅନ୍ତି ଅସରନ୍ତି ଦୁଃଖ । କିନ୍ତୁ, ତିଳେହେଲେ ଅନୁଶୋଚନା କି ଅନୁତାପ ନଥାଏ ତାଙ୍କ ଜୀବନର ସମ୍ବିଧାନରେ । ଅବିବେକ ଅମଣିଷଟେ ପରି ବିକ୍ରି ହୋଇ ଯାଆନ୍ତି ମଧ୍ୟ ଏହି ଦୁଷ୍ଟଚରିତ୍ରା ଲଖେହିରା ଚରିତ୍ରମାନଙ୍କ ହାତରେ କିଛି ପୁରୁଷ । ହଜାଇ ଦିଅନ୍ତି ନିଜର ଅସ୍ତିତ୍ୱ ଆଉ ଦାୟିତ୍ୱ ବୋଧକୁ । ଛାଡ଼ି ଦେଇଯାନ୍ତି ରକ୍ତର ସବୁ ସମ୍ପର୍କକୁ । ସୁସ୍ଥ ସମାଜର ପବିତ୍ର ବନ୍ଧନକୁ । ନିଲଠାଙ୍କ ପରି ନିଜ ଅସହାୟତାର ଦ୍ୱାହି ଦେଇ ହୋଇଯାଆନ୍ତି ଅଫେରା ପଥର ପଥିକ । ବାପା-ମାଆ-ସ୍ତ୍ରୀ-ପିଲା ଛୁଆଙ୍କର ତ୍ୟାଗ, ସ୍ନେହ, ପ୍ରେମ, ନିଷ୍ଠା, ସମର୍ପଣ ଆଉ ଭଲପାଇବାକୁ ଗୋଡ଼ରେ ଆଡ଼େଇ ଦେଇ ସତେ ଯେମିତି ହୋଇଯାନ୍ତି 'ସାତ ପର' । ଏମିତି କିମିୟା କରି ହଜେଇ ଦେଇପାରେ ମଧ୍ୟ ପର ପୁରୁଷର ଚିନ୍ତା ଚେତନାକୁ ଗୋଟେ ଅବୈଧ ନାରୀର ପ୍ରକୃତି ଓ ପ୍ରବୃତ୍ତି । ପୁରୁଷଟି ସବୁ ଦେଖୁଥିଲେ ବି ହୋଇଯାଏ ଅନ୍ଧ । କରିପାରେ ମାତ୍ର କିଛି ନ ଦେଖିବାର ଖୁବ୍ ନିଖୁଣ ଅଭିନୟ । ତା' ସାମ୍ନାରେ ଘଟୁଥିବା ସତ୍ୟତା ତାକୁ ଲାଗେ ପ୍ରହେଳିକା ସଦୃଶ୍ୟ ଓ ମୂଲ୍ୟହୀନ । ମୂଲ୍ୟବାନ ହୋଇଉଠେ କେବଳ ଆଉ କେବଳ ସେହି ଅଳକାନନ୍ଦା ଝଲସାରେ ଝଲସି ଉଠୁଥିବା ଉଦ୍ଦେଶ୍ୟ ଭିତ୍ତିକ ସ୍ୱାର୍ଥ ରହିତ ପ୍ରେମଟି । ପ୍ରାୟୋଜିତ ହେଉଥିବା ସ୍ୱର୍ଗୀୟ ସୁଖର ଆନନ୍ଦରେ ବିଭୋର ହୋଇପଡ଼େ ସେ । ନିଜ ମାନବିକ ମୂଲ୍ୟବୋଧକୁ ହଜାଇ ଏହି କ୍ଷଣସ୍ଥାୟୀ ପରକୀୟା ପ୍ରୀତିର ଜାଲରେ ଛନ୍ଦି ହୋଇ ହରେଇ ବସେ ଜାଣ ସବୁକିଛି । ସ୍ୱାର୍ଥସିଦ୍ଧି ପରେ, ଖାଏ ଯେତେବେଳେ ଶକ୍ତ ପଦାଘାତ ହରାଇ ବସେ ନିଜର ମାନସିକ ଭାରସାମ୍ୟ । ହୋଇଯାଏ ପାଗଳ ଅବା ନିଶାଗ୍ରସ୍ତ ଅମାନୁଷିକ ବ୍ୟକ୍ତିଟିଏ । ଯିଏ କି ହିଂସ୍ର ଜଙ୍ଗଲୀ ପଶୁମାନଙ୍କ ଠାରୁ ବି ଅଧିକ ଭୟଙ୍କର । ଅଥବା ରାସ୍ତା କଡ଼ରେ ପଡ଼ି ରହିଥିବା ପରିତ୍ୟକ୍ତ ପଥରଟେ ପରି, ଯାହାକୁ ମନଇଚ୍ଛା ଯେ ଯେତେବେଳେ ପାରେ ମାରି ଚାଲିଯାଏ ଗୋଇଠାଟେ । ଇନ୍ଦ୍ରପୁରୀର ସ୍ୱପ୍ନ ଦେଖାଇଥିବା ସବୁ ସୁଖ, ସ୍ୱାଚ୍ଛନ୍ଦ୍ୟର ସ୍ୱପ୍ନକୁ ଶୋଷି ନେଲାପରେ ଶେଷରେ ଖୋଜି ବୁଲେ ସେ ନାରୀ ଆଉ ଏକ ସରଳ, ପରାକ୍ରମୀ କା'ପୁରୁଷ । ନିଜର କାମନା ବାସନାକୁ ଚରିତାର୍ଥ କରିବାକୁ ଯାଇ ସଜାଇ ବସେ ପୁଣି ଏକ ରଙ୍ଗମହଲ । ଛଳନା ପ୍ରେମର ଅତୁଆ ସୂତାରେ ଛନ୍ଦି ତାକୁ କବଳିତ କରି ଛଡ଼େଇ ନିଏ ବିଚରା ପୁରୁଷର ଜୀବନ ଓ ଜୀବିକା । ଛଡ଼ାଇ ନେଇ ହଜାଇ ଦିଏ ପରିବାରର ସକଳ ସୁଖ, ଶାନ୍ତି ଇତ୍ୟାଦି । ପୁରୁଷଟି କାମାନ୍ଧରେ ଅନ୍ଧ ହୋଇ ଫନ୍ଦି ଫିକରରେ ଫସି ଯା'ନ୍ତି ସେହି ମାୟାବିନୀ ମୋହିନୀ କନ୍ୟା ମାନଙ୍କର ମାୟାଜାଲରେ ।

"ନାରୀଟିଏ ସାଜେ ନାରୀ ପାଇଁ ଅରି,

ଏଠି ନାରୀ ହିଁ ନାରୀର ବଇରୀ ।"

ପୁରୁଷ ହେଉ କି ନାରୀ, କାମନା ବାସନା ହାତରେ ଚାବିଦିଆ କଣ୍ଢେଇଟିଏ ମାତ୍ର ଅବିବେକୀ ମଣିଷଟି । ଗୋଟେ ନିରିହା ନାରୀକୁ ବିରହ ନିଆଁରେ ଝାସଦେଇ ତୋଳିବାକୁ ବାହାରି ଯାଏ ବାଲୁକାମୟ କଳ୍ପନାରେ ପ୍ରୀତିର ନଅରଟିଏ ଏହି କାମୁକ ପୁରୁଷ । ଯାହା ଅଧର୍ମ, ଅସତ୍ୟ, ଅବାସ୍ତବ ମଧ୍ୟ । ନିମିଷକେ ଚୁରମାର ହୋଇଯାଏ ସବୁ ମରିଚିକାର ସ୍ୱପ୍ନ । ଯେଉଁଥିରେ ନଥାଏ ନିଷ୍ଠା, ସମର୍ପଣ ଅବା ଯେଉଁ ବନ୍ଧନ କୌଣସି ନିର୍ଦ୍ଦିଷ୍ଟ ନୀତି, ନିୟମ ଓ ଶୃଙ୍ଖଳାର ବଶବର୍ତ୍ତୀ ନୁହେଁ । ବରଂ ଥାଏ ସ୍ୱାର୍ଥାନ୍ୱେଷୀର ଅଭିପ୍ସାରେ ପରିପୂର୍ଣ୍ଣ । କୁହୁଡ଼ି ଘେରାରେ ଆଚ୍ଛାଦିତ ଗୋଲାପ ବଣର ମାୟା ମରିଚିକାର ପ୍ରହେଳିକା ସଦୃଶ୍ୟ ମାତ୍ର ।

ନିଦ ଭାଙ୍ଗେ । ସମୟ ଆସେ ମଣିଷ ବୁଝିପାରେ ନିଜର ଭୁଲ୍ । ମାତ୍ର ଫେରିବାକୁ ଆଉ ପାଏ ନାହିଁ ବାଟ । ଯଦିଓ ଫେରିଆସେ ତାର କୁଟା କାଠିର ସଂସାର କୁଡ଼ିଆ ଭିତରକୁ । କିନ୍ତୁ, ସରି ଯାଇଥାଏ ଜୀବନର ଅନେକ ମୂଲ୍ୟବାନ ସମୟ, ହଜି ଯାଇଥାଏ ଯୌବନ । ଲିଭି ଯାଇଥାଏ ଜୀବନର ସବୁ ସୁଖ । ଆଖିର ଲୁହରେ ଭିଜି ଭିଜି ଘୁଷୁଡ଼ି ଯାଇଥାଏ ସୁଖ ସ୍ୱପ୍ନର ସ୍ତୂପ ସୁନ୍ଦର ତାଜମହଲଟି । ସମ୍ପର୍କର ଅଡୁଆ ଅଫିଟା ଗଣ୍ଠିକୁ ଫିଟେଇବାର ଅକ୍ଳାନ୍ତ ଚେଷ୍ଟାରେ ବଞ୍ଚିବାକୁ ହୁଏ ଜୀବଟାକୁ । ଜିଇଁବାକୁ ହୁଏ କେବଳ ବୟସଟାକୁ ଆୟୁଷଟିକୁ । ମାରିବାକୁ ଥାଏ ଅବଶିଷ୍ଟ ନିଶ୍ୱାସ ସତ ଅନିଚ୍ଛା ସତ୍ତ୍ୱେ । ବଞ୍ଚିବାକୁ ତ ହୁଏ । କିନ୍ତୁ ହଜି ଯାଇଥିବା ସବୁ ଆଶା ଅଭିଳାଷରେ ସୁକୁ ସୁକୁ ହେଉଥିବା ଜୀବନ୍ତ ଶବକୁ ବୋହି ବଞ୍ଚିବାକୁ ହୁଏ ମରି ମରି । ବିଶ୍ୱାସ ଭରସାର ବସାରେ ଯାହା ପାଇଁ କରିଥାଏ କେତେ କେତେ ବ୍ରତ, ଓଷା ଉପବାସ ଓ ମନାସି ଥାଏ ମାନସିକ ଆଉ ଜାଳିଥାଏ ଉଜାଗରୀ ଅଖଣ୍ଡର ଦୀପ । ସ୍ତ୍ରୀଟି ମନରେ ଉତୁରି ପଡୁଥିବା ରାଗ, ମାନ, ଅଭିମାନରେ ସ୍ୱାମୀଟିର ଥିବା ନଥିବା ହୋଇଯାଏ ତା' ପାଇଁ ସବୁ ସମାନ । କାରଣ, ଦେହର ଭୋକକୁ ଶାନ୍ତ କରିବାକୁ ଯାଇ ସୃଷ୍ଟିର ସମସ୍ତ ଜୀବଜଗତ ରଖିଥାନ୍ତି ଶାରୀରିକ ସମ୍ପର୍କ ଏବଂ କରିଥାନ୍ତି ଯୌନକ୍ରିୟା । କିନ୍ତୁ, ସେ ସମ୍ପର୍କରେ ମଣିଷ ହୋଇ ଯଦି ନଥାଏ ସମ୍ମାନ, ସାନ୍ତ୍ୱନା, ସମବେଦନା, ଉତ୍ସର୍ଗୀକୃତ ସ୍ନେହ ପ୍ରେମ ସଦ୍ଭାବନାର ମଧୁର ମୁହୂର୍ତ୍ତ । ସେ କି ପ୍ରକାର ସମ୍ପର୍କ ! ସେ କି ପ୍ରକାର ସଂସାର ପୁଣି ବନ୍ଧନ !!

ଯାହାର ଅସ୍ତିତ୍ୱ ଓ ବ୍ୟକ୍ତିତ୍ୱକୁ ଜ୍ୱଳନ୍ତ ଅଗ୍ନିକୁ ନିକ୍ଷେପ କରି ସମାଲୋଚନାର ଶରବ୍ୟ ଭୟରେ ଉଦ୍ଧାର କରିବାର ଆଖିଦୃଶିଆ ପ୍ରହସନର ପ୍ରୟାସ କରିଥାଏ ପୁରୁଷ । ମୃତ୍ୟୁର ସମନ ଦେଇ ଜୀବନ ଯାକର ଜୀବନ୍ତ ମରଣ ପରି ଅର୍ଦ୍ଧଦଗ୍ଧ ଅବସ୍ଥାରେ ଦରମରା କରି ଛାଡ଼ି ଦେଇ ମଜା ଦେଖୁଥାଏ ଅତି ଅମାନୁଷିକତାର ଦୁଃସ୍ଥ ମାନସିକତା ନେଇ । ଅନୈତିକ ଭାବେ ଗୋଟେ ନାରୀ ସବୁ ସୁଖ ସୁବିଧା ସାଉଁଟିଲା ବେଳେ ସେଠି ଅଧିକାରୀ କୃତ ଅର୍ଦ୍ଧାଙ୍ଗିନୀଟି ବଞ୍ଚେ ଅତି ଦୟନୀୟ ଭାବରେ । ଯାହାର ସାରମର୍ମ ଖୁବ୍ ହୃଦୟ ବିଦାରକ ଓ ଭାବଗର୍ଭକ ନିଶ୍ଚିନ୍ତ । ପ୍ରେମ ତ' ତ୍ୟାଗ ଓ ସମର୍ପଣର ପ୍ରତୀକ ମାତ୍ର । ସତରେ କ'ଣ ଏପରି ବୃହନଳା କାମୁକ ଚରିତ୍ର ମା ପ୍ରେମ କରୁଥାନ୍ତି ? ବରଂ ନାଁ, ସେମାନେ କେବେ କାହାରି ବି ହୋଇପାରନ୍ତି ନାହିଁ । ହୁଅନ୍ତି ତ କେବଳ ନିଜ ସ୍ୱାର୍ଥର । ପୁରୁଷଟି ବୁଝିପାରେନି ସେ ମାୟାବିନୀର ମାୟା । ତା'ରି ଚାରିପଟେ ଘୂରି ବୁଲୁଥାଏ ଅପ୍ରାପ୍ତିର ଦାବାନଳରେ ନିଜ ଦୈହିକ ଲାଳସାର ଚରିତାର୍ଥ ଲାଗି । ଦୁଃଖ ଦୁର୍ଦ୍ଦଶାରେ ପାଗେଲିଟେ ପରି କାଳତିପାତ କରୁଥିବା ସ୍ତ୍ରୀଟିର ଦେଖି ପାରେନି ହତଶିରୀ ଅଭଗା ସ୍ୱାମୀଟି । ସେଠି ବିଚରା ସ୍ତ୍ରୀଟି ବି ଭାବି ପାରେନି କିଛି । କ'ଣ କରିବ ? ବାଟଭୁଲା ସ୍ୱାମୀକୁ ଫେରେଇ ଆଣିବା ପାଇଁ ଅଣ୍ଟାରେ ଲୁଗା ଭିଡ଼ିବ । କାହିଁକି କେଜାଣି ଏକ ଅଜଣା ଭୟରେ ଥରିଉଠେ ତା'ର ଦେହ । ଏଣେ ଲୋକ ଲଜ୍ଜ୍ୟାର ଡର । କ'ଣ ଭାବିବ ଏ ସମାଜ ! ସତରେ କ'ଣ ମୁଁ ମୋ' ସ୍ୱାମୀଙ୍କୁ ଗୋଟେ ସ୍ତ୍ରୀର ସବୁ ସୁଖ ସନ୍ତୁଷ୍ଟି ଦେବାରେ ଅକ୍ଷମ... !! ମନ ଆଉ ମସ୍ତିଷ୍କ ଭିତରେ ଚାଲେ ରୀତିମତ ଅନ୍ତର୍ଦ୍ୱନ୍ଦ୍ୱ । ପେଷି ହୋଇଯାଏ ବିଚାରିଟିର ବିରହୀ ଜୀବନ ଓ ଶିଥିଳ ଯୌବନ ।

'ଆଲୋ ସଖି ଆପଣା ମହତ ଆପେ ରଖି' । ଏହା ଭାବି ଜୀବନ ସଂଘର୍ଷରେ ଚୁପ୍ ହୋଇଯାଏ ଧୀରେ ଧୀରେ ।

ଆଉ ଗୁମୁରି ଗୁମୁରି କବାଟ କୋଣରେ କାନ୍ଦିବା ଛଡ଼ା ଉପାୟ ପାଏନାହିଁ କିଛି ।

'ସ୍ୱାମୀ ପଛେ ମରୁ... ସଉତୁଣୀ ରାଣ୍ଡ ହେଉ'

ଏଭଳି ଆକ୍ରୋଶର ଶିକାର ମଧ୍ୟ ହୋଇଯାଏ ସମୟାନୁକ୍ରମେ ନାରୀଟି । 'ଚୋରକୁ ମାନ କରି ଖପରାରେ ଖାଇଲା' ପରି ଭାବି ବସେ 'ଘର ପଛେ ପୋଡୁ ହେଲେ, ମୂଷା କେଞ୍ଚେ ପାଉ ।' ଏପରି ନାନା ବିଷାକ୍ତ ବଳୟର ଭାବନାରେ କବଳିତ ହୋଇଯାଏ ତା'ର ସ୍ଥିତି, ଅବସ୍ଥିତି ଆଉ ପରିସ୍ଥିତି । ଏହିପରି ପ୍ରତିହିଂସା ଓ ପ୍ରତିଶୋଧର ବହ୍ନିରେ ଜଳିଉଠେ ତା' ଅସ୍ଥିର ଜୀବନ ।

ସାମ୍ବିଧାନିକ କି ଧାରା କି ନୀତି ନିୟମ ଓ ଆଦର୍ଶରେ ଆଉ କୋଉ ପରିପ୍ରେକ୍ଷୀରେ ଏପରି ନିଷ୍ପତ୍ତି ନିଆଯାଇଛି କେଜାଣି ? ଅନୈତିକ ବୋଲି କିଛି ସମ୍ପର୍କ ହିଁ ନାହିଁ । ତାହା କେତେଦୂର ଯଥାର୍ଥ ଆଉ ପ୍ରଯୁଜ୍ୟ ତଥା ଗ୍ରହଣ ଯୋଗ୍ୟ ? ତାହା ମୁଁ ଜାଣେନା । ହଁ, ଏତିକି ଜାଣେ ଜୀବନ ଜୁଆରରେ ସବୁବେଳେ ଝାସ ଦିଏ ନିରୀହ ଆଉ ସରଳ ବିଶ୍ୱାସୀ ପ୍ରାଣୀଟି । ସେ ପୁରୁଷ ହେଉ ଅବା ନାରୀ । ମୋର କୌଣସି ଇଙ୍ଗିତ କୋଉ ଲିଙ୍ଗ ଅବା ବ୍ୟକ୍ତିଗତ ଜୀବନ ଉପରେ ନାହିଁ । ବରଂ ପ୍ରାସଙ୍ଗିକତା ହେତୁ ସଚେତନାର ବାର୍ତ୍ତା ଏତିକି- 'ସାବଧାନ...ସାବଧାନ ମୋର ସରଳ, ନିରୀହ, ନିଷ୍କପଟ ସାଧୁ ସୁଧୀ ବୃନ୍ଦ । ଏଭଳି ନଷ୍ଟ ଚରିତ୍ର ଲମ୍ପଟ କାମୁକ ପୁରୁଷ ଓ ବାରଙ୍ଗନା ଲକ୍ଷେହୀରା ମାନଙ୍କୁ । ସତ୍ୟ ଯୁଗର ରାମ ରାଜ୍ୟରେ ବି ରାବଣମାନେ ଥିଲେ । ସେଠି ନାରୀ ଚରିତ୍ରରେ ବି ଥିଲେ ମନ୍ଥରା, ସୂର୍ପଣେଖା ପରି କୁଟିଳ ରାକ୍ଷାସୀ । କହିବା କଥା ଯେ, ମା' ପେଟରୁ କେହିବି ଖରାପ ହୋଇ ଜନ୍ମ ହୋଇ ନଥାନ୍ତି । ପରିବେଶ, ପରିସ୍ଥିତି, ସମୟ ଓ ପ୍ରକୃତି ଆମ ମାନଙ୍କୁ ବିଶ୍ୱ ଦରବାରରେ ଭଲ କିମ୍ବା ମନ୍ଦ କରି ଠିଆ କରେଇ ନୂତନ ପରିଚୟ ପ୍ରଦାନ କରାଇ ଦେଇଥାଏ ଅକ୍ଲେଶରେ । ନିଜେ ସଚେତନ ରହିବା ଅନ୍ୟ ମାନଙ୍କୁ ସଚେତନ କରିବା ।"

"ଆପଣା ହସ୍ତେ ଜିହ୍ୱା ଛେଦି... ପରି ପରିସ୍ଥିତି କେବେ ସୃଷ୍ଟି ହେବାକୁ ଦେବା ନାହିଁ । ସତର୍କ ରହିବା, ସତର୍କ କରିବା ।"

'ବିଷ କୁମ୍ଭ ପ୍ରାୟେ ମୁଖମ' ଭଳି ମିଠା ଛୁରୀଙ୍କୁ ଦୂରରୁ ଜୁହାର କରି ନିବୃତ୍ତ ରହିବା ସେହି କୁସଙ୍ଗରୁ । ଏ ସମାଜକୁ ସୁସ୍ଥ, ସୁନ୍ଦର ଓ ସମୃଦ୍ଧ କରି ଗଢ଼ି ତୋଳିବାକୁ ନିଜର ଶତ ପ୍ରତିଶତ ଯୋଗଦାନ ଜାରି ରଖିବା ।

ମଧ୍ୟଶାସନ, ଜଗତ୍‌ସିଂହପୁର
ଦୂରଭାଷ : ୯୩୩୭୯୬୦୦୬୦

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

## ଗଳ୍ପ ବିଭାଗ

# କିଲିବିଲିଆ କିଙ୍ଗ୍

**ରାମକୃଷ୍ଣ ଦାଶ**

ଖାଗଣି ଗାଁରେ ପ୍ରଥମ ମୁଣ୍ଡରେ ଘରଟା ମାଧି ଗିରୀର । ସ୍ୱାମୀ ରିଆ ଓରଫ ନରଗିରୀ ଗୋଟାଏ ପେଟିପାରା ତଳେ କୁକୁଡ଼ା, ଛେଳି ଓ ଗାଈ ବାଛୁରୀଙ୍କୁ ନେଇ ସଂସାର । ନରି ମୃତ୍ୟୁ ପରେ ବହୁ କଷ୍ଟରେ ମାଧି ଗାଁ ଧାଈ ଜରୀଆରେ ଆଠମାସ ପରେ ଜନ୍ମ କରିଥିବା ଗେଟି ରାଣ୍ଡିଆ ଛୁଆ କିଲିବିଲି ହୋଇ ଆସିଥିବାରୁ ନାଁ କିଲିବିଲିଆ ଭଲ ନାଁ କାଗେଳି ଗିରୀ ।

ପିଲାବେଳୁ ସେ ଚିଡ଼ିଚିଡ଼ା ଧର୍ମଠକ, ବାଗର ଥିବା ପାରା, କୁକୁଡ଼ା, ଛେଳି ବିକ୍ରି ପରେ ମା'ର ପର ଘର ପାଇଟି ଗାଈ ବାଛୁରୀରେ ଦୁହେଁ ଚଳି ଯାଆନ୍ତି । କିଲିବିଲିଆ ଗାଈ ଚରାଏ, ତେଣୁ ସେ ଗାଈଆଳ ଦଳିଆ ଭେଲୁ, ନେଉଳ, କାଳନେମୀ, ଠେଁସୀ ନାନୀ, ଟେକି ଭୋଇଙ୍କ ଭିତରେ ସର୍ଦ୍ଦାର ।

ଦିନରେ ବିଲରେ ଚେଙ୍ଗେଇ ଚାଉଳ, କଣ୍ଟେଇକୋଳି ଚାଉଳ ଭଜା ଖାଇ ସନ୍ଧ୍ୟା ପୂର୍ବରୁ ବିଲରୁ ଧରିଥିବା ମାଛ, ଚିତଉ କଙ୍କଡ଼ା, ତୋଳା କଙ୍କଡ଼ା, ହୁଙ୍କା ଗଛକୁ ଧରି ଘରକୁ ଫେରିଲେ ମାଧି ତରକାରୀ ସହ ବାଢ଼ିଦିଏ ବେଲାଏ ଭାତ ରସୁଣ ଲୁଣ ଦେଇ କଙ୍କଡ଼ା ଛେଚା ଗେଫି ଦେଇଯାଏ କାଗେଜି । ବିଲ ଫିଷ୍ଟିରେ ଅହିରେ କାଳମେମୀ ଓ ଟେକି ଭୋଇ ଭାତ ସହ ରାନ୍ଧନ୍ତି ଗୋଟି ମଦରଙ୍ଗା କଳମ, ସୁନୁସୁନିଆଁ ଶାଗ ଝୋଳ ସହ ମଡ଼ମଡୁଆ ଚୋକେଇ କୁଣ୍ଡେଇ ଫୁଲଭାଜି । କଇଁପତରରେ ଟେକି ବାଢ଼ିଦେବା ବେଳେ ତା' ଚିରା ଫ୍ରକ୍‌ରୁ ଗଳିପଡ଼େ ଯୌବନା ଠେଁସି ଚିରାଲୁଗା ପିନ୍ଧି ତାକୁ ଟେକିଦେଇ ଖାଇବା ବେଳେ ଭେଲୁ, ନେଉଳଙ୍କ ଦେହ ଶିରି ଶିରି ହୁଏ ।

ଠେଁସି ଗପିଯାଏ ଗାଈଚରା ଓ ବିଶି ବିଲ ପାଟରେ କଇଁତୋଳା ବେଳେ ଜୋକ ଲାଗିବା ନାଁରେ କୋଳାକୋଳି ବେନ୍ଦେରା ବାରିକ ସହ । ଧୂ ଧୂ ଖରାରେ ବରଗଛ ମୂଳ ପୀରତି ପେଡ଼ି ଖୋଲିଲେ କିଲିବିଲିଆ କି ଥୟ ଥରେ । ଫୁସ୍‌ଫୁସ୍ କଥା, ଠରାଠରି ପରେ ଟେକିକୁ ପଟେଇ ନେଇଯାଏ କିଆ ବଣକୁ । ପ୍ରେମରେ ମାତିବା ପରେ ଦୁହେଁ ଖୁସ୍ ହୋଇ ଫେରନ୍ତି ।

ଗାଈଆଳ କହିବା ପରେ ଭୋଇ ସାହିଆ ଅଡ଼ି ବସିଲେ ଟେକିକୁ ନଷ୍ଟ କରିଥିବାରୁ କିଲିବିଲିଆ ବାହା ହେବାକୁ ହେବ । ବାଉରୀ ଓ ନାଗା ଭିତରେ ବନ୍ଧୁ ଅସମ୍ଭବ । ସାଇଭାଇ ଅଡ଼ି ବସିଲେ, ମାଧି ନିରୂପାୟ । ପୁଅର ଆପତ୍ତି ନାହିଁ ? ପୁରୀରୁ ଜାତି କରାଇ ଟେକିକୁ ତା ପୁଅ ବାହା ହେବାରୁ ଜାତିଟା ବାଏଁ ବାଏଁ ଉଡ଼ିଗଲା । ସାଇଭାଇ ଜାତି କେହି ପତର ପକେଇଲେନି କେବଳ ବାଉରୀ ସାହିଆ ଭୋଜି ଖାଇ ଖୁସ୍ । ଦି'ଗୁଣ୍ଠ ଜମି ବିକି ମାଛଘାଣ୍ଟିଆ ଖାଇବା ପରେ ଗିରୀ ସାହିଆ କୁକାଟି ବାଉରି ସାହି ସହ ସେ ଭାଇ ବାନ୍ଧିଲା ।

ଚାଲାଖ ଲୋକଙ୍କ ଏ ଜାତି ପ୍ରଥା ଭାରି ଭୟଙ୍କର । ଆରେ ଡାମଣା ବୁଲି ବୁଲି ଆସି ସେଇ ଅଗଣା । ଦିନେ

ଟେକି କିଲିବିଲିଆକୁ କହିଲା- ଆମେ ପଠାଣ ତିଆରି ଆଇସକ୍ରିମ୍ ଚିକେନ୍ ମଟନ ପାଉଁରୁଟି ଖାଉଛୁ, ବାଉରି ସମସ୍ତଙ୍କୁ ସବାରୀ ପାଲିଙ୍କିରେ ବୋହୁଛନ୍ତି ଶୁଭକାମ ଓ ଠାକୁରଙ୍କ ପାଖରେ ଶଙ୍ଖ ବଜାଉଛନ୍ତି, ସେଥିରେ ଛୁଆଁ ନାହିଁ, ଆମେ ପେରେମ କରି ବାହା ହେବାରୁ ଗରିବ ବୋଲି ଆମ ଲାଗି ସବୁ ଫରିବି ବାହାରୁଛି । ସେଦିନ ଗାଇପଲ ନେଇ ଫେରିବା ବେଳେ ବଡ଼ଭେଡ଼ି ପାଖରେ ଖଳ କରି ଶେଉଳଟା ଡେଇଁ ପଡ଼ିଥିଲା ଦିହେଁ ଧରି ଫେରିଲେ । ରାତିରେ ଗରମ ଭାତକୁ ଶେଉଳ ଝୋଳ ଗୁଣ୍ଡା ଟାଣି ନେବ ଭାବି ତରତର ହୋଇ ଟେକି ତାକୁ କାଟି ଧୋଇ ହଳଦୀ ଲୁଣ ଗୋଳେଇଲା, ରାତିରେ ସୋରିଷ ବଟା ଦେଇ ଚାଟଣ କରିବ ।

ଗାଁର ବଦମାସ ପିଲାଙ୍କ ସର୍ଦ୍ଦାର ସୁକୁଟା । ନିତି ବଦମାସୀ । କେବେ କୁମ୍ଭାରଙ୍କ କଞ୍ଚାହାଣ୍ଡି ଫୁଟା, ୟା ଧଡ଼ା ତା ଘରେ ପକାଇ ଖୁଣ୍ଟରେ ଏମିତି କରନ୍ତି । ଗାଁ ସାରା ନିତି ସକାଳେ ଝଗଡ଼ା । ଆଜି ପ୍ଲାନ ଟେକି ଘରକୁ ଟେକାମାଡ଼ ହେବ ? ରାତି ନଅଟା ବେଳକୁ ଟେକି ଚୁଲିରେ ବସାଇଛି ତରକାରୀ ଓ କିଲିବିଲିଆ କୁଣ୍ଢେଇ ବସିଛି ଚୁଲି ଭଙ୍ଗାକୁ ଆନନ୍ଦ ମାଡ଼ ହେଲା ।

ଗରମ ଝୋଳ ଦୁହିଁଙ୍କ ଉପରେ ପଡ଼ି ଜଳୁଛି । ବାହାରକୁ ଆସି ଦେଖିବାରେ ଦଳେ ଟ୍ୟୁସନ ପିଲା ହସାହସି ହୋଇ କୁରୁଳୁଛନ୍ତି । କିଲିବିଲିଆ ଧରିନେଲା ଚଗଲା ସର୍ଦ୍ଦାର ସୁକୁଟାକୁ, କହିଲା ଚାଲ୍ ତୋ ବୋପା ପାଖକୁ ?

ଅନ୍ୟ ଟୋକା ତା'ର ହୁଡ଼୍ ଟେକି ଲଙ୍ଗଳା କରି ସାରିଲେଣି । ପୁରା ଲଙ୍ଗଳା ହୋଇ ଡାକ ଛାଡ଼ିବାରେ ଲୋକେ ଜମା ହେଲେ । କିଲିବିଲିଆ କହୁଥାଏ ଆଜି ତୋ ବୋପା ବାହାଘର ଦେଖାଇବି । ଝିଅ ମାଇପେ ତା'ର ଏ ଅବତାର ଦେଖି ଆଖିବୁଜି ଦେଲେଣି । କେହି କିଛି ବୁଝି ପାରୁନାହାନ୍ତି । ଶିରି ବାଉରାଣୀ ତାକୁ ଗାମୁଛା ପିନ୍ଧାଉଥାଏ । ସୁକୁଟା ତାକୁ ଟାଣି ଟାଣି ତା' ବାପ ପାଖକୁ ନେଲା ।

ପିଲାଏ ପଛରୁ କମେଣ୍ଟ୍ କଲେ କିଲିବିଲିଆ କିଙ୍ଗ୍ ହୁଡ଼ି ଖୋଲା ? ଏଥର ତାକୁ କିଏ ସମ୍ଭାଳେ ? କହିଲା ଆଜି ସୁକୁଟା ଦୁଆରେ ଆତ୍ମହତ୍ୟା କରିବି ? ସୁକୁଟା ବାପ ଦିଜ ଦାଶ କୁଙ୍କୁରିକାଙ୍କୁରି ହୋଇ ନେହୁରା ହେଉଥାଏ, କହୁଥାଏ ଯାହା ତମର କ୍ଷତିପୂରଣ ହୋଇଛି ମୁଁ ଦେବି ? ତା ସତ୍ତ୍ୱେ ବି ସେ ଭୂମିରେ ପଡ଼ି ଗଡ଼ି ଯାଉଥାଏ ।

ଟେକି କବାଟ ଆଉଜାଇ ମାଛ ତରକାରୀରୁ ଭଙ୍ଗା କୂଅନନ୍ଦ କାଢ଼ି ନଦିଆ ଘୋଡ଼େଇ ଆସିଛି । ଅନ୍ଧାରୁଆ ଖୋଜି ଖୋଜି ସେଠି ହାଜର ହୋଇ ଢଗ ପକାଉଥାଏ 'ବିଲୁଆ ମାଇପ ମେଳେ, କୃଷ୍ଣ ମାତିଥିଲେ ଲଉଡ଼ି ଖେଳେ, ଗୋଳ ହେଲା ଏଇ ବେଳେ । କ'ଣ ପାଇଁ ଆମପରି ଗରିବ ଲୋକଙ୍କୁ ଏତେ କଷ୍ଟ ଦେଉଛ ଦଣ୍ଡ ଦେଉଛ ତୁମ ବାଉଁଶ ବୁଡ଼ି ଯାଉ, ରଖେଇ ଦେଉନା କହିଲା ଟେକି । ଅନ୍ଧାରରେ ଦଳେ ତା'ର ଲୁଗା ଟାଣି ଦେଇ ଧରି ଦୌଡ଼ି ପଳାଇଲା । ସାୟା ବ୍ଲାଉଜ ଥାଇ ସେ ବି ଅଧା ଲଙ୍ଗଳା । ସେଇ ଅବସ୍ଥାରେ କହୁଥାଏ 'ଗରିବ ମାଇପ ସବୁରି ଶାଳୀ' । କ'ଣ ଦେଖିବ ଦେଖ ? ଯଦି ତମ ମା' ଭଉଣୀଙ୍କର ନାହିଁ ମୁଁ ପୁରା ଟେକି ଦେଉଛି ? ତା'ର ରଣଚଣ୍ଡି ବେଶ ଦେଖି ଗାଁ ମାଇପେ ତାକୁ ଘୋଡ଼ଇ ପକେଇଲେ । ନିଶାପ ହେବାକୁ କାଲିକୁ ସ୍ଥିର ହେବାରେ ଦୁହେଁ ଘରକୁ ଫେରି ଖିଆପିଆ କଲେ ।

ଆଗଚଲା କପିଳା ଭୋଇ ଗାଁ ମୁରବୀଙ୍କୁ କହି ଆସିଛି କାଲି ସନ୍ଧ୍ୟାରେ କାଗେଜି ଘର ପାଖରେ ନିଶାପ ହେବ । ସଞ୍ଜରୁ ଲଣ୍ଠନ ଜାଳି ହେଁସ ପକେଇ ଦି'ପ୍ରାଣୀ ବସିଛନ୍ତି । ଧୀରେ ଧୀରେ ଗାଁ ମୁରବୀ ମେଳ ହେଲେ ।

କଥା ପଡ଼ିବାରୁ ପ୍ରଥମେ ନାଗା ଦଳ କହିଲେ ଏ ଅଜାତିଆର ନିଶାପ କେବେ ହୋଇପାରିବନି ? ବାଉରି ସାଇଆ ଠେଙ୍ଗା ବାଡ଼ି ଧରି ତୟାର । କହୁଥାନ୍ତି ସେକି ଦେବୁ ରୁଟି ଭଲିଆ କ'ଣ ଭାବିଛ, ନିରୀହ ଲୋକ ବୋଲି ତା' ପାଇଁ ନ୍ୟାୟ ନାହିଁ ? ଟାଙ୍କେ ପିଇ ଯାଦୁଆ ଆସି ରୋଳ କାଢ଼ିଲାଣି କହି ଧସ୍ତାପେଲା, ଟେକି ଟେକି ଦେଲା ହୁଡ଼ ତା'ର କାଗେଜି ଦେଉଛି ଗୋଲା । ଗାଁ ଟାଉଟର ନାରଣ ହାତଗୁଞ୍ଜା ନେଇ ସୁକୁଟା ପାଇଁ ଯୁକ୍ତି କରୁଛି ସେ ଢେଲା ମାରିବାର

ପ୍ରମାଣ କ'ଣ ? ତମେ ତ ଘର ଭିତରେ ଥିଲା, ପିଲା ବାହାରେ କବାଟ ଖୋଲି ଗୋଡ଼ାଇବାରୁ ଦୌଡ଼ିଲେ । ସୁକୁଟା ଢେଲା ମାଡ଼ରେ ତୋ ମାଛ ତରକାରୀ ଝୋଳ ପଡ଼ି ଫୁଟୁକା ହେବାକଥା କଥାଟା ମିଛ । ସୁଦର୍ଶନ ଭାଇ କଥାଟାକୁ ପାକଳ କରି କହିଲେ 'ନିଆଁ ନଥିଲେ ଧୂଆଁ ନାହିଁ ।' କଥାଟା ଦୁଇଆଡ଼କୁ ପାଇଲା ।

ଗାଁ ନ୍ୟାୟ ନିଶାପରେ ଗରିବ ବଡ଼ଲୋକ ହୁଏ ଏବଂ ସେଇ ଧାରାରେ ସମସ୍ତେ ଏଇ ନିଶାପ ଆଗେଇ ନେବାକୁ ପ୍ରସ୍ତୁତ । ଟେକି ଓ କିଲିବିଲିଆଙ୍କ ଏକା ଜିଦ୍ ଠିକ୍ ନ୍ୟାୟ ନ ପାଇଲେ ସୁକୁଟା ଦୁଆରେ ଆତ୍ମହତ୍ୟା କରିବେ ? ଯେତେ ବୁଝେଇଲେ ବି ସେମାନେ ମାନିବାକୁ ପ୍ରସ୍ତୁତ ନୁହଁ । ବାଧ ହୋଇ ସୁକୁଟାର ବାପ ଦ୍ୱିଜ ମାମୁଁ ହାତଯୋଡ଼ି ସେମାନଙ୍କୁ କ୍ଷମା ମାଗିବା ସହ ଆଉ ଏପରି ହେବନି କହିଲା ପରେ ଦୁହେଁ ଖୁସ୍ ।

ଟେକି କାଗେଜିକୁ ବୁଝାଉଥାଏ, ପରାଣ ଧନ ତମେ ଆଉ ଏତେ ରାଗନା, ବ୍ରାହ୍ମଣ ଲୋକଟା ଭୁଲ୍ ମାଗିଲାଣି, ଛାଡ଼ । ଗାଁ ଟୋକା ରାଗିଲେ ଆମକୁ ରଖେଇ ଦେବେନି । କିଲିବିଲିଆ ଓରଫ କାଗେଜି କହୁଥାଏ- ରହ ଏଥର ଆମ ସହ କିଏ ଲାଗୁ ତାକୁ ଯଦି ପାନେ ନ ଦେଇଛି ମତେ କହିବୁ ?

ସାତ ଆଠଦିନ ପରେ ଦୁହେଁ କଥାବାର୍ତ୍ତା ହେଲେ ଅଢ଼େଇଶ ଖାସି ମାଂସ ଆଣି ଝୋଳ କରି ଖାଇବେ ? ଟେକି କହୁଥାଏ ମତେ ତ ସାଗୁଆତି ରୋଷେଇ ଆସେନି ? କାଗେଜି କହିଲା ବାଡ଼ିରୁ ପୋଇନାଟି କାଟି ଆଣି ସୋରିଷ ବାଟଣ ସହ କସି ପୋଇନାଟି ପକାଇ ଦେଇ ଦୁକୁଦୁକୁ ହେବାପରେ ତରକାରୀ ଓହ୍ଲାଇଲା ବେଳେ ଟିକେ ଗୁଡ଼ ଗୋଳେଇ ଦେବୁ, ଚୋଖା ଝୋଳ ହେବ । ହଉ ତମେ ବସି କହି ଦେବ ?

ଏକଥା ଭୋଇ ହାଲକଲା ପରେ ଗଧ ଚଢ଼ା ପୁଅ ଆରମ୍ଭ କଲା 'ବଉଁ, ଶାଗୁଆତିରେ ପୋଇ ଗୁଡ଼ ଦେଇ କଲୁ କେମିତି ଲାଗିବ ? ଟେକି କି ଆଉ ସମ୍ଭାଳେ, କଚ୍ଛାଭିଡ଼ି ଝଟାଝଟା ଆରମ୍ଭ କଲା । କାଗେଜି ପହଞ୍ଚିବାରୁ ଟୋକାଏ କିଲିବିଲିଆ କିଙ୍ଗ୍ ଆସିଲା ବାଟ ଛାଡ଼ କହି ସେ ଟେକିକୁ ସମର୍ଥନ କରି ଝଗଡ଼ାରେ ଲାଗିଗଲା । ଯାହା ଅଳ୍ପ ପ୍ରଚାର ହୋଇଥିଲା କଥାଟା ପୁରା ପ୍ରଘଟ ହେବାରୁ ବାଟୋଇ ନଛମନ ଯୋଡ଼ିଦେଲା ଶାଗୁଆତିରେ ପୋଇଗୁଡ଼ ଦେଇ ନଖାଇ କ'ଣ ଧୋବଲା ପିଆଜ ଖାଇବେ ? ପୁରା ରାସ୍ତାଟା ଯୁଦ୍ଧକ୍ଷେତ୍ର । କଲିକତି କଲିଘୁଡ଼ି ବେଶି କଲିଘୁଡ଼ି ଝଗଡ଼ା ପରି କି କହୁଥାଏ ଧୋବଲା ପିଆଜ ଆଉ କିଏ ଶାଗୁଆତି ପୋଇନାଟି ଗୁଡ଼ ? ବିଚରା ସ୍ୱାମୀ ସ୍ତ୍ରୀ ଦିଇଟା ଲମ୍ବ ଝାଲପଟା ହୋଇ ତଳେ ଶୋଇଗଲେ ।

ଭୟରେ ଲୋକେ ପାଣିସିଞ୍ଚି ସ୍ପ୍ରେ କଲେ । ଦୁହେଁ ଉଠିପଡ଼ି ଘରକୁ ଗଲେ । ଲୋକେ ଛାନିଆରେ ଯେ ଯାହା ଘରକୁ ଗଲେ । ସମସ୍ତେ କଥା ହେଉଥାନ୍ତି ଗରିବ ଦିଇଟା ମରିଯିବେ ଆଉ କେହି ତାଙ୍କ ସହ ଲାଗନାହିଁ ।

ପରଦିନ ଡାକୁଆ କପିଳା ତାଙ୍କ ଘରକୁ ଆସି ବୁଝେଇ ଦେଲା ଯାହା କହିଲେ ତମେ ଦିଇଟା ରାଗୁଛ, କେତେ ଲୋକଙ୍କ ସହ ଅପ୍ରିୟ ହେବ, କାହାରି କଥାରେ କାନ ଦିଅନି ? ଆଜିଠୁଁ ଟେକି ତତେ ଡାକିବ କିଲିବିଲିଆ କିଙ୍ଗ୍ ଆଉ ତୁ ତାକୁ ଡାକିବୁ ଟେକି ରାଣୀ ସମସ୍ତଙ୍କ ପାଟିରେ ବିଣ୍ଡା ପଶିଯିବ ।

ପରଦିନଠାରୁ ଶୁଣାଗଲା ଦୁହେଁ ଦୁହିଁଙ୍କୁ ଏଇ ନାଁରେ ଡାକୁଛନ୍ତି । ଦେଖିବା ଲୋକେ କହୁଥାନ୍ତି ଗରିବ ଦିଇଟାଙ୍କୁ କିଲିବିଲି କରୁଥିଲେ, ଏଥର ସେମାନେ ନିଜେ ବୁଝିପାରି ବଞ୍ଚିଗଲେ । ଏଥର ଦୁହେଁ କିଲିବିଲିଆ କିଙ୍ଗ୍ ଓ ଟେକି ରାଣୀ ଡାକ ଗାଁରେ ଗାଇ ଗାଁ ବାଲା ଏବଂ ସେ ଦୁହେଁ ଉଭୟ ଖୁସ୍ ।

ସଭାପତି, କେନ୍ଦ୍ରାପଡ଼ା ଜିଲ୍ଲା ସାରସ୍ୱତ ସଂଗଠନ
ଅଢ଼ାଖଣ୍ଡ, ଅଇନିପଡ଼ା,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା-୭୫୪୨୧୫
ଦୂରଭାଷ : ୯୯୩୮୮୪୮୫୪୯

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଅଭିଶାପ

ଶମ୍ଭୁନାଥ ଦାସ

ଏଡ଼େ ଚାଲାକ ଚତୁର ସିଏ । ମୋ ଦେଖାନ୍ତରେ ତିନିଥର ତା' ନାଁ ବଦଳେଇ ସାରିଲାଣି । କିଏ ଜାଣେ, କାହାକୁ ପାଣିରେ ବୁଡ଼େଇ ମାରିଥିବ ତ, କାହାକୁ ନିଆଁରେ ପୋଡ଼ି ମାରିଥିବ ! ଏଇତ ସମସ୍ତଙ୍କ ଆଖିରେ ଆଙ୍ଗୁଳି ଖେଞ୍ଚି ଏମିତି କ୍ଷୀରକୁ ମୁର୍ଗୀ କରି ମୋଡ଼ିଦେଲା ଯେ, ଦେଖିଲେ ଆଖିରୁ ଅତଡ଼ା ଖସି ପଡୁଛି । ପ୍ରଥମେ ତା ତା' ନାଁ ଥବଲା 'ଶାଗୁଆତି', ମଝିରେ 'ମାଉଁସ' ବୋଲି ନାଁ ରଖିଥିଲା, କିନ୍ତୁ ଏବେ 'ମାଂସ' ବୋଲି ନ ଡାକିଲେ ସେ ଶୁଣୁ ନାହିଁ । ଛାଡ଼, ତା' ନାଁ କଥା; କ୍ଷୀରକୁ ସେ କେମିତି ମୁର୍ଗୀ କରି ଚଳୁ ବୁଲାଇଲା, ତାହା ଆମର ଜାଣିବାର କଥା ।

ମାଂସ ଓ ଭାତର ଘନିଷ୍ଠ ବନ୍ଧୁତା ଏବଂ କ୍ଷୀର ଓ ଭାରତ ଘନିଷ୍ଠ ବନ୍ଧୁତା ସମସ୍ତେ ଜାଣନ୍ତି । କିନ୍ତୁ ମାଂସ ଓ କ୍ଷୀରର ଦଣ୍ଡେ ପଡ଼େ ନାହିଁ । ମାଂସ ସବୁବେଳେ ଭାତକୁ କହେ, 'ମୋତେ ଟିକେ କ୍ଷୀର ସହିତ ଭାବଦୋସ୍ତି କରେଇ ଦିଏ !' ଭାତ କିନ୍ତୁ ତା' କଥା ଶୁଣେନା । ମାଂସ ଲାଞ୍ଚ ଦେଖାଏ ଆଉ ଯେତେ ଧମକ-ଚମକ କଲେ ବି ଭାତ କିନ୍ତୁ ଦଲାଲି କରେନା, କି ଏ ଘର ମାଉସୀ ସେ ଘର ପିଉସୀ ହୁଏନାହିଁ । ମାଂସ ନିରୁପାୟ ହୋଇ ଭାବିଲା- 'ମଣିଷଗୁଡ଼ାକ କ'ଣ କି ତନ୍ତର-ମନ୍ତର, ଗୁଣି-ଗାରେଡ଼ି କରି କେତେ କେତେ ସରଳ ନିରୀହକୁ ବେକ ମୋଡ଼ି ନଚାଉଛନ୍ତି ତ, କିଏ ଆଉ କା' କାନ୍ଧରେ ବନ୍ଧୁକ ରଖି ଗୁଳି ଫୁଟାଉଛନ୍ତି । ତେବେ ମୁଁ ଏହି ସାମାନ୍ୟ କ୍ଷୀରଟାକୁ କ'ଣ ଚଳୁ ବୁଲେଇ ପାରିବି ନାହିଁ ?

ଲେମ୍ବୁ ସାଙ୍ଗରେ ମାଂସର ଟିକେ ପରିଚୟ ଥାଏ । ଥରେ ସେ ଲେମ୍ବୁକୁ କଅଁଳେଇ ସଅଁଳେଇ କହିଲ, "ତୋ ଭଳିଆ ଉପକାରୀ ବନ୍ଧୁ ଜଗତରେ ନାହାନ୍ତି । ସମସ୍ତଙ୍କର ଉପକାର କରି କରି ତୁ ମହାନ୍ ହୋଇଗଲୁଣି । ଦୁନିଆ ଯାକର ରୋଗ ଭଲ କରୁଛୁ, ଦୁଃଖ ଦୂର କରୁଛୁ, କଳି-କଜିଆ ମେଣ୍ଟେଇ ଦେଉଛୁ, ଆଉ ତୋର ମୋର ଏତେ ଦିନର ଭାବ-ଦୋସ୍ତି; ମୋର ମନର ଯନ୍ତ୍ରଣାକୁ ତୁ କ'ଣ ଲାଘବ କରିବୁ ନାହିଁ ? ଲେମ୍ବୁ ହସି ହସି କହିଲା, 'ତମଭଳି ପରାକ୍ରମୀ ଦାନବର ପୁଣି ଯନ୍ତ୍ରଣା କ'ଣ ? ହଉ କୁହ, ମୋର ଯଦି କ୍ଷମତା ଥିବ, ମୁଁ ନିଶ୍ଚୟ ସାହାଯ୍ୟ କରିବି !

ଏଥର ମାଂସ ଲେମ୍ବୁ ପିଠିକୁ ଟିକେ ସାଉଁଳେଇ କହିଲା- କ୍ଷୀର ସହିତ ମୋର ଟିକେ ଭାବଦୋସ୍ତି କରେଇ ଦିଏ ।... କଥାଟା ଶୁଣି ହଠାତ୍ ଲେମ୍ବୁର ମୁଣ୍ଡ ବୁଲେଇ ଦେଲା । କ'ଣ କରିବ କିଛି ବୁଦ୍ଧିବାଟ ଦିଶିଲା ନାହିଁ । କଥା ତ ଦେଇସାରିଛି, ବାଧ ହୋଇ ମାଂସକୁ ପ୍ରତିଶ୍ରୁତି ଦେଲା- ହଉ ଠିକ୍ ଅଛି !

କ୍ଷୀର ଶୋଇ ପଡ଼ିଲେ ଲେମ୍ବୁ ଯାଇ ତା' ଦେହରେ ସବାର ହୋଇଯାଏ । କେଇ ଘଣ୍ଟା ପରେ କିମ୍ବା ତା'ପର ଦିନକୁ କ୍ଷୀର ଦହି ପାଲଟି ଯାଇ ମାଂସ ପାଖକୁ ଯିବାପାଇଁ ପାଗଳୀ ପରି ନାଚି ଉଠେ । କ୍ଷୀରକୁ ଚଳୁ ବୁଲେଇବାର କୌଶଳ ବାସ୍ତବିକ ମାଂସର ଖୁବ୍ ବଡ଼ ଜିଜାପଟ ହୋଇଗଲା ।

ଏ କଥା ଶୁଣି ଗୋମାତା ଆଖିରୁ ଲୁହ ଝରିଗଲା । ତା' ମୁଣ୍ଡକୁ ବିଷ ଉଠିଗଲା । ସେ ଲେମ୍ବୁକୁ ଅଭିଶାପ ଦେଇ କହିଲା, "ସକଳଖିଆ.. ଅଳପେଇସିଆ... ଘରବୁଡ଼ା, ତୋ ଦିହରେ କଣ୍ଟା ହୋଇଯାଉ; ଲୋକ ସବୁ ତୋତେ କଞ୍ଚାଲଙ୍କା ସାଙ୍ଗରେ ରସି ଲଗେଇ ଦୁଆରେ ଦୁଆରେ ଟଙ୍ଗୋଉନ୍ତୁ ।'

ଏ କଥାରେ ମାଂସର ଯାଏ କେତେ ଆସେ କେତେ ! କାମ ହାସଲ ହୋଇଗଲା ତ, ବାସ୍ । ଏବେ ପୁଣି ସେ ସ୍ଲୋଗାନ ଦେଲାଣି, ମୋତେ ମଟନ୍ କି ଚିକେନ ଡାକ...! ସତରେ କି ବୁଦ୍ଧି ସେ ଶଇତାନର ! ଅଭିଶାପ ତ ତାକୁ କେହି ଦେଇ ପାରୁନାହାନ୍ତି; ସେ କାହାର ବରଦାନ ପାଇଛି କେଜାଣି !

ମୁଖ୍ୟ ସଂପାଦକ, 'ଅଭିଯାନ'
୧୨/୧, ମୟୁରଭଞ୍ଜ ରୋଡ୍, କୋଲକାତା-୭୦୦୦୨୩
ଦୂରଭାଷ : ୦୯୦୩୮୩୯୭୧୩୫

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ପୂଜାଫୁଲ

ଅଧ୍ୟାପକ ପର୍ଶୁରାମ ଓଝା

ଫୁଲ ସବୁଠି ଫୁଟେ । ଗାଁରେ ଓ ସହରରେ । ଫୁଲ ଫୁଟିଲେ ତ ମହକ ବିଞ୍ଚି ହେଇଯାଏ, ପୁଲକିତ ହେଇଯାଏ ତା'ର ଚତୁଃପାର୍ଶ୍ୱ । ସୁଗନ୍ଧର ମହିମାରେ ମହିମାମୟ ଏମିତି ଗୋଟାଏ ଫୁଲର ନାଁ ସମ୍ପର୍କ । ମମତା ଓ ସ୍ନେହ ତା'ର ଦୁଇ ପାଖୁଡ଼ା । ମମତା ଟିକିଏ ଦେଇ ଶିଖିଲେ, ପର ହୁଏ ଆପଣାର । ଝରିଯାଏ ସ୍ନେହର ନିର୍ଝରିଣୀ ଝର ଝର ହୋଇ । ବାଟ ଓଗାଳି ଓଳଗି ହୁଏ ଆନ୍ତରିକତା । ପ୍ରତିଷ୍ଠା ହୁଏ ବନ୍ଧୁତ୍ୱର ମଝବୁତ୍ ସେତୁ । କିନ୍ତୁ କେବେ କେବେ ବାହ୍ୟ ପ୍ରାକୃତିକ ବନ୍ୟାରେ କ୍ଷତବିକ୍ଷତ ହୁଏ ସେତୁ । ନିଷ୍ଠୁର ବନ୍ୟା ଗଳିଆ ମେଲେଇ ପ୍ରବେଶ ଦ୍ୱାରର ରାସ୍ତା ଖୋଜେ । ଶେଷରେ ସମାଧାନର ରାସ୍ତା ଖୋଜୁ ଖୋଜୁ ମନେ ପଡ଼ିଯାଏ ପିଲାଦିନେ ଜେଜୀମା ପାଖରୁ ଶୁଣିଥିବା ସେଇ ଢେଗ...

– କଥାଟିଏ କହୁ

– କିସ କଥା

– ବେଙ୍ଗୁଲି କଥା... ।

ଗୁଡ଼ାଏ ଅଡୁଆ ତଡୁଆ ପ୍ରଶ୍ନ ପରି ସମସ୍ୟା ଓ ଅସମ୍ଭବ ସମାଧାନର ଚିନ୍ତାଧାରା !

x x x

ଏମିତି ଚିନ୍ତାରେ ବୁଡ଼ିଯାଇ ଅଶ୍ରୁସିକ୍ତ ହେଇ ଯାଉଥିଲା ସୁରଜର ନୟନ । ଗଡ଼ି ପଡୁଥିଲା ଲୁହର ଧାରା ବୁନ୍ଦ୍ ବୁନ୍ଦ୍ ହେଇ । ଫୁଲ ଦେଇଥିବା ଚିଠି ଆଖି ଲୁହରେ ଭିଜି ଯାଇଥିଲା । ମନେ ହେଉଥିଲା ସତେ ଯେମିତି ତା' ପାଦତଳୁ ପୃଥିବୀ ଖସି ଖସି ଯାଉଛି ଓ ସେ ଗୋଟାଏ ବିରାଟ ଗର୍ତ୍ତ ଭିତରେ ଜିଇଁବା ଓ ମରିବାର ମିଶାଣ ଫେଡ଼ାଣ କରିଚାଲିଛି । ଭ୍ରମରକୁ ଏସବୁ ଗୋଲକ ଧନ୍ଦା ପରି ଲାଗୁଥିଲା । ଫୁଲ ତା ଚିଠିରେ କ'ଣ ଏମିତି ଲେଖିଚି ଯେ, ତା'ର ଅନ୍ତରଙ୍ଗ ବନ୍ଧୁ ସୁରଜ ସହରର ପ୍ରତିଷ୍ଠିତ ଡାକ୍ତର ଏବେ କୋହ ଉଠାଇ କାନ୍ଦୁଛନ୍ତି ! ଆଶ୍ଚର୍ଯ୍ୟ ହୋଇ ପଚାରିବାକୁ ଚେଷ୍ଟା କରନ୍ତେ ସୁରଜ ଭ୍ରମର ହାତକୁ ବଢ଼େଇ ଦେଲା ଚିଠିଟି । ପଢ଼ିବା ଆରମ୍ଭ କଲା ଭ୍ରମର ।

x x x

ପରମ ଆରାଧ୍ୟ ସୂର୍ଯ୍ୟଦେବ !

ମୁଁ ତୁମ ଫୁଲ । ଦେବ ଦେବ ମହାଦେବଙ୍କ ପୁରନ୍ତା ପୁଷ୍କରିଣୀର ଗଭୀର ଗଣ୍ଡରୁ ମୋର ଜନ୍ମ । ସାତ ତାଳ ପଙ୍କରୁ । ତେଣୁ ମୁଁ ପଙ୍କଜ ମାନେ ପଦ୍ମଫୁଲ । ସଂପୂର୍ଣ୍ଣ ଭାବେ ସୂର୍ଯ୍ୟଦେବଙ୍କ ପାଇଁ ଉତ୍ସର୍ଗୀକୃତ । ମୋର ସ୍ୱପ୍ନରେ ଓ ବାସ୍ତବରେ, ନିଦ୍ରାରେ, ଜାଗରଣରେ, ଅଧ୍ୟୟନରେ ଓ ଚିନ୍ତନରେ... ତୁମେ ମାନେ ସୂର୍ଯ୍ୟଦେବ ହିଁ ମୋର ଆଖଣ୍ଡ ମନ ରାଇଜର ମଉଡ଼ମଣୀ ଓ ଏକଛତ୍ରବାଦୀ ଶାସକ । ତୁମେ ମୋର ଉପସ୍ଥିତ ପ୍ରେମିକ ଓ ମୁଁ ତୁମ ପ୍ରେମିକା ।

ଏମିତି ଦିନେ ତୁମ ଅମର ପ୍ରେମର ମଦିରା ପିଇ ଦେଇ ନିଶାରେ ଚୁର୍ ହୋଇ ଯାଇଥିଲି ମୁଁ । ପାଲଟି ଗଲି ପାଗଳିନୀ ଓ ହରେଇ ବସିଲି ମୋ ନିଜସ୍ୱ ସତ୍ତା । ଦିନେ ତୁମ ସାନ୍ନିଧ

ପାଇଁ ମେଲେଇ ଦେଇଥିଲି ମୋର ଶାଖା ପ୍ରଶାଖା । କିନ୍ତୁ ମୋ ଅଜାଣତରେ କେତେବେଳେ ଧାଇଁ ଆସିଲା ଗାୟକ ଭ୍ରମର । ତା' ଗୀତର ସୁର ଶୁଣୁ ଶୁଣୁ ବିଭୋର ହେଇଗଲି ମୁଁ । ଶେଷରେ ସେ ବି ପାଲଟି ଗଲା ସହନାୟକ । ମୋ ମନ ରାଇଜର ସେ ପୁରୁଣା ଦଣ୍ଡଟା ଧରି ସେ ବି ଶାସକ ହେବାକୁ ଆଗ୍ରହୀ । ଏବେ ମୁଁ ଭାବି ପାରୁନି, ମୋ କ୍ଷୁଦ୍ର ରାଇଜର ରାଜା ମୁଁ କାହାକୁ କରିବି ! ନା ସୂର୍ଯ୍ୟଦେବଙ୍କୁ... ନା ଭ୍ରମରଙ୍କୁ !! ନା ଭ୍ରମରଙ୍କୁ ନା ସୂର୍ଯ୍ୟଦେବଙ୍କୁ !! ସମାଜର କଠୋର ନୀତି ଓ ପରମ୍ପରା ମତେ ହାତ ଦେଖେଇ ଥଟ୍ଟା କରୁଚି । କହୁଚି- "ଫୁଲ, ତୁ ଅସତୀ, କୁଳଟା ଆଉ ବହୁ ପୁରୁଷ ଭୋଗ୍ୟା ଇତ୍ୟାଦି ଇତ୍ୟାଦି ।

x x x

ସେଦିନ ମେଟ୍ରିକ୍ ରେଜଲ୍ଟ ବାହାରୁଥାଏ । ସବୁ ପରୀକ୍ଷାର ଗଣଦୌଡ଼ରେ ସମସ୍ତଙ୍କୁ ଜିତି ଯାଉଥିଲେ ମଧ୍ୟ ପାରେନି ତୁମକୁ । ସେଥିପାଇଁ ବର୍ଷସାରା କଠିନ ପରିଶ୍ରମ କରିଥାଏ ଓ ସଂକଳ୍ପ କରିଥାଏ ତୁମକୁ କାଟିବାକୁ । ସ୍କୁଲକୁ ରେଜଲ୍ଟ ବହି ନେଇ ହେଡ଼ସାର୍ ଆସିଲେ ଓ ମତେ 'କଙ୍ଗ୍ରାଜୁଲେସନ୍' କହିଲେ । ଖୁସିରେ ମୋ ପେଟ ପୁରିଗଲା । କହିଲେ- "ଫୁଲ, ତୁ ପୋଜିସନ ପାଇଚୁ । ତୁ ଓଡ଼ିଶାରେ ପଞ୍ଚମ ଓ ସୁରଜ ଦ୍ୱିତୀୟ ।"

ମୁଁ ପୋଜିସନ ପାଇଚି । ମୋର ସ୍ଥାନ ଓଡ଼ିଶାରେ ପଞ୍ଚମ ! ଆଃ, ଏତେ ଖୁସି ମୁଁ ସହି ପାରିବିନି ! ମତେ ଲାଗିଲା ସରଗର ଚାନ୍ଦ ଯେମିତି ଆପଣା ଛାଏଁ ମୋ ହାତରେ ଧରା ଦେଇଚି ଓ ମୁଁ ତାକୁ ନେଇ କ'ଣ କରିବି କିଛି ଚିନ୍ତା କରି ପାରୁନି ! କିନ୍ତୁ ସାର୍ କହିଲେ- ତୁମ ସ୍ଥାନ ଦ୍ୱିତୀୟ ଓ ମୋର ସ୍ଥାନ ପଞ୍ଚମ । ମୋଠାରୁ ଢ଼େର ବେଶୀ । ଶେଷ ଚେଷ୍ଟାରେ ମଧ୍ୟ ତୁମକୁ କାଟି ପାରିଲିନି ! ଏ ଅବଶୋଷ ମୋର ରହିଗଲା । ଈର୍ଷାରେ ତୁମ ଉପରେ ମୋର ଭୀଷଣ ରାଗ ଆସିଲା... ତା' ସହିତ ପରୀକ୍ଷକଙ୍କ ଉପରେ ମଧ୍ୟ । ବେଷ୍ଟ ଟେନ୍‌ଥ ମୋର ଯେତିକି ଦରକାର ନଥିଲା, ବରଂ ତା'ଠାରୁ ବେଶୀ ଦରକାର ଥିଲା ତୁମକୁ କାଟି ସ୍କୁଲରେ ଫାଷ୍ଟ ହେଇଥାନ୍ତି ! ପରାଜୟର ଗ୍ଲାନିରେ ଦୁଇ ଅସରା କାନ୍ଦି ପକେଇଲି । ସିଧା ଦୌଡ଼ିଲି ବଗିଚାରେ ଥିବା କୃଷ୍ଣଚୂଡ଼ା ଗଛ ପାଖକୁ । ନିଜକୁ ଧିକ୍କାର କରିବାକୁ ଲାଗିଲି । ଘରେ ଯେ କେମିତି ଏ ପରାଜୟର ଖବର ଜଣେଇବି, ଭାବି ପାରୁ ନଥିଲି ।

ହଠାତ୍ ପଛ ପଟରୁ ଆସି ତୁମେ ମୋ ଆଖି ଧରିଲ । ଠିକ୍ ଅନୁଭବ କରି ପାରିଲି ତୁମର ଉପସ୍ଥିତି । ରାଗରେ ତୁମ ହାତ ଛିଞ୍ଚାଡ଼ି ଦେଲି । ତୁମେ କିନ୍ତୁ ସବୁଥର ପରିକା ହସୁଥାଅ । ମୋ ସଫଳତାରେ ଖୁସି ବୋଲି ଜଣାଇଲ । ତଥାପି ମଧ୍ୟ ଅଭିମାନରେ ତୁମକୁ ମୁଁ କିଛି କହୁ ନ ଥାଏ । ଶେଷରେ ମୋ ଅଭିମାନର ଭାଷା ଠିକ୍ ପଢ଼ି ପାରିଲ ଓ କହିଲ- "ଫୁଲ ମତେ କାଟି ପାରିଲୁ ନାହିଁ ବୋଲି ମତେ କଥା କହିବୁନି ? ତୁ ତ ଜାଣିଚୁ ଆଜି ଠାରୁ ଆମ ସ୍କୁଲ ଜୀବନ ଏତିକି । ଭବିଷ୍ୟତରେ ତୋ ସହିତ ଏଇ ପ୍ରତିଯୋଗିତା ରଖିପାରିବି କି ନାହିଁ କହି ପାରିବିନି । ପୁଣି ତୋ ଭଳି ଏତେ ମେଧାବୀ ଛାତ୍ରୀ ଏଇ ଟିକିଏ କଥାରେ ଭାଙ୍ଗି ଗଲେ ଚଳିବ ! ମନେରଖ, ତୋର ମୋର ଅତି ବେଶୀରେ ପାଞ୍ଚ ମାର୍କ ଭିତରେ ଫରକ ଥାଇପାରେ । ଏତେ କମ୍ ମାର୍କରେ ପାର୍ଥକ୍ୟ ଦେଖା ଯାଏନି । ପ୍ରକାରନ୍ତରେ ଦେଖିବାକୁ ଗଲେ, ଆମ ଦୁଇଜଣଙ୍କର ଦକ୍ଷତା ଏକ । ଏ କଥା ହେଡ଼ସାର୍ କହୁଥିଲେ । କ'ଣ ତଥାପି କଥା କହିବୁନି ?"

ପରେ ମୁଁ ଟିକେ ହସି ଦେଲି । ପରେ ତୁମେ କହିଲ- 'ଚାଲ ତୋ ବାପାଙ୍କ ଆଗରେ ତୁ ଫାଷ୍ଟ ଓ ମୁଁ ସେକେଣ୍ଡେ ବୋଲି କହିଦେବି । ଆରେ ଆ ନା, ଆ ପ୍ଲିଜ୍...!'

ତା'ପରେ ଟାଣି ଟାଣି ମତେ ସେଠାରୁ ନେଇଗଲ । ସବୁ ରାଗ ଓ ଅଭିମାନ ମୋର ପାଣି ଫୋଟକା ପରି ମିଳେଇ ଗଲା । ହଠାତ୍ ମୋ ମନରେ ତୁମପାଇଁ ଏକ ଅଜ୍ଞାତ ଶୂନ୍ୟସ୍ଥାନ ସୃଷ୍ଟି ହେଇଗଲା, ପରେ ପରେ ତୁମେ ମଧ୍ୟ ସହଯୋଗ କଲ । ତୁମର ମୋର ଭଲପାଇବା ସିଲଟରେ ପ୍ରେମର ପ୍ରାରମ୍ଭିକ ସ୍ୱରଲିପି ଅ ଆ.. ଇ ଈ ଲେଖି ହେଇଗଲା ।

ସ୍କୁଲ ଗେଟ୍ ପାଖରେ ଭ୍ରମର ଦେଖାହେଲେ । ପରସ୍ପରକୁ ଅଭିନନ୍ଦନ ଜଣାଇ ଖୁସି ମନେଇଲ । ଆମ ଦୁହିଁଙ୍କର ସଫଳତାରେ ସେ ଭାରି ଖୁସି । ସେ ମଧ୍ୟ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଇଥାନ୍ତି । ଭ୍ରମରଙ୍କର ଚମତ୍କାର ସ୍ୱର । ଥରେ ଭ୍ରମର ମୋ ରଚିତ ଏକ ସଂଗୀତ ବୋଲି ଇଣ୍ଟର ସ୍କୁଲ କମ୍ପିଟେସନ୍‌ରେ ପ୍ରଥମ ହେଇଥିଲେ । ସେବେଠାରୁ ସେଇ ଗୀତଟି ପ୍ରତି ମୋର ଭାରି ଦୁର୍ବଳତା । ଗୀତଟି ଥିଲା-

ତୁମେ କହୁଥିଲ ତୁମ ମନକଥା
ମୋର ମନକଥା ମୁହିଁ,
ଆମ ଦୁହିଁଙ୍କର ମନକଥା
ଏବେ ଯାଇଚି କବିତା ହୋଇ... ।

ତୁମେ ନାମ ଲେଖେଇଥିଲ ଭୁବନେଶ୍ୱରର ଏକ ସୁନାମଧେୟ ଶିକ୍ଷାନୁଷ୍ଠାନରେ ଓ ଭ୍ରମରଙ୍କ ସହ ମୁଁ ଗାଁ କଲେଜରେ ନାମ ଲେଖେଇଲି ।

ସହରକୁ ଯିବାର ପୂର୍ବଦିନ ମହାଦେବଙ୍କ ବେଢ଼ାରେ ତୁମକୁ ମୁଁ ଦେଖା ହେଲି । ଇଚ୍ଛା ହେଉଥିଲା ତୁମକୁ ପୁରା ଲୁଚେଇ ରଖିଦେବା ପାଇଁ ! କିନ୍ତୁ ଭବିଷ୍ୟତ ଗଠନ କରିବା ପାଇଁ ତ ଆମକୁ କିଛି ତ୍ୟାଗ ସହିବାକୁ ପଡ଼ିବନା !

ମୋ ମନର କଥା ବୁଝିପାରି ତୁମେ କହିଲ- ଆରେ ଫୁଲ, ଆସନ୍ତା ରଜ ଛୁଟିରେ ମୁଁ ଗାଁକୁ ଆସିବି । ସେତେବେଳେ ଆମ ଭଲପାଇବାର ପ୍ରଥମ ଅଧ୍ୟାୟ ଲେଖିବା । ଆଜି ପାଇଁ ଏତିକି ଥାଉ ।

ହଠାତ୍ ମୋ ଆଖିରେ ଦୁଇଧାର ଲୁହ ଆସିଗଲା । ହାତ ହଲେଇ ବିଦାୟ ମାଗୁଥିଲ ତୁମେ । ଭାବପ୍ରବଣତାରେ ତୁମର ଶୁଭ ମନାସୀ ଦୁଇପଦ ବାକ୍ୟ ମଧ୍ୟ କହି ପାରିଲିନି ! କେବଳ ଠାକୁରଙ୍କୁ ଜଣେଇଥିବା ସାର ହେଲା ।

x x x

ଆମ୍ବ ଡ଼ାଳରେ ବଉଳ କଢ଼ଟିଏ ଦେଖିଲେ, କୋଇଲିର ଫଗୁଣ କଥା ମନେପଡ଼େ, ଆକାଶରେ ବାଦଲ ଖଣ୍ଡେ ଦେଖିଲେ ମୟୂରର ଶ୍ରାବଣ କଥା ମନେପଡ଼େ । ସମୟ ବହୁତ କମ୍ ଦିନ ଥିଲେ ବି ମତେ କାଇଁ ବହୁତ ଲମ୍ବା ସମୟ ଲାଗୁଥିଲା । ଦୀର୍ଘ ପ୍ରତୀକ୍ଷା ପରେ ପହିଲି ରଜ ଆସିଥିଲା । ପ୍ରତୀକ୍ଷାର ଶେଷ ମୁହୂର୍ତ୍ତରେ ମୋର ଉତ୍କଣ୍ଠା ବଢ଼ି ଯାଇଥିଲା । ସାଙ୍ଗମାନଙ୍କ ସହିତ ଦୋଳି ଖେଳିବା ପାଇଁ ବାହାରି ଗଲି । ଦୋଳିର ସେ ଆଗିଲା ପିଛିଲା ନୃତ୍ୟର ତାଳେ ତାଳେ ମନେ ପକାଇ ଥିଲି, କେମିତି ଲେଖିବା ଆମ ଭଲପାଇବା ପୁସ୍ତିକାର ପ୍ରଥମ ଅଧ୍ୟାୟ ।

ହଠାତ୍ ସବୁ ଭାବନାର ଅନ୍ତ ଘଟାଇ ଦୋଳିର ସେ ତରଙ୍ଗାୟିତ ଢେଉରେ ପହଁରୁ ପହଁରୁ ଖସିପଡ଼ିଲି ମୁଁ । କାଳେ ମୋର ସଂଜ୍ଞା ଚାଲି ଯାଇଥିଲା ଓ ମୋର ପଛପାଖ ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିଲା । ମୋର ସେବେଠାରୁ ପୁରୁଣା କଥା ସବୁ ଭୁଲି ହେଇ ଯାଇଥିଲା । ମୁଁ ଏକରକମ ପାଗେଳୀ ହେଇ ଯାଇଥିଲି । ବୋଧହୁଏ ତୁମେ ଆସିଥିବ ଓ ମୋର ଏ ଅବସ୍ଥା ଦେଖି ଫେରି ଯାଇଥିବ !

ମୋର ପାଗେଳାମିକୁ ଭଲ କରିବାକୁ ବାବା ମତେ ରାଞ୍ଚି ନେଇଗଲେ । ଔଷଧ ନ ଖାଇ ଡାକ୍ତର ଓ ନର୍ସ ମାନଙ୍କୁ ମୁଁ ବିଧା ଗୋଇଠା ମାରେ । ବେଳେ ବେଳେ ଯୋର ଜବରଦସ୍ତ ମତେ ଔଷଧ କିମ୍ବା ଇଞ୍ଜେକସନ୍ ଦିଆଯାଏ । କିନ୍ତୁ ମୋର ମାନସିକ ଅବସ୍ଥାରେ ସେମିତି କିଛି ପରିବର୍ତ୍ତନ ଆସେନି । ବାଧ୍ୟ ହୋଇ ବାବା ମୋତେ ଗାଁକୁ ନେଇ ଆସିଲେ । ଗାଁ ଲୋକଙ୍କୁ ଦେଖିଲେ କେବେ କେବେ ହସେ, କେବେ କେବେ କାନ୍ଦେ... ନଚେତ୍ ଢେଲାର ସଦ୍ ବ୍ୟବହାର କରେ । ଏମିତି ଦିନେ ଆମ ଘରର ଜିନିଷପତ୍ର ଭଙ୍ଗାରୁଜା କରୁଥାଏ, କିନ୍ତୁ ହଠାତ୍ ମୋ କାନରେ ବାଜିଲା ଏକ ସୁରିଲା କଣ୍ଠର ସ୍ୱର ।

"ତୁମେ କହୁଥିଲ ତୁମ ମନକଥା
ମୋର ମନକଥା ମୁହିଁ
ଆମ ଦୁହିଁଙ୍କର ମନକଥା
ଏବେ ଯାଇଚି କବିତା ହୋଇ ।"

ମୋର ମନ ମୁଗ୍ଧ ହୋଇଗଲା । ସିଧା ଦୌଡ଼ିଲି ସ୍ୱରକୁ ଅନୁସରଣ କରି କରି । ଇଏ କ'ଣ... ଇଏ ମୋର ନିଜ ଲେଖା ଗୀତ ଓ ଗାୟକ ମୋ ସାଙ୍ଗ ଭ୍ରମର ! ଏଇ ଗୀତ ଗାଇ ଦିନେ ଇଣ୍ଟର ସ୍କୁଲରେ ଚମ୍ପିୟନ ହୋଇଥିଲା ଏଇ ଭ୍ରମର । ଆବେଗରେ ଶୁଣୁଥିଲି ତା' ଗୀତର ପ୍ରତିଟି ଶବ୍ଦ । ପୁରୁଣା ସ୍ମୃତି ପୁସ୍ତିକାର କେଇ ଖଣ୍ଡ ଚିରା ଫର୍ଦ୍ଦ ମୋର ମନେ ପଡ଼ିଗଲା । ଆଉ ତା'ପରେ... ମତେ ଟିକେ ଭଲ ଲାଗିଲା । ମୋର ଏଇ ପରିବର୍ତ୍ତନ ଦେଖି ବାବା ଭ୍ରମରଙ୍କୁ ଅନୁରୋଧ କଲେ, ସବୁଦିନ ଗୀତ ଗାଇବା ପାଇଁ । ଏଥର ଭ୍ରମର ଗାଇଲେ ଓ ମୁଁ ଶୁଣିଲି । ଅଧିକାଂଶ ମୋ ଲେଖା । ସମୟକ୍ରମେ ମୋ ମୁଣ୍ଡ ଠିକ୍ ହେଇ ଆସୁଥିଲା । ଯଦିବା ପୂର୍ବ ସ୍ମୃତି ମୋର ଠିକ୍‌ରେ ମନେ ପଡୁ ନଥିଲା ।

ପରେ ପରେ କବିତା ମୁଁ ଲେଖିଲି ଓ ପାଇଲେ ଭ୍ରମର । ଏମିତି କବୟତ୍ରୀ ଓ ଗାୟକର ନିର୍ଜନ ରାସ୍ତାରେ ଚାଲୁ ଚାଲୁ ସାରା ଜୀବନ ପାଦରେ ପାଦ ମିଳେଇ ଚାଲିବାର ସଂକଳ୍ପ କରି ନେଲୁ । ପ୍ରେମର ଅନ୍ୟ ଏକ ଅଧ୍ୟାୟ ଯୋଡ଼ି ହେଇଗଲା 'ସୁରଜ ଓ ଫୁଲ'ଙ୍କ ପାଇବା ପୁସ୍ତିକାରେ... ମୋ ଅଜ୍ଞାତ ସାରରେ !

ଗଲା କାଲି ନଦୀ କୂଳରେ ଭ୍ରମର ମତେ ତୁମ କାହାଣୀ ଶୁଣାଉ ଥିଲେ- "ଫୁଲ, ଆମ ଦୁଇଜଣଙ୍କର ଜଣେ ଅତି ଅନ୍ତରଙ୍ଗ ବନ୍ଧୁ ଥିଲେ । ନାଁ ତାଙ୍କର ସୂର୍ଯ୍ୟକାନ୍ତ ଓ ସମସ୍ତେ ତାଙ୍କୁ 'ସୁରଜ' ନାମରେ ଜାଣନ୍ତି । ସେ ଏବେ ଜଣେ ପ୍ରତିଷ୍ଠିତ ଡାକ୍ତର । ମେଟ୍ରିକ୍ ପରୀକ୍ଷାରେ ତୁମ ସହ ପ୍ରତିଯୋଗିତା କରି ପଢୁଥିଲେ । ଶେଷରେ ତୁମେ ଦୁହେଁ ପୋଜିସନ୍ ପାଇଲ । ତୋର ପଞ୍ଚମ ଓ ସୁରଜର ଦ୍ୱିତୀୟ ।

ଚିନ୍ତା କଲି... 'ସୁରଜ... ମୋ ପ୍ରତିଯୋଗୀ... ମେଟ୍ରିକ୍ ପରୀକ୍ଷା... ପୁଣି ପୋଜିସନ୍... !

ନା, ମୋର କିଛି ମନେ ପଡୁନି ।

ଭ୍ରମର ପୁଣି ମନେ ପକେଇବାକୁ କହିଲେ ।

ଓଃ ସୂରଜ... ମୋ ପ୍ରତିଯୋଗୀ... ପୋଜିସନ୍... ହଁ...ହଁ... ମୋର ମନେ ପଡ଼ିଗଲା । ପୁରୁଣା ସ୍ମୃତି ପୁସ୍ତିକାର ଓଲଟ ପାଲଟ ହେଇଥିବା ପୃଷ୍ଠା ଗୁଡ଼ାକ ଏବେ ହଠାତ୍ ସଜାଡ଼ି ହେଇଗଲେ । ମନେପଡ଼ି ଯାଉଥିଲା ସୁରଜ ଓ ଫୁଲଙ୍କ ଭଲପାଇବା ସିଲଟର ପ୍ରେମର ପ୍ରାରମ୍ଭିକ ସ୍ୱରଲିପି ଅ ଆ... ଇ ଈ... ! ସ୍ୱପ୍ନ ପରି ମନେ ହେଉଥିବା କାହାଣୀ ମତେ ଏବେ ବାସ୍ତବ ହେଇ ଥଟ୍ଟା କରିବା ଆରମ୍ଭ କରିଦେଲେ । ସୁରଜ ମୋ ଜୀବନର ପ୍ରଥମ ନାୟକ ଓ ଭ୍ରମର ସହନାୟକ । ପ୍ରେମର ସୂତା ଲଟେଇରେ ମୋ ହାତରେ ଦୁଇ ଦୁଇଟା ଗୁଡ଼ି । ଜଣେ ସୁରଜ ଓ ଅନ୍ୟ ଜଣେ ଭ୍ରମର । ମୋ ଶରୀରର ଦୁଇ କଲିଜା । ଜଣକୁ ବାଦ୍ ଦେଲେ ଆଉ ଜଣକୁ ଚିନ୍ତା ବି କରାଯାଇ ପାରେନା ! ଭ୍ରମର ସିନା ତୁମ ମୋ ଭିତରର ଭଲପାଇବା କଥା ଜାଣନ୍ତି ନାହିଁ, ହେଲେ ମୁଁ ! ହଠାତ୍ ସେଠାରୁ ଝଡ଼ ବେଗରେ ପ୍ରସ୍ଥାନ କଲି ।

ତୁମ କଥା ଚିନ୍ତା କରି କରି ରାତିରେ ମତେ ଭଲ ନିଦ ହେଲାନି । କାଲି ଭ୍ରମର ତୁମ ପାଖକୁ ଯିବେ ବୋଲି କହୁଥିଲେ । ତେଣୁ ଚିଠି ମାଧ୍ୟମରେ ମୋ ମନର ଦୋଷ ଦୁର୍ବଳତା ତୁମକୁ ଜଣେଇ ଦେଲି । ୟା' ଭିତରେ ରାତି ଅନେକ ହେଇଗଲାଣି । ପୁନେଇଁ ଜହ୍ନ ତାରାମାନଙ୍କ ଗହଣରେ ସତେ ଯେମିତି ଛୁପି ଛୁପି ହସୁଚି । ଦୁଷ୍ଟ ତାରାଗୁଡ଼ାକ ମତେ ଦେଖି କେମିତି ଗୋଟେ ଚିଡ଼େଇବା ପରି ଆଖି ମିଟିକା ମାରୁଛନ୍ତି । ଏମାନଙ୍କ ଭିତରେ ବୋଧହୁଏ ଧ୍ରୁବ ତାରାଟି ବେଶ୍ ଶାନ୍ତ ଓ ଭଦ୍ର । ତେବେ ତା' ପାଖରେ ସେ ଦା' ପରି ପ୍ରଶ୍ନ ଚିହ୍ନଟି କ'ଣ ? ତେବେ କ'ଣ ଧ୍ରୁବତାରା ମତେ ପଚାରୁଚି-

"ଫୁଲ, ତୋର ଗୋଟାଏ ଦେହ ଓ ଗୋଟାଏ ମନ ହୋଇ କେମିତି ଦୁଇ ଦୁଇ ଜଣଙ୍କୁ ସମର୍ପିତା ହେଇଗଲୁ ? ସେଇଟା ତୋର ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ ! ପ୍ରେମର ଅଶାନ୍ତ ସାଗରରେ ଦୁଇ ଦୁଇଟି ନାଆରେ ପାଦ ଦେଇ ସାରିବା ପରେ କ'ଣ ହେବ ତୋର ଭବିଷ୍ୟତ ! ସୁରକ୍ଷାର ସ୍ଥାନ ଖୋଜିଲେ କ'ଣ ମିଳିବ ସତେ ! ତୋ ନିର୍ମଳ

ଭଲ ପାଇବାର ପୁରସ୍କାର କ'ଣ ତତେ ସତରେ ମିଳିବ ? ଖୁବ୍ ଆଘାତ ପାଇଲି ମୁଁ ଏଇ ଭାବନାରେ ବୁଡ଼ି ରହି ।

ଫୁଲ ଓ କଣ୍ଟାରେ ପାଦ ଦେଇଥିବା ସବୁ ପ୍ରେମୀଯୁଗଳଙ୍କ ପରି ମୁଁ ମଧ୍ୟ ବାଛି ନେବି ସେହି ପଥ । କାରଣ ସମାଧାନର ରାସ୍ତା ମୋ ପାଇଁ ସବୁଦିନ ବନ୍ଦ । ଜଣଙ୍କର ନିର୍ମଳ ଭଲ ପାଇବାକୁ ଧୋକା ଦେଇ ଯେଉଁ ସୁଖ ଆଶା କରାଯାଏ, ସେ ସୁଖ ମୋର ଦରକାର ନାହିଁ। କାରଣ ଫୁଲ କେବଳ ଭଲ ପାଇବା ହିଁ ଶିଖିଚି... ପ୍ରତାରଣା ନୁହେଁ । ସେଥିପାଇଁ ସବୁ ପ୍ରେମୀମାନେ ଫୁଲକୁ ହିଁ ତାଙ୍କର ସ୍ମାରକୀ ରୂପେ ଧରି ନେଇଥାନ୍ତି ।

ଅତଏବ ମୋର ଗତି ଯୁଇକୁ...!

॥ ଇତି ॥

ତୁମ ଆଦରର 'ଫୁଲ'

ଗୋଟିଏ ନିଶ୍ୱାସରେ ଚିଠିଟି ପଢ଼ି ସାରିଲା ଭ୍ରମର । ମନେ ପକେଇଲା ବୋଧହୁଏ ସେଥିପାଇଁ ସୁରଜ କଥା ଶୁଣୁ ଶୁଣୁ କାଲି ସେ ବିଚଳିତ ହେଇଗଲା ପୁଣି ଆଜି ସେ ଚିଠି ନିଜେ ନ ଦେଇ ପଡ଼ିଶା ଘର ଗୋଟେ ଛୋଟ ପିଲା ହାତରେ ପଠେଇଲା । କିଛି ଗୋଟାଏ ଅଘଟଣର ବାସ୍ନା ଆସୁଥିଲା ।

ହଠାତ୍ ସୁରଜ ଆବଶ୍ୟକୀୟ ଔଷଧ ଇଞ୍ଜେକସନ୍ ଓ ସରଞ୍ଜାମ ନେଇ ଗାଡ଼ି ଗ୍ୟାରେଜରୁ କାଢ଼ିବାକୁ ଯାଉଛନ୍ତି, ହଠାତ୍ ତାଙ୍କ ଗେଟ୍ ପାଖରେ ତାଙ୍କ ଗାଁର କିଛି ଯୁବକ ପହଞ୍ଚିଲେ ଜଣେ ପେସେଣ୍ଟକୁ ନେଇ । ସୁରଜ ଦୌଡ଼ି ଯାଇ ଦେଖିଲେ, ଫୁଲ ବିଷ ପିଇ ଦେଇଚି । ତା'ର ଗୌରବର୍ଣ୍ଣ ସଂପୂର୍ଣ୍ଣ ନୀଳ ପଡ଼ିଯାଇଚି ଓ ପାଟିରୁ ଫେଣ ବୁଦ୍ ବୁଦ୍ ହେଇ ବାହାରୁଚି । ନାଡ଼ି ମଧ୍ୟ ଖୁବ୍ ଧିରେ ଧିରେ ଚାଲୁଚି । ବୋଧହୁଏ ଗାଁ ଡାକ୍ତର ଫେରେଇ ଦେଇଚି । ଚିକିତ୍ସାର ସମସ୍ତ ବନ୍ଦୋବସ୍ତ କରାଇ ଦେଲେ ଡାକ୍ତର ସୁରଜ । ଫୋନ୍ ଯୋଗେ ଡକାଇଲେ ଆଉ ଦୁଇଜଣ ନାମକରା ସାଥୀ ଡାକ୍ତରଙ୍କୁ । ଶେଷରେ ସମସ୍ତଙ୍କର ଚେଷ୍ଟା ସଫଳ ହେଲା ଓ ରାତି ଦଶଟା ବେଳେ ଫୁଲ ଆଖି ଖୋଲିଲା । ଫୁଲ ଏକ ସଙ୍ଗରେ ସୁରଜ ଓ ଭ୍ରମରଙ୍କୁ ଦେଖି ବିସ୍ମିତ ହେଲା ।

ସବୁ ଦେଖି ସୁରଜ କହିଲେ- ଫୁଲ, ତୁ ଗୋଟେ ବହୁତ ବଡ଼ ଭୁଲ୍ କରିଥିଲୁ । ଆତ୍ମହତ୍ୟା ମହାପାପ । ମଣିଷ ଜୀବନ ଠାକୁର କୃଷ୍ଣଙ୍କ ବରଦାନ । ଆତ୍ମହତ୍ୟା ମାନେ ତାଙ୍କର ସୃଷ୍ଟିର ଅବମାନନା । କେବେ ମଧ୍ୟ ମୁକ୍ତି ପାଇ ନ ଥା'ନ୍ତୁ ।

ଆମେ ଦୁଇ ବନ୍ଧୁ ବୁଝିଚୁ... ତୁ ପବିତ୍ର, ତୋ ପ୍ରେମ ନିଷ୍କଳଙ୍କ । ଏବେ ମୁଁ ବନ୍ଧୁ ଭ୍ରମରକୁ ହାତଧରି ଅନୁରୋଧ କରୁଚି- 'ବନ୍ଧୁ... ଫୁଲକୁ ଗ୍ରହଣ କର' । କିଛି ତ କୁହ...

ସେତେବେଳେ ଭ୍ରମର ପ୍ରଶାନ୍ତିରେ ଫୁଲର ମୁଣ୍ଡ ଆଉଁସି ଦେଉ ଦେଉ କହିଲେ- "ମୁଁ ତୁମ କଥାକୁ ସମ୍ମାନର ସହ ଗ୍ରହଣ କରୁଚି ବନ୍ଧୁ ସୁରଜ । ଯେହେତୁ ସୂର୍ଯ୍ୟଙ୍କ ପାଇଁ ସମର୍ପିତ ପଦ୍ମଫୁଲ, ଭ୍ରମରର ସାନ୍ନିଧ୍ୟ ପାଇ ସାରିଲା ପରେ ମଧ୍ୟ ସେ ପବିତ୍ର... ଦେବ ଦେବ ମହାଦେବଙ୍କର ପ୍ରିୟ ପୂଜାଫୁଲ ।

(ରାଜ୍ୟସ୍ତରୀୟ ପୁରସ୍କାର ପ୍ରାପ୍ତ ଗଳ୍ପ)

ଅଧ୍ୟାପକ,
ଜେ.କେ.ବି.କେ. ସରକାରୀ କଲେଜ, କଟକ
ଦୂରଭାଷ : ୮୨୪୯୦୦୬୨୭୭

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ରକ୍ତିମ ସୂର୍ଯ୍ୟ

## ଲୀଳାବତି ମହାପାତ୍ର

ପକ୍ଷୀମାନଙ୍କର କଳରବ, ଗୋରୁଗାଈଙ୍କ ହମ୍ବାରଡ଼ି, ପିଲାମାନଙ୍କର ଘରବାହୁଡ଼ା, ସନ୍ଧ୍ୟା ଆଗମନର ସୂଚନା ଦେଉଥାଏ । ତପୁର ଛାତିରେ ଛନକା ପଶିଗଲା । ସେ ପଶ୍ଚିମ ଆକାଶକୁ ଅନେଇ ଦେଖିଲା ଅସ୍ତଗାମୀ ସୂର୍ଯ୍ୟଙ୍କ ରକ୍ତିମ କିରଣଟା ପଶ୍ଚିମ ଆକାଶ ଅପୂର୍ବ ସୁନ୍ଦର ଦେଖାଯାଉ ଅଛି । ଆସ୍ତେ ଆସ୍ତେ ସୂର୍ଯ୍ୟ ଦୂର ପାହାଡ଼ ପଛପଟେ ଲୁଚି ଗଲାପରି ଦେଖାଯାଉଛି । ରକ୍ତିମ ସୂର୍ଯ୍ୟ କିରଣର ମନଲୋଭା ଦୃଶ୍ୟ ଦେଖି କବି ଲେଖକମାନେ ଭାବୁକ ହୋଇ ତାଙ୍କ କଲମ ମୁନରେ ଏ ପ୍ରାକୃତିକ ଅପରୂପ ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରିଥାନ୍ତି । ଚିତ୍ରକରମାନେ ତୂଳୀରେ ସେ ଅପରୂପ ସୌନ୍ଦର୍ଯ୍ୟକୁ ଅଙ୍କନ କରିଥାନ୍ତି ।

ଦିନ ଥିଲା ତପୁକୁ ମଧ୍ୟ ଦୂର ଦିଗ୍‌ବଳୟରେ ଏ ରକ୍ତିମ ସୂର୍ଯ୍ୟଙ୍କର ଗତିବିଧିକୁ ଲକ୍ଷ୍ୟ କରିବା ପାଇଁ ସେ ତା' ଅଗଣାରେ ଘଣ୍ଟାଘଣ୍ଟା ଧରି ଛିଡ଼ା ହେଇଥିଲା । ପିତ, ଲୋହିତ ରଙ୍ଗରେ ରଙ୍ଗାୟିତ ଆକାଶକୁ ଦେଖି ତା' ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା ।

ଦିନେ ସେ ତା' ମାଆଙ୍କୁ ପଚାରିଥିଲା- ମା ଏ ଆକାଶ ଏପରି ପିତ ଲୋହିତ ରଙ୍ଗ କାହିଁକି ଧାରଣ କରିଛି ? ଅଜ୍ଞାନତାରେ ବଢ଼ିଥିବା ତା ମା' ତାକୁ କହନ୍ତି- ଭଗବାନ ମାନେ ଆକାଶରେ ରହନ୍ତି, ସେମାନେ ତାଙ୍କର ଲୁଗା ଶୁଖାଇଛନ୍ତି । ଛୋଟ ଝିଅ ତପୁ ମା'ର କଥାକୁ ବିଶ୍ୱାସ କରିଥାଏ ।

ସେ ଯେତେବେଳେ ବଡ଼ ହେଲା ବିଦ୍ୟାଳୟକୁ ଗଲା । ବିଜ୍ଞାନ ଶିକ୍ଷକ ଇନ୍ଦ୍ରଧନୁ ବିଷୟରେ ପଢ଼ାଇବା ସମୟରେ ପ୍ରଶ୍ନ ପଚାରି ଥିଲେ ସୂର୍ଯ୍ୟ ଅସ୍ତ ହେବା ସମୟରେ ଆକାଶରେ ଯେଉଁ ପିତ୍ତ ଲୋହିତ ରଙ୍ଗ ଦେଖାଯାଏ ତାହା କିପରି ସୃଷ୍ଟି ହୁଏ ? ତପୁ ପିଲାଟି ଦିନରୁ ମାଆ ଠାରୁ ଶୁଣି ଆସିଥିବା କଥାକୁ ଅତି ଆଗ୍ରହରେ କହି ଦେଇଥିଲା ଯେ ତାହା ଭଗବାନ ମାନଙ୍କ ଲୁଗା । ଏହି ଉତ୍ତର ଶୁଣି ସମସ୍ତେ ଠୋ ଠୋ ହୋଇ ହସି ଉଠିଥିଲେ । ତପୁକୁ ବହୁତ ଅପମାନ ଲାଗିଥିଲା । ସେ ଆଉ ବିଦ୍ୟାଳୟ ମାଟି ମାଡ଼ିଲା ନାହିଁ । ଚତୁର୍ଥ ଶ୍ରେଣୀରୁ ପାଠପଢ଼ା ବନ୍ଦ କରି ଦେଇଥିଲା । ତାରି ଭାଇଙ୍କ ଗୋଟିଏ ଭଉଣୀ ବୋଲି ଗେଲବସରରେ ବଢୁଥିଲା ।

ପାଠ ଛାଡ଼ି ଦେବାରୁ ତାଙ୍କ ଘରର ସମସ୍ତଙ୍କ ମନ ଦୁଃଖ ହୋଇଗଲା । ତା ମାଆ କହିଥିଲେ ଦେଖିଲୁ ମୁଁ ପାଠ ପଢ଼ି ନ ଥିବାରୁ ତୋତେ ଭୁଲ କଥା କହି ଦେଇଥିଲି । ତୁ ପାଠ ପଢ଼ ମା ସେ ଅପମାନ ମୋର ତ୍ରିନ୍ତୁ ତପୁର ଜିଦ୍ ଆଗରେ ସବୁ ହାର ମାନିଲେ । ତପୁ ମା' ସାଥିରେ ମିଶି ଘର କାମ କରେ । ଟିକିଏ ସମୟ ପାଇଲେ ଖେଳିବାରେ ସମୟ ବିତାଏ ।

ବାପା ରାଜମିସ୍ତ୍ରୀ କାମ କଲେ ମଧ୍ୟ ତପୁର ସମସ୍ତ ଇଚ୍ଛା ପୂରଣ କରିଥାନ୍ତି । ଖାଲି ମସ୍ତିଷ୍କ ଦୁଷ୍ଟାମୀର ଗନ୍ତାଘର । ଏମିତି ଖାଲିଟାରେ ଖାଇ ପିନ୍ଧି ବୁଲୁଥିବା ସମୟରେ ବିନୟ ସହିତ ତାର ଭାବ ଦିଆନିଆ ଚାଲିଲା । ବିନୟ ତାଙ୍କ ପଡ଼ୋଶୀ । ସେ ସବୁ ଶ୍ରେଣୀରେ ବର୍ଷେ ଦୁଇବର୍ଷ ଲେଖାଏଁ ରହି ରହି ଏବେ ଅଷ୍ଟମ ଶ୍ରେଣୀରେ ପଢୁଛି । ତପୁକୁ ଷୋହଳ ବର୍ଷ । ପହିଲି ଯଉବନର ଉଚ୍ଛୁଳା ମନ ତାକୁ ଆନମନା କରି ଦେଉଥାଏ । ବିନୟ ମଧ୍ୟ ତପୁର ସାନ୍ନିଧ ଲାଭ ପାଇ ଉଚ୍ଛନ୍ନ ହୋଇ ପଡୁଥାଏ । ଚୋରା ପୀରତିର ଲୁଚକାଳି ଖେଳୁ ଖେଳୁ

ଦିନେ ବିନୟ ତପୁକୁ ନେଇ ଏକ ସହରକୁ ଚାଲି ଆସିଲା । ପ୍ରେମ ପ୍ରେମମୟ ହୋଇଉଠେ ଯେତେବେଳେ ପାଖରେ ଆର୍ଥିକ ସ୍ୱଚ୍ଛଳତା ଥିବ । ଦୁହେଁ ନାବାଳକ । ଦୁନିଆ ବିଷୟରେ ଅନଭିଜ୍ଞ । ଚାଲି ତ ଆସିଲେ, ରହିବେ କେଉଁଠି ? ଖାଇବେ କ'ଣ ? ଏବେ ଆଉ କେଉଁ ମୁହଁ ନେଇ ଘରକୁ ଫେରିବେ ? ସହରରେ ରହିବା କଷ୍ଟକର ହୋଇ ପଡୁଥାଏ ।

ଜୀବନରେ ଝୁଣ୍ଟିପଡ଼ି ପୁଣି ଦମ୍ଭ ଧରି ଛିଡ଼ା ହେବାକୁ ଜୀବନ କହନ୍ତି । ବିନୟ ହାରିଯାଉ ନଥିଲା । କାମର ଅନୁସନ୍ଧାନରେ ବୁଲୁବୁଲୁ ସିନେମା ହଲର ଗେଟ ଜଗୁଆଳି କାମ ମିଳିଗଲା । ସରକାରଙ୍କ ପାଖରେ ଝାଟିମାଟିର କୁଡ଼ିଆଟେ କରି ଦୁହେଁ ହସ ଖୁସିରେ ଜୀବନଯାପନ କଲେ । ତପୁ ସେ କୁଡ଼ିଆ ଖଣ୍ଡିକୁ ଲିପାପୋଛା କରି ସୁନ୍ଦର କରି ସଜାଇ ଥାଏ । ସନ୍ଧ୍ୟା ହେଲେ ମଲ୍ଲୀଫୁଲ ଆଣି ସୁରେଇରେ ଥିବା ପାଣିରେ ପକେଇ ଥାଏ । ଘରର ଗୋଟିଏ କୋଣରେ ଗ୍ଲାସରେ କିଛି ମଲ୍ଲୀଫୁଲ ଥୋଇ ଦେଇଥାଏ । ଘରଟି ମଲ୍ଲୀଫୁଲର ବାସ୍ନାରେ ମହକି ଉଠେ ।

ସେମାନଙ୍କୁ ତାଙ୍କ କୁଡ଼ିଆ ଘରଟି ରାଜଉଆସ ପରି ପ୍ରତୀୟମାନ ହୁଏ । ଦୁହେଁ ପ୍ରେମରସରେ ବୁଡ଼ି ଯାଆନ୍ତି । ଏହିପରି କିଛି ବର୍ଷ ପରେ ତାଙ୍କର ପ୍ରେମ ସନ୍ତକ ରୂପେ ପୁତ୍ରଟିଏ ଜନ୍ମ ଗ୍ରହଣ କଲା । ଦୁହେଁ ଅଭାବ ମଧ୍ୟରେ ଖୁସିରେ ସମୟ ବିତାଉ ଥିଲେ ।

ତାଙ୍କ ଖୁସିରେ କାହାର ଦୃଷ୍ଟି ପଡ଼ିଗଲା । ଏଣିକି ବିନୟ ପ୍ରତିଦିନ ମଦ ନିଶାରେ ଚୁର୍ ହୋଇ ଘରକୁ ଆସେ ଓ ତାକୁ ମାଡ଼ ମାରେ । ସେହିଦିନ ଠାରୁ ସେ ଏ ରକ୍ତିମ ସୂର୍ଯ୍ୟକୁ ଦେଖିଲେ ଡରି ଯାଏ । ତପୁ ସବୁ ପରିସ୍ଥିତିକୁ ନିଜର ଭାଗ୍ୟ କହି ମୁଣ୍ଡପୋତି ସହିଯାଏ ।

ଦିନେ ସେ ଏ ରକ୍ତିମ ସୂର୍ଯ୍ୟ କିରଣକୁ ଅବଲୋକନ କରି ମନେ ମନେ ପରବର୍ତ୍ତୀ ଭୟଭୟତାକୁ କଳ୍ପନା କରି ଭୟରେ ଥରି ଉଠୁଥାଏ ଠିକ୍ ସେହି ସମୟରେ ତା ରକ୍ତିମ ସିନ୍ଦୁରରେ ଭାଗ ବସାଇବା ପାଇଁ ବିନୟ କେତକୀକୁ ଧରି ଆସିଲା । ସେ କହିଲା ଯେ ମୁଁ ଏହାକୁ ପତ୍ନୀ ରୂପେ ରଖିବି ତୋର ଇଚ୍ଛା ହେଲେ ରହ ନ ହେଲେ ନାହିଁ । ଏହା କହି ସେ କେତକୀକୁ ଧରି ଘର ଭିତରକୁ ଚାଲିଗଲା ଓ କବାଟ ପକାଇ ଦେଲା ।

ସେ ଦିନ ତପୁ ବହୁତ କାନ୍ଦିଥିଲା, ପଶ୍ଚାତାପ କଲା । ବାପା ଭାଇଙ୍କ କଥା ମାନି ସେ ଯଦି ପାଠ ଦି' ଅକ୍ଷର ପଢ଼ିଥାନ୍ତା ତାହାହେଲେ ଏତେ ଅବସ୍ଥା ଭୋଗ କରି ନଥାନ୍ତା । ସେଦିନ ରାତିସାରା ମାଆ ପୁଅ ଦୁହେଁ କୁଡ଼ିଆ ସମ୍ମୁଖରେ ବସି ରହିଲେ ।

ପୁଅ ଏବେ ବଡ଼ ହୋଇଗଲାଣି । ସରକାରୀ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପଢୁଛି । ବିନୟ ଆଉ ସେମାନଙ୍କର କୌଣସି କଥା ବୁଝିଲା ନାହିଁ । ତେଣୁ ଘରୁ କେବେ ଗୋଡ଼ କାଢ଼ି ନଥିବା ତପୁ ଆଜି ପର ଘରେ କାମ କରୁଛି । ଦିନ ସାରା ଘର ଘର ବୁଲି କାମ କରି ସମୟ କଟିଯାଏ । ଛୋଟ ଛୁଆ ହେଲେ ମଧ୍ୟ ପୁଅଟି ସବୁ ବୁଝେ । ତେଣୁ ସେ ଯାହା ଘରେ କାମ କରେ ତାଙ୍କ ବାରଣ୍ଡାରେ ଚୁପ୍‌ଚାପ୍ ବସି ରହେ ।

ସେହି ଦିନଠାରୁ ତପୁ ଏ ରକ୍ତିମ ସୂର୍ଯ୍ୟକିରଣ ଆଗମନରେ ଆଉ ଖୁସି ହୋଇପାରେ ନାହିଁ । ଏହି ସମୟ ଆସିଲେ ତା ଛାତି ଧଡ଼୍ ଧଡ଼୍ ହୋଇଯାଏ । କାରଣ ତାର ମଧ୍ୟ ବୟସ ଅଛି । ଦେହରେ ଭୋକ ଅଛି । କେତେ ରାତି ତା' ସ୍ୱାମୀ ପର ସ୍ତ୍ରୀକୁ ଉପଭୋଗ କରୁଥିବା ଦେଖୁଥିବ । ଏବେ ପୁଅକୁ ନେଇ ଆଉ ସେ ଗୋଟିଏ କୋଠରୀରେ ଶୋଇ ହେବ ନାହିଁ । ତେଣୁ ରାତି କଟାଇବା ପାଇଁ ତାକୁ ଏକ ନିରାପଦ ଆଶ୍ରୟସ୍ଥଳ ଖୋଜିବା ପାଇଁ ପଡ଼ିବ ।

ମାଆ ଆଜି ଘରକୁ ଯିବା ନାହିଁକି ? ଅନ୍ଧାର ହୋଇ ଗଲାଣି ପରା । ତପୁ ପଶ୍ଚିମ ଆକାଶକୁ ଅନାଇଲା ସତରେ ରକ୍ତିମ ସୂର୍ଯ୍ୟକିରଣର ଆଭା ନିଷ୍ପ୍ରଭ ହୋଇ ଆସିଲାଣି । ପୁଅଟିର ମୁଣ୍ଡକୁ ଆଉଁସି ଦେଇ ମନେ ମନେ ଭାବିଲା ତା' ଜୀବନକୁ ପରିପ୍ରକାଶ କରୁଥିବା ଆଭାକୁ ସେ କେବେ ନିଷ୍ପ୍ରଭ ହେବାକୁ ଦେବ ନାହିଁ ।


ମାର୍ଫତ- ଆର୍.ସି. ରଥ
ରଙ୍ଗିଲା ଛକ, ଫର୍ଟିଲାଇଜର ଟାଉନସିପ୍
ରାଉରକେଲା-୭୬୯୦୦୭
ଦୂରଭାଷ : ୯୪୩୭୫୦୩୩୯୬

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଆମ ଗାଁରେ ହୋଲି

ଅମରନାଥ ବାରିକ୍

ସକାଳୁ ଉଠି ଗାଧୋଇ ପାଧୋଇ ଆମ୍ବଡ଼ାଳ, ଅଁଳାଡାଳ, ଦୂବ ବରକୋଳି ପତ୍ର ମାଟି କଳସରେ ରଖି ନୂଆ ଧାନ ଦେଇ ଦାଣ୍ଡ ଦୁଆରେ କୁମ୍ଭ ବସେଇଲି । କାଲି ଘର ଅଗଣା ଲିପାପୋଛା କରି ଦେଇଥିଲି । ବାକି ଥିଲା ସବୁଆଡ଼େ ଚିତାପଇତା ପକେଇବା । ତାହା ବି କାଲି ରାତିରେ ସାରି ଦେଇଥିଲି । ନ ହେଲେ ଆଜି ଆହୁରି ବିଳମ୍ବ ହୋଇଥାଆନ୍ତା । ଏତିକି କଥା ମନରେ ଭାବୁ ଭାବୁ ମୋ ପୁଅ ଆକାଶର ଫୋନ୍ ଆସିଲା ଦିଲ୍ଲୀରୁ । ତା' ବାପା ମୋତେ ଡାକ ଛାଡ଼ିଲେ "ଏ ରେବତୀ କୁଆଡ଼େ ଗଲ ଶୀଘ୍ର ଧାଇଁ ଆସ ଆମ ପୁଅ ଆକାଶ ଫୋନ୍ କରିଛି ଦିଲ୍ଲୀରୁ ।" ତାହା ଶୁଣି ମୁଁ କହିଲି ଆଗ ଦିଅ ମୁଁ ଟିକେ କଥା ହୁଏ । ମୋ ପୁଅ ଦୁଇମାସ ପରେ ଫୋନ୍ କରିଛି । ଆକାଶ କହିଲା ବୋଉ ତୁ କ'ଣ କରୁଛୁ ? ଏଇ କଥା ଟିକେ ଶୁଣି ଦେଇ ମୋ ଆଖି ଲୁହ ଓଠ ପାଖରେ ପହଞ୍ଚିଲା । ଆରେ ପାଗଳା ତୁ କୁଆଡ଼େ ଯାଇଥିଲୁ ଦୁଇମାସ ହେଲାଣି ? ଆଜି ତୋ ବୋଉ କଥା ମନେ ପଡ଼ିଲା କେମିତି ଅଛି । ଆକାଶ କହିଲା "ନାଇଁ ଲୋ ବୋଉ ବାପା ସିନା ପାଠ ପଢ଼ାଇ ଇଞ୍ଜିନିୟର କରି ଦିଲ୍ଲୀ ପଠାଇ ଦେଲେ ଲୋ । ହେଲେ ତୋ କଥା ଆଉ ବାପାଙ୍କ କଥା ସବୁବେଳେ ମନେ ପଡ଼େ ! ମୁଁ କ'ଣ କରିବି ଏଠି ତ ଯାବତୀୟ କାମ । ଅଫିସରେ ଏତେ ବ୍ୟସ୍ତରେ ରହୁଛି ଯେ ତୋ ବୋହୂ ଦେଇଥିବା ଟିଫିନ ବି ଖାଇ ପାରୁନାହିଁ । ଛାଡ଼ ସେ ସବୁ କଥା, ତୁ ଆଗ କହ, ଆଜି ପରା ଦୋଳପୂର୍ଣ୍ଣିମା ତୁ ପିଠା, କ୍ଷୀରି କରିଛୁ ନା ? ମୋର ଭାରି ଇଚ୍ଛା ହେଉଛି ତୋ ହାତ ତିଆରି ପିଠା, କ୍ଷୀରି ଖାଇବା ପାଇଁ । ବାପାଙ୍କର ସେଇ ଓଗାଳ ବୋଲା, ଗାଁ ମୁଣ୍ଡରେ ବାଡ଼ି ଖେଳ, ଅବିର ବୋଳା କଥା ବହୁତ ମନେ ପଡୁଛି । ଏଥର ଆମ ଗାଁ ଗୋପବନ୍ଧୁ ଠାକୁର ମୂର୍ତ୍ତି କେତେ ବଡ଼ ତିଆରି ହୋଇଛି କି ବୋଉ ?"

ହଁ ରେ ପାଗଳା ସବୁ ତ ଧୁମ୍‌ଧାମରେ ହେଉଛି । ହେଲେ ତୋ ବିନା ଆମକୁ କିଛି ଭଲ ଲାଗୁନାହିଁ । କାଲି ସନ୍ଧ୍ୟାରେ ଆର ସାହି ରଘୁଆ ମଉସା ଆମ ଘରକୁ ଆସିଥିଲେ । ତୋ କଥା ପଚାରି ବହୁତ ମନ ଦୁଃଖ କରୁଥିଲେ । କହିଲେ ଆମ ଆକାଶଟା ଗଲା ଦିନରୁ ଆଉ କେହି କୃଷ୍ଣଙ୍କ ଅଭିନୟ କରି ପାରୁନାହାନ୍ତି । ତା' ବିନା ପଡ଼ିଆରେ ମଞ୍ଚ ଖାଲି ରହିଛି । ଆଉ ଦୋଳ ନାଟକ ହେଉ ନାହିଁ । ହଉ ତୁ ଏବେ କହ ମୋ ବୋହୂ ନନ୍ଦିନୀ, ଆଉ ମୋ ନାତିଟୋକା କ'ଣ କରୁଛନ୍ତି ? ସେ ଭଲରେ ଅଛନ୍ତି ତ ! ମୋ କଥା ପାଟିରୁ ସରିନାହିଁ ଆକାଶ ଟିକେ ମୁରୁକି ହସିଦେଲା । ଠିକ୍ ଏହି ସମୟରେ ତା' ବାପା ମୋତେ ଏପଟରୁ କହିଲେ "ଆରେ ଆମ ଆକାଶ, ବୋହୂ ନନ୍ଦିନୀ ଓ ନାତିଆଟୋକା ସମସ୍ତେ ଗାଡ଼ିରେ ବସି ଫୋନ୍ କରୁଛନ୍ତି । ସେମାନେ ସମସ୍ତେ କାଲି ଆସି ପହଞ୍ଚିବେ ଘରେ ।" ଏତକ ଶୁଣି ସାରିବା ପରେ ଆକାଶର ବାପାଙ୍କଠାରୁ, ମୋ ଗୋଡ଼ ଆଉ ତଳେ ରହିଲା ନାହିଁ । ମୁଁ

ଆକାଶକୁ କହିଲି ହଉ ରେ ଧନ ତୁ ରେଳରେ ବସିଛୁ ବେଶୀ କଥା ହୁଅ ନାହିଁ ଏବେ ଫୋନ୍ ରଖ । ଭଲରେ ଆସି ଘରେ ପହଞ୍ଚେ ।

ମୋତେ ରାତିଟା ଲାଗୁଥାଏ ଯୁଗ ପରି । ରାତି ପାହି ସକାଳ ପାଞ୍ଚଟା ସମୟରେ ଆକାଶ ସହିତ ବୋହୂ ନାତି ସମସ୍ତେ ଆସି ଘରେ ପହଞ୍ଚିଗଲେ । ସେଦିନ ଥାଏ ହୋଲି ଖେଳ । ସେମାନେ ସମସ୍ତେ ହାତ ଗୋଡ଼ ଧୁଆଧୋଇ ହୋଇ ଲୁଗାପଟା ବଦଳେଇ ଆସିଲେ । ଆମେ ସମସ୍ତେ ଠାକୁର ଘରେ ବସି ରାଧାକୃଷ୍ଣଙ୍କ ପାଦଯୁଗଳରେ ଅବିର ଲଗେଇ ତା' ପରେ ପରସ୍ପର ମଧ୍ୟରେ ଅବିର ବୋଳି ହେଲୁ । କିନ୍ତୁ ଆକାଶର ମନ ଘରେ ଲାଗୁଥାଏ । ସେ ଖାଲି ତରତର ହେଉଥାଏ । କେମିତି ଗାଁ ସାହିରେ ଯାଇ ତା' ସାଙ୍ଗମାନଙ୍କ ମେଳରେ ହୋଲି ଖେଳିବ । ଗୋପବନ୍ଧୁ ଠାକୁରଙ୍କ ପାଖରେ ଲଗେଇଥିବା ଭୋଗ କଦଳୀ, ଫଳ, ଛେନା, ନଡ଼ିଆ, ପିଠା, କ୍ଷୀରି, ମିଠା, ଲହୁଣୀ ଇତ୍ୟାଦି ଆଣି ସମସ୍ତଙ୍କୁ ଖାଇବାକୁ ଦେଲି । ତାହା ସବୁ ଦେଖି ଆମ ଆକାଶର ପୁଅ, ଏଇଟା ଆମ ନାତିଟୋକା ସାତ ବରଷର ହେବ । ତା' ମାଆ ନନ୍ଦିନୀକୁ କହିଲା । ମାମା ଏ ସବୁ କ'ଣ ? ତା' ଜେଜେ କହିଲେ, "ଆରେ ନାତି ଆଜିପରା ହୋଲି ଖେଳ । ପାଞ୍ଚଦିନ ପର୍ଯ୍ୟନ୍ତ ଆମେ ମାନେ ସମସ୍ତେ ଏମିତି ଅରୁଆ ଅନ୍ନ, ଡାଲମା, ପୁରି, ଫଳମୂଳ, ଭୋଗ ଆଦି ଖାଇବା । ଗାଁରେ ଦୋଳ ଠାକୁର (ମେଢ଼ରେ ରାଧା କୃଷ୍ଣଙ୍କ ଦୁଇ ପାଖରେ ଦୁଇ ସଖି ଏବଂ ଗାଈର ମୂର୍ତ୍ତି) ବସିବେ । ବାଡ଼ି ଖେଳ, ଓଗାଳ ବୋଲା, ଭଜନ କୀର୍ତ୍ତନ, ଅବିର ବୋଳା, ଗୋ-ମାତାଙ୍କୁ ପୂଜା କରିବା, ଭୋଜି ଭାତ ବଣ୍ଟାକୁଣ୍ଟା ଇତ୍ୟାଦି ହେବ । ଏଇଟା ଆମ ଗୋପାଳ ମାନଙ୍କର ପୂର୍ବ ପୁରୁଷରୁ ରହି ଆସିଥିବା ପରମ୍ପରା ଦୋଳ ପର୍ବ । ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଏହି ପର୍ବରେ ସମସ୍ତେ ଗାଁକୁ ଫେରିବେ । ବନ୍ଧୁ ବାନ୍ଧବ ସମସ୍ତେ ଆସନ୍ତି । ପରସ୍ପର ମଧ୍ୟରେ ଭଲ ସଂପର୍କ ସ୍ଥାପନ କରନ୍ତି ।

ନାତି ସବୁ ଶୁଣି ସାରିବା ପରେ କହିଲା ଜେଜେ କିନ୍ତୁ ଦିଲ୍ଲୀରେ ଆମେ ରହୁଥିବା ସୋସାଇଟିରେ ସବୁ ଲୋକମାନେ ହୋଲି ସେଲିବ୍ରେଟ କରନ୍ତି । ଡିଜେ ବଜାଇ ନାଚନ୍ତି । ମୋ ଫ୍ରେଣ୍ଡମାନେ ମୋତେ ରଙ୍ଗ ଲଗାନ୍ତି । ଆଉ ଅଙ୍କଲ ଆଣ୍ଟି ଆସି ପାପା ମାମାଙ୍କ ଉପରେ କଲରଫୁଲ ପାଣି ଢାଳି ଦିଅନ୍ତି । କିଛି ଲୋକମାନେ ନିଜର କପଡ଼ା ଚିରି ଫିଙ୍ଗାଫିଙ୍ଗି କରନ୍ତି ଏବଂ ସମସ୍ତେ ବଡ଼ ପାଟିରେ କୁହନ୍ତି 'ହ୍ୟାପି ହୋଲି' । ଶେଷରେ ନାତିଟୋକା କଥା ଶୁଣି ଆମେମାନେ ସମସ୍ତେ ହସି ହସି ମଜା କଲୁ ।

କର୍ଯ୍ୟାଁ, ମଙ୍ଗଳପୁର, ଦଶରଥପୁର,
ଯାଜପୁର-୭୫୫୦୧୧
ଦୂରଭାଷ : ୯୫୪୦୩୦୮୦୯୫

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ରକ୍ତ

ଲିପ୍‌ସା ପଟେଲ

– କହିଲି, ତୁମ ଦେହର ରକ୍ତ କି ରଙ୍ଗର ?

– ଛାଡ଼, ତୁମକୁ କହି କିଛି ଲାଭ ନାହିଁ ବରଂ ସେଇ ପୁରୁଣା ସଂଳାପ ଦୋହରାଇବ ।

ମିନି ଚିଡ଼ିଯାଇ ଚାଲିଗଲେ ଛାତ ଉପରକୁ ଲୁଗା ଶୁଖାଇବା ପାଇଁ । ହେମନ୍ତ ମଧ୍ୟ ପ୍ରସ୍ତୁତ ହେଉଥିଲେ କୋର୍ଟକୁ ଯିବାପାଇଁ । ତାଙ୍କ ବାପା 'ହରେ କୃଷ୍ଣ...ହରେ ରାମ' ଶହେ ଆଠଥର ଲେଖିବାରେ ବ୍ୟସ୍ତ । ମା' ରୋଷେଇ ଘରେ ପରିବା କାଟୁଥିଲେ । ହାଣ୍ଡି ପରି ମୁହଁ ସମସ୍ତଙ୍କର ହୋଇଛି । ହେମନ୍ତଙ୍କ ଉପରେ ସଭିଙ୍କର ରାଗ । ହିନ୍ଦୁ ଲୋକ ହୋଇ ଏଇ ଅଣହିନ୍ଦୁ ବସ୍ତିରେ ଆଣି ହେମନ୍ତ ସେମାନଙ୍କୁ ରଖିଛନ୍ତି । ପେଶାରେ ଓକିଲ । ଆଜିକାଲି ଓକିଲାତିରେ ଘର ଚଳାଇବା କି କଷ୍ଟ ସେ ହିଁ ଜାଣନ୍ତି । ତା' ସହ ଏଇ ସହରର ହୁ-ହୁ ହୋଇ ବଢ଼ି ଚାଲିଥିବା ଦରଦାମ୍ । ଗାଁର ଚାଷ ଜମିରୁ ବର୍ଷକର ଚାଉଳ ମିଳୁଛି ବୋଲି ଟିକିଏ ଆଶ୍ୱସ୍ତ । ପୁରୁଣା ଭଡ଼ାଘରଟା କୋର୍ଟ ପାଖାପାଖି ଥିଲା । ଦୀର୍ଘ ବାର ବର୍ଷ ସେମାନେ ସେଇଠି ରହୁଥିଲେ । ହଠାତ୍ ଘର ମାଲିକର ମୁଣ୍ଡରେ କି ପିତ୍ତ ଚଢ଼ିଲା ଯେ, ଏକାଥରେ ଦି'ଗୁଣା କରି ପକାଇଲା ଘରଭଡ଼ା । କେତେ ଅନୁରୋଧ କଲେ ସୁଦ୍ଧା ଶୁଣିଲେନି । ଓଲଟି କହିଲେ- ଏତେ ବର୍ଷ ଓକିଲ ଲୋକ ମୋ ଘରେ ରହୁଛ, ଫନ୍ଦିଫିକର କରି ଘରକୁ ହାତେଇ ନେବ ନା କ'ଣ ? ହେମନ୍ତ ମର୍ମାହତ ହେଲେ । ଘରଭଡ଼ା ଦେଇ ନ ପାରିବାର ଅସାମର୍ଥ୍ୟତା ଠାରୁ ବଳି ଏଇ ଆରୋପ ତାଙ୍କୁ ଆଘାତ ଦେଲା । ସେଇକ୍ଷଣି ବାହାରିଗଲେ ନୂଆ ଘରଭଡ଼ା ଖୋଜିବାକୁ । ସହରରେ ଯେଉଁ ଦାମ୍ ମିନିକୁ କହିଲେ କ'ଣ ବୁଝିବେ ? ନିଜ ପକେଟକୁ ସୁହାଇଲେ ତ ହେମନ୍ତ ପୁଣି ସାହସ କରିବେ । ଭାଗ୍ୟ ଭଲ, ତାଙ୍କର ପୁରୁଣା କ୍ଲାଏଣ୍ଟ ଥିଲା, ଅମଜାଦ୍ ଯିଏ ଏଇ ଘରଟା ଦେଇଛି ସୁଲଭ ମୂଲ୍ୟରେ । ତାକୁ ପୁଣି ଧନ୍ୟବାଦ ନ ଦେଇ କେତେ କଥା ଶୁଣାଇ ଦେଲେ ବାପା ।

ଅମଜାଦ୍ ସହ ହେମନ୍ତଙ୍କ ପରିଚୟ କୋର୍ଟରେ ହୋଇଥିଲା । ଏକ ଜଘନ୍ୟ ଦୋଷରେ ଅପରାଧୀ ହୋଇ ସଜା କାଟିବାରୁ ମୁକୁଳି ଥିଲା । ସେ କେବଳ ହେମନ୍ତଙ୍କ ପାଇଁ, ତେଣୁ ତାଙ୍କଠାରେ ଚିର କୃତଜ୍ଞ ଥିଲା । ଅନ୍ୟ ଓକିଲ ଏହାର ଚଢ଼ାଦର ନେଇଥା'ନ୍ତେ, ମାତ୍ର ହେମନ୍ତ ଜୋର୍ ଜବରଦସ୍ତ କରି କିଛି ଦାବି କରି ନଥିଲେ ତା'ଠାରୁ । ସେ ଯାହା ଫି' ଦେଇଥିଲା ସେ ସହୃଦୟେ ଗ୍ରହଣ କରିଥିଲେ । ସେହି ଦିନଠାରୁ ଅମ୍‌ଜାଦ୍ ତାଙ୍କୁ 'ଆଲ୍ଲାଙ୍କ ବନ୍ଦା' କହି ଆହୁରି ସମ୍ମାନ ଦିଏ । ଏତେ ଦିନ ପରେ ହେମନ୍ତଙ୍କ କଥା ଶୁଣି ତାଙ୍କ ସମସ୍ୟାର ସମାଧାନ କରିବାକୁ ଯାଇ ସେ ତା'ର ଏଇ ଘରଟି ଭଡ଼ାରେ ଦେଇଛି ହେମନ୍ତଙ୍କୁ । ସେଥିପାଇଁ ମା, ବାପା ଓ ମିନିର ରୋଷର ଶିକାର ହୋଇଛନ୍ତି । ଏ ସହରରେ ଆଉ କେଉଁଠି ଏମିତି ଜାଗା ମିଳିଲାନି ଯେ ଶେଷରେ... ଛି ! ଛି ! ନାକ ଟେକି ମା ଓ ମିନି ସବୁଦିନ ଏଇ ଘୋଷା ଲଗାଉଛନ୍ତି । ତେଣେ ବାପା କୋଉ କମ୍ ! ଶୀଘ୍ର ନୂଆ ଭଡ଼ାଘର ଠିକଣା କରିବାକୁ ହେମନ୍ତଙ୍କୁ ଏକ ପ୍ରକାରେ ତାଗିଦ୍ କରି ସାରିଛନ୍ତି । ମନରେ ପୌରୁଷର ଅହମିକା ଓ ଛାତିରେ କାତରତା ହେମନ୍ତଙ୍କୁ ଛନ୍ଦି ପକାଉଥିଲା ।

ସନ୍ଧ୍ୟାରେ ଘରକୁ ଫେରିଲା ପରେ ହେମନ୍ତ ଜାଣିବାକୁ ପାଇଲେ ଯେ, ମା'ର ଗୋଡ଼ ମୋଡ଼ି ହୋଇଯାଇଛି । ଶିଡ଼ିରୁ ଓହ୍ଲେଇଲା ବେଳେ ଏ ଦୁର୍ଘଟଣା ଘଟିଲା । ଅବିଳମ୍ୱେ ତାଙ୍କୁ ଡାକ୍ତର ଦେଖାଇବାର ପ୍ରସ୍ତାବ ଦେଲାରୁ ସଙ୍ଗେ ସଙ୍ଗେ ମା'

କହିଲେ, ଏ ଘର ଯୋଗୁଁ ଏମିତି ଅଧୋଗତି ହେଉଛି । ତାଙ୍କ ସହ ମିନି ମଧ୍ୟ କଥା ଯୋଡ଼ି କହିଲେ, ଏ ଘରକୁ ଆସିଲା ଦିନଠାରୁ କ୍ଷୀର ପୋଡ଼ିଯାଉଛି, ଦର୍ପଣଟା ଭାଙ୍ଗିଗଲା, କାହାରି ଦେହ ମନ ଠିକ୍ ରହୁନି । ହେମନ୍ତ କଥା ଆଗକୁ ନ ବଢ଼େଇ ସେ ସ୍ଥାନ ଛାଡ଼ି ଚାଲିଗଲେ । ସେ ଜାଣିଥିଲେ ତାଙ୍କ ଉପରେ ନୂଆ ଘରର ଚାପ ପକାଇବାର ଏସବୁ ଅଲଗା ଅଲଗା ଫନ୍ଦିଫିକର ଚାଲିଛି ଶାଶୁ-ବୋହୂଙ୍କର । ଖାଇବା ସମୟରେ ପୁଣି ମିନି ଦୋହରାଇଲେ, ଆଜିକାଲି ଯେଉଁ ଯୁଗ ହେଲାଣି ଏମିତି ପରିବେଶରେ ପିଲାଙ୍କୁ ରଖିଲେ ନିଶ୍ଚିତ କିଛି ଅଘଟଣ ହେବ ଭବିଷ୍ୟତକୁ, ତୁମେ ଜାଣି ରଖ । ଆତଙ୍କବାଦୀ, ସନ୍ତ୍ରାସବାଦ ସବୁ ଏଇ ଗୋଷ୍ଠୀ ଲୋକଙ୍କ କାର୍ଯ୍ୟକଳାପ । ମା'ଙ୍କୁ ସକାଳୁ ପୂଜାପାଠ ପାଇଁ ଭାରି ଅସୁବିଧା ହେଉଛି । ଏ ବୟସରେ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ପୂଜା ପାଇଁ ମନ୍ତ୍ର ଶ୍ଳୋକ ପଢ଼ିଲା ବେଳେ ଡାକବାଜିରୁ ଆଉ କିଛି କାନରେ ପଡୁଛି । ଦେହ ପ୍ରାଣ ଅଶୁଦ୍ଧ ହେଉଛି ବୋଲି କେତେଥର କହିଲେଣି, ତୁମେ ତାଙ୍କ ପୁଅ ହୋଇ ଏତିକି ବୁଝି ପାରୁନ । ପୁଣି ନୀରବ ହୋଇ ରହିଲେ ହେମନ୍ତ । ନିଜ ନିଜ ପକ୍ଷ ରଖିବାରେ ସମସ୍ତେ ସଜାଗ; ମାତ୍ର ତାଙ୍କ ଅସହାୟତାକୁ କେହି ଏମିତି କି ମିନି ମଧ୍ୟ ବୁଝିପାରୁ ନାହାନ୍ତି ।

ରବିବାର ହେଲେ ବାପାଙ୍କୁ ଯେମିତି ହେଉ ଖାସି ମାଂସ ଦରକାର । ଏକଥା ସମସ୍ତେ ଜାଣନ୍ତି । ସକାଳୁ ବାପା ଚାଲିଗଲେ ମାଂସ ଆଣିବାକୁ । ଘରେ ପଶୁ ପଶୁ ମା'ର ପ୍ରଶ୍ନ, କେଉଁଠାରୁ ଆଣିଲେ ? ଏଇ ପାଖରୁ । ଆମ ପୁରୁଣା ମାଂସବାଲା ତ କେତେ ଦୂରରେ ରହିଲା ଆଉ କେମିତି କରିବା । ମା' ଚିଡ଼ିଯାଇ କହିଲେ, ଶୀଘ୍ର ଯାଇ ଫେରଇ ଦିଅ । କି ମାଂସ ହୋଇଥିବ ତୁମେ ଜାଣ କି ? ଏବେ କ'ଣ ସେ ଆଉ ଫେରାଇବ- ବ୍ୟାଗକୁ ନଳ ପାଖରେ ରଖି ବାପା ଉତ୍ତର ଦେଲେ । ସେଦିନ କେବଳ ବାପା, ଦିପୁ ଓ ହେମନ୍ତ ହିଁ ମାଂସ ଖାଇଲେ । ଶାଶୁ-ବୋହୂଙ୍କର ହରତାଳ । ଆର ଥରଠାରୁ ମତେ ହିଁ ଆସିବ ଘରକୁ, ଏକ ପ୍ରକାରେ ନିୟମ କରି ସାରିଥିଲେ । ହେମନ୍ତଙ୍କୁ ଏସବୁ ଅସହ୍ୟ ହେଉଥିଲା । ମା'ଙ୍କୁ ତ କହି କିଛି ଲାଭ ନାହିଁ । ତେଣୁ ମିନିକୁ ବୁଝେଇବାର ଚେଷ୍ଟା କରୁଥିଲେ । ତାହା ମଧ୍ୟ ଫଳପ୍ରଦ ନ ଥିଲା । ଧୀରେ ଧୀରେ ଦିନ ଗଡ଼ି ଚାଲିଥିଲା ଓ ପରିବାର ଲୋକଙ୍କ ଆକ୍ଷେପ ମଧ୍ୟ । କିନ୍ତୁ ସେମାନଙ୍କର ସନ୍ତୁଷ୍ଟି ନଥିଲା ଏହା ଠିକ୍ ଜାଣିଥିଲେ ହେମନ୍ତ ।

ଆଜିକାଲି ମିନି, ଦିପୁକୁ ବୁଝାଇବାରେ ବ୍ୟସ୍ତ । ପାଖ ପଡ଼ିଶା ପିଲାଙ୍କ ସହ ବନ୍ଧୁତା ନ କରିବାକୁ, ତା'ର କାରଣ ଓ ପରିଣାମ । ଚାରିଆଡ଼େ ଘୃଣା ଓ ଅବିଶ୍ୱାସର ପରିବେଶ । ଭାବପ୍ରବଣ ପିଲାଙ୍କୁ ନିଜ ଜାଲରେ ପକାଇ କେତେ କ'ଣ ଭିଆଇ ଦେଉଛନ୍ତି ଏସବୁ ଲୋକ । ମିଛ ମରିଚୀକା ମୋହରେ ଛଦ୍ମନାମ ଓ ବେଶରେ ବିଭିନ୍ନ ଆତଙ୍କବାଦୀ ଗୋଷ୍ଠୀ ଏମିତି ଗଳିକନ୍ଦିରେ ହିଁ ବଢ଼ୁଛି । ଥରେ ସେଇ ଘଞ୍ଚ ଅନ୍ଧାର ଭିତରେ ପାଦ ଦେଲେ ଫେରିବାର ବାଟ ନଥାଏ । ହେମନ୍ତ ଏସବୁ ଶୁଣନ୍ତି । ମିନି ନିଜ ହୃଦୟରୁ ସତେ ଯେମିତି ସବୁତକ ମାନବିକତା ଓ ହୃଦ୍‌ବୋଧ ଫିଙ୍ଗି ଦେଇଛନ୍ତି । ପିଲାଙ୍କୁ ଉପଦେଶ ଦେବା ଠିକ୍; ମାତ୍ର ଏମିତି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଓ ନିଜ ସାଇପଡ଼ିଶାଙ୍କ ପ୍ରତି ତା' ମନରେ ଆକ୍ରୋଶ ସୃଷ୍ଟି କରାଇବା କେତେଦୂର ଯୁକ୍ତିଯୁକ୍ତ !

ପୁଣି ଆସିଲା ରବିବାର । ଆଜି ବାପାଙ୍କ ଜିଦ୍ ଥିଲା ଖାସି ମାଂସ ହିଁ ହେବ । ମା ଓ ମିନି ଯେତେ କହିଲେ ମାଛ ଆଣିବ, ସେ ଶୁଣିଲେନି । ଏତେଦିନ ହେଲା ମତେ ଖାଇ ଖାଇ ମୋ ପାଟି ବାନ୍ଧି ହୋଇଗଲାଣି; ଆଉ ନାହିଁ । ମିନିକୁ ମସଲା ପ୍ରସ୍ତୁତ କରିବାକୁ କହି ବାପା ଚାଲିଲେ ମାଂସ ଦୋକାନ ପଟେ । ହାତରେ ତାଙ୍କର ଚିରବାଞ୍ଛିତ ପଲିଥିନ୍; ସେତିକି ବେଳେ ସାମ୍ନାରୁ ଦ୍ରୁତ ଗତିରେ ମାଡ଼ି ଆସୁଥିଲା ଟ୍ରକଟିଏ । ବାପାଙ୍କର ଆଉ ଖିଆଲ ନାହିଁ । ଅମ୍‌ଜାଦ୍ ଦୌଡ଼ିଯାଇ କୁଣ୍ଢେଇ ଧରିଲା ବାପାଙ୍କୁ; କିନ୍ତୁ ରାସ୍ତା ସାରା ବିଛେଇ ହୋଇଥିଲା ରକ୍ତ ଓ ପୁଳାଏ ମାଂସ । ସେ ମାଂସର ଉଷ୍ଣତା ସଞ୍ଚରି ଯାଇଥିଲା ବାପା ଓ ଅମ୍‌ଜାଦ୍ ଦୁହିଁଙ୍କ ଶିରା ପ୍ରଶିରାରେ । ଦୁହେଁ ଥରୁଥିଲେ । ଅମ୍‌ଜାଦ୍ ନିଜ ଦୁଇବର୍ଷର ନାତିର ହାତ ଛାଡ଼ି ବାପାଙ୍କୁ ବଞ୍ଚାଇବା ପାଇଁ ଚାଲିଗଲା ଓ ଟ୍ରକ୍ ତଳେ ଚାପି ହୋଇଗଲା ସେଇ ଦୁଇବର୍ଷର ଶିଶୁ । ବାପାଙ୍କ ଆଖିରୁ ନିଗିଡ଼ି ଯାଉଥିଲା ଲୁହ । ତାଙ୍କ ହୃଦୟରେ ପଶ୍ଚାତାପ ବାରମ୍ବାର ପ୍ରଶ୍ନ କରୁଥିଲା- ମୋ ଦେହ ଓ ତା' ଦେହର ରକ୍ତର ରଙ୍ଗ କ'ଣ ଭିନ୍ନ ? ମୁଣ୍ଡ ପିଟି ପିଟି ଅମ୍‌ଜାଦ୍ କାନ୍ଦୁଥିଲା ।

ଭବାନୀପାଟଣା, କଳାହାଣ୍ଡି

ISSN -2583-147X (P), Vol.- 10, Issue No.I, April 2024
**Bastabatara Pariprakash Prachee**
***Peer Reviewed and Referred Research Journal***

# ଚଳଚ୍ଚିତ୍ର ଜଗତ

## ସ୍ୱରୂପା ପ୍ରିୟଦର୍ଶିନୀ ପଣ୍ଡା ସାମନ୍ତ

କାହିଁ କେଉଁ କାଳରୁ ମନକୁ ଆନ୍ଦୋଳିତ କଲା ଭଳି ସିନେମାଟିଏ ନଜରକୁ ଆସିନାହିଁ । ଅତ୍ୟଧିକ କାମର ଚାପକୁ ଆଡ଼େଇ ମନ ଫୂର୍ତ୍ତି କରିବା ଆଶାରେ, ଗତ ସପ୍ତାହରେ ଦେଖିଥିବା ସିନେମାର କିୟଦଂଶ ବେଳ ଅବେଳରେ ମନକୁ ଆସି ବିବ୍ରତ କରୁଛି । ଆଉ ଯଦି କାହାଣୀ ଉପରେ ଟିପ୍ପଣୀ କରାଯାଏ, ତେବେ କାହାଣୀ ଲେଖିଥିବା ଭଦ୍ରଲୋକଙ୍କ ମସ୍ତିଷ୍କ ବିକୃତ ଭଳି ମନେହୁଏ । ସାଙ୍ଗକୁ ସିନେମାର ଶୀର୍ଷକ ପ୍ରଚଣ୍ଡ ଅରୁଚିକର । ଆମ ଭାଷାରେ ଖୁବ୍ ଭଲ କାହାଣୀ ଅଛି । ଅନେକ ବିଜ୍ଞ ଲେଖକ ଅଛନ୍ତି । ଦକ୍ଷ ନିର୍ଦ୍ଦେଶକ ଓ ଅଭିନେତା, ଅଭିନେତ୍ରୀ ଅଛନ୍ତି । ତଥାପି ସିନେମା ଜଗତରେ ଏ ବିପର୍ଯ୍ୟୟର କାରଣ କ'ଣ ହୋଇପାରେ । ଏମିତି କିଛି ସମ୍ଭାବ୍ୟ ପ୍ରଶ୍ନରେ ରାଜୁ କଲବଲ ହେଉଥିଲା । ସମ୍ଭବତଃ ସେ କିଛି କରିବାକୁ ଚାହୁଁଥିଲା । କିନ୍ତୁ ଅନୁଭୂତି ଅଭାବରୁ ଦ୍ୱନ୍ଦ୍ୱରେ ପଡୁଥିଲା ।

"କଲେଜର ବାର୍ଷିକ ଉତ୍ସବ ନିମନ୍ତେ ତୁ ନାଟକ ଲେଖୁଥିଲୁ । ମନେଅଛି ?" ହଠାତ୍ ସେଦିନ ତା' କଲେଜ ବେଳର ବନ୍ଧୁ ଆଶିଷ କହିବାରୁ ସେ ଚମକୃତ ହେଲା ।

କୌଣସି ବିଖ୍ୟାତ ଲେଖକଙ୍କ କାହାଣୀକୁ ଆଧାର କରି ସଂଳାପ ଲେଖିଲେ କେମିତି ହୁଅନ୍ତା । ଗତ ଦୁଇବର୍ଷ ଭିତରେ ସେ ଯେତେ ସିନେମା ଦେଖିଛି ସବୁର ସଂଳାପ ଖୁବ୍ ନିମ୍ନମାନର । ଚରିତ୍ର ଗୁଡ଼ିକ ମଧ୍ୟ ଦୁର୍ବଳ । କାହାଣୀ ପ୍ରସଙ୍ଗ ନ ଉଠାଇବା ଭଲ । ସେ ଯନ୍ତ୍ରବତ୍ ନିଜ କୁନି ପାଠାଗାର ଭିତରକୁ ପଶିଲା । ଅନେକ କାଳଜୟୀ କାହାଣୀ ମଧ୍ୟରୁ ଗୋଟିଏ କାହାଣୀ ବାଛିବା ଖୁବ୍ କଷ୍ଟସାଧ୍ୟ । ଦୀର୍ଘ ମାସେ କାଳ ସେ ନିଜକୁ ବହିଗୁଡ଼ିକ ଭିତରେ ହଜାଇଲା ପରେ ତା' ହାତରେ ଥିଲା ଏକ ଭାବପୂର୍ଣ୍ଣ ଉପନ୍ୟାସ । ସଂଳାପ ଲେଖିବା ପୂର୍ବରୁ ଉପନ୍ୟାସଟିକୁ ଭଲ ଭାବେ ପଢ଼ିବାକୁ ହେବ । ନଚେତ୍ ସଂଳାପ ଲେଖିବା ସମ୍ଭବ ହେବନି । ଉପରକୁ ସହଜ ମନେ ହେଉଥିବା କାମଟି ଯେ ଅସଲରେ କେଡ଼େ କଷ୍ଟକର ଏକଥା ତା' ମଗଜକୁ ଢୁକିଲା, ଯେତେବେଳେ ସେ ସଂଳାପ ଲେଖିବା ଆରମ୍ଭ କଲା ।

ଦେଢ଼ବର୍ଷ ଗତ ହୁଅନ୍ତେ, ସାଧାରଣ ରାଜୁ ରୁ ସେ ପାଲଟି ଯାଇଥିଲା ଜଣେ ସଂଳାପ ଲେଖକ । ଏଣିକି ଅନେକ ତାକୁ ଲେଖକ ବାବୁ ବା ଲେଖକ ମହାଶୟ ବୋଲି ଡାକୁଥିଲେ । ତା'ଛଡ଼ା କେତେକ ବଳିଷ୍ଠ କାହାଣୀକୁ ସଂଳାପର ରୂପ ଦେଇଥିବା ସଂଳାପ ଲେଖକ ହିସାବରେ ବନ୍ଧୁ ମହଲରେ ସେ ସମ୍ମାନର ପାତ୍ର ମଧ୍ୟ ହୋଇଥିଲା । ସମସ୍ତେ ତାକୁ ପ୍ରଶଂସା କରୁଥିଲେ । ଅବଶ୍ୟ ଏ ସଂଳାପ ଲେଖିବା ସମୟରେ ସେ କଠିନ ପରିଶ୍ରମ କରିଛି । ସହାୟତା ସକାଶେ ଅନେକ ଲେଖକଙ୍କ ପାଖକୁ ଦୌଡ଼ିଛି । ଅନେକ ବହି ପଢ଼ିଛି । ଟିକିନିଖି ଅନୁଧ୍ୟାନ କରିଛି । ବିଭିନ୍ନ ଭାଷାର ସିନେମା ଦେଖିଛି । ବିଜ୍ଞଙ୍କ ସଙ୍ଗେ ଚର୍ଚ୍ଚା କରିଛି । ନିଜେ ରାତିରାତି ଅନିଦ୍ରା ରହି ବିଷୟ ବସ୍ତୁକୁ ତର୍ଜମା କରିଛି । ତେବେ ଯାଇ ଆଶାନୁରୂପ ସଂଳାପ ଲେଖିବାକୁ ସେ ସକ୍ଷମ ହୋଇଛି ।

ଯଦିଓ ସେ ସଂଳାପ ଲେଖିଥିବା ସିନେମାଗୁଡ଼ିକ ଇତିମଧ୍ୟରେ ଅନେକ ପୁରସ୍କାର ପାଇଛି, ତଥାପି ବିଶେଷ ଲୋକପ୍ରିୟ ହୋଇ ପାରିନାହିଁ । ସିନେମା ଲୋକପ୍ରିୟ ହେବାପାଇଁ, ପ୍ରକୃତରେ କ'ଣ ଆବଶ୍ୟକ ? ରାଜୁ ଭାବୁଥିଲା ।

"ବିଶିଷ୍ଟ କଥାକାର ଶ୍ରୀଯୁକ୍ତ ରାୟଙ୍କ ବହୁ ଚର୍ଚ୍ଚିତ

ଉପନ୍ୟାସ ଯେଉଁଟି ଗତବର୍ଷ ପୁରସ୍କୃତ ପାଇଲା । ଯେଉଁଟି ତିନିବର୍ଷ ତଳେ ବିଦେଶର ଦୁଇଟି ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଛି । ଆପଣ ଜାଣିଛନ୍ତି ! ଅତି ଚମତ୍କାର ବିଷୟବସ୍ତୁ । ସମ୍ପୂର୍ଣ୍ଣ ଭିନ୍ନ ଏବଂ ଅତ୍ୟନ୍ତ ଉଚ୍ଚକୋଟୀର । ମୋ ମତରେ ତା' ଉପରେ ସିନେମାଟିଏ କଲେ ଖୁବ୍ ଭଲ ହୁଅନ୍ତା । ସମାଜକୁ ଭଲ ବାର୍ତ୍ତା ମିଳନ୍ତା । ମୁଁ ସେ ଉପନ୍ୟାସକୁ ନେଇ ସଂଳାପ ଲେଖିଛି । ଆପଣ ଥରେ ନଜର ପକାନ୍ତୁ । ମୋର ବିଶ୍ୱାସ ଆପଣ ନିରାଶ ହେବେନି ।" ନାମୀ ନିର୍ଦ୍ଦେଶକଙ୍କୁ ରାଜୁ ପ୍ରାୟ ମିନତି କଲା । ସଗର୍ବେ ନିର୍ଦ୍ଦେଶକ ମହୋଦୟ ସଂଳାପଟିକୁ ହାତକୁ ନେଲେ । ଦୁଇ ତିନି ପୃଷ୍ଠା ଓଲଟାଇ, ପୁଣି ଟେବୁଲ ଉପରେ ରଖିଦେଲେ । ବଡ଼ ଆଶାୟୀ ଦୃଷ୍ଟିରେ ରାଜୁ ନିର୍ଦ୍ଦେଶକଙ୍କୁ ଚାହିଁଥାଏ ।

"ନା ଚଳିବନି । ଅସଲ ଦୃଶ୍ୟ କାହିଁ !" ନିର୍ଦ୍ଦେଶକ ଭ୍ରୂକୁଞ୍ଚନ କଲେ ।

'ଅସଲ ଦୃଶ୍ୟ !' ରାଜୁ ବିଚଳିତ ହେଲା ।

"ସଂଳାପ ଲେଖୁଛ । ଅଥଚ ଅସଲ ଦୃଶ୍ୟ ବୁଝୁନାହଁ । ଯେଉଁ ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟଗୁଡ଼ିକ ପାଇଁ ପବ୍ଲିକ ଥିଏଟରକୁ ଟାଣି ହୋଇଆସେ । ଯେଉଁଥିପାଇଁ ସିନେମାର ବ୍ୟବସାୟ କୋଟିକୋଟି ଟଙ୍କା ହୁଏ ।" ନିର୍ଦ୍ଦେଶକ ଦକ୍ଷିଣ ପଟ କାନ୍ଥକୁ ଆଙ୍ଗୁଳି ନିର୍ଦ୍ଦେଶ କଲେ । ରାଜୁର ନଜର ନିର୍ଦ୍ଦେଶକଙ୍କ ଆଙ୍ଗୁଳିକୁ ଅନୁସରଣ କଲା । କାନ୍ଥରେ ଏକ ଅଶ୍ଳୀଳ ଚିତ୍ର । ରାଜୁ ଚମକି ପଡ଼ିଲା । "ଅଭିନେତା, ଅଭିନେତ୍ରୀ ଏସବୁ ପାଇଁ କ'ଣ ରାଜି ହେବେ !' ରାଜୁ ସଂଶୟ ପ୍ରକାଶ କଲା ।

"ହଇଓ ବାବୁ ! ସିନେମା ସମ୍ବନ୍ଧୀୟ କୌଣସି ଜ୍ଞାନ ବୋଧେ ତୁମର ନାହିଁ । ଏଭଳି ବିଶେଷ ଦୃଶ୍ୟ ନିମନ୍ତେ ବିଦେଶରୁ ଅଭିନେତ୍ରୀ ଅଣାଯାଏ ।" ନିର୍ଦ୍ଦେଶକ ନିଜ ଜ୍ଞାନର ସୂଚନା ଦେଲେ । ରାଜୁ ଦ୍ୱନ୍ଦ୍ୱରେ ପଡ଼ିଲା । ଅନେକ ସମୟ ଭାବିଲା ପରେ ସେ କହିଲା, "ମାନୁଛି ସିନେମାରେ ମୋର ବିଶେଷ ଜ୍ଞାନ ନାହିଁ । କିନ୍ତୁ ସିନେମାଟିଏ ପାଇଁ ପ୍ରଥମେ ଆବଶ୍ୟକ ଭଲ କାହାଣୀ ଏବଂ ଉତ୍ତମ ସଂଳାପ । ବାକି ରହିଲା ନିର୍ଦ୍ଦେଶନା ଓ ଅଭିନୟ । ମୁଁ ଜାଣେ, ଆପଣ ଜଣେ ଦକ୍ଷ ନିର୍ଦ୍ଦେଶକ । ଅତଏବ ଚରିତ୍ରକୁ ଖାପ୍ ଖାଇଲା ଭଳି ଅଭିନେତା ଏବଂ ଅଭିନେତ୍ରୀ ଆପଣ ଅଚିରେ ବାଛିନେବେ । ସେ ବିଶ୍ୱାସ ମୋର ଅଛି । କିନ୍ତୁ ଏସବୁ ପର କଥା । ପ୍ରଥମେ ଆପଣ ସଂଳାପ ପଢ଼ନ୍ତୁ ।"

ଦୁଇ ଢୋକ ପାଣି ପିଇ ନିର୍ଦ୍ଦେଶକ କହିଲେ, "ଏଭଳି କାହାଣୀ ଏବଂ ସଂଳାପ ଦେଖି କୌଣସି ପ୍ରଯୋଜକ ଖର୍ଚ୍ଚ କରିବାକୁ ଚାହିଁବେନି । ତଥାପି ମୁଁ ଚେଷ୍ଟା କରିବି । ତମେ ଯାଅ । ପନ୍ଦର ଦିନ ଛାଡ଼ି ଆସିବ ।"

ଦୁଇଦିନ ତଳେ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶକଙ୍କ ଇଣ୍ଟରଭ୍ୟୁ ରାଜୁ ଟିଭିରେ ଦେଖିଥିଲା । ସଦ୍ୟ ତାଙ୍କର ଏକ ସିନେମା, ସିନେମା ଜଗତକୁ ଭିନ୍ନ ମୋଡ଼ ଦେଇଛି । ସେ କୁଆଡ଼େ ଅଦ୍ଭୁତ ସିନେମାମାନ ନିର୍ମାଣ କରିପାରନ୍ତି । ତାଙ୍କ ନିର୍ଦ୍ଦେଶନା ଶୈଳୀ ଏକବାର ଭିନ୍ନ । ଶୁଣାଯାଉଛି ପ୍ରଯୋଜକବୃନ୍ଦ ତାଙ୍କ ପଛରେ ଗୋଡ଼ାନ୍ତି । ତେବେ ନିଃସନ୍ଦେହ ନିର୍ଦ୍ଦେଶକ ମହୋଦୟ ଜଣେ ଗୁଣୀ ଲୋକ । ଅତଏବ ଅନେକ ଆଶା ନେଇ ସେ ଆସିଥିଲେ । ରାଜୁ ଦୀର୍ଘଶ୍ୱାସ ନେଲା ।

ପନ୍ଦର ଦିନ ପରେ, ରାଜୁ ନିର୍ଦ୍ଦେଶକଙ୍କ ଅଫିସ୍ ମୁହାଁ ହେଲା । ତାକୁ ଦେଖି ନିର୍ଦ୍ଦେଶକ ଗୋଲାକାର ପେପରୱେଟଟିକୁ ଘୁରାଇବାକୁ ଲାଗିଲେ ।

'ଆଚ୍ଛା ! କିଛି ହେଲା ?' ନମ୍ରଭରେ ରାଜୁ ପଚାରିଲା ।

'ହବ କ'ଣ !' ନିର୍ଦ୍ଦେଶକ ପାଲଟା ପ୍ରଶ୍ନ କଲେ ।

ରାଜୁ ସାମାନ୍ୟ ବ୍ୟସ୍ତ ହେଲା । 'ଓଃ ! କଥା କହିବାର ଶୈଳୀ ତାକୁ ଜଣାନାହିଁ ।' ମନେମନେ ସେ ନିଜକୁ ତାଗିଦ୍ କଲା । ପରେ ମୁହଁରେ ସାମାନ୍ୟ ହସ ଫୁଟାଇ ସେ କହିଲା, 'ମୋ କହିବାର ଅର୍ଥ, ସିନେମା କରିବା ବିଷୟରେ ଆପଣ କ'ଣ ସ୍ଥିର କଲେ ?'

"ହଁ ! ସେ ପ୍ରସଙ୍ଗକୁ ନେଇ ମୁଁ ଦ୍ୱନ୍ଦ୍ୱରେ ପଡ଼ିଛି । ମୋ ପାଖରେ ଭିନ୍ନଭିନ୍ନ ଭାଷାର ଅନେକ କାହାଣୀ ଅଛି । କେଉଁଟିକୁ ନେଇ ସିନେମା କରିବି ଚିନ୍ତାରେ ପଡ଼ିଛି । ଏଣେ ଏ ବର୍ଷ ହଲିଉଡ଼ରେ କେତେକ ଆକର୍ଷଣୀୟ ସିନେମା ବାହାରିଛି । ସେଥିରୁ ଗୋଟାଏ ନକଲ କଲେ ମଧ୍ୟ ଭଲ ଲାଭ ହୁଅନ୍ତା ।" ମୁହଁ ଶୁଖାଇ ନିର୍ଦ୍ଦେଶକ କହିଲେ । ବାସ୍ତବିକ ସେ ଚିନ୍ତିତ ଜଣା ପଡୁଥିଲେ ।

"ଆଚ୍ଛା ! ଆମ ଭାଷାରେ ଅନେକ ମୁଗ୍ଧକର କାହାଣୀ ଥାଉ ଥାଉ, ଅନ୍ୟ ଭାଷାର କାହାଣୀ ନେଇ ସିନେମା କରିବା କ'ଣ ଉଚିତ୍ ହେବ । ଆମ ଭାଷାରେ ଏମିତି ଅନେକ କାହାଣୀ ଅଛି ଯାହା ବିଦେଶରେ ମଧ୍ୟ ଆଦୃତ ହୋଇଛି । ଏବଂ ମୁଁ ଯେଉଁ ସଂଳାପ ଲେଖିଛି, ସେ କାହାଣୀ ଖୁବ୍ ଶକ୍ତିଶାଳୀ । ଆପଣ ସେ କଥା ଜାଣନ୍ତି । ଅତଏବ... ।"

"ତମ ମତ ଗ୍ରହଣ ଯୋଗ୍ୟ ନୁହେଁ । ବିଦେଶରେ ଆଦୃତ ହେଲେ କ'ଣ ହେବ ? ଆମ ଲୋକଙ୍କୁ ଭଲ ଲାଗିଲେ ତ ! ଉପନ୍ୟାସ ଦେଖିବାକୁ ପଇସା ଲୋଡ଼ା ନାହିଁ । କିନ୍ତୁ ବିନା ପଇସାରେ ସିନେମା ହୁଏନା । ଏକଥା ମନେ ରଖିବାକୁ ହେବ ।" ନିର୍ଦ୍ଦେଶକ ତାକୁ ବାଧା ଦେଲେ ।

"ତମ ଯୋଗୁଁ ମୁଁ ମଧ୍ୟ ଅପମାନ ପାଉଛି । ବଡ଼ ବଡ଼ ପ୍ରଯୋଜକମାନେ ମୁହଁ ଫେରାଇ ନେଉଛନ୍ତି । ମତେ ଥଟ୍ଟା କରୁଛନ୍ତି ।" ରାଜୁ ଅବୋଧ ଶିଶୁଟିଏ ଭଳି ନିର୍ଦ୍ଦେଶକଙ୍କ ମୁହଁକୁ ଚାହିଁଥାଏ ।

"ଚାହିଁଛ କ'ଣ ? ବୁଝିଲ ଲେଖକ ମହାଶୟ ! କାହାଣୀକୁ ଭିତ୍ତି କରି ସିନେମା କଲେ, ଏଣିକି କେହି ପସନ୍ଦ କରୁ ନାହାନ୍ତି । ସମସ୍ତେ ପ୍ରତ୍ୟେକ ଦୃଶ୍ୟରେ ରୋମାଞ୍ଚ ଚାହୁଁଛନ୍ତି । ଯାହା ତାଙ୍କୁ କ୍ଷଣିକ ଉତ୍ତେଜନା ଦେଉଛି । ବର୍ତ୍ତମାନ ସଭିଁଏ କ୍ଷଣିକ ଆନନ୍ଦ ପଛରେ ମତ୍ତ । ହାଲୁକା ବିଷୟବସ୍ତୁ ଲୋକଙ୍କ ନିମନ୍ତେ ଠିକ୍ । ତମେ ଯେଉଁ କାହାଣୀ ନେଇଛ, ସତ କହିବାକୁ ଗଲେ ଗୋଟିଏ ଦିନବି ଚାଲିବନି । ଅତଏବ ମୋ ନାଁ ମଧ୍ୟ ଖରାପ ହେବ ।" ନିର୍ଦ୍ଦେଶକ ଗଭୀର ଶୋକ ପ୍ରକାଶ କଲେ ।

ରାଜୁ ନିରବ ରହିଲା । ହୁଏତ କ'ଣ କହିବ ଭାବୁଥିଲା । ନିର୍ଦ୍ଦେଶକ କହିଲେ, "ମାସେ ପରେ ଆସିବ । ଏବେ ଯାଅ । ମୋର ଅନେକ ଗୁରୁତ୍ୱପୂର୍ଣ୍ଣ କାମ ପଡ଼ିଛି ।" ନିର୍ଦ୍ଦେଶକ ଅଫିସ୍‌ରୁ ବାହାରିଗଲେ । ଜମାଟ ବାନ୍ଧି ଯାଇଥିବା ନିରବତା ଭିତରେ ରାଜୁ ଏକୁଟିଆ ବସି ରହିଲା । ମନେହେଲା, ସତେ ଅବା ସେ ନିରବତା ନିମିଷକ ମଧ୍ୟରେ ରାଜୁକୁ ଗିଳି ପକାଇବ । ରାଜୁ ଭୟରେ ପ୍ରାୟ ଧାଇଁଲା । ମୁଖ୍ୟ ରାସ୍ତା ଧରିବା ପର୍ଯ୍ୟନ୍ତ ତା' ଦୌଡ଼ ଅବ୍ୟାହତ ରହିଲା ।

"ଅନେକ ଧାଁ ଦଉଡ଼ ପରେ ଜଣେ ପ୍ରଯୋଜକ ରାଜି ହୋଇଛନ୍ତି । ଅବଶ୍ୟ କାହାଣୀ ଏବଂ ସଂଳାପକୁ ମୁଁ ସାମାନ୍ୟ ସଜାଡ଼ି ଦେଇଛି । ତମେ ଥରେ ନଜର ପକାଅ । ଜରୁରୀ ପରିସ୍ଥିତିରେ ଆହୁରି ପରିବର୍ତ୍ତନ ହୋଇପାରେ । ପ୍ରଯୋଜକ ଯେମିତି ଚାହିଁବେ, ସେମିତି କରିବାକୁ ହେବ ।" ମାସଟିଏ ପରେ ମନରେ ଅନେକ ଆଶା ବାନ୍ଧି, ରାଜୁ ନିର୍ଦ୍ଦେଶକଙ୍କ ଅଫିସରେ ପାଦ ଦିଅନ୍ତେ ନିର୍ଦ୍ଦେଶକ ସୂଚନା ଦେଲେ ।

"ମୁଁ ଏ କ୍ଷେତ୍ରରେ ନୂଆ । କିନ୍ତୁ ଆପଣ ତ ପ୍ରବୀଣ । ଅତଏବ ପରିବର୍ତ୍ତନ କରି ଆପଣ ଏକବାର ଠିକ୍ କରିଛନ୍ତି ।" ରାଜୁ ଉଲୁସି ଉଠିଲା । ଖୁସିରେ ଫାଟିପଡ଼ି କାହାଣୀ ପଢ଼ିବା ଉଦ୍ଦେଶ୍ୟରେ ଫର୍ଦ୍ଦ ପରେ ଫର୍ଦ୍ଦ ଓଲଟାଇବାକୁ ଲାଗିଲା । ମାତ୍ର କେଇ କ୍ଷଣ ଭିତରେ ତା ହସହସ ମୁହଁ ଧୀରେଧୀରେ ବିକୃତ ହେବାକୁ ଲାଗିଲା । ସାମ୍ନାରେ ଅନ୍ୟ ଗ୍ରହର ପ୍ରାଣୀ ଦେଖିଲା ପରି, ସେ ହତବାକ୍ ହେଲା ।

ସର୍ବଦା ନିମ୍ନ ସ୍ୱରରେ କଥା କହୁଥିବା ରାଜୁ ଚିତ୍କାର କଲା, "ଏ କ'ଣ ! ଏଥିରେ ଶ୍ରୀଯୁକ୍ତ ରାୟଙ୍କ ଉପନ୍ୟାସର ଲେଶ ମାତ୍ର ନାହିଁ । ଆଉ ଆପଣ ସଂଳାପ ନାଁରେ ଯାହା ମୋତେ ପଢ଼ିବାକୁ ଦେଇଛନ୍ତି ତାହା କେବଳ ଅନେକ ଶବ୍ଦର ମେଳ ଯାହାର ଅର୍ଥ କିଛି ନାହିଁ । ଏତେଗୁଡ଼ିଏ ଅଯଥା ଦୃଶ୍ୟ ପୂରାଇବାର କାରଣ କହିବେ କି !" ସେ ଜେରା କଲା ।

ନିର୍ଦ୍ଦେଶକ ହସିଲେ ଏକ ମନଖୋଲା ହସ । ସତେ ଅବା ସେ ଏପରି ଏକ ଅଜବ ପ୍ରାଣୀଟିଏ ଦେଖୁଛନ୍ତି, ଯାହାକୁ ଦେଖିବାର ସୌଭାଗ୍ୟ ଆଜି ପର୍ଯ୍ୟନ୍ତ କାହାରି ହୋଇନି । ତାଳିମାରି ସେ କହିଲେ, "ହସାଇଲ ବନ୍ଧୁ ! ହସାଇଲ । ବୋଧହୁଏ ତମେ ଜାଣିନାହଁ, ପରିବର୍ତ୍ତନ କଲାପରେ ପ୍ରଯୋଜକ ରାଜି ହୋଇଛନ୍ତି । ତମେ କ'ଣ ଭାବୁଛ । ରାୟବାବୁଙ୍କ କାହାଣୀ ପଢ଼ି ପ୍ରଯୋଜକ ପ୍ରୀତ ହୋଇଛନ୍ତି । ତମେ ଯେଉଁ ଦୃଶ୍ୟକୁ ଅନାବନା କହୁଛ, ସେହି ଦୃଶ୍ୟ ହିଁ ସିନେମାକୁ ହିଟ୍ କରାଇବ । ନହେଲେ ରାୟବାବୁଙ୍କ କାହାଣୀ ଦେଖିବାକୁ ବା ତୁମ ସଂଳାପ ଶୁଣିବାକୁ ଲୋକ ଆସିବେ ! ଲୋକଙ୍କୁ ଏଡ଼େ ମୂର୍ଖ ଭାବିଛ ।"

ବିଷାଦ ମନରେ ରାଜୁ ଉଠିଲା । ହାତଯୋଡ଼ି ନମ୍ର ଭାବରେ ସେ ନିର୍ଦ୍ଦେଶକଙ୍କୁ କହିଲା- "ସିନେମାର ଏ ଅବସ୍ଥା ମୁଁ ଜାଣି ନଥିଲି । ମୋତେ କ୍ଷମା କରିବେ । ବିକଳାଙ୍ଗ ସିନେମା ତିଆରି କରିବା ସପକ୍ଷରେ ମୁଁ ନୁହେଁ ।" ଏକ ପ୍ରକାର ଅସୁସ୍ଥ ମନ ନେଇ ସେ, ନିର୍ଦ୍ଦେଶକଙ୍କ ଅଫିସ ଛାଡ଼ିଲା । ମନେ ମନେ ବିଚାର କରୁଥିଲା ଘରକୁ ଯିବ ନା ଡାକ୍ତରଖାନା... ।

ସିନସିନାଟି, ଓହାୟୋ, ଯୁକ୍ତରାଷ୍ଟ୍ର ଆମେରିକା
**E-mail : swarupa.sitansu@gmail.com**

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଉତ୍ତରାଧିକାରୀ

## ଶାଶ୍ୱତୀ ସାମଲ

ବାପଘରକୁ ଆସିବାର ପ୍ରାୟ ପନ୍ଦର ଦିନ ହୋଇଗଲାଣି ସୁରଭିର । କିନ୍ତୁ ତାକୁ ଲାଗୁଛି ସତେ ଯେମିତି ଏହା ଭିତରେ ଗୋଟେ ଯୁଗ ବିତି ଗଲାଣି । ନା ମା ସାଙ୍ଗରେ କଥା ହେବାକୁ ଇଚ୍ଛା ହେଉଛି ନା ବାବାଙ୍କ ସମ୍ମୁଖକୁ ଆସିବାକୁ ସାହସ ହେଉଛି । ସତେ ଯେମିତି ତା ମନର ଅପରାଧ ବୋଧ ତାକୁ ଟାଣି ଧରୁଛି ଏସବୁ କରିବା ପାଇଁ । ଆସିଲା ଦିନରୁ ତା ଯତ୍ନ ନେବାରେ ସେମାନେ କୌଣସି ହେଳା କରୁନାହାନ୍ତି, କାଳେ ତା' ମନରେ କଷ୍ଟ ଆସିବ ସେଥିପାଇଁ ନା ତାକୁ କିଛି ପଚାରୁଛନ୍ତି, ନା ଘରେ ସେ ବିଷୟ ନେଇ କିଛି ଚର୍ଚ୍ଚା ହେଉଛି, କିନ୍ତୁ ସେମାନେ ତାଙ୍କ ଦୁଃଖ ତା ଆଗରେ ପ୍ରକାଶ ନ କଲେ ବି ସେ ଭଲରେ ଜାଣିଛି ତା ଭବିଷ୍ୟତ ବିଷୟରେ ଚିନ୍ତା କରି ସେମାନେ ସାରା ରାତି ଶୋଇ ପାରୁନାହାନ୍ତି । ତା'ର ଆଜି ବି ମନେଅଛି ଯେଉଁଦିନ ଡାକ୍ତରୀ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶିତ ହେଲା, ସେ ଉତ୍ତୀର୍ଣ୍ଣ ହେଉଛି ଜାଣି ବାବା ଖୁସିରେ ସାହିପଡ଼ିଶା, ବନ୍ଧୁବାନ୍ଧବ ସମସ୍ତଙ୍କୁ ମିଠା ବାଣ୍ଟିଥିଲେ ମା ତା'ର ମଙ୍ଗଳ କାମନା କରି ମନ୍ଦିରରେ କେତେ ପୂଜାପାଠ କରିଥିଲେ । ତା' ଭବିଷ୍ୟତକୁ ନେଇ କେତେ ସ୍ୱପ୍ନ ସେମାନେ ଦେଖିଥିଲେ, କିନ୍ତୁ ବଦଳରେ ସେ କ'ଣ କଲା, ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଯାଇ ନିତିନ୍‌କୁ ବିବାହ କଲା କେବଳ ଜାତିଗତ ବୈଷମ୍ୟ ନୁହେଁ, ତା' ତୁଳନାରେ ନିତିନ୍‌ର ଶିକ୍ଷାଗତ ଯୋଗ୍ୟତାର ନ୍ୟୂନତା, ରୋଜଗାରର ଅନିଶ୍ଚିତତା ଥିଲା । ସେଥିପାଇଁ ଏ ବିବାହରେ କେହି ରାଜି ନଥିଲେ । ଏଥିରୁ ବିରତ ହେବାପାଇଁ ମା ତାକୁ ବହୁତ ବୁଝେଇଥିଲେ, କିନ୍ତୁ ସେ କାହା କଥା ଶୁଣିବା ଅବସ୍ଥାରେ ନଥିଲେ ସତେ ଯେମିତି ନିତିନ୍‌ଙ୍କ ପ୍ରେମ ତା ଆଖିରେ ଅନ୍ଧପୁଟୁଳି ବାନ୍ଧି ଦେଇଥିଲା । ଶେଷରେ ଆଇନର ଆଶ୍ରୟ ନେଇ ଅଦାଲତରେ ସେ ଓ ନିତିନ୍ ବିବାହ ବନ୍ଧନରେ ବାନ୍ଧି ହୋଇଯାଇଥିଲେ । ମା, ବାବା, ବନ୍ଧୁବାନ୍ଧବ କେହିଜଣେ ବି ଆସିନଥିଲେ ଏହି ବାହାଘରରେ ମାତ୍ର ଯାହା ଭଲ ପାଇବାରେ ବିଶ୍ୱାସ କରି ସମସ୍ତଙ୍କୁ ପର କରି ସେ ଚାଲି ଆସିଥିଲା ଆଜି ସେ ହିଁ ତା ସହିତ ବିଶ୍ୱାସଘାତ କଲେ ।

ବିବାହ ପରେ ନିତିନ୍‌ଙ୍କ ସହିତ ନିଜ ସଂସାର ସଜାଡୁ ସଜାଡୁ ସେ ଭୁଲି ଯାଇଥିଲା ଯେ ତା'ର ବି କିଛି ଅସ୍ତିତ୍ୱ ଅଛି, ସେ ଏମିତି ନିଜ ସ୍ୱପ୍ନ ରାଇଜରେ ବୁଡ଼ି ରହିଥିଲା ଯେ ବାହାର ଦୁନିଆରେ କ'ଣ ଘଟୁଛି ତା ବିଷୟରେ କିଛି ଜଣାନଥିଲା ତାକୁ । ଏମିତିକି ତା' ପ୍ରତି ନିତିନ୍‌ଙ୍କର ପରିବର୍ତ୍ତନକୁ ସେ ଅନୁଭବ କରି ପାରିନଥିଲା, ଯେତେବେଳେ ଜାଣିଲା ସେତେବେଳେ ବହୁତ ଡେରି ହୋଇଯାଇଥିଲା ।

ବାହାଘରର ଚାରିବର୍ଷ ପୁରି ଯାଇଥିଲେ ବି ସେ ଏ ପର୍ଯ୍ୟନ୍ତ ମା ହୋଇପାରି ନାହିଁ ଏହି କାରଣକୁ ନେଇ ପ୍ରଥମେ ପରିବାର ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ଧିରେଧିରେ ଏହି ସନ୍ଦେହ ଏକ ବିରାଟ ପ୍ରଶ୍ନବାଚୀ ନେଇ ତା ସମ୍ମୁଖରେ ଛିଡ଼ା ହୋଇଥିଲା । ନିତିନ୍‌ଙ୍କ ମାଆଙ୍କର ଏକା ଜିଦ୍ ଧରି ମୃତ୍ୟୁ ପୂର୍ବରୁ ସେ ନିଜ ନାତିକୁ କୋଳରେ ଧରିବେ ।

ଏମିତି ପରିସ୍ଥିତିରେ ସେ ଭାବିଥିଲା କେହି ନ ବୁଝିଲେ ବି ନିତିନ୍ ତା ସପକ୍ଷରେ ନିଶ୍ଚୟ ବାହାରିବ । କାରଣ ଛୁଆପିଲା ନକରିବାର ନିଷ୍ପତ୍ତି କେବଳ ତା'ର ନଥିଲା । ସେମାନେ ଦୁଇଜଣ ମିଶି ସ୍ଥିର କରିଥିଲେ ଯେ ପର୍ଯ୍ୟନ୍ତ ନିତିନ୍ ଭଲ ଚାକିରି ନ ପାଇଛନ୍ତି ସେ ପର୍ଯ୍ୟନ୍ତ ସେମାନେ ନିଜ ସଂସାର ବଢ଼ାଇବେ ନାହିଁ । କିନ୍ତୁ ସେ ତାଙ୍କ ମାଆଙ୍କ କଥାକୁ ଆଗରେ ସମର୍ଥନ ନକଲେ ବି ବିଦ୍ରୋହ କରୁନଥିଲେ । ହୁଏତ ସେ ପିତା ହବାର ଇଚ୍ଛା ଆଗରେ ସ୍ୱାମୀର ଦାୟିତ୍ୱକୁ ଭୁଲି ଯାଇଥିଲେ । ତେଣୁ ତା'ର ଇଚ୍ଛା ନଥିଲେ ବି ସମସ୍ତଙ୍କ ଖୁସି ପାଇଁ ନିଜର ଡାକ୍ତରୀ ପରୀକ୍ଷା କରାଇଥିଲା । କାଲି ପରି ଲାଗୁଛି ସେ ଦିନ ରବିବାର ଥାଏ । ଛୁଟିଦିନ ଥିବାରୁ ନିଦ ଭାଙ୍ଗି ଗଲେ ବି ସେ ନଉଠି ବିଛଣାରେ ଗଡୁଥାଏ । ହଠାତ୍ ନିତିନ୍‌ଙ୍କ ପାଟି ଶୁଣି ଉଠି ଆସିଲା । ତାକୁ ଦେଖି ନିତିନ୍ ଉଚ୍ଚସ୍ୱରରେ ପଚାରିଲେ- "ସୁରଭି ମୁଁ ଏବେ ଡାକ୍ତରଖାନାକୁ ଫୋନ୍ କରିଥିଲି ରିପୋର୍ଟ ଜାଣିବା ପାଇଁ । କିନ୍ତୁ ସେମାନେ କହିଲେ ତମେ କାଲି ସନ୍ଧ୍ୟାବେଳେ ରିପୋର୍ଟ ନେଇଆସିଛ ।"

"ହଁ ମୁଁ କାଲି ନେହାକୁ ଦେଖା କରିବାକୁ ଯାଇଥିଲି ତ ଭାବିଲି ରିପୋର୍ଟ ବି ନେଇଯିବି", ସୁରଭି ଉତ୍ତର ଦେଲା ।

"କାହିଁ ତମେ ମୋତେ ତ ଏ ବିଷୟରେ କିଛି କହିନ" ନିତିନ୍ ପୁଣି ପଚାରିଲେ ।

"ତମେ କାଲି ରାତିରେ ଡେରିରେ ଫେରିଲ ଆଉ କହିବି କେତେବେଳେ" ।

"ଆଜି ସକାଳେ ବି କହିପାରିଥାନ୍ତ" । ନିତିନ୍ କଣ୍ଠରୁ ସେ ଯେ କ୍ଷୁବ୍ଧ ତା ସ୍ପଷ୍ଟ ଜଣା ପଡୁଥିଲା ।

"ଏବେ ତ ଦିନ ଆରମ୍ଭ ହେଲା, କିନ୍ତୁ ତୁମେ ବ୍ୟସ୍ତ ହୁଅନି ରିପୋର୍ଟରେ ସବୁକିଛି ଠିକ୍ ଅଛି, କିଛି ଅସୁବିଧା ନାହିଁ ।"

"ଅସୁବିଧା ନାହିଁ ନା ତମେ ଜଣେଇବାକୁ ଚାହୁଁନ" ନିତିନ୍ ପଚାରିଲେ ।

ସୁରଭିକୁ ଲାଗିଲା ସତେ ଯେମିତି ନିତିନ୍ ତାକୁ ଜେରା କରୁଛନ୍ତି, ଖରାପ ଲାଗିଲେ ବି ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ ଚୁପ୍ ରହିଲା । ସେଦିନ ସନ୍ଧ୍ୟା ସମୟ ନିତିନ୍‌କୁ ପାଖରେ ବସେଇ ରିପୋର୍ଟ ଦେଖେଇଲା ।

"ନିତିନ୍ ମୁଁ ଭାବୁଛି ତମର ବି ଡାକ୍ତରୀ ପରୀକ୍ଷା କରିଦେବା, ଯଦି କିଛି ଅସୁବିଧା ଥିବ ଡାକ୍ତରଙ୍କ ପରାମର୍ଶ ନେବା ।"

"ତମ ମୁଣ୍ଡ କ'ଣ ଖରାପ ହେଇଗଲାଣି ସୁରଭି ମୁଁ କାହିଁକି ଡାକ୍ତରୀ ପରୀକ୍ଷା କରେଇବି, ମୋର କ'ଣ ହେଇଛି ।"

"ନିତିନ୍ ତମେ ବୁଝିବାକୁ ଚେଷ୍ଟା କର ଯଦି ମୋ ରିପୋର୍ଟରେ ସବୁ ଠିକ୍ ଅଛି ତା'ହେଲେ..." ।

"ତମେ କ'ଣ କହିବାକୁ ଚାହୁଁଛ ମୁଁ ବାପା ହେବାକୁ ଅସମର୍ଥ, କିନ୍ତୁ ମୋତେ ତ ଏ ରିପୋର୍ଟର ସତ୍ୟତା ଉପରେ ସନ୍ଦେହ ଆସୁଛି । ଏ ରିପୋର୍ଟ ତୁମ ସାଙ୍ଗ ପ୍ରସ୍ତୁତ କରିଛନ୍ତି, ତେଣୁ ହୋଇଥାଇପାରେ ସେ ପ୍ରକୃତ ତଥ୍ୟଟା ପ୍ରକାଶ ନକରି ଭୁଲ୍ ରିପୋର୍ଟ ଦେଇଛନ୍ତି ।"

"ତମେ ମୋତେ ସନ୍ଦେହ କରୁଛ ନିତିନ୍ କିନ୍ତୁ ଏଥିରୁ ମୋତେ କ'ଣ ମିଳିବ । ତ୍ରୁଟି ତମେ ଭିତରେ ଥାଉ କିମ୍ବା ମୋ ଭିତରେ ଏହାର ପରିଣାମ ଆମ ଦୁଇଜଣଙ୍କୁ ହିଁ ଭୋଗିବାକୁ ହେବ । ବରଂ ଏସବୁକୁ ଭୁଲି ଆମେ ଦୁଇଜଣ ମିଶି ଏହାର କିଛି ସମାଧାନ ଖୋଜିପାରିବା ।"

ତା କଥାର କିଛି ଉତ୍ତର ନ ଦେଇ ନିତିନ୍ ସେଠାରୁ ଚାଲିଗଲେ । ଏହା ପରଠାରୁ ସୁରଭି ଲକ୍ଷ୍ୟ କଲା ଘରର ସଦସ୍ୟ ମାନଙ୍କର ବ୍ୟବହାର ତା ପ୍ରତି ବଦଳି ଯାଇଛି । ସମସ୍ତେ ଏସବୁ ପାଇଁ ସୁରଭିକୁ ଦାୟୀ ମାନୁଥିଲେ, ଆଉ ସବୁଠୁ ଦୁଃଖର ବିଷୟ ଥିଲା ଯେ ମୁହଁରେ ନ କହିଲେ ବି ନିତିନ୍ ପ୍ରତିଦିନ କିଛି ନା କିଛି କଥାକୁ ନେଇ ତା ସହିତ ଝଗଡ଼ା କରୁଥିଲେ । ମନରେ କଷ୍ଟ ହେଉଥିଲେ ବି ଭାବିଥିଲା, କିଛିଦିନ ବିତିଗଲେ ସବୁ କିଛି ଆପେ ଆପେ ଠିକ୍ ହୋଇଯିବ, କୌଣସି ଭୁଲ୍ ବୁଝାମଣା ନିତିନ୍ ଓ ତା' ସମ୍ପର୍କ ମଧ୍ୟରେ ଫାଟ ସୃଷ୍ଟି କରିପାରିବନି, ମାତ୍ର ତା ଧାରଣା ଭୁଲ୍ ଥିଲା । ଥରେ ମନୁଷ୍ୟ ମନରେ ଅବିଶ୍ୱାସ ନାମକ ପକ୍ଷୀଟି ବସା ବାନ୍ଧିଦେଲେ ଯେତେ ଚେଷ୍ଟା କଲେବି ତା ଉଡ଼ିଯାଏ ନାହିଁ ।

ହଠାତ୍ ଦିନେ ସକାଳୁ ନିତିନ୍ ତାକୁ ଡାକି ପାଖରେ ବସିବାକୁ କହିଲେ ତାଙ୍କ ମୁହଁରୁ ଜଣାପଡୁଥିଲା କୌଣସି କଥା ତାଙ୍କୁ ବିବ୍ରତ କରୁଛି, "ନିତିନ୍ ତମ ଦେହ ଭଲ ଅଛି ତ,' ସୁରଭି ପଚାରିଲା ।

"ମୋର ତମ ସହିତ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟରେ କଥାବାର୍ତ୍ତା ଅଛି", ନିତିନ୍ କହିଲେ ।

"କେଉଁ ବିଷୟରେ" ସୁରଭି ବ୍ୟସ୍ତ ହୋଇ ପଚାରିଲା ।

"ମୋତେ ଭୁଲ୍ ବୁଝିବନି ସୁରଭି ତୁମେ ଭଲରେ ଜାଣିଛ ମୁଁ ମୋ ବାପା ମାଆଙ୍କର ଏକମାତ୍ର ପୁତ୍ର ସନ୍ତାନ, ଆମ ବାହାଘରର ଏତେ ବର୍ଷ ପରେ ବି ତମେ ଏ ବଂଶକୁ ତା ଉତ୍ତରାଧିକାରୀ ଦେଇପାରି ନାହିଁ । ଏ ପରିସ୍ଥିତିରେ ମୋ ପାଖରେ ଦ୍ୱିତୀୟ ବିବାହ କରିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ, ଆଉ ଏଥିପାଇଁ ତମ ସହମତିର ନିତାନ୍ତ ଆବଶ୍ୟକ... ମୁଁ ଚାହେଁ ତମେ ଏ ଛାଡ଼ପତ୍ରରେ ଦସ୍ତଖତ କରିଦିଅ ।

'ତମେ କ'ଣ କହୁଛ ନିତିନ୍ ମୁଁ କିଛି ବୁଝିପାରୁନି' । ସୁରଭିଙ୍କ ଆଉକିଛି ଶୁଣା ଯାଉନଥିଲା, ଲାଗୁଥିଲା ସତେ ଯେମିତି ତା' ପାଦ ତଳର ଚଟାଣଟା ଖସିଯାଉଛି । ବହୁତ କଷ୍ଟରେ ନିଜକୁ ସମ୍ଭାଳି ଖଟ ଉପରେ ବସି ପଡ଼ିଲା । ତା ଅବସ୍ଥା ଦେଖି ନିତିନ୍ ଆସି ପାଖରେ ବସି ପଡ଼ିଲେ ଏବଂ ତା' ହାତଧରି କହିଲେ, "ସୁରଭି ତମେ ମୋ ପରିସ୍ଥିତି ବୁଝିବାକୁ ଚେଷ୍ଟା କର, ମୁଁ ତମ ମନରେ କଷ୍ଟ ଦେବାକୁ ଚାହେଁ ନାହିଁ ।

"ତା'ହେଲେ ଏସବୁ କ'ଣ ନିତିନ୍ ତମେ ଭଲରେ ଜାଣିଚ କ'ଣ ପାଇଁ ଆମେ ସନ୍ତାନ ସୁଖରୁ ବଂଚିତ । ତଥାପି ତମେ ଏ ପରିସ୍ଥିତି ପାଇଁ ମୋତେ ଦାୟୀ କରୁଛ, ମୋ ପ୍ରେମ ଓ ସମର୍ପଣର କ'ଣ ଏହି ପ୍ରତିଦାନ ।"

"ମୁଁ ବି ତୁମକୁ ବହୁତ ଭଲପାଏ ସୁରଭି କିନ୍ତୁ ପୁଅ ହିସାବରେ ଏ ଘର ପ୍ରତି ମୋର କିଛି କର୍ତ୍ତବ୍ୟ ଅଛି ।"ନିତିନ୍ କହିଲେ, "ଆଉ ମୋ ପାଇଁ କ'ଣ ତୁମର କିଛି କର୍ତ୍ତବ୍ୟ ନାହିଁ", ଥରିଲା କଣ୍ଠରେ ସୁରଭି ପଚାରିଲା ।

"ହଁ ଅଛି । ସେଥିପାଇଁ ତ ସମସ୍ତଙ୍କ ଭଲ ପାଇଁ ମୁଁ ଏ ନିଷ୍ପତ୍ତି ନେଇଛି,' ନିତିନ୍ କହିଲେ ।

ଏ ନିଷ୍ପତ୍ତିରେ ମୋର କ'ଣ ଭଲ ହେବ କହିପାରିବ ନିତିନ୍ ।

ମୋତେ ବିଶ୍ୱାସ କର ସୁରଭି ମୋର ଦ୍ୱିତୀୟ ବିବାହ କରିବାର ଏକମାତ୍ର ଉଦ୍ଦେଶ୍ୟ ବଂଶର ଉତ୍ତରାଧିକାରୀ ପାଇବା ଏହାର ପ୍ରଭାବ ଆମ ସମ୍ପର୍କ ଉପରେ ପଡ଼ିବ ନାହିଁ ଏବଂ ଆମ ଛାଡ଼ପତ୍ର କେବଳ କାଗଜରେ ହିଁ ସୀମିତ ରହିବ, ସମାଜ ଆଖିରେ ସିନା ଆମେ ଅଲଗା ହୋଇଯିବା କିନ୍ତୁ ପ୍ରକୃତରେ ମୁଁ ଏବେ ଯେମିତି ତମ ସ୍ୱାମୀ ଅଛି ସେତେବେଳେ ବି ରହିବି, ତମ ରହିବା, ଚଳିବାର ସମସ୍ତ ବ୍ୟବସ୍ଥା କରିଦେବି, ତମର କିଛି ଅସୁବିଧା ହବନି ।"

ଏମିତି ଏକ ଅବିଶ୍ୱସନୀୟ ପ୍ରସ୍ତାବ ଶୁଣିଲା ପରେ ଆଉ ଗୋଟେ ମୁହୂର୍ତ୍ତ ବି ସେଠି ବସି ରହିବା ଅବସ୍ଥାରେ ନଥିଲା ସୁରଭି । ତେଣୁ ନିତିନ୍ କିଛି କହିବା ପୂର୍ବରୁ ହିଁ ସେଠାରୁ ଉଠିଆସି ନିଜକୁ ଘର ଭିତରେ ବନ୍ଦ କରି ସାରିଥିଲା ସେ । ରାତିରେ ନିତିନ୍‌ଙ୍କ ଉଦ୍ଦେଶ୍ୟରେ ଚିଠିଟିଏ ଲେଖିଲା । "ନିତିନ୍ ମୁଁ ତମକୁ ବହୁତ ଭଲପାଏ, ତମ ପ୍ରେମ ପାଇଁ ମୁଁ ଘର ଛାଡ଼ି ଚାଲି ଆସିଥିଲି । ବାବା, ମା, ସାଙ୍ଗସାଥୀ ସମସ୍ତଙ୍କୁ ଭୁଲି ଯାଇଥିଲି, ତମ ସ୍ୱପ୍ନକୁ ପୂର୍ଣ୍ଣ କରିବା ପାଇଁ ନିଜେ ଡାକ୍ତର ହବାର ସ୍ୱପ୍ନର ଆହୂତି ସୁଧା ଦେଇ ଦେଇଥିଲି, ତମ ପାଇଁ ମୁଁ ସବୁକିଛି ଛାଡ଼ିପାରେ ନିତିନ୍ । କିନ୍ତୁ ନିଜ ଆତ୍ମସମ୍ମାନ ସହିତ କୌଣସି ସାଲିସ୍ କରିପାରିବିନି, ତମେ ସବୁବେଳେ କୁହନା ମୋର ନିର୍ଣ୍ଣୟ ନେବାର କ୍ଷମତା ନାହିଁ । ସେଥିପାଇଁ ମୁଁ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେଇପାରେ ନାହିଁ । ହୁଏତ ସେଥିପାଇଁ ମୋ ଜୀବନର ସବୁଠୁ ବଡ଼ ନିର୍ଣ୍ଣୟ କାହା ପରାମର୍ଶ ବିନା ମୁଁ ନିଜେ ହିଁ ନେଉଛି । ମୁଁ ତମକୁ ବିନା ସର୍ତ୍ତରେ ଛାଡ଼ପତ୍ର ଦେବାକୁ ପ୍ରସ୍ତୁତ ଅଛି । ତମ ପରି ଭୀରୁ କାପୁରୁଷ ଠାରୁ କିଛି ଦାବି କରିବା ତ ଦୂରର କଥା ତମ ସହିତ କୌଣସି ସମ୍ପର୍କ ମଧ୍ୟ ରଖିବାକୁ ଚାହେଁନାହିଁ । ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା ତୁମେ ଭଲରେ ରୁହ ଓ ତମର ସମସ୍ତ ଇଚ୍ଛା ପୂରଣ ହେଉ ।"

ତା' ପରଦିନ ସକାଳେ ଘର ଛାଡ଼ିବା ପୂର୍ବରୁ ଛାଡ଼ପତ୍ରରେ ଦସ୍ତଖତ କରି, ଚିଠି ସହିତ ଏକ ଲଫାପା ଭିତରେ

ବନ୍ଦ କରି ଟେବୁଲ ଉପରେ ରଖି ଚାଲି ଆସିଲା । ବେଳେବେଳେ ଭବେ ଏତେ ବଡ଼ ଧକ୍କା ଖାଇଲା ପରେ ବଂଚି ରହି ଲାଭ କ'ଣ ? କିନ୍ତୁ, ତା ମୃତ୍ୟୁ ପରେ ମାଆ ବାବାଙ୍କର କ'ଣ ହେବ, ନିଜ ଏକମାତ୍ର ସନ୍ତାନର ମୃତ୍ୟୁର ଦୁଃଖକୁ ସେମାନେ ସମ୍ଭାଳି ପାରିବେ ତ ନା ସେ ଏତେ ସ୍ୱାର୍ଥୀ ହୋଇ ପାରିବନି । ନିଜ ପାଇଁ ନହେଲେ ନାହିଁ ସେମାନଙ୍କ ପାଇଁ ତାକୁ ବଂଚି ରହିବାକୁ ପଡ଼ିବ । ସବୁକିଛି ଭୁଲି ପୁଣିଥରେ ଜୀବନକୁ ଆରମ୍ଭ କରିବାକୁ ପଡ଼ିବ, ନିତିନ୍‌କୁ ବିବାହ କରିବା ତା'ର ଭୁଲ୍ ଥିଲା ଓ ଏହାର ପ୍ରାୟଶ୍ଚିତ ବି ସେ ହିଁ କରିବ ।

ଏଇ ଭିତରେ ଦଶବର୍ଷ ବିତିଗଲାଣି । ସେ ନିଜ ସହିତ କରିଥିବା ପ୍ରତିଜ୍ଞାକୁ କିଛି ମାତ୍ରାରେ ପୂରଣ କରିପାରିବାରେ ସଫଳ ହୋଇଛି । ସେଦିନର ଅସହାୟ ସୁରଭି ଆଜି ଡାକ୍ତର ସୁରଭିରେ ପରିଣତ ହୋଇଛି । ନିଜ ମା ବାବାଙ୍କ ଖୁସି ପାଇଁ ସେମାନେ ପସନ୍ଦ କରିଥିବା ବ୍ୟକ୍ତି ସହିତ ବିବାହ କରଛି ଏବଂ ସବୁଠୁ ବଡ଼ କଥା ଭଗବାନଙ୍କ ଅଶେଷ କୃପାରୁ ସେ କେବଳ ମାଆ ହୋଇଛି ତା ନୁହେଁ, ଏକ ସ୍ତ୍ରୀରୋଗ ବିଶେଷଜ୍ଞ ହିସାବରେ ତା ପରି କେତେ ନାରୀକୁ ମାତୃତ୍ୱର ସୁଖ ଦେବାରେ ସହାୟକ ହୋଇଛି । କିନ୍ତୁ ଏତେ ଖୁସି ପାଇଲା ପରେ ବି ନିଜ ଅତୀତକୁ ସେ ଭୁଲି ପାରିନଥିଲା । ତା' ସତ ଚେଷ୍ଟା ପରେ ବି ପଛଦିନର ସ୍ମୃତି ବେଳେବେଳେ ତା ମନ ଭିତରକୁ ଧସେଇ ହେଇ ପଶିଆସି ହୃଦୟକୁ କ୍ଷତବିକ୍ଷତ କରି ଦେଉଥିଲା । ମାତ୍ର ଯେଉଁଦିନ ସେ ରିୟାକୁ ପ୍ରଥମ ଥର ପାଇଁ କୋଳରେ ଧରିଲା ତା'ର ସମସ୍ତ ଦୁଃଖ, ଯନ୍ତ୍ରଣା କ୍ଷଣକରେ ଉଭାନ୍ ହୋଇଯାଇଥିଲା ସତେ ଯେମିତି ତା ମାତୃତ୍ୱ ରୂପକ ଆଲୋକରେ ଅତୀତ ଜୀବନ ସମସ୍ତ ଅନ୍ଧାର ସମାହିତ ହୋଇଯାଇଥିଲା ।

କିନ୍ତୁ ନିୟତି ବୋଧେ ତା' ପାଇଁ ଆଉ କିଛି ଲେଖି ରଖିଥିଲା । ସେଦିନ ତା ପାଖକୁ ଦେହ ଦେଖେଇବାକୁ ଆସିଥିବା ଏକ ଦମ୍ପତ୍ତିକୁ ଦେଖି ଚମକି ଉଠିଲା । ସେ କେବେ ସ୍ୱପ୍ନରେ ଭାବି ନଥିଲା ଦିନେ ନିତିନ୍‌ଙ୍କ ସହ ଏମିତି ଦେଖାହେବ, ନିତିନ୍ ବି ତାଙ୍କୁ ଦେଖି ଅପ୍ରସ୍ତୁତ ହୋଇପଡ଼ିଲେ । ମାତ୍ର ସେ ଜଣେ ଡାକ୍ତର ତା ପାଖକୁ ଆସୁଥିବା ରୋଗୀମାନଙ୍କ ଚିକିତ୍ସା କରିବା ତାର ଧର୍ମ । ସେଥିପାଇଁ ପରିସ୍ଥିତିକୁ ସହଜ କରିବାକୁ ସ୍ୱାଭାବିକ ଭାବେ ପଚାରିଲେ- "କେମିତି ଅଛ ନିତିନ୍' ।

"ଭଲ ବହୁତ ଖୁସି ଲାଗିଲା ସୁରଭି ତୁମକୁ ଡାକ୍ତର ରୂପେ ଦେଖି । ଇଏ ମୋ ସ୍ତ୍ରୀ ନମିତା । ତମେ ତ ଆମ ଆସିବାର କାରଣ ଜାଣି ସାରିଥିବ । ସତ ଚେଷ୍ଟା ସତ୍ତ୍ୱେ ବି ଆମେ ଆଜି ପର୍ଯ୍ୟନ୍ତ ସନ୍ତାନ ସୁଖରୁ ବଂଚିତ । ସେଥିପାଇଁ ମୁଁ ନମିତାଙ୍କର ଡାକ୍ତରୀପରୀକ୍ଷା କରେଇବାକୁ ଚାହେଁ । ମୋର ପୁରା ବିଶ୍ୱାସ ତମେ ହିଁ ଆମ ଜୀବନରେ ସେ ଖୁସି ଆଣିପାରିବ । ନିତିନ୍‌ଙ୍କ କଥାରେ କିଛି ଉତ୍ତର ଦେବାକୁ ଇଚ୍ଛା ନଥିଲା ସୁରଭିର । ସେଥିପାଇଁ ନମିତାଙ୍କୁ କିଛି ପ୍ରଶ୍ନ ପଚାରି ରକ୍ତ ପରୀକ୍ଷା ଓ ଅନ୍ୟାନ୍ୟ କିଛି ପରୀକ୍ଷା କରି, ସାତ ଦିନ ପରେ ଆସିବାକୁ କହି ବିଦାୟ ଦେଲା ।

ସେଦିନ ରାତିରେ ଶୋଇ ପାରିନଥିଲା । ସେ ବିଶ୍ୱାସ କରିପାରୁ ନଥିଲା ଯେ ଦଶବର୍ଷ ତଳେ ଘଟି ଯାଇଥିବା ଘଟଣାର ପୁଣି ପୁନରାବୃତ୍ତି ହବାକୁ ଯାଉଛି । କେବଳ ଏତିକି ପାର୍ଥକ୍ୟ ଯେ କାଲି ଯେଉଁ ସ୍ଥାନରେ ସେ ବସିଥିଲା, ଆଜି ସେ ସ୍ଥାନରେ ନମିତା ଅଛନ୍ତି । ସେତେବେଳେ ସିନା ସେ ନିଜ ପାଇଁ କିଛି କରିପାରିଲାନି କିନ୍ତୁ ଆଜି ସବୁ ଜାଣିଶୁଣି ସେ ଅନ୍ୟ ସହିତ ସେ ଅନ୍ୟାୟ ହେବାକୁ ଦେବନି ।

ତା'ପରଦିନ ସକାଳେ ନିତିନ୍‌ଙ୍କୁ ଫୋନ୍ କରି ସନ୍ଧ୍ୟା ସମୟରେ ଏକୁଟିଆ ପାଖ ପାର୍କକୁ ଆସିବାକୁ କହିଲା । ମନରେ ଶଙ୍କା ଥିଲା ତାଙ୍କ ଆସିବାକୁ ନେଇ । କିନ୍ତୁ ନିତିନ୍ ନିର୍ଦ୍ଧାରିତ ସମୟର ପୂର୍ବରୁ ହିଁ ପାର୍କରେ ପହଂଚି ଯାଇଥିଲେ ।

"ମୋତେ ଏମିତି ଏଠିକି କାହିଁକି ଡାକିଲ ସୁରଭି । ନମିତାଙ୍କ ରିପୋର୍ଟ ସବୁ ଠିକ୍ ଅଛି ତ ! ସେ ମା' ହବାରେ କିଛି ଅସୁବିଧା ନାହିଁ ତ !"

"ନା ସେମିତି କିଛି ନୁହେଁ, ମୁଁ ତମକୁ ଜଣଙ୍କ ସହ ଦେଖା କରେଇବାକୁ ଚାହୁଁଥିଲ, ସେଥିପାଇଁ ଏଠିକି ଡାକିଛି" ସୁରଭି କହିଲା ।

'କାହା ସହିତ' ନିତିନ୍ ପଚାରିଲେ, 'ରିୟା ରିୟା'

ପାଟି କରି ପାଖରେ ଖେଳୁଥିବା ଛୋଟ ଝିଅକୁ ଡାକିଲା ସୁରଭି । ପାଖକୁ ଆସିଲାରୁ କୋଳକୁ ଉଠେଇ ନେଇ ପଚାରିଲା- 'ନିତିନ୍ ଇଏ ମୋ ଝିଅ ରିୟା, ସମସ୍ତେ କହୁଛନ୍ତି ସେ ଠିକ୍ ମୋ ପରି ହୋଇଛି, ତମେ କ'ଣ କହୁଛ ?"

ନିତିନ୍ କିଛି କହିବା ଅବସ୍ଥାରେ ନଥିଲେ, ସେ ଖାଲି ବିକଳ ହୋଇ ରିୟା ମୁହଁକୁ ଚାହିଁ ରହିଥିଲେ ।

ସୁରଭି ରିୟାକୁ ଚକୋଲେଟ ଦେଇ ପାର୍କରେ ଖେଳିବାକୁ କହି ସେଠାରୁ ବିଦା କଲା ।

'ନିତିନ୍ ତମେ କିଛି ଉତ୍ତର ଦେଲନି' ସୁରଭି ପଚାରିଲା ।

'କିନ୍ତୁ ସୁରଭି ତମେ ତ...' ନିତିନ୍ କହୁକହୁ ଚୁପ୍ ହୋଇଗଲେ ।

'କ'ଣ ମୁଁ କେବେ ମା ହୋଇ ପାରିବିନି, ନା ନିତିନ୍ ତମେ ସେତେବେଳେ ବି ଭୁଲ୍ ଥିଲ ଏବେବି ଭୁଲ୍ ବୁଝୁଛ । ଦୋଷ ନା ମୋ ଭିତରେ ଥିଲା ନା ନମିତା ଭିତରେ ଅଛି, ତମେ ହିଁ ବାପା ହବାକୁ ଅସମର୍ଥ, ତମ ଉତ୍ତରାଧିକାରୀ ପାଇବାରେ ସବୁଠୁ ବଡ଼ ପ୍ରତିବନ୍ଧକ ତମେ ନିଜେ । ଦଶବର୍ଷ ତଳେ ମୁଁ ତମକୁ ଏହି କଥା ବୁଝେଇବାକୁ ଚାହିଁଥିଲି, କିନ୍ତୁ ତମେ ଭାବିଲ ମୁଁ ରିପୋର୍ଟର ସାହାରା ନେଇ ମୋ ଦୁର୍ବଳତାକୁ ଲୁଚେଇବାକୁ ଚେଷ୍ଟା କରୁଛି । ମୋ ସମୟରେ ଯେଉଁ ଭୁଲ୍ କରିଛ ଆଉ ସେ ଭୁଲ୍ କରନି ।

"ତମେ ଏ କ'ଣ କହୁଛ ସୁରଭି, ମାନୁଛି ମୁଁ ତମ ପ୍ରତି ବହୁତ ଅନ୍ୟାୟ କରିଛି ଓ ସେଥିପାଇଁ ତମେ ମୋତେ ଯେଉଁ ଶାସ୍ତି ଦେବ ତାକୁ ସ୍ୱୀକାର କରିବି । କିନ୍ତୁ ଦୟାକରି କହିଦିଅ ତୁମେ ଏବେ ମୋ ବିଷୟରେ ଯାହା କହିଲ ତା' ଭିତରେ କିଛି ସତ୍ୟତା ନାହିଁ ।"

"ନା ନିତିନ୍ ମୁଁ ଆଜି ବି ଜାଣିଛି ତମେ ମୋ କଥାକୁ ବିଶ୍ୱାସ କରିବ ନାହିଁ । ସେଥିପାଇଁ ମୋତେ ରିୟାକୁ ତମ ସହିତ ଦେଖା କରେଇବାକୁ ପଡ଼ିଲା, ଆଉ ରହିଲା ମୋ ଶାସ୍ତି ଦବା କଥା । ମୋ ବର୍ତ୍ତମାନ ଜୀବନରେ ଅତୀତର କିଛି ସ୍ଥାନ ନାହିଁ, ତେଣୁ ତମକୁ ଶାସ୍ତି ଦବାର ପ୍ରଶ୍ନ ଆସୁଛି କୋଉଠୁ । ତମେ ବି ପଛକଥା ଭୁଲିଯାଅ ଏବଂ ନିଜ ଦୁର୍ବଳତାକୁ ସ୍ୱୀକାର କରି ନମିତାକୁ ନେଇ ସୁଖରେ ସଂସାର କର ନହେଲେ ଏମିତି ସମୟ ଦିନେ ଆସିବ ଯେତେବେଳେ ତମେ ନିଜେ ନିଜକୁ କ୍ଷମା କରିପାରିବ ନାହିଁ ।"

"ମାମା ମାମା ଜଲଦି ଆସ, ପାପା ଆସିଲେଣି ଘରକୁ ଯିବା ।" ରିୟା ପାଟି ଶୁଣି ପଛକୁ ଚାହେଁ ତ ଦୂରରେ ତା' ସ୍ୱାମୀ ଛିଡ଼ା ହୋଇଛନ୍ତି ।

"ହଁ ଚାଲ ଯିବା, ରିୟାର ହାତ ଧରି ଆଗକୁ ପାଦ ବଢ଼େଇଲା ବେଳେ ପଛରେ ଛିଡ଼ା ହୋଇଥିବା ନିତିନ୍‌ଙ୍କ ପ୍ରତି ତା'ର ସମବେଦନା ଜାତ ହେଉଥିଲେ ବି ଆଜି କାହିଁକି କେଜାଣି ମନର ଏକ କୋଣରେ ଖୁସିର ଅନୁଭୂତି ହେଉଥିଲା, ସତେ ଯେମିତି ହୃଦୟ ଭିତରେ ଏତେଦିନ ଧରି ବହୁଥିବା ଝଡ଼ଟି ହଠାତ୍ ଶାନ୍ତ ପଡ଼ିଯାଇଛି ।"

ଦୂରଭାଷ : ୯୯୭୧୬୯୯୯୧୧

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଧୋକା

ଗୀତାଞ୍ଜଳି ନାୟକ

ଗୁରେଇର ଦେହଟା ଟିକେ ଭଲ ନଥିଲା । ନଟିଆ ଧୋବା ଲୁଗା ଗଣ୍ଠିଲିକୁ ଧରି ଏକୁଟିଆ ବାହାରି ଗଲା ନଦୀକୁ । ଲୁଗାତକ ନ କାଚିଲେ ନ ଚଳେ । କାଲି ପୁଣି ଗୁରେଇ ପାଇଁ ଟିକେ ଓଷଦ ନ ଆଣିଲେ ହବନି । ଜରଟା କାଇଁ କମୁନି । ନଦୀ ପଥରରେ ଲୁଗାତକ ବାଡ଼େଇ ବାଡ଼େଇ ସଫା କରି, ଗଣ୍ଠିଲିଟି ଧରି ଖରାରେ ଝାଳ, ନାଳ ହେଇ ଘରକୁ ଫେରିଲା । ଗୁରେଇ, ଗୁରେଇ ଲୋ ଡାକି ଡାକି ଘର ଭିତରକୁ ଗଲା । ଗୁରେଇ ପାଖକୁ ଯାଇ ଦେଖିଲା ଜରରେ ଦେହ ଖଇ ଫୁଟୁଥାଏ । ଆଉ ଗୁରେଇ ବେହୋସ୍ ହେଇ ପଡ଼ିଛି । ଲୁଗାତକ ଶୁଖେଇବ କ'ଣ ? ଖାଇବ କ'ଣ ? ଦୁଇ ଦିନର ବାସୀ ତୋରାଣି ଅଧକଂସେ ପିଇ ଦେଇ ନଈକୁ ଯାଇଥିଲା । ଗୁରେଇ ଦୁଇଦିନ ତଳେ ଯୋଉ ଭାତ ରାନ୍ଧି ଥିଲା ଭାତ ସବୁ ସରି ଯାଇଛି । ତୋରାଣୀ ବି ଆଉ ନାହିଁ । ବଇଦ ପାଖକୁ ସେଇ ଖରାରେ ଧାଇଁଲା । ଗୋଡ଼ ଦୁଇଟା ତାତି କି ଫୋଟକା ବାହାରି ଗଲାଣି । ବଇଦକୁ ସବୁ କଥା କହି ଓଷଦ ଆଣିଲା । ପାଖରେ ଆଠେଣୀଟିଏ ବି ନାହିଁ । ବଇଦକୁ କ'ଣ ପଇସା ଦବ ଏବଂ କ'ଣ କହିବ ଭାବୁଥାଏ । ବଇଦ ନଟିଆକୁ ଦେଖି ଜାଣିଦେଲେ, କହିଲେ ହଉ ଯା ତୋ ପାଖରେ ପଇସା ହେଲେ, ତୁ କ'ଣ ମୋତେ ଦେବୁନି ? ଆଗ ଗୁରେଇକୁ ଯା ଔଷଧ ଦେଇ ଦେବୁ । କ'ଣ ଭାବୁଛୁ ? ପଇସା କଥା ଚିନ୍ତା କରନା, ତୁ ପଇସା ଦେଇ ନ ପାରିଲେ ଲୁଗା ଦିଖଣ୍ଡ ନେଇ କାଚି ଦେଲେ ହବନି ? ଯା... ନଟିଆ ଧୋବା ଏକା ନିଶ୍ୱାସରେ ଘରକୁ ଧାଇଁଲା । ଘରେ ପହଞ୍ଚି ଗୁରେଇକୁ ଉଠେଇ ଔଷଧ ଖୁଏଇଲା । ଧିରେ ଧିରେ ଗୁରେଇର ଦେହରୁ ଜର ଟିକେ କମିଲା । ଏମିତି ଦୁହେଁ ଦୁହିଁଙ୍କୁ ବହୁତ ଭଲ ପାଆନ୍ତି । ତା' ଦେହ ଭଲ ନଥିଲେ ଆଉ ଜଣଙ୍କ ଆଖିକୁ ନିଦ ଆସେନି । ଜଣଙ୍କ ମନ ଦୁଃଖ ହେଇଗଲେ ଆଉ ଜଣଙ୍କ ଆଖି ଜକେଇ ଆସେ । ଧନ ନ ଥିଲେ କ'ଣ ହେଲା ଦୁହେଁ ଦୁହିଁଙ୍କର ଅମୂଲ୍ୟ ସମ୍ପଦ ଥିଲେ । ନଇଁଲା ଚାଳ ଘରଟିରେ ହସ ଖୁସିରେ କଥା ହେଉଥିବେ, କାହିଁ କୋଉ ରାଜପ୍ରାସାଦର ରାଜାରାଣୀ ବି ଏମିତି ନ ଥିବେ । ପଖାଳ କଂସାକ ଯେତେବେଳେ ସାଙ୍ଗ ହେଇ ଖାଉଥିବେ ସତେ ପଖାଳ ନହେଁ ତ ସ୍ୱର୍ଗର ଅମୃତ ଖାଇବା ପରି ମନେ ହୁଏ । ଚିରା ଶାଢ଼ିଟା ଗୁରେଇର ହସ ହସ ମୁହଁ ପାଖରେ ହାରିଯାଏ । ମୁହଁଟାକୁ ଦେଖିଦେଲେ ପେଟ ପୁରିଯାଏ ନଟିଆର । ସାତସିଆଁ ଲୁଗାରେ ଯେମିତି ପରି ଭଳିଆ ଲାଗେ । ଏମିତି ଦୁହେଁ ସ୍ନେହ, ଆଦର ବାଣ୍ଟିକୁଣ୍ଟି ଚଳି ଯାଆନ୍ତି । ଏତେ ଭଲପାଇବା ଭିତରେ ବାହାଘର ଦଶବର୍ଷ ହେଇଗଲାଣି, କିନ୍ତୁ ତାଙ୍କୁ ଲାଗେ ଯେମିତି ଦଶଦିନ ହେବ ବାହାଘର ହେଇଛି । ସେଇ କୁଳ ବେଉସାକୁ ଆପଣାର କରି ଦିନଗୁଡ଼ିକ ସୁଖ, ଶାନ୍ତିରେ କୁଆଡ଼େ କଟିଯାଏ ।

ପାହାଡ଼ ସେପାରିରୁ ଫେରୁଥିବା ପକ୍ଷୀଙ୍କ ଡେଣାରେ ସଞ୍ଜ ଓହ୍ଲାଉ ଥାଏ । ଗାଇ ଗୋଠରୁ ରଘୁଆ ଗଉଡ଼ର ଗାଇ

ହମ୍ବାରଡ଼ି ଛାଡ଼ି ଛାଡ଼ି ବିକଳରେ ତା' ବାଛୁରୀ ପାଖକୁ ଧାଇଁଯାଇ ଆଗ ବାଛୁରୀଟିକୁ କେତେ ଗେଲ କରି ଚାଟି ପକଉଥାଏ । ତା'ପରେ ବାଛୁରୀଟିକୁ ତା' ପହ୍ନାରୁ କ୍ଷୀର ପେଟେ ପିଆଇ ଦେଇ, ଯେମିତି କୋଉ ଯୁଗରୁ ଦେଖି ନଥିଲା । ଗୁରେଇ ସଫା ଲୁଗା ଧରି ବାହାରି ଥାଏ, ଘରମାନଙ୍କରେ ଦେବାପାଇଁ । ଗାଈ ବାଛୁରୀଙ୍କର ଏଇ ଅମାପ ସ୍ନେହ ଦେଖି ତା' ମନଟା ଟିକେ ମା'ର ମମତା ପାଇଁ ବ୍ୟାକୁଳ ହେଇଗଲା । କେଇଟା ମୁହୂର୍ତ୍ତ ଭାବନାରେ ସେ ନିଜକୁ ହଜେଇ ଦେଲା । ଲୁଗାପଟା ସମସ୍ତଙ୍କ ଘରେ ଦେଇ ଦେଇ ଘରକୁ ଯାଇ ମନ ମାରି ବସିଥାଏ । ନଟିଆ ଯେତେ ଡାକିଲା ଜବାବ ନାହିଁ । ନଟିଆ ପାଖକୁ ଆସି ବହୁତ ବୁଝେଇଲା । ଗୁରେଇ କହିଲା, ଆମର ଗୋଟିଏ ପିଲା ଦରକାର । ନଟିଆ କହିଲା- ଏଇ କଥା । ଆମେ ଏତେ ଖୁସି ଭିତରେ ପିଲାଟିଏ ପାଇଁ ଭୁଲି ଯାଇଥିଲୁ । ଯାହା ହେଉ ମନେ ପକେଇ ଦେଲୁ । କାଲି ସକାଳୁ ସହରକୁ ଯାଇ ଡାକ୍ତର ଦେଖେଇ ଆସିବା ତୁ ଜମା ମନ ଊଣା କରନି ।

ସକାଳୁ ଯାଇ ଡାକ୍ତର ଦେଖେଇଲେ । ଡାକ୍ତରବାବୁ କହିଲେ- ଗୁରେଇ ଯଦି ମା' ହୁଏ ତେବେ ତା ଜୀବନ ପ୍ରତି ବିପଦ ଅଛି । ନଟିଆ ବହୁତ ମନା କଲା । ତୋର କ'ଣ ହେଇଗଲେ ମୁଁ ବଞ୍ଚି ପାରିବିନି ଲୋ ଗୁରେଇ । ଆମେ ଏମିତି ବହୁତ ଭଲ ଅଛୁ । ତୁ ଆଉ ପିଲାପିଲି ନାଁ ଜମା ଧରନା । ବହୁତ ବୁଝେଇ ବୁଝେଇ ଥକି ଗଲା । ଗୁରେଇ ଓଲଟା ନଟିଆକୁ କହିଲା, ଦେଖିବ ତମ ଆଦର ସ୍ନେହ ମୋତେ ତମଠାରୁ କେବେବି ଅଲଗା କରି ପାରିବନି, ବ୍ୟସ୍ତ ହୁଅନି ମୋର କିଛି ହବନି । ମୁଁ ମଲେ ଗୋଟେ ମା' ହେଇକି ମରିବି । ନଟିଆ ବିଚରା ଆଉ କ'ଣ ବା କରିବ ? କିଛି ଦିନ ପରେ ଗୁରେଇ ଗର୍ଭବତୀ ହେଲା । ଆଉ ଚାହୁଁ ଚାହୁଁ ନଅମାସ ପୁରି ଦଶମାସ ଚାଲିଲା । ଯେତେ ଯେତେ ମାସ ବଢୁଥାଏ ନଟିଆ ଧୋବା ମନରେ କୋକୁଆ ଭୟ ଜାତ ହେଉଥାଏ । ସେହିଦିନ ଆସିଲା । ତା' ଗୁରେଇ ସୁନ୍ଦର ଗୁଲୁଗୁଲିଆ କଅଁଳିଆ ଝିଅ ଛୁଆଟିଏ ଜନ୍ମ ଦେଇ ଆଖି ବୁଜିଦେଲା । ଛୁଆଟିର କଅଁଳ ଓଠର କୁଆଁ କୁଆଁ କାନ୍ଦରେ ନଟିଆର କାନ୍ଦ ଫିକା ପଡ଼ିଗଲା । ନିଜକୁ କିଏ ଆହା କରିବା ବଦଳରେ ମନର ଅଜସ୍ର କୋହକୁ ଚାପିଧରି, ଛୁଆଟିକୁ ଆହା କରି କୋଳକୁ ନେଲା । ସବୁ ବେଦନାକୁ ପଛରେ ପକେଇ ଝିଅଟି ପାଇଁ ମୋତେ ବଞ୍ଚିବାକୁ ପଡ଼ିବ । ତେଣୁ ନିଜ ମନକୁ ନିଜେ ବୁଝେଇ ଦମ୍ଭ ଧରି ଠିଆ ହେଲା । ଗୁରେଇ ପାଇଁ ଥିବା ସବୁ ଭଲ ପାଇବାକୁ ତା' ଝିଅ ପାଇଁ ଠୁଳେଇ ଦେଲା ।

ସାଇର ଶନିଆ ମା' ଯେତେ କହିଲା, ବୁଝେଇଲା ନଟରେ ବାହା ହେଇଯା କେତେ ହଇରାଣ ହେବୁ । ତୋ ଜୀବନ ଆହୁରି କେତେ ଲମ୍ବା । ଏକୁଟିଆ ଏକୁଟିଆ ଏତେବଡ଼ ଦୁନିଆରେ ତୁ ବାଟ ଚାଲିବୁ କେମିତି ? ନଟିଆ ଧୋବା ସମସ୍ତଙ୍କୁ ମନା କରି ଦେଲା । ଶନିଆ ମା' ବୁଢ଼ୀକୁ ଛୁଆଟିକୁ ଜଗେଇ ଦେଇ ଲୁଗା କାଚିବାକୁ ଯାଏ । ଫେରିକି ତା' ଝିଅର ଦେଖାଶୁଣା କରେ । ଛୁଆଟିକୁ ଏମିତି ଯତ୍ନରେ ରଖିଥାଏ ଯେ କେହି କହିବେନି ତା'ର ମା' ନାହିଁ ବୋଲି । ଝିଅଟି ତା'ର ଚନ୍ଦ୍ରକଳା ପରି ବଢ଼ିବାରେ ଲାଗିଲା । ଦେଖିବାକୁ ବହୁତ ସୁନ୍ଦର । ପାଠପଢ଼ା ମଧ୍ୟ ବହୁତ ଭଲ । କେହି ତାକୁ କହିବେନି ନଟିଆ ଧୋବାର ଝିଅ ବୋଲି । କୋଉଥିରେ ତା'ର ଅଭାବ ରଖେନି । କୋଉ ଧନୀ ଘର ଝିଅଠାରୁ ସେ କମ୍‌ରେ ରଖି ନଥିଲା । ଚାହୁଁ ଚାହୁଁ ତା'ର ଦଶମ କ୍ଲାସ ହେଲା । ବହି, ଖାତା, ଡ୍ରେସ ସବୁ ଯୋଗେଇବା ପାଇଁ ନଟିଆ ଆହୁରି ଦୁଇ ତିନିଖଣ୍ଡ ଗାଁର ଲୁଗା ଆଣି କାଚେ । ଲୁଗା କାଚି କାଚି ସେ ତୁଠ ପଥର ସାଙ୍ଗରେ ନିଜେ ପଥର ଭଳି ଟାଣ ହେଇ ଯାଇଥାଏ । କାମ କଲା ବେଳେ ସେ ଭୋକ, ଶୋଷ ଭୁଲିଯାଏ ।

ପାଖ ଗାଁର ବିକ୍ରମ ସାଆନ୍ତଙ୍କ ଘରକୁ ଲୁଗା ପାଇଁ ଯାଇଥାଏ । ବିକ୍ରମ ସାଆନ୍ତେ କେବେଠାରୁ ରୋଗରେ ପଡ଼ିଥାନ୍ତି । ତାଙ୍କ ଘରୁ ଲୁଗା ଆଣିକି ଆସିଲା । କଷ୍ଟେମଷ୍ଟେ ଝିଅଟିର ମାଟ୍ରିକ୍ ପାଠ ପଢ଼ା ସରିଗଲା । ଗାଁରେ ଏତେ ଭଲ କଲେଜ ନ ଥିଲା । ଝିଅ ସହରକୁ ଯିବ ପଢ଼ିବାକୁ । ଏତେ ପଇସା କୋଉଠୁ ଆଣିବ ? ଝିଅକୁ ତାର ସହରରେ ନେଇ ପାଠ ପଢ଼ିବାକୁ ଛାଡ଼ିଦେଇ ଆସିଲା । ଶନିଆ ମା' ପଚାରିଲା,

ବାପରେ ତୁ ତ ଏଇ ଲୁଗା କାଚୁଛୁ, ମୋ ରାଣ, କହିଲୁ ପୂର୍ଣ୍ଣିମା ପଢ଼ିବା ପାଇଁ କୋଉଠୁ ପଇସା ଆଣିଲୁ ? ଶନିଆ ମା'କୁ ନଟିଆ ଏ ପର୍ଯ୍ୟନ୍ତ କୌଣସି କଥା ଲୁଚେଇନି । କହିଲା- ମାଉସୀ, ଆର ଗାଁର ବିକ୍ରମ ସାଆନ୍ତେ ରୋଗରେ ପଡ଼ିଛନ୍ତି ଜାଣିଥିବୁ ! ଶନିଆ ମା' କହିଲା ହଁ । ନଟିଆ କହିଲା ମୁଁ ତାଙ୍କୁ ରକ୍ତ ଦେଇ ପଇସା ଆଣି ଝିଅର ଆଡ଼ମିଶନ୍ କଲି । ଏହା ଶୁଣି ଶନିଆ ମା' କହିଲା- ସତରେ ନଟିଆ ତୁ ମଣିଷ ନାଁ ଦେବତା ? ମୁଁ ବୁଝି ପାରୁନି । ତୁ ତ ଭଲ କି ଗଣ୍ଡେ ଖାଉନୁ, ଝିଅକୁ ପଢ଼େଇବାକୁ ତିନି ଚାରିଖଣ୍ଡ ଗାଁରେ ଲୁଗା କାଚି କାଚି ତୋର ପ୍ରାଣ ଛାଡ଼ି ଯାଉଛି । ସେଥିରେ ପୁଣି ରକ୍ତ ଦେଉଛୁ । ତୁ ବଞ୍ଚିବୁ ତ ? ନାଇଁ ମାଉସୀ ମୁଁ ମୋ ଗୁରେଇର ସପନକୁ ସତ କରିବି । ତା' ଝିଅକୁ ସେ ସରଗରେ ଥାଇ ଦେଖିଲେ ଭାରି ଖୁସି ହେବ । ଆଉ ମୋ ପୂର୍ଣ୍ଣିମାର କିଛି ବି ଅଭାବ ହବାକୁ ଦେବିନି ।

ଏମିତି ଚାହୁଁ ଚାହୁଁ ପୂର୍ଣ୍ଣିମାର କଲେଜ ପାଠ ସରିଗଲା । ମେଡ଼ିକାଲ ପଢ଼ିବା ପାଇଁ ତା'ର ବହୁତ ଇଚ୍ଛା ଥିଲା । ଶେଷରେ ମେଡ଼ିକାଲ୍ ମଧ୍ୟ ପାଇଗଲା । ହେଲେ ନଟିଆ ସାଆନ୍ତଙ୍କ ଘରକୁ ଧାଇଁଲା, ରକ୍ତ ଦେଇ ପଇସା ଆଣିଲେ ଝିଅ ମୋର ଡାକ୍ତରାଣୀ ହେବ । ନଟିଆ ଧୋବା ମନରେ କେତେ ଆଶା, କେତେ ନୂଆ ନୂଆ ସ୍ୱପ୍ନ ବାଟସାରା ଉଙ୍କି ମାରୁଥାଏ । କେତେବେଳେ ଆସି ସାଆନ୍ତଙ୍କ ଘରେ ପହଞ୍ଚି ଗଲାଣି ଜାଣିପାରିଲାନି । ଦେଖିଲା ସାଆନ୍ତ ଘରେ କାନ୍ଦ ବୋବାଳି ପଡ଼ିଛି । ମନେ ମନେ ଭାବିଲା ସାଆନ୍ତେ କ'ଣ ଚାଲିଗଲେ ନାଁ କ'ଣ ? ମନଟା ଟିକେ ମରିଗଲା । ପାଖକୁ ଯାଇ ତାଙ୍କ ଚାକରକୁ ପଚାରିଲା । ତାଙ୍କ ଚାକର କହିଲା- ସାଆନ୍ତଙ୍କର ଦୁଇଟାଯାକ କିଡ଼ିନି ନଷ୍ଟ ହେଇଯାଇଛି, ସେ ଆଉ ଅଳ୍ପଦିନ ବଞ୍ଚିବେ । ସାଆନ୍ତାଣି କହୁଛନ୍ତି ଯେତେ ଟଙ୍କା କିଏ ନବ ବୁଝ କିଡ଼ିନୀଟିଏ ଦେଲେ ସାଆନ୍ତେ ଭଲ ହେଇଯିବେ । ହେଲେ ଏଠି କିଡ଼ିନୀ କିଏ ଦବ ?

ଚାକରର ପାଟିରୁ କଥା ନ ସରୁଣୁ ନଟିଆ କହିଲା- ମୁଁ ଦେବି । ଶେଷରେ ସେଇଆ ହେଲା । ନଟିଆ କିଡ଼୍ନୀଟିଏ ଦେଇ ପଇସା ଆଣି ପୂର୍ଣ୍ଣିମାର ମେଡ଼ିକାଲ ପଢ଼ିବା ଖର୍ଚ୍ଚ କଲା । ଶନିଆ ମା' ପୁଣି ପଚାରିଲା ନଟିଆରେ ପଇସା ପୁରି ଏତେ ଆଣିଲୁ କୋଉଠୁ ? ନଟିଆ ସବୁକଥା କହିଲା । ଶନିଆ ମା' ଶୁଣି ତା ମୁଣ୍ଡ ଘୁରେଇ ଦେଲା । କହିଲା, ଏ କ'ଣ କଲୁ ? ଏତେ କାମକୁ, ଭଲ କି ଗଣ୍ଡେ ଖାଉନୁ । ପୁଣି କିଡ଼ିନୀ ଦେଇ ଦେଲୁ । ଝିଅ ପଢ଼ିବା ପାଇଁ ତୁ କ'ଣ ସତରେ ମଣିଷ ? ନଟିଆ କହିଲା, ମୋ ରାଣ ମୋ ପୂର୍ଣ୍ଣିମାକୁ ଏସବୁ କିଛି କହିବୁନି, ଏମିତି ପୂର୍ଣ୍ଣିମାର ପାଠପଢ଼ା ସୁରୁଖୁରୁରେ ଚାଲିଥାଏ । ସମସ୍ତଙ୍କ ଠାରୁ ବେଶ୍ ଭଲ ନମ୍ବର ରଖୁଥାଏ । ନଟିଆର ଖୁସି କହିଲେ ନ ସରେ । ଝିଅ ମୋର ଡାକ୍ତରାଣୀ ହେବ । ମୁଁ ନଟିଆ ଧୋବାରୁ ସମସ୍ତେ ମତେ ପୂର୍ଣ୍ଣିମା ଡାକ୍ତରାଣୀଙ୍କର ବାପା ବୋଲି ଚିହ୍ନିବେ । ମନ ତା'ର ଏତେ ଖୁସି ଯେ, ରାତି ସାରା ବସି ଗୁରେଇ ଫଟୋ ସାଙ୍ଗରେ କ'ଣ ଏଣୁ ତେଣୁ ଝିଅ କଥା କହି ଗପୁ ଥାଏ । କାଲି ଆମ ଝିଅ ଡାକ୍ତରାଣୀ ହେଇ ଫେରିବ । ଜୀବନସାରାର ସବୁ ଦୁଃଖକୁ ନଟିଆ ଭୁଲି ଯାଇ ଗୋଟିଏ ନୂଆ ରଙ୍ଗଭରା ସକାଳକୁ ଅପେକ୍ଷା କରିଥାଏ । ରାତିରେ ନିଦ ନାହିଁ । ଡାକ୍ତରାଣୀ ଝିଅକୁ କେମିତି ପାଛୋଟି ନେବ । ଠାକୁର ଏ ମଳିମୁଣ୍ଡିଆ ଧୋବା ହାତରେ ମଣି, କାଞ୍ଚନ ମୋ ହାତରେ ଦେଇଛନ୍ତି ।

ରାତି ପାହିଲା ସକାଳ ହେଲା । ସବୁ କାମ ଛାଡ଼ି ନଟିଆ ଦାଣ୍ଡରୁ ଘର ପୁଣି ଘରୁ ଦାଣ୍ଡ ଏମିତି ଚାଲିଥାଏ । ଖୁସିରେ ଆତ୍ମହରା ହେଇଯାଉ ଥାଏ । କ'ଣ ପାଇଁ ଏତେ ଡେରି କରୁଛି । କେତେବେଳେ ତା' ଝିଅ ଆସିବ ? ଏମିତି ଅଖିଆ ଅପିଆରେ ବସିଥାଏ । ଅପଖଳା, ମଇଳା ଲୁଗାଟିକୁ ସେମିତି ଗୁଡ଼େଇ ହେଇଥାଏ । ସମୟ ଗଡ଼ି ଗଲାଣି । କାହିଁକି ଆସୁନି ? ସଞ୍ଜ ନଇଁଲାଣି । କ'ଣ ହେଲା ? ଭାବି ଭାବି ନଟିଆର ମନଟା ଗୋଳେଇ ଘାଣ୍ଟି ହେଇ ଯାଉଥାଏ । ମନଟାକୁ କେତେ ପାପ ଛୁଉଁଥାଏ । ଶେଷରେ ଦାଣ୍ଡରେ ପାଟି ଶୁଭିଲା । ଖୁସିରେ ଏକମୁହାଁ ହେଇ ଧାଇଁ ଆସିଲା । ସିଏ ତା'ର ଝିଅ ନଥିଲା, ଥିଲା ଝିଅର ଶବ । ତାକୁ ଦେଖି ନଟିଆଟା ସେଇଠି ଟଳି ପଡ଼ିଲା । ଏତେ ଦୁଃଖ ସହି ସହି

ପଥର ହେଇଯାଇଥିବା ନଟିଆ ଆଜି ଏତେବଡ଼ ଅନ୍ୟାୟ ଅବିଚାର ତା' ସାଙ୍ଗରେ ହେଇଗଲା । ସେ ସେଇଠି ଖାଲି ଟଳି ପଡ଼ି ନଥିଲା, ତା' ପ୍ରାଣବାୟୁ ସେଇଠି ଚାଲି ଯାଇଥିଲା । ଗାଁ ବାଲା ଯେତେ ଡାକିଲେ, ହଲେଇଲେ ନଟିଆ କାହାର ଡାକକୁ ନ ଶୁଣି ଆରପାରିକୁ ଚାଲିଗଲା ।

ଶନିଆ ମା' ବାବୁଙ୍କ ପାଖକୁ ଯାଇ ସାହସ ବାନ୍ଧି ସବୁ ପଚାରିଲା । ଇଏ କେମିତି ମଲା ? ବାବୁ ଜଣଙ୍କ ଚିଠିଟି ବାହାର କରି ଦେଖେଇଲେ । ଶନିଆ ମା' ଗାଁର ଗୋଟେ ପିଲା ନବଘନକୁ ଦେଲା ପଢ଼ିବାକୁ । ନବଘନ ପଢ଼ିସାରି କହିଲା, ପୂର୍ଣ୍ଣିମା ଗୋଟେ ପିଲାକୁ ଭଲ ପାଉଥିଲା । ଆଉ ସେ ପିଲା ଏଇ ଚିଠିରେ ତାକୁ ବାହା ହେବନି ବୋଲି ଲେଖି ଦେଇଛି । ଆଉ ତାକୁ ଧୋକା ଦେଇଛି । ସେହି ଧୋକାର ଯନ୍ତ୍ରଣା ସହି ନପାରି ପୂର୍ଣ୍ଣିମା ଆଜି ଏତେବଡ଼ ପଦକ୍ଷେପ ନେଇଛି । ଶନିଆ ମା' ପୂର୍ଣ୍ଣିମାକୁ ଧରି ବାହୁନି ବାହୁନି କାନ୍ଦୁଥାଏ । ଏ କ'ଣ କଲୁ ।

ତୁ ତୋ ବାପାକୁ ଏତେ ବଡ଼ ଧୋକା ଦେଲୁ ? ଯିଏ ସାରା ଜୀବନର ମେହେନତର ରୋଜଗାର ତୋ ପାଇଁ ଖର୍ଚ୍ଚ କରିଥିଲା । ତା'ର ସବୁ କୋହକୁ ନିଜ ଭିତରେ ଚାପି ଧରି ତା'ର ସବୁ ସୁଖକୁ ଆଞ୍ଜୁଳାରେ ଭରି ଦେଇଥିଲା । ଯିଏ ୨୫ ବର୍ଷ ପାଳିପୋଷି ବଡ଼ କଲା ଆଉ ଶେଷରେ ତୋ ପାଇଁ ତାର ଝାଳ, ରକ୍ତ ଆଉ ନିଜର ଅଙ୍ଗ ବିକ୍ରି କରିବାକୁ ବି ପଛେଇଲା ନାହିଁ, ତୁ ଥରେ ତା'କଥା ଭାବିଲୁନି । ତୋ' ମା' ମରିଯାଇଛି ବୋଲି ଯିଏ ତତେ ଥରେ ବି ଭାବିବାକୁ ଦେଇନି, ଆଉ ନିଜ ସୁଖ ଭୁଲିଗଲା କେବଳ ତୋ ପାଇଁ । ସ୍ତ୍ରୀ ମରିବା ପରେ କାଳେ ତୋ ଉପରେ କିଛି ଆଞ୍ଚ ଆସିବ, ସେଥିପାଇଁ ସେ ଆଉଥରେ ବିବାହ କରିବାକୁ ଜମା ରାଜି ହେଲାନି । ସାରା ଜୀବନ ନିଃସଙ୍ଗ ଅବସ୍ଥାରେ କଟେଇ ଦେଲା । କିନ୍ତୁ ତା' ବଦଳରେ ତୁ ଏଇ ବର୍ଷେ କି ବେଶୀ ହେଲେ ପାଞ୍ଚବର୍ଷର ପ୍ରେମ ସଂପର୍କ ତୋତେ ଧୋକା ଦେଲା ବୋଲି ତୁ ପଚିଶି ବର୍ଷ ଚାହିଁ ଚାହିଁ ବସିଥିବା ବାପାକୁ ଧୋକା ଦେଲୁ । ଏହା କହି କହି କାନ୍ଦୁଥାଏ ଶନିଆ ମା' । ପ୍ରକୃତ ଧୋକା କିଏ କାହାକୁ ଦେଇଛି ? ତୁ ତୋ ବାପାକୁ ଦେଲୁ ନା ତୋ ପ୍ରେମିକ ତୋତେ ଦେଲା । ଏମିତି ଏଣୁ ତେଣୁ ପ୍ରଶ୍ନ ପୂର୍ଣ୍ଣିମାର ଶବକୁ ଧରି ପଚାରି ଚାଲିଥାଏ ।

ଶନିଆ ମା' କହୁଥାଏ ମୋ କଥା ସମସ୍ତେ ଶୁଣ । ବର୍ଷେ ଦୁଇବର୍ଷର ସଂପର୍କ ପାଇଁ ୨୫/୩୦ ବର୍ଷର ସଂପର୍କକୁ ଛାରଖାର କରିଦିଅନି । ପୂର୍ଣ୍ଣିମାର ଜୀବନର ଯେମିତି ପୁନରାବୃତ୍ତି ଆମ ଗାଁରେ ନ ହୁଏ । ଏତିକି ମୋର ମୋ ନାତି, ନାତୁଣୀଙ୍କୁ ଅନୁରୋଧ ।

ଗୋଟେ ମା' ତା'ର ଜୀବନ ବିନିମୟରେ ଜୀବନ ଦେଲା । ଆଉ ବାପାଟି ବଞ୍ଚିବାଟା ମରିବା ସଙ୍ଗେ ସମାନ କରି ଝାଳ, ରକ୍ତ, ଅଙ୍ଗ ସବୁ ତୁମପାଇଁ ଦେବାରେ ଟିକେ ବି କୁଣ୍ଠାବୋଧ କଲାନାହିଁ । ହେଲେ ସେ ଧୋକାବାଜ୍ ପାଇଁ ବର୍ଷ ପରେ ବର୍ଷ ଗଣି ଗଣି ବଡ଼ କରୁଥିବା ବାପାକୁ କ'ଣ ଏଇ ପୁରସ୍କାର ତୁମେ ଦେଲ ? ତୁମ ବାପା ତୁମ ପାଇଁ ତୁମ ମା'କୁ ଭୁଲିବାକୁ ବାଧ ହେଲା । ହେଲେ ତା'ର ତପସ୍ୟାକୁ ଏମିତି ଭାବେ ଭାଙ୍ଗିଦେଲ ? ଥରେ ଏ କର୍ମ କରିବା ପୂର୍ବରୁ ସେଇ ଲୁହଭିଜା ଆଖି ଆଉ ଲୁଗା ଗଣ୍ଠିଲି ଧରି ଫେରୁଥିବାର ଝାଳବୁହା ଦେହଟା ତୁମକୁ କ'ଣ ଦେଖା ଗଲାନି । ମା' ଛେଉଣ୍ଡ ପିଲାଟିକୁ ପାଳିବା, ଆଉ ମନର କୋହକୁ ଚାପି ତୁମକୁ ହସେଇବା ଛବିଟା କ'ଣ ତୁମ ଆଖି ଆଗରେ ଥରେ ନାଚି ଉଠିଲାନି ? ତୁମ ପାଇଁ ତୁମ ବାପା ଅପେକ୍ଷା ସେ ଧୋବାଜ୍ ପ୍ରେମିକ ଏତେ ମହାନ୍ ହେଇଗଲା ?

ନୂଆପଡ଼ା, ବାଲିସାହି, କଟକ

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ସ୍ୱର୍ଗଦ୍ୱାର

ପ୍ରଦ୍ୟୁମ୍ନ ପଟ୍ଟନାୟକ

ଶ୍ରୀକ୍ଷେତ୍ର ପୁରୀ ଜଗତ୍‌ପତି ଜଗନ୍ନାଥଙ୍କ ପୀଠ । ଚର୍ତୁଧାମ ମଧ୍ୟରୁ ଅନ୍ୟତମ । ମହୋଦଧି ତୀରରେ ସାର୍ବଜନୀନ ଶ୍ମଶାନ ସ୍ୱର୍ଗଦ୍ୱାର । ନାମକରଣରୁ ପ୍ରତ୍ୟୟ ହୁଏ ମୃତ୍ୟୁ ଉପରାନ୍ତ ସ୍ୱର୍ଗାରୋହଣ ନିମିତ୍ତ ପ୍ରବେଶ ପଥ ସେହି ପୁରୀସ୍ଥିତ ସାଗର ବେଳାରେ ଅବସ୍ଥିତି ଶ୍ମଶାନ । ଯେପରି ଖ୍ୟାତି ସେପରି ବିଶ୍ୱାସ । ଯେତିକି ଯେତିକି ଲୋକମାନଙ୍କର ଶିକ୍ଷା ଦୀକ୍ଷା ଜ୍ଞାନ ବୃଦ୍ଧି ହେଉଛି ସେତିକି ବୌଦ୍ଧିକ ସଚେତନତା ସହ ଆଧାତ୍ମିକ ଅନୁରକ୍ତି ବି ବୃଦ୍ଧି ପାଇବାରେ ଲାଗିଛି ।

ସାମର୍ଥ୍ୟ ସମ୍ବଳର ଅଭିବୃଦ୍ଧି ଏବଂ ଶ୍ରଦ୍ଧାଭାବ ପ୍ରଦର୍ଶନ ପୂର୍ବକ ସଂପ୍ରତି ବହୁବ୍ୟକ୍ତି ସେମାନଙ୍କ ଆତ୍ମୀୟ ମାନଙ୍କର ଶବ ସଂସ୍କାର କରିବାକୁ ପୁରୀର ସ୍ୱର୍ଗଦ୍ୱାରକୁ ଶ୍ରେୟସ୍କର ମଣୁଛନ୍ତି । ଦୂର ଦୂରାନ୍ତରୁ ଶବବାହୀ ଆମ୍ବୁଲାନ୍‌ସ, ସରକାରଙ୍କ ତରଫରୁ ସ୍ୱର୍ଗରଥ ସହ ଅନ୍ୟ ଯାନବାହାନ ବି ଅନାୟାସରେ ଉପଲବ୍ଧ ହୋଇଯାଇଛି । ତେଣୁ ଲୋକଙ୍କର ବିଶ୍ୱାସ ଆହୁରି ଦୃଢ଼ୀଭୂତ ହେବା ସହ ତଥାକଥିତ ମୋକ୍ଷର ମାର୍ଗ ସୁଗମ ହୋଇପାରିଛି । ମୃତକମାନଙ୍କର ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର ଫଳରେ ସ୍ୱର୍ଗପ୍ରାପ୍ତି ହେଉ କି ନ ହେଉ ଆତ୍ମୀୟମାନେ ପୂର୍ବଜଙ୍କୁ ସ୍ୱର୍ଗଗାମୀ କରାଇବାରେ ସହାୟକ ହୋଇଥିବାର ଆତ୍ମସନ୍ତୋଷ ଲାଭ କରୁଛନ୍ତି । ଜନସାଧାରଣଙ୍କର ସେପରି ଭାବନାକୁ ସମ୍ମାନ ଦେବାକୁ ଯାଇ ସରକାର ମଧ ସ୍ୱର୍ଗଦ୍ୱାରରେ ଶବ ସତ୍କାରକୁ ବ୍ୟବସ୍ଥିତ କରିଛନ୍ତି । ହରିଶ୍ଚନ୍ଦ୍ର ଯୋଜନା ସହ ଗୋଟିଏ ସ୍ଥାନରେ ପୂଜକ, ପୂଜାସାମଗ୍ରୀ, ସମିଧ ଆଦିର ସୁଯୋଗ ଯୋଗାଇ ଦେଇଛନ୍ତି । ଆର୍ଥିକ ଦୁର୍ବଳ ବ୍ୟକ୍ତିମାନଙ୍କ ଲାଗି ସହାୟତାର ବ୍ୟବସ୍ଥାଦି ଅଛି ।

କରୋନା ମହାମାରୀ ବଶତଃ କିଛିଦିନ ସ୍ୱର୍ଗଦ୍ୱାର ମନା ହୋଇ ଯାଇଥିଲା । ପୁରୀ ବାହାରର ଶବମାନଙ୍କୁ ସ୍ୱର୍ଗଦ୍ୱାରରେ ଶବ ସଂସ୍କାର ବାରଣ ହୋଇଗଲା । କେତେ ବୟସ୍କଙ୍କ ଆଶା ଅପୂରଣୀୟ ରହିଗଲା । ବହୁ ଧନାଢ଼୍ୟ ବ୍ୟକ୍ତି ସେମାନଙ୍କ ଆତ୍ମୀୟମାନଙ୍କ ଅନ୍ତିମ ସଂସ୍କାର ସ୍ୱର୍ଗଦ୍ୱାରରେ କରିବାରୁ ବଞ୍ଚିତ ହେବାରୁ ଅବଶୋଷରେ ରହିଗଲେ । କରୋନା କଟକଣା ହଟିଯିବା ପରେ ପୁଣି ସ୍ୱର୍ଗଦ୍ୱାରରେ ଶବଙ୍କ ଗହଳି ଲାଗି ରହିଛି ।

ଅଶିତିପର ମାମୁ ମୋର ଅସୁସ୍ଥ ହୋଇ ପଡ଼ିଲେ । ବୟସାଧିକ ସହ ଦୀର୍ଘଦିନ ମଧୁମେହ ଦ୍ୱାରା ଆକ୍ରାନ୍ତ ହୋଇଥିବାରୁ ଶରୀରର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ କାର୍ଯ୍ୟ କରିବା ବନ୍ଦ କରିଦେଲେ । ସ୍ୱଳ୍ପକାଳ ଭୁବନେଶ୍ୱରର ଗୋଟିଏ

ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ । ସୁସ୍ଥ ହେବାର ବିଶେଷ ସମ୍ଭାବନା ନଥିବାରୁ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିବା ନିମିତ୍ତ ଇଚ୍ଛା ପ୍ରକାଶ କଲେ । ଜୀବନର ଶେଷ କେଇଦିନ ପରିବାର ସଦସ୍ୟ ଏବଂ ବନ୍ଧୁବାନ୍ଧବଙ୍କ ଗହଣରେ ରହି ଶେଷ ନିଃଶ୍ୱାସ ତ୍ୟାଗ କରିବାପାଇଁ ଥିଲା ତାଙ୍କର ଆଗ୍ରହ ।

ଯେବେ ଜୀବନର ଶେଷ ସମୟ ଆସିଯିବାର ପୂର୍ବାଭାସ ମିଳିଯାଏ ତେବେ କେତେ କଥା କହି ଯିବାକୁ ଇଚ୍ଛା ହୁଏ ଉତ୍ତରପିଢ଼ିର ଦାୟାଦମାନଙ୍କୁ । ମାମୁ ତାଙ୍କର ଅପତ୍ୟମାନଙ୍କୁ ନିଜର ଶେଷ ଇଚ୍ଛା ବ୍ୟକ୍ତକରି କହିଲେ- 'ମୁଁ ମଲାପରେ ମୋ ଶବକୁ ସଂସ୍କାର ନିମିତ୍ତ ସ୍ୱର୍ଗଦ୍ୱାର ନେବ ନାହିଁ । ମୋର ଏଇ ଜନ୍ମ ମାଟିରେ ବୈତରଣୀ କୂଳରେ ଶବ ସଂସ୍କାର କରିଦେବ । ଏହା ସମସ୍ତଙ୍କ ପାଇଁ ଯେତେ ଦୁଃଖଦ ଥିଲା ସେତିକି ଶିରୋଧାର୍ଯ୍ୟ ।

ଶେଷ ଇଚ୍ଛା ବ୍ୟକ୍ତ କରିବାର ଦିନ କେଇଟା ପରେ ମାମୁ ସବୁଦିନ ପାଇଁ ଆଖିବୁଜି ଦେଲେ । ଆତ୍ମୀୟମାନଙ୍କ ପାଇଁ ଶବ ସତ୍କାର ନିମିତ୍ତ ସ୍ଥାନ ନିରୂପଣ କରିବାର ଦ୍ୱିଧା ନଥିଲା । ମାମୁଙ୍କ କହିବା ଅନୁଯାୟୀ ତାଙ୍କ ଘର ପଛ ଦେଇ ବହୁଥିବା ବୈତରଣୀ ନଦୀ କୂଳରେ ଶବ ସଂସ୍କାର କରିବାର ବ୍ୟବସ୍ଥା କରାଗଲା । ପୁଅମାନଙ୍କର ସାମର୍ଥ୍ୟ ସମ୍ବଳ ଥାଇ ସୁଦ୍ଧା ସେମାନେ ବାପାଙ୍କ ଶବକୁ ପୁରୀ ସ୍ୱର୍ଗଦ୍ୱାର ନେବାକୁ ସୁଯୋଗ ପାଇଲେ ନାହିଁ । ମାମୁଙ୍କର ଶବ ସଂସ୍କାର ତାଙ୍କ ଘର ପଛରେ ବୈତରଣୀ କୂଳରେ ଯଥାବିଧି ସମାପିତ ହେଲା । ସମ୍ଭବତଃ ତାଙ୍କର ଅମର ଆତ୍ମା ସେଥିରେ ତୃପ୍ତ ହୋଇ ବିଶ୍ୱାତ୍ମାରେ ବିଲୀନ ହୋଇଥିବ ।

ଫ୍ଲାଟ ନମ୍ବର-୧୦୧, ପ୍ରକାଶଦ୍ୱୀପ ଟାୱାର
ଜୟଦୁର୍ଗା ନଗର, ଭୁବନେଶ୍ୱର-୭୫୧୦୦୬
ଦୂରଭାଷ : ୯୯୬୮୨୮୦୮୯୬

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଆମେ ସମସ୍ତେ ବାବୁ

## ସୁଧାଂଶୁ ଶେଖର ଦ୍ୱିବେଦୀ

ସମ୍ପନ୍ନ ସେହି ବର୍ଗ ଯେଉଁମାନଙ୍କଠାରେ ସବୁକିଛି ଉପଲବ୍ଧ । ଯାହାକି ମନୁଷ୍ୟ ପାଇଁ ଏକ ଅସମ୍ଭବ ବିଷୟ । ସତ କହିବାକୁ ଗଲେ ମନୁଷ୍ୟକୁ କ'ଣ ଆବଶ୍ୟକ । ପ୍ରତିଟି ପଦପାଦରେ ନିର୍ଣ୍ଣୟ ଲୋଡ଼ା । ପରନ୍ତୁ ସନ୍ତୁଷ୍ଟ ହେବା ହୃଦୟର ଅବସ୍ଥା । ବଡ଼ ବଡ଼ ରୋଗରେ ଆକ୍ରାନ୍ତ ହେଉଥିବା ମନୁଷ୍ୟମାନଙ୍କ ମଧ୍ୟରେ ଶତକଡ଼ା ୮୫ ଭାଗ ସମ୍ପନ୍ନ ବର୍ଗ ହୋଇଥାଆନ୍ତି । ଚିନ୍ତା, ଅନିଦ୍ରା, ବ୍ଲଡ଼ପ୍ରେସର, ଡାଇବେଟିସ, କ୍ୟାନସର, ହାର୍ଟଏଟାକ ଆଦି ସମ୍ପନ୍ନ ଲୋକଙ୍କ ତାଲିକାଭୁକ୍ତ । ଏଥିପାଇଁ ସମ୍ପନ୍ନ ସମୁଦାୟର ବୟସ ସୀମା ମଧ୍ୟ ଧିରେ ଧିରେ କମିଯାଉଛି । ଖାଦ୍ୟ ଖାଇଲା ଭଳି ଅନବରତ ଔଷଧ ସେବନ କରି ଚାଲିଛନ୍ତି ।

ପ୍ରତ୍ୟେକ ଲୋକ କିଛି ନା କିଛି ରୋଜଗାର କରୁଛି । ପ୍ରତିଦିନ ଲୋକ ଖାଉଛନ୍ତି, ଶୋଉଛନ୍ତି ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ କାମ କରୁଛନ୍ତି । ଏବେ ସମସ୍ତେ ସ୍ୱାବଲମ୍ବୀ, ସ୍ୱାଭିମାନୀ ହେବାକୁ ଅଣ୍ଟାରେ ଗାମୁଛା ବାନ୍ଧି ଲାଇନ ଲଗେଇଛନ୍ତି । କାହା ନାଁ ଆଗେ ପଡ଼ିବ କେବଳ ଅପେକ୍ଷା ମାତ୍ର । ସମସ୍ତଙ୍କ ନିକଟରେ କୋଠା, ଗାଡ଼ି, ବ୍ୟାଙ୍କ-ବାଲାନ୍ସ, ଚାକର ଚାକରାଣୀ, ସ୍ତ୍ରୀ ପିଲାମାନଙ୍କ ମଧ୍ୟରେ ଭରପୁର ସଂସାର ତଥାପି ଘରେ କାହାର ଟିକେ କିଛି ହୋଇଗଲେ ଔଷଧ ଦରକାର । ଅନେକ କୁହନ୍ତି ଆଜିକାଲି ସବୁପ୍ରକାର ଖାଦ୍ୟ ପଦାର୍ଥରେ କେମିକାଲ୍ ମିଶିବା ଫଳରେ ଶରୀରକୁ ପୌଷ୍ଟିକ ଆହାର ମିଳୁନାହିଁ । ଯଦି ଶରୀରରେ ଦମ୍ ନାହିଁ ତା'ହେଲେ ପେଟ କ'ଣ ପାଇଁ ବଢ଼ି ଯାଉଛି ?

ସମସ୍ତଙ୍କ ଜୀବନଶୈଳୀ ମଧ୍ୟ ବଡ଼ ବିଚିତ୍ର ହୋଇ ଯାଇଛି । ଦିନସାରା କାର୍ଯ୍ୟ ବ୍ୟସ୍ତତା ପରେ କ୍ଲବ, ପାର୍ଟିଏଟେଷ୍ଟ କରିବା, ବିଳମ୍ବ ରାତିଯାଏ ଟିଭି ଦେଖିବା ଆଦି ଶରୀର ଓ ମସ୍ତିଷ୍କ ପାଇଁ ଉଚିତ ନୁହେଁ । ଶରୀର ଓ ମସ୍ତିଷ୍କ ଆରାମ ନେବା ଲାଗି ୬ ଘଣ୍ଟା ନିଦ୍ରା ଜରୁରୀ ଆବଶ୍ୟକ ପଡ଼ିଥାଏ । କିନ୍ତୁ ପ୍ରତିବଦଳରେ ତାହା ଅନେକଙ୍କ ଠାରେ ହୋଇପାରୁ ନାହିଁ । କିଏ କିଏ ରାତିସାରା ମଧ୍ୟ ଉଜାଗର ରହି ମଜା ମସ୍ତିରେ ମସଗୁଲ ହେଉଛନ୍ତି । ଆଉ କେତେକ ରୋଗାର ଲୋଭରେ କାର୍ଯ୍ୟବ୍ୟସ୍ତତା ଭାବେ ରାତି ବିତେଇ ଦେଉଛନ୍ତି । ଯାହାଫଳରେ ମନରେ ଉତ୍ତେଜନା ବଢ଼ି ଯାଉଛି । ଉତ୍ତେଜନା ଦ୍ୱାରା ରକ୍ତଚାପ ବଢ଼ିଯାଉଛି । ଏ ଦୁଇଟି ସାଙ୍ଗ ହୋଇଗଲେ ବିଭିନ୍ନ ପ୍ରକାର ରୋଗକୁ ଜନ୍ମ ଦେଇଥାନ୍ତି ।

ବ୍ଲଡ଼ ପ୍ରେସର ଏବେ ୩୦ ବର୍ଷ ପରେ ନୁହେଁ **୧୫** ବର୍ଷରୁ ମଧ୍ୟ ଆରମ୍ଭ ହୋଇଯାଉଛି । ସମର୍ଥ ସମାଜରେ ଏଭଳି ଭୟଙ୍କର ରୋଗ ଏତେ ଶୀଘ୍ର ବଢ଼ି ଚାଲିଛି ଯେ ପ୍ରଥମ ଏଟାକ ଘରେ ତା'ପର ଏଟାକ ହସ୍ପିଟାଲରେ ପୁଣି ଅସାବଧାନତା ହେଲେ ତୃତୀୟ ଏଟାକରେ ସିଧା ଶ୍ମଶାନ । ଏବେ ଟଙ୍କା ପାଇଁ ଜୀବନ ବାଜିରେ ଲାଗିଛି । ପାଞ୍ଚ ଲକ୍ଷ ବାଲାକୁ ୫୦

ଲକ୍ଷ ଦରକାର, ୫୦ ଲକ୍ଷ ବାଲାକୁ କୋଟି କୋଟି ଟଙ୍କା ଦରକାର । ଆଉ ଆମ ଇଚ୍ଛା, କାମନା, ବାସନା, ମହତ୍ତ୍ୱାକାଂକ୍ଷାର କୌଣସି ସୀମା ନାହିଁ । ପିଢ଼ି ପରେ ପିଢ଼ି ବନ୍ଦୋବସ୍ତ କରି ରଖିଦେବାକୁ ଆମେ ଆଜି ପାଗଳ ପ୍ରାୟ ।

କାଲି କଲେଜର ପ୍ରଫେସର ସାଇକେଲ ଚଳାଉଥିଲେ ଆଜି ଚୌକିଦାରକୁ ହୋଣ୍ଡା ମୋଟର ସାଇକେଲ ଦରକାର । ନହେଲେ ସ୍ୱାଭିମାନରେ ଆଞ୍ଚ ଆସିବ । ଡାକ୍ତର ବାବୁ ଯଦି ସକାଳେ ସକାଳେ ମର୍ଣ୍ଣିଙ୍ଗ ୱାକ କରିବାକୁ ପରାମର୍ଶ ଦିଅନ୍ତି ତା'ପାଇଁ ୧୦୦୦ ଟଙ୍କା ହେଉ କି ୨୦୦୦ ହଜାର ଟଙ୍କାର ୱାକିଙ୍ଗ ଜୋତା ଦରକାର । କ୍ଷୀର ପ୍ୟାକେଟ, ପନିପରିବା, ସଉଦାପତ୍ର ହେଉ କି ଅନ୍ୟ କୌଣସି ଆବଶ୍ୟକ ଜିନିଷ ଆଣିବାକୁ ହେଉ ଆଉ କେହି ପାଦରେ ଚାଲି ଚାଲି ଯିବାକୁ ପସନ୍ଦ କରୁ ନାହାନ୍ତି । ସମସ୍ତଙ୍କର ଗାଡ଼ି ଦରକାର । ସମସ୍ତଙ୍କର ସମୟ ଦରକାର । ସମସ୍ତଙ୍କର ସମ୍ପନ୍ନତା ଜୀବନଶୈଳୀ ଦରକାର । କାହାର ଭୋଜି ଆମନ୍ତ୍ରଣ ହେଉ କି ମନ୍ଦିର ଯିବାକୁ ହେଉ ଚାଲି ଚାଲି ଯିବା ବଡ଼ କଷ୍ଟଦାୟକ ହୋଇଗଲାଣି । ସେଥିପାଇଁ ଫୋରହ୍ୱିଲର ହେଉ ନଚେତ ଥ୍ରୀ ହ୍ୱିଲର ଆବଶ୍ୟକ । ଏହା ଛଡ଼ା ଘରେ ହେଉ କି ଅଫିସ ଅନବରତ ଏସି ହାଓ୍ୱା ଦରକାର । ସମସ୍ତେ ଧନୀ ହେବାକୁ ବ୍ୟତିବ୍ୟସ୍ତ । ସମସ୍ତେ ବାବୁ ଉପାଧି ପାଇବାକୁ ବ୍ୟଗ୍ର । ସବୁ ଦରକାର ଭିତରେ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଅଚଳ ହେଲେ ଜଙ୍ଗ ତ ଲାଗିବ ନିଶ୍ଚିୟ ।

ପଣ ଜେଜେ (ଜେଜେଙ୍କ ବାପା)ଙ୍କୁ କୌଣସି କଥାରେ ଫିକର ନଥିଲା । ଯାହା ମିଳୁଥିଲା ଆନନ୍ଦରେ ଖାଇ ଦେଉଥିଲେ । ଯେଉଁଠି ହେଉ ଶୋଇ ଯାଉଥିଲେ । ପୋଖରୀ ହେଉ କି ଗଡ଼ିଆ ଗାଧୋଇ ପଡୁଥିଲେ । ସାଙ୍ଗସାଥି, ସାଇ ପଡ଼ିଶା ସହ ମିଶୁଥିଲେ । ଦରକାର ବେଳେ ସାହାଯ୍ୟ ସହାନୁଭୂତି କରୁଥିଲେ । ତାଙ୍କୁ କିଛି ରୋଗ ବୈରାଗ ନଥିଲା । ୧୦୦ ବର୍ଷ ପାରି ହେଉଥିଲେ । ଜେଜେଙ୍କର ଇଚ୍ଛା ବଢ଼ିଲା । ସେ ନିଜ ଜୀବନ ଶୈଳୀକୁ ସେ ସମୟର ଆଧୁନିକ ସ୍ତରକୁ ଆଣି ବୟସକୁ ସଙ୍କୁଚିତ କରି ୮୫ ବର୍ଷ ଯାଏ ବଞ୍ଚି ରହିଲେ । ବାପା ଆଉଟିକେ ଆଧୁନିକ ଢାଞ୍ଚାକୁ ଅନୁକରଣ କରି ୮୫ରୁ ୭୬ ବର୍ଷକୁ ଖସି ଆସିଲେ । ଆଉ ଏବେକାର ନୂଆ ପିଢ଼ି ନିଜ ଜୀବନ ପ୍ରତି ପୁରାପୁରି ସ୍ୱାର୍ଥୀ ହୋଇଯାଇଛନ୍ତି । ସେମାନଙ୍କୁ ଖାଲି ଟଙ୍କା ଓ ଭୋଗ ବିଳାସର ଭୋକ ଘାରିଛି । ମଦ ମାଂସ ସାଙ୍ଗକୁ ଅନିୟନ୍ତ୍ରିତ ଜୀବନଶୈଳୀ । ଯାହାଦ୍ୱାରା ସେମାନଙ୍କ ବୟସ ସୀମା ୬୦ ମଧ୍ୟରେ ଅଟକି ରହିଛି ।

ସତ କହିବାକୁ ଗଲେ ସଂଯମ, ସନ୍ତୋଷ ଓ ସହଯୋଗ ସାର୍ଥକ ଜୀବନର ପ୍ରଥମ ଓ ଶେଷ ଆବଶ୍ୟକ ହୋଇଥାଏ । ନମୁନାକୁ ବଦଳାଇବାକୁ ହେବ । ସ୍ୱାସ୍ଥ୍ୟ ଓ ବୟସ ନିମନ୍ତେ ପଛକୁ ଫେରିବାକୁ ହେବ । ତା' ନହେଲେ ମାନବୀୟ ଦୃଷ୍ଟିକୋଣକୁ ଆପଣେଇବା ସମସ୍ତଙ୍କ ନିମନ୍ତେ ଅସମ୍ଭବ ହୋଇଯିବ ।

ବିସି-୭୪, ସଲଟ ଲେକ୍, କୋଲକାତା-୬୪
ଦୂରଭାଷ : ୯୬୮୧୩୭୩୫୧

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସୌଭାଗ୍ୟବତୀ ସନ୍ତକ

## ସୁନନ୍ଦା ମହାନ୍ତି

ଭୁଲି ଯାଇଥିଲେ ଲିନା ସବୁକିଛି । ଯଦିଓ ଆଜି ଦିନର ଆଶୀର୍ବାଦର ଭରପୂର ମଜ୍ଜା ଉଠେଇବା ଦରକାର, ଉଠେଇବା ବଦଳରେ, ପ୍ରକୃତିର ନିୟମରେ ବନ୍ଧା ପଡ଼ିଯାଇଥିଲା ମନ ତାଙ୍କର । ସତରେ ଝିଅଟିଏ, ଆପଣା ଲୋକମାନଙ୍କୁ ଛାଡ଼ି ନବବଧୂ ସାଜିବା ପରେ, କେତେ ଦାୟିତ୍ୱ କର୍ତ୍ତବ୍ୟ ନିଭାଉ ନିଭାଉ, ଦୁଇକୂଳ ହିତା ପାଲଟି ଥିଲା ଦିନେ । ସମୟ କ୍ରମେ ନିଜକୁ ଆବିଷ୍କାର କରିଥାଏ ଅସହାୟ । ଯୋଉ ସନ୍ତାନ ପାଇଁ ସବୁକିଛି ତ୍ୟାଗ କରିଥାଏ ମାଆଟି, ସେହି ସନ୍ତାନ ପାଖରେ ମଧ ସମୟ ନଥାଏ ତା' ପାଇଁ । ସ୍ୱାଭାବିକ କଥା ବୋଲି ଭାବିଲେବି ବେଳେ ବେଳେ ଅସହାୟ ଲାଗେ ତ ସ୍ୱାମୀଙ୍କୁ ପଚାରନ୍ତି ଲିନା, କାହିଁକି ପ୍ରକୃତିର ଏ ବିଡ଼ମ୍ବନା ! ସୁଖ ଦୁଃଖର ଚିରସାଥୀ ସ୍ୱାମୀ କାହିଁକି ଆଗ ଚାଲିଯାଏ ଆରପାରିକୁ ? ସ୍ୱାମୀ ବୁଝାନ୍ତି, ପ୍ରଥମରେ ସ୍ୱାମୀ ବୟସରେ ବଡ଼, ଦ୍ୱିତୀୟରେ ପୁରୁଷମାନଙ୍କ ଅପେକ୍ଷା ନାରୀ ଅଧିକ ଧୈର୍ଯ୍ୟବାନ, ସହନଶୀଳତାର ଅଧିକାରୀ ତଥା ପରିବେଶରେ ଖାପ ଖୁଆଇ ଚାଲିବା ପାଇଁ ନାରୀଟିଏ ସମର୍ଥ ।

ମନ ବୁଝିଲା ଭଳି ଉତ୍ତର ଦେଇ, ଅଶୋକ ସିନା ଚାଲିଯାଆନ୍ତି, ବାହାର କାମରେ, ହେଲେ ଅସ୍ଥିର ହୁଅନ୍ତି ଲିନା ଘର ଭିତରେ । ଅଶୋକଙ୍କ ପ୍ରଥମ ଉକ୍ତି, ନାରୀ ଠାରୁ ପୁରୁଷ ବଡ଼, କେତେବା ବଡ଼ ? ଅତି ବେଶିରେ ଦଶ ବର୍ଷ କିନ୍ତୁ ପୁରୁଷଟି ଚାଲିଯିବାର ଦଶବର୍ଷ ପରେ ତ ଚାଲିଯାଏନା ସେହି ପୁରୁଷର ସ୍ତ୍ରୀ । ସ୍ତ୍ରୀଟି ବଞ୍ଚି ରହେ ଯୁଗ ଯୁଗ । ଆଉ ଧୈର୍ଯ୍ୟ, ସାହସ, ସହନଶୀଳତା ଭିତରେ କେତେ ଯେ ଆଉଟପାଉଟ ହୁଏ, ତା'ର ସୀମା ହିଁ ନାହିଁ । ଏଇ ଯେମିତି ତାଙ୍କ ବୋଉ, ବାପା ଚାଲିଯିବାର ପାଞ୍ଚବର୍ଷ ଭିତରେ, ପାଞ୍ଚଥର ଆଇ.ସି.ୟୁ ଗଲାଣି । ରୁଗ୍ଣ ଶରୀର, ଭଗ୍ନ ମନ ତାକୁ ଆଲଜାଇମର ରୋଗୀ ସଜେଇ ଦେଇଛି । ଏମିତିକି ପଚାରୁଛି ବାପା କୋଉଠି ? ନିଜ ସନ୍ତାନମାନଙ୍କୁ ନିଜ ଭାଇ ବୋଲି ଭାବୁଛି । ପୁଣି ଏଥର ମଧ ଆଇ.ସି.ୟୁରେ ପଡ଼ିଛି, ବଞ୍ଚିବାର ଆଶା କ୍ଷୀଣ । ବ୍ରେନ ଷ୍ଟ୍ରୋକ୍ ସାଙ୍ଗକୁ କିଡ଼ନୀ ଖରାପ । ବୋଉ କଥା ଭାବି ଭାବି ଲିନା ମଧ ଭୁଲିଯାଉଛନ୍ତି ସବୁକିଛି ।

ଅଶୋକ ଯେବେ ଉପହାରଟିଏ ବଢ଼େଇ ଦଲେ ଲିନାଙ୍କ ଅଭିମାନ ଦ୍ୱିଗୁଣିତ ହେଲା । ବୋଉ ତାଙ୍କର ମରଣ ସହିତ ସଂଗ୍ରାମ କଲାବେଳେ, ଉପହାର କ'ଣ ଦରକାର । ଏତକ ମଧ ଶୁଣାଇ ଦେଲେ ଆଶୋକଙ୍କୁ ତ ଅଶୋକ କହୁଥିଲେ, ଦେଖ, ଈଶ୍ୱର ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ । ବୋଉ ଯଦି ଚାଲିଯାଆନ୍ତି ମଧ ତୁମର ଦୁଃଖ କରିବାର ନାହିଁ ଲିନା । ସେ ବାପାଙ୍କୁ ଫେରି ପାଇବେ, ପ୍ରକୃତ ଜନ୍ମ ଜନ୍ମର ସାଥି କଥାଟିର ସତ୍ୟତାର ପ୍ରମାଣ ଦେଇଯିବେ । ଏହାକୁ ତୁମେ ଅଧିକା କ'ଣ ଚାହଁ ଲିନା ? ବୋଉ ପୁଣ୍ୟବତୀ, ଆତିଥେୟତା ପ୍ରିୟ, ପରକୁ ଆପଣାର କରିବା କଳା ତାଙ୍କୁ ଭଲ ଭାବେ ଜଣା । ସେପରି ଦାନ ପୁଣ୍ୟ ଅର୍ଜନ କରିଥିବା ସ୍ତ୍ରୀଲୋକ, ସ୍ୱର୍ଗପ୍ରାପ୍ତି ହେବା ସହ ଯଦି ପରଜନ୍ମରେ, ପୁଣି ବାପାଙ୍କ ସହଧର୍ମିଣୀ ଓ ସହକର୍ମିଣୀ ହୋଇପାରିଲେ, ଏହାଠାରୁ ବଳି ଖୁସି ଆଉ କ'ଣ ହୋଇପାରେ ତୁମ ପାଇଁ ? ପୁଣି ଆଜିଭଳି ଦିନରେ ଅଭିମାନ ଭରା ଶ୍ଳେଷ ମିଶା କଣ୍ଠରେ ଲିନା କହୁଥିଲେ କାହିଁ ଆଜି କ'ଣ କି ? ମତେ ବି ଭୁଲିଗଲ ଲିନା, କହି ସ୍ୱାମୀ ଚାଲି ଯାଉଥିଲେ ଅନ୍ୟ ଆଡ଼େ ତ ଉପହାର ପ୍ୟାକେଟ ଖୋଲି ଆଶ୍ଚର୍ଯ୍ୟ ଅଭିଭୂତ ଲିନା । ରୁପା ଫରୁଆରେ ନାଲି ସିନ୍ଦୁର ସହ ଶଙ୍ଖା ମୁଠାଏ । ଆଜି ତାଙ୍କ ବିବାହ ବାର୍ଷିକୀରେ ଏହାଠାରୁ ବଳି ବଡ଼ ଉପହାର କ'ଣ ହୋଇପାରେ ଭାବି, ଠାକୁର ଘରେ ପଶିଲେ ଲିନା । ବୋଉ ପାଇଁ ଜାଳୁଥିବା ଅଖଣ୍ଡ ଦୀପ ତେଜିଦେଇ, ସ୍ୱାମୀଙ୍କ ଶୁଭ ମନାସୁଥିଲେ । ପ୍ରଣତି ଜଣେଇ ସିନ୍ଦୁର ଶଙ୍ଖା ପିନ୍ଧି ମଥାରେ ଠାକୁରଙ୍କ ଆଶୀର୍ବାଦ ଲୋଡ଼ିଥିଲେ ।

ସାକ୍ଷୀଗୋପାଳ, ପୁରୀ
ଦୂରଭାଷ : ୯୦୪୦୯୭୭୩୨୭

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ସନାତନ

ବିନୟ ମହାପାତ୍ର

ସନାତନ ଆମ ଗାଁର ସେମିତି କୋଉ ବଡ଼ ନାମଜାଦା ଲୋକ ନଥିଲା କି ବଡ଼ ଚାଷୀଟିଏ ବି ନ ଥିଲା । ବେଶି ପାଠୁଆ ନଥିଲା କି ସେମିତି କିଛି ବଡ଼ କିମ୍ବା ଛୋଟ ମୋଟ ନେତାଟିଏ ବି ନଥିଲା । ଆପଣମାନେ ଭାବୁଥିବେ ମୁଁ ତା' ବିଷୟରେ କିଛି କହିବାକୁ କାହିଁକି ବାଛିଲି ? ଗାଁରେ ଏତେ ଲୋକ ଅଛନ୍ତି, ସେମାନଙ୍କ ବିଷୟରେ କହିବାକୁ ମୋତେ ବହୁତ କିଛି ମସଲା ମିଳିଥାନ୍ତା, କିନ୍ତୁ ଏମିତି କ'ଣ ଅଛି ଏ ସନାତନର ଜୀବନରେ ଯେ ଅନ୍ୟ ମାନଙ୍କୁ ଛାଡ଼ି ମୁଁ ସନେଇ, ମାନେ ସନାତନ ଭୋଇର କଥା କହିବାକୁ ଭାବିଲି ?

ଏଇଥିପାଇଁ କହୁଛି ସନେଇ କଥା, କାରଣ ତା' ଘରଟା ଆମ ଗାଁ ମୁଣ୍ଡରେ, ମେଲଣ ପଡ଼ିଆ ପାଖରେ ଯେଉଁ ବରଗଛଟା ଅଛି ତା'ଠାରୁ ଅଳ୍ପ ଦୂରରେ । ତା' ଅଗଣାରେ ଠିଆ ହେଲେ ବରଗଛଟା ପୁରା ଦେଖାଯାଏ । ବରଗଛ ତଳେ କିଏ ବସିଛି କିଏ ଠିଆ ହୋଇଛି ପୁରା ଚିହ୍ନି ହୋଇଯାଏ । ସନେଇ ହେଉଛି ଆମ ସମାଜର ଗୋଟିଏ ନିର୍ଭୀକ ସୈନିକ । ଦେଶର ସୀମାରେ ବନ୍ଧୁକ ଧରି ପହରା ଦେଉନି ସିନା, କିନ୍ତୁ ଦେଶ ସେବା କରିବାକୁ ଦେଶବାସୀଙ୍କ ଥାଳିରେ ଭାତ ମୁଠାଏ ଦେବାକୁ ହଳ ବଳଦ ନେଇ ଭାଗ ଜମିରେ ତା'ର ରକ୍ତ ନିଗାଡ଼ି ଦିଏ । ଛନ୍ଦ କପଟ ଜାଣେନା, ରାଜନୀତିରେ ମୁଣ୍ଡ ଖେଳାଏନି । ଦେଶ, ବିଦେଶ କଥା ଜାଣେନା, ହେଲେ ତା'ର ଅଜାଣତରେ ଦେଶ ପାଇଁ କେତେ ଯେ କାମ କରିଯାଏ ତା'ର ତୁଳନା ନାହିଁ । ଛୋଟ କୃଷକଟିଏ, ତା'ର ଜମିରେ ନିଜ ଝାଳ ନିଗାଡ଼ି ଦିଏ । ତା'ରି ଝାଳ ନିଗିଡ଼ା ଫସଲର ଅସଲ ଲାଭ, ଲୋଭି ବେପାରି ଖାଇଯାଏ । ଆଉ ତା' ପରିଶ୍ରମର ଫଳ ଉଚ୍ଚା ଦାମରେ କିଣି ଆମ ଖାଇବା ଥାଳିରେ ପରଶି ଦିଆଯାଏ । ସେମିତି ନିରୀହ ଚାଷୀଟିଏ ସନିଆ । ଦିନେ ତାକୁ ପଚାରିଲି, ଆରେ ସନେଇ ତୁ ଶୁଣିଛୁ, ଆମ ନେତା କହୁଛନ୍ତି ଭଲ ଦିନ ଖୁବ୍ ଶୀଘ୍ର ଆସିବ । ସମସ୍ତଙ୍କର ସ୍ୱପ୍ନ ପୁରା ହୋଇଯିବ । ଆଚ୍ଛା ଭଲ ଦିନ କହିଲେ ତୁ କ'ଣ ଭାବୁ ? ସନେଇ ଯାହା ଉତ୍ତର ଦେଲା ଆପଣ ଶୁଣିଲେ ବି ଆଶ୍ଚର୍ଯ୍ୟ ହୋଇଯିବେ । ସତରେ କହନ୍ତି ମାଟିର ମଣିଷଟିଏ, ଯିଏ ମୁଣ୍ଡରୁ ନୁହେଁ ହୃଦୟରେ ଭାବେ । ସନେଇ କହିଲା, ଆଜ୍ଞା, ଯେଉଁ ଦିନ ମୋ ବୁଢ଼ୀ ମାଆ, ମୋ ପୁଅ ଝିଅ, ମୋ ସ୍ତ୍ରୀ ଦି ବକତ ପେଟ ପୁରେଇ ଖାଇବେ, ଯେଉଁଦିନ ଝଡ଼ିବର୍ଷାରେ ମୋ ଚାଳରୁ ପାଣି ଗଳିବନି, ଶୀତ କାକରରେ ମୋ ପିଲାଏ ହନ୍ତସନ୍ତ ହେବେନି କି ମୋ ପରିବାରର କେହି ବି ରୋଗ ଯନ୍ତ୍ରଣା ଭୋଗି ଔଷଧ ଟୋପାଏ ନପାଇ ମରିବେନି ସେଇ ଦିନ ଆସିବ ଭଲ ଦିନ । ସନିଆ ପାଇଁ ସେ ଭଲ ଦିନ କେବେ ଆସିବ ? ଏ ପ୍ରଶ୍ନ ମୋ ପାଇଁ, ଆପଣଙ୍କ ପାଇଁ ଆଉ ଦେଶର ଶହେ କୋଟିରୁ ଅଧିକ ଜନତା ମୋ ଦେଶର ରାଜନେତାଙ୍କ ପାଇଁ ଏକ ଯକ୍ଷ ପ୍ରଶ୍ନ । ଯାହାର ସିଧାସଳଖ ଉତ୍ତର ଆମ କାହା ପାଖରେ ନାହିଁ । ସନିଆ କ'ଣ ବହୁତ କିଛି ଆଶା କରି ବସିଛି ?

ସନାତନର ଛୋଟ ପରିବାରଟିଏ । ପରିବାର କହିଲେ, ବୁଢ଼ୀ ମାଆ, ସ୍ତ୍ରୀ ସୁମତି, ବଡ଼ପୁଅ ବିକାଶ, ଏଇ ଦୋଳକୁ ନଅ ପୁରି ଦଶ ଚାଲିଲା, ଗାଁ ପ୍ରାଇମେରୀ ସ୍କୁଲରେ ପଞ୍ଚମରେ ପଢ଼େ । ଝିଅ ସାନ, ଆଠ ବର୍ଷର କେତକୀ, ତୃତୀୟ ଶ୍ରେଣୀରେ ପଢ଼େ । ଯେତେବେଳେ ଛୋଟ ପିଲାଟିଏ ଥିଲା ସେତେବେଳେ ତା'ର ବାପା ମରି ଯାଇଥିଲା । ମାଆ ଥିଲା ବୋଲି ସନେଇ ମଣିଷ ହେଲା । ହାତକୁ ଦି' ହାତ ହେଲା । ବୁଢ଼ୀ ମାଆ ଖୁବ୍ ସମ୍ଭାଳି ଥିଲା ଘରକୁ । ସନିଆ ସେତେବେଳେ ଆଠ ବରଷର ଥିଲା । ସନିଆର ବାପା କୋଉ ଅଜଣା ବେମାରୀରେ ମରିଗଲେ । ବଇଦେ କହୁଥିଲେ କୁଆଡ଼େ ରାଜଯକ୍ଷ୍ମା ହେଇ ଯାଇଥିଲା ବୋଲି । ପ୍ରଥମେ ତ କାଶ ହେଲା, କାଶି କାଶି ନୟାନ୍ତ ହେଲାରୁ ବଇଦକୁ ଦେଖାଇଲେ । ଜମିବାଡ଼ି ବୋଲି କିଛି ବି ନଥିଲା, ମୂଲଚାଲ କରି ଘର ଚଳଉ ଥିଲା । ପଥି ପାଞ୍ଚଣ ପାଇଁ ଋଣ କରଜ କିଏ ବା ଦେଇ ଥାଆନ୍ତା । ବଡ଼ କଷ୍ଟରେ କେଉଁଠୁ କେଉଁଠୁ ଧାର ଉଧାର କରି ସନେଇର ମାଆ ତା' ବାପାକୁ ବଇଦ ପାଖକୁ ନେଇଥିଲା । ବଇଦେ କିଛି ଔଷଧ ଦେଲେ, ମାସ ଦି'ଟାରେ ହାଡ଼ କଙ୍କାଳ ଦିଶିଗଲା ସନେଇ ବାପର । ତା'ପରେ କାଶରେ ରକ୍ତ ପଡ଼ିଲା, ଦିନ ପନ୍ଦରଟାରେ ସବୁ ଶେଷ ।

ସନେଇ ମାଆ ବହେ କାନ୍ଦିଲା । ଶେଷକୁ କପାଳ ଆଦରି ପଡ଼ି ରହିଲା, ସନେଇର ମୁହଁକୁ ଚାହିଁ । ଘର ଘର କାମ କରି, ସନେଇକୁ ବଡ଼ କଲା । ସନେଇ ଟିକେ ପାରିବାର ହେଲାରୁ ମୂଲ ଲାଗିବା ଆରମ୍ଭ କରିଦେଲା । ମାଆ ପୁଅ ମିଶି କାମରେ ଲାଗି ଗଲେ, ଦି'ପଇସା ଅଧିକ ଘରକୁ ଆସିଲା । ଖାଇବାକୁ ଦି'ଜଣ ମଣିଷ, ଦୁନିଆର ସ୍କୁଲ ଜୀବନ ବିଷୟରେ ବହୁତ କିଛି ଶିଖେଇ ଦେଇଥିଲା ବୁଢ଼ୀକୁ ତା' ଜୀବନ କାଳ ଭିତରେ । ଆଗ କଥାକୁ ଭାବି ବୁଢ଼ୀ ଦି ଦି ପଇସା ଏକାଠି କରିବାରେ ଲାଗିଗଲା । ବରଷ କେତେଟାରେ ଏତିକି ତ ହୋଇଗଲା କି ଯୋଡ଼ିଏ ବଳଦ ଆଉ ହଳ ନଙ୍ଗଳ କିଣି ହୋଇପାରିବ । ଭାବିଲା ହଳ ଲଙ୍ଗଳ ହୋଇଗଲେ ସନେଇ ଆଉ ଅଧିକ ଦି ପଇସା ରୋଜଗାର କରିପାରିବ କିଛି କିଛି ଅଧିକ ଯୋଡ଼ିଲେ ସନେଇକୁ ହାତକୁ ଦି ହାତ କରି ଦେଇ ଘରକୁ ବୋହୂ ଆଣିବ । ତେଣିକି ସନେଇର ସଂସାର ଦେଖି ନିଶ୍ଚିତରେ ତା' ଆଖି ବୁଜିବ, ନହେଲେ ଆର ପୁରକୁ ଯାଇ ସନେଇ ବାପାକୁ କ'ଣ କହିବ ?

ଭୋକ ହିଁ ମଣିଷର ପରମ ମିତ୍ର, ପରମ ହିତୈଷୀ । ଭୋକ ନଥିଲେ ହୁଏତ ମଣିଷ ଜାତି କେଉଁ ଯୁଗରୁ ସମାପ୍ତ ହୋଇ ସାରନ୍ତାଣି ଅବା ଆଜି ବି ବଣ ଜଙ୍ଗଲରେ ବାଘ ଭାଲୁଙ୍କ ସାଥିରେ ବୁଲୁଥାନ୍ତି । ମଣିଷର ସବୁ ପ୍ରେରଣାର ଧାରା ତା' ଭୋକରୁ ହିଁ ଆସେ । ଏଇ ଭୋକ ହିଁ ମଣିଷକୁ ଜୀବିତ ରଖେ, କାମ କରିବାକୁ ପ୍ରେରିତ କରେ, ଆଗକୁ ବଢ଼ିବା ପାଇଁ ନୂଆ ବୁଦ୍ଧି ବିଚାର ଦିଏ । ଭୋକ କେବଳ ପେଟରେ ନଥାଏ । ଭୋକ ପାଇଁ କିଏ ଦେହ ବିକୁଛି ତ କିଏ ନିଜ ଦେହର ଭୋକ ମେଣ୍ଟେଇବାକୁ ଦେହ କିଣୁଛି । ଭୋକ କ୍ଷମତା ପାଇଁ, ଭୋକ ନାଁ କରିବା ପାଇଁ, ଭୋକ ଜ୍ଞାନ ପାଇଁ, ବିଜ୍ଞାନ ପାଇଁ, ଭୋକ ଈଶ୍ୱର ଭକ୍ତି ପାଇଁ ଏମିତି ଅନେକ ଭୋକ । ଏଇ ଭୋକ ମଣିଷକୁ ସକାଳୁ ଉଠାଇ ଦିଏ ଆଉ ଦିନସାରା ବଳଦ କରି ଖଟାଏ । ଭୋକ ନଥିଲେ କିଏବା କାହିଁକି ସକାଳୁ ଉଠନ୍ତା କି ରାତି ରାତି ନ ଶୋଇ ଦିନ ରାତି ଚବିଶ ଘଣ୍ଟା, ଘଡ଼ିର କଣ୍ଟା ପରି ଟିକ୍ ଟିକ୍ କରି କାମରେ ଲାଗି ଥାଆନ୍ତା ? ଯେତେବେଳେ ମଣିଷର ଭୋକ ସମାପ୍ତ ହୋଇଗଲା, ସେତେବେଳେ ଜାଣିବ ମଣିଷଟି ବି ସମାପ୍ତ ହେବାକୁ ଯାଉଛି ।

ସରକାର ଦୁଇଟଙ୍କିଆ ଚାଉଳ ଦେଇ ଖଟିଖିଆ ଲୋକଙ୍କର ପେଟର ଭୋକକୁ ମାରି ଦେଲେ ଆଉ ମାରିଦେଲେ କାମିକା ମଣିଷମାନଙ୍କର କାମ କରିବାର ଇଚ୍ଛା ଏବଂ ଆବଶ୍ୟକତାକୁ, ଆଉ ସେମାନଙ୍କର କାମ କରିବାର ଭୋକକୁ । ସରକାର ଗୁଡ଼ାଏ ନିକମା ଅଳସୁଆ ଲୋକରେ ଭରି ଦେଲେଣି ଦେଶଟାକୁ । ସରକାର ତ ରାଜନୀତି କରୁଛନ୍ତି । ଦାନା ଦେଖାଇ ଡେଣା କାଟି ଦେଉଛନ୍ତି । ଗୁଡ଼ାଏ

କ୍ରୀତଦାସ ତିଆରି କରୁଛନ୍ତି ଦୁଇଟଙ୍କିଆ ଚାଉଳ ବଦଳରେ । କାରଣ କାଲି ପୁଣି ଭୋଟ ହେବ, ସେତେବେଳେ ଏଇ ନିକମ୍ମା ମାନେ ତ କାମରେ ଆସିବେ । ଜୟ ଜୟକାର କରିବେ ପୁଣି ଭୋଟ ଦେଇ ଜିତାଇ ଦେବେ । ଆଉ ଜନତା ଅନେଇ ବସିଥିବ ଚାତକଙ୍କ ପରି । ପୁଣି ମହାଭାଗ କେଉଁ ଦୟାରୁ ବୃଷ୍ଟି କରିବେ । ମାଗଣାରେ ଅମୁକ ମିଳିବ ସମୁକ ମିଳିବ । ଗୁଡ଼ାଏ ମାଗଣା ଖିଆ ନିକମା ମଣିଷଙ୍କର ଦେଶ ବନିଯିବ ଏବଂ ଏଇ ଶସ୍ୟ ଶ୍ୟାମଳା ଭୂଇଁ ଦିନେ ଟାଙ୍ଗରା ଭୂଇଁ ପାଲଟି ଯିବ ।

ପେଟ ଚାଖଣ୍ଡଙ୍କ ପାଇଁ ସମସ୍ତେ ଅନେଇ ବସିଛନ୍ତି ଏଇ କୃଷକର ହାତକୁ । ସକାଳୁ ବ୍ୟାଗ୍ ଧରି ହାଟ ବଜାରରେ ବୁଲି ବୁଲି ଖୋଜୁଛନ୍ତି ସଜ ବାଇଗଣ ଗଣ୍ଡେ କି ଶାଗ ବିଡ଼ାଟେ ପାଇଁ । ଚୁଲି ମୁଣ୍ଡରେ ଘରଣୀ ଅନେଇ ବସିଛି ଚାଉଳ ଗଣ୍ଡେ କି ଅଟା ଦି'ମୁଠା ପାଇଁ । ଖାଇଲା ବେଳେ କେବେ କିଏ କ'ଣ ମନେ ପକାଏ ସେହି ଅନ୍ନଦାତା ବିଚରା ଚାଷୀଟିର କଥା ? ହଁ ବେପାରୀ ବାପୁଡ଼ା ଖାଲି ଅନେଇ ବସିଛି । କେତେ ବେଳେ କ୍ଷେତରେ ଧାନ ପାଚିବ କି ପିଆଜ, ଟମାଟର ଫଳିବ । କ୍ଷେତ ମୁଣ୍ଡରୁ ଆଠଣି ଚାରଣି ଭାଉ ଦେଇ ପିଆଜ ଟମାଟର କିଣି ନେବ ଆଉ ବଜାରରେ ପଚାଶ ଷାଠିଏ ଟଙ୍କାରେ ବିକିବ । ବିଚରା ଚାଷୀ ଝାଳ ରକତ ନିଗାଡ଼ି ଦେଇ ଖାଲି ହାତରେ ଅନେଇ ବସିଥିବ, ଋଣ କରଜ କେଉଁଠୁ ମିଳିବ ଆସନ୍ତା ଫସଲ ପାଇଁ । କରଜ ଶୁଝି ନ ପାରିଲେ ପାଞ୍ଚ ହାତର ଦଉଡ଼ିରେ ଗଛ ଡାଳରେ ଝୁଲେଇ ଦେବ ନିଜକୁ ।

ଯେତେବେଳେ ସନେଇର ସାଇ ଭାଇ ଭେଣ୍ଡିଆ ପଲକ ପିଣ୍ଡାରେ କି ଗାଁ ମୁଣ୍ଡ ବରଗଛ ଚଉତରାରେ ବସି ତାସ ଖେଳରେ ମସଗୁଲ ହେଉଥାନ୍ତି, ସେତେବେଳେ ସନେଇ ଲାଗିଥାଏ ତା' କାମରେ, ନିଜର ଜମି ବୋଇଲେ ତ ଖାଲି ଘର ଡିହ ଖଣ୍ଡକ । ତେଣୁ ମାହାନ୍ତି ଘର ଜମି ଭାଗରେ ଚାଷ କରେ । ମାହାନ୍ତି ବୁଢ଼ା ଆଗରୁ ନିଜେ ଚାଷ କରୁଥିଲେ, ଦି'ଦିଟା ହଳିଆ କାମ କରୁଥିଲେ କ୍ଷେତରେ । ଦି'ହଳ ବଳଦ ବନ୍ଧା ହେଉଥିଲେ ଗୁହାଳରେ ଆଉ ବଉଳା ଗାଈର ଗୁହାଳ ଅଲଗା । ପିଲାମାନେ ପାଠଶାଠ ପଢ଼ି ବଡ଼ ବଡ଼ ଅଫିସର ହୋଇଗଲେ, ଏବେ ପିଲାଛୁଆଙ୍କୁ ନେଇ ସହରରେ ରହୁଛନ୍ତି । ବୁଢ଼ାକୁ ମନା କରି ଦେଲେ ଚାଷବାସ କରିବାକୁ, ଆଜିକାଲି ଚାଷରେ କିଛି ଲାଭ ନାହିଁ । ବଜାରରେ ତ ସବୁ କିଛି ମିଳି ଯାଉଛି କିଣିବାକୁ । ଚାଷ କରି କାଦୁଅ ମାଟିରେ ଏତେ ହନ୍ତସନ୍ତ ହୋଇ ଲାଭ କ'ଣ ? ଏକେତ ହଳିଆ ରହିବାକୁ ଲୋକ ମିଳିଲେନି, ଉପରେ ଆଜିକାଲି ମୂଲିଆ ବି ମିଳୁ ନାହାନ୍ତି କ'ଣ ଗୋଟାଏ କାମ କରିବାକୁ । ହଳ ବଳଦ କଥା କିଏ ବୁଝିବ, ଜମିବାଡ଼ି ଚାଷ କିଏ କରିବ ? ତା' ଉପରକୁ ଏତେ କଷ୍ଟ କରି, ପଇସା ଖର୍ଚ୍ଚ କରି ଚାଷ କରିବ, ଠିକ୍ ସମୟରେ ଇନ୍ଦ୍ର ଦେବତା ନାରାଜ ହେଲେ କି ପୋକ ଲାଗି ଗଲେ ସବୁ ସରିଲା, ବର୍ଷ ଯାକର ମେହେନତ ଚୁଲିକୁ ଗଲା । ଚାଷରେ ଆଉ ମନ ବଳୁନି ମାହାନ୍ତି ବୁଢ଼ାର । ଏବେ ଜମି ଗୁଡ଼ିକ ସବୁ ପଡ଼ିଆ ପଡ଼ିଛି ।

ଦି'ବର୍ଷ ଆଗରୁ ଦୋଳ ମେଲଣ ଯାତରେ ମାହାନ୍ତି ବୁଢ଼ା ସାଙ୍ଗରେ ଦେଖା ହୋଇଗଲା ସନେଇର । ସନେଇ ଓଳଗି କରିଲା, ମାହାନ୍ତି ବୁଢ଼ା ଗାଆଁରେ ଜଣେ ପୁରୁଖା ଲୋକ, ସମସ୍ତଙ୍କୁ ଚିହ୍ନନ୍ତି, ଜାଣନ୍ତି । ଗାଁ ମାମଲତରେ ସମସ୍ତେ ତାଙ୍କୁ ଡାକନ୍ତି ନ୍ୟାୟ ନିଶାପ କି ଭାଇ ଭାଗ ସମୟରେ । ସନେଇର ମାଆ ନାଆଁ ଧରି ପଚାରିଲେ ତୁ ପଞ୍ଚେଇ ପୁଅନା ? ସନେଇ ହଁ କଲାରୁ ଦୁଃଖ ସୁଖ ବୁଝି ପଚାରିଲେ, ତୋ ମାଆ କେମିତି ଅଛି ? ପୁଣି କହିଲେ, ବିଚାରି ଭାରି କାମିକା ମାଇପିଟାଏ, ସବୁବେଳେ ତୋରି କଥା କହେ, ତୋରି ଚିନ୍ତା କରେ । ପୁଣି ପଚାରିଲେ, ଆଜିକାଲି କ'ଣ କରୁଛୁ ତୁ ? ସନେଇ କହିଲା ତା' ହଳ ବଳଦ କଥା, ଆଜିକାଲି କିଏ ଡାକିଲେ ଦିନ ମଜୁରୀରେ କ୍ଷେତ ଯୋଚି ଦେଉଛି । ମାହାନ୍ତି ବୁଢ଼ା କହିଲେ, ଭଲ, ଭଲ, ତୁ ତୋ ମା ପରି କାମିକା ପିଲାଟିଏ । ଦେଖୁନୁ ଆଜିକାଲି ଜୁଆନ ଭେଣ୍ଡିଆ ଯାକ କେମିତି ନିକମା

ହେଇଗଲେଣି, ମାସରେ ଚାରି ଛଅଦିନ କାମ କରିଦେଲେ ମାସକ ପାଇଁ ଟଙ୍କାକିଆ ଚାଉଳ ଯୋଗାଡ଼ ହୋଇଗଲା । ବାକି ଦିନ ମାନ ସବୁ ଏଇ ବରଗଛ ମୂଳେ ବସି ତାସ ଖେଳରେ ବ୍ୟସ୍ତ । ଭୋକ ଲାଗିଲେ ଘରୁ ପଖାଳ କଂସେ ଠୁଙ୍କି ଦେଇ ଆସିବେ । ଚିନ୍ତା କ'ଣ, ସରକାର ତ ସବୁ ସୁବିଧା କରି ଦେଇଛି । ପିଲାଙ୍କୁ ବହିଠୁ ଡ୍ରେସ ଯାଏ ସବୁ ମାଗଣା ଉପରେ ମଧ୍ୟାହ୍ନ ଭୋଜନ, ବିପିଏଲ ହେଇଗଲେ ମାଗଣା କୋଠାଘର ମିଳିବ । ବେଶି କାମ କରିବା କ'ଣ ଦରକାର ?

ଆରେ ତୋତେ ବି ତ ସବୁ ମିଳିଥିବ ଏମିତି । ସନେଇ କହିଲା, ନାଇଁ ଆଜ୍ଞା, ଆମ କଥା କିଏ ପଚାରୁଛି, ଆମେ କୋଉ ଗାଈର ଗୋବର ଯେ ! ମାମଲତକାର କରି ଶିଖି ପାରିଲିନି ଏ ଯାଏ । ବୁଢ଼ୀ ମାଆର ବିଧବା ପେନସନ୍ ପାଇଁ ସରପଞ୍ଚଙ୍କୁ କେତେ ଥର କହିଲିଣି, କହିଲେ ଆଗଲା କୋଟା ଆସିଲେ କରିବେ । ଯାହା ଥିଲା ବଣ୍ଟା ସରିଲାଣି । ପଛରେ ଶୁଣିଲି କୁଆଡ଼େ ଲେଣଦେଣ କଲେ କି ସୁପାରିଶ ଆଣିଲେ ମିଳୁଛି । ବଡ଼ ବଡ଼ିଆ ଯାକ ତ ଗରିବଙ୍କ ବିପିଏଲ ଖାଉଛନ୍ତି, ଆଉ ଆମ କଥା ବୁଝୁଛି କିଏ । ମହାନ୍ତି ବୁଢ଼ା ମୁଣ୍ଡ ହଲାଇଲେ, କହିଲେ ହଁରେ, ହଁ ଜାଣେରେ ସବୁ କଥା । ଆଜିକାଲିକା ନେତା ସବୁ ଏମିତି, ଏମାନେ କ'ଣ ଗାନ୍ଧୀ ନା ଗୋପବନ୍ଧୁ ହୋଇଛନ୍ତି, ନା ହୋଇ ପାରିବେ ? ସମସ୍ତେ ନିଜ ସ୍ୱାର୍ଥ ପାଇଁ ରାଜନୀତି କରୁଛନ୍ତି । ଥରେ ସରପଞ୍ଚ ହୋଇଗଲେ ପାଞ୍ଚ ପୁରୁଷ ଯାଏ ବସି ଖାଇବାର ବନ୍ଦୋବସ୍ତ କରିବାରେ ସେମାନଙ୍କର ପାଞ୍ଚ ବରଷ ବିତି ଯାଉଛି ।

ମାହାନ୍ତି ବୁଢ଼ା ପୁଣି କହିଲେ, ଆରେ ସନେଇ, ଗୋଟେ କଥା ଭାବୁଥିଲି, କରିବୁ ? ସନେଇ କହିଲା, କୁହନ୍ତୁ ଆଜ୍ଞା, ଆପଣଙ୍କ କଥା ଆଜିଯାଏ କିଏ ଟାଳିଲାଣି ? ମାହାନ୍ତି ବୁଢ଼ା କହିଲେ, ଆରେ ସେମିତି କିଛି କଠିନ କଥା ନାହିଁମ, କ'ଣ କହୁଥିଲି କି ତୁ ତ ଜାଣିଥିବୁ, ଦି'ବର୍ଷ ହେଲାଣି ମୁଁ ଚାଷ ବୁଡ଼େଇ ବସିଛି । ହଳିଆ ମୂଳିଆ ମିଳୁ ନାହାନ୍ତି, ତା' ଉପରକୁ ମୋର ଆଉ ଧାଁ ଧପଡ଼ କରିବା ବୟସ ବି ଆଉ ନାହିଁ । ବାତ ବାହାରି ପଡ଼ିଲାଣି । ବେଶି ଚଲାବୁଲା କଲେ ଆଣ୍ଠୁ ଗଣ୍ଠି ଦରଜ ବାହାରି ପଡୁଛି । ପିଲାମାନେ ବି ମନା କରୁଛନ୍ତି ଚାଷ କରିବାକୁ । କହୁଛନ୍ତି ବଜାରରେ ତ ସବୁ କିଛି କିଣିବାକୁ ମିଳି ଯାଉଛି, ଚାଷ କରିବା କ'ଣ ଦରକାର । ତୁ କହିଲୁ, ସମସ୍ତେ ଯଦି ଏମିତି ଭାବି ଚାଷ ବନ୍ଦ କରିଦେବେ, ତାହାହେଲେ ବଜାରକୁ ଚାଉଳ ହେଉ କି ପରିବା ଗଣ୍ଠାକ ହେଉ କୋଉଠୁ ଆସିବ ? ଏସବୁ ମେସିନରେ ତ ତିଆରି ହେବନି । ଯେଉଁଦିନ ଚାଷାବାପୁଡ଼ା ଚାଷ ବନ୍ଦ କରି ହାତ ବାନ୍ଧି ବସିଯିବ ସେଇଦିନ ସମସ୍ତଙ୍କର ଭାତଥାଳି ବି ଶୂନ୍ୟ ହୋଇଯିବ । ମଣିଷ କ'ଣ ଟଙ୍କା କି ସୁନା ରୂପା ଖାଇ ପେଟ ଭରିବ ?

ତୁ ଯଦି ପାରିବୁ ଆମ ଜମି ଯାକ ଭାଗରେ ଚାଷ କରୁନୁ ! ଯେତେବେଳେ ଯାହା ଯେମିତି ଦରକାର ହେବ ମୁଁ ସାହାଯ୍ୟ କରିଦେବି । ପୋଖରୀ ତଳିଆ ସାତ ଏକର ଅଢ଼ଲ ଜମି, ଟିକେ ମେହନତ କଲେ ସୁନା ଫଳିବ । କରିବୁ ? ସନେଇର ଆଖି ତାଳୁକୁ ଉଠି ଆସିଲା ଖୁସିରେ । ଏଇଟା ତ ବହୁତ ଭଲ ପ୍ରସ୍ତାବଟିଏ, କିନ୍ତୁ ସାତ ଏକର ଜମି, ଇଏ ତ ବହୁତ ବେଶି ତା' ପାଇଁ । ଆଗରୁ ନିଜେ ନିଜେ କେବେ କିଛି ଚାଷ କରିନି । କହିଲା, କରିବି ଆଜ୍ଞା, କିନ୍ତୁ ସାତ ଏକର ଜମିକୁ ଆଖି ପାଉନି, ଆପଣ ଟିକେ ବତେଇ ଦେଲେ ପ୍ରଥମେ ଏକର ଦି ଏକରରୁ ଆରମ୍ଭ କରିବି, ପରେ ପୁଣି ଆପଣ ଯେମିତି କହିବେ । ମହାନ୍ତି ବୁଢ଼ା ଖୁସି ହୋଇ କହିଲେ, ଜାଣିବା ବୁଝିବା ପିଲାଟେ ତୁ ! ଠିକ୍ କଥା କହିଛୁ, ଅଳ୍ପରୁ ଆରମ୍ଭ କରିବା ସବୁବେଳେ ଭଲ । ପାଦେ ପାଦେ ଚାଲିଲେ, କୋଶ ସରି ଯାଏ । ବ୍ୟସ୍ତ ହେବାର କିଛି ନାହିଁ । ମୁଁ ସବୁ ଶିଖେଇ ଦେବି ତୋତେ, କେବେ କ'ଣ କେମିତି କରିବୁ ବୋଲି, ତୁ ଜମାରୁ ଚିନ୍ତା କରିବୁନି । ଆରେ ଚାଷ କରି କରି ପରା ମୁଣ୍ଡର ଚୁଟି ପାଚିଗଲା ମୋର । ଗୋଟିଏ ବର୍ଷରେ ତୁ ଚାଷବାସ ବିଷୟରେ ସବୁ ଜାଣିଯିବୁ, ତା'ପରେ ଦେଖିବା । ହଁ କେବେ ବିହନ କି ସାର କିଣିବାକୁ ଦରକାର ପଡ଼ିଲେ

କହିବୁ, ଟଙ୍କା ପଇସାରେ ବି ମୁଁ ସାହାଯ୍ୟ କରି ଦେବି । ସନ୍ଧ୍ୟା ବେଳେ ଘରକୁ ଆସେ, ସବୁ କଥା ହୋଇଯିବା । ସେବେଠାରୁ ସନେଇ ଭାଗରେ ଚାଷ କରୁଛି, ମହାନ୍ତି ବୁଢ଼ାର ଜମି । ଦୁଇ ଏକରରୁ ଆରମ୍ଭ କରିଥିଲା, ଗଲା ବର୍ଷ ଚାରି ଏକର ଚାଷ କରିଥିଲା, ଏ ବର୍ଷ ସବୁ ସାତ ଏକର ଜମି ଚାଷ କରିବ ବୋଲି ଭାବିଛି ।

ସକାଳର ପହିଲି କାଉ କାଆ କରିବା ବେଳକୁ ସନେଇ ତା ବଳଦ ହଳକୁ ଖୋଇ ପେଇ କ୍ଷେତକୁ ବାହାରି ପଡ଼େ । ଅଣ୍ଟିରେ ତା'ର ମୁଢ଼ି ଦୁଇମୁଠା ବାନ୍ଧି ନିଏ, ସେଇତକ ତା'ର ସକାଳ ଜଳଖିଆ । ଦିପହର ବେଳକୁ ତା' ଘରଣୀ ତା' ପାଇଁ ପଖାଳ କଂସାଏ ନେଇ ପହଞ୍ଚି ଯାଏ କ୍ଷେତ ମୁଣ୍ଡରେ । ବେଳ ବୁଡ଼ିବା ଯାଏ କାମରେ ଯୁଟି ଯାଆନ୍ତି ଦି'ଜଣ ମିଶି, ମାଟିମା ସାଙ୍ଗରେ ମାଟିର ପୁଅ ଝିଅ ହୋଇ । ଧାନ କଟା ହୋଇଗଲା ପରେ, କ୍ଷେତରେ ତା'ର ପରିବା ଚାଷ କରିଦିଏ ସନେଇ । ବାଇଗଣ, ଲଙ୍କା, ଶାଗ, କାକୁଡ଼ି, ଲାଉ ଠାରୁ ଆରମ୍ଭ କରି ଶୀତଦିନେ କୋବି, ମୂଳା, ଟମାଟର, ମଟର, ପିଆଜ, ରସୁଣ ଆଦି ସବୁ କିସମର ଫସଲ । ସନେଇ କହେ, ଆପଣା ହାତ ଜଗନ୍ନାଥ । ଠାକୁରେ ହାତ ଦେଇଛନ୍ତି କାମ କରିବାକୁ, ମାଗିବାକୁ ନୁହେଁ । ତା'ରି ପରି କେଉଁ ଏକ ଚାଷୀର ଝାଳରେ ଭିଜା ପରିବା, ଆମର ରୋଷେଇ ଘରେ ରନ୍ଧା ଯାଏ, ଆମରି ଖାଇବା ଥାଳିରେ ପରଷା ଯାଏ । କିନ୍ତୁ କେହି କେବେ ବି ମନେ ପକାଏନା ସେଇ ମଳିମୁଣ୍ଡିଆ ଚାଷୀଟିର କଥା । ଦିପହର ଖରାରେ ମୁଣ୍ଡରେ ଠେକାଟିଏ ଭିଡ଼ି ଉତ୍ତପ୍ତ ସୂର୍ଯ୍ୟ କିରଣକୁ ପିଠି ଦେଖେଇ ଝୁକି ପଡ଼ିଥିବ ଧାନ କିଆରୀରେ ଅବା କୋଉ ବାଇଗଣ ଗଛ ମୂଳରେ । କେବେ ବି ମନେ ପଡ଼େନା ସେଇ ସନେଇ ! ଲଞ୍ଚ ଟେବୁଲରେ ଗରମ ଗରମ ଭାତଥାଳି ଉପରେ ନର୍ଇପଡ଼ି ସୁଆଦିଆ କୋବି-ଆଳୁ ଝୋଳର ସ୍ୱାଦ ନେଲାବେଳେ କେବେ କେହି ଭାବେନା, ଆଜି ବିଚରା ସନେଇ ତା' ଲଞ୍ଚରେ କ'ଣ ଖାଇଥିବ । କଂସାଏ ପଖାଳ ସାଙ୍ଗରେ ବାଇଗଣ ପୋଡ଼ାଟିଏ କି ଶାଗ ଭଜା ଟିକିଏ ।

ଦିନ ଦିପହରର ସେଇ ଉଦୁଉଦିଆ ଖରାରେ ହେଉ କି ଧାରା ଶ୍ରାବଣର ଝଡ଼ି ବର୍ଷାରେ ଭିଜି ଭିଜି କେତେ ସନେଇ ଏମିତି ମେହନତ କରୁଛନ୍ତି, ଆମ ଖାଇବା ଥାଳିର ଭାତ ମୁଠାକ ପାଇଁ କିମ୍ବା ରୁଟି ଦୁଇପଟ ପାଇଁ । ଖାଇଲା ବେଳେ କେବେ ବି ମନେ ପଡ଼େନା ଟାଙ୍ଗରା ଭୂଇଁକୁ ଶସ୍ୟ ଶ୍ୟାମଳା କରୁଥିବା ଆଉ ମାଟି କାଦୁଅରେ ପଚପଚ ଗାଧୋଇ ପଡ଼ିଥିବା ସେଇ ସନେଇର କଥା । ବର୍ଷା ରାତିରେ ପାଣି ଗଳୁଥିବା ତା'ର ସେଇ ଚାଳ ଛପର ତଳେ ଶୋଇ ଭାବୁଥିବ ତା' ଜମିରେ ଘାଇ ହୋଇଯାଇନି ତ ? ଫସଲ ଠିକ୍ ନ ହେଲେ ସାହୁକାର କରଜ କେମିତି ଶୁଝିବ । କେବେ ବି ହିସାବ ପାଏନା, ବେପାରୀ ଯେଉଁ ଟମାଟର ତା'ଠାରୁ କିଲୋ ଆଠଣି ଦେଇ କିଣୁଛି ତାହା କେତେ ଦାମରେ ବଜାରରେ ବିକୁଛି । ଆଠଣି ହାତରେ ନେଇ ଖାଲି ଏତିକି ଭାବେ, ଏଇ ଦାମରେ ଫସଲ ବିକିଲେ ତା'ର କରଜ କେମିତି ଶୁଝିବ ? ସେମିତି ଶୀତ ରାତିରେ ଗରମ ରେଜେଇ ତଳେ ଶୋଇ ଶୋଇ ଆମର କେବେ ବି ମନେ ପଡ଼େନା ସେହି ସୈନିକଟିର କଥା । ଯିଏ ସିଆଚିନର ବରଫ ଗଦା ଭିତରେ ଅଧା ପୋତି ହୋଇ ସାରା ରାତି ସେମିତି ପହରା ଦେଉଥାଏ । କିନ୍ତୁ କେବେ କେଉଁ ସଭା ସମିତିରେ ବଡ଼ ଜୋରସୋରରେ 'ଜୟ ଜବାନ ଜୟ କିଷାନ'ର ସ୍ଲୋଗାନ ଦେଲା ବେଳକୁ ଆମ ପାଟି କେବେ ଖନି ମାରି ଯାଏନି । ଆଜି ବି ଯାଆନ୍ତୁ ସନେଇର ଗାଁ, ସନେଇକୁ ଦେଖିବେ, ସେଇ ମାଟିର ମଣିଷଟି କିପରି ମାଟିରେ ସାଲୁବାଲୁ ହୋଇ ଆପଣଙ୍କ ଲଞ୍ଚ ଡିନରର ଥାଳି ପାଇଁ ଫସଲ ଅମଳ କରୁଛି ।

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ମଦ

## ଶିବ ପ୍ରସାଦ ବାହିନୀପତି

'ମଦ'– ଏହାକୁ କିଏ ନ ଚିହ୍ନେ ! ଏ ଶବ୍ଦଟି ଉପରେ ପିଲାଠାରୁ ବୁଢ଼ା ଯାଏ ସମସ୍ତେ ପରିଚିତ । ଆଜିକା ଦୁନିଆରେ ମଦ୍ୟପଙ୍କ ସଂଖ୍ୟା ବହୁତ । ମଦ୍ୟପଙ୍କ ଗହଣରେ ମଦ ବନ୍ଧୁଟିଏ ହୋଇପାରିଛି । ସବୁଠି ସବୁ କ୍ଷେତ୍ରରେ ମଦର ଉପସ୍ଥିତି ମଦକୁ ପ୍ରାଧାନ୍ୟତା ପ୍ରଦାନ କରିଛି । ବିବାହ, ଜନ୍ମଦିନ, ବଣଭୋଜି ଏପରିକି ଶ୍ମଶାନରେ ଶବଦାହ ବେଳେ ବି ମଦର ଆବଶ୍ୟକତା ପରିଲକ୍ଷିତ ହେଉଛି । କେହି କେହି ଖୁସିରେ ପିଅନ୍ତି ତ ପୁଣି କିଏ ଦୁଃଖରେ ପିଅନ୍ତି । ଆଉ କେହି ଶ୍ରମ ଲାଘବ ପାଇଁ ମଦ୍ୟପାନ କରୁଥିବାର ଦେଖାଯାଏ । ମଦ ଶରୀର ପ୍ରତି କେତେ ହାନିକାରକ ସେ ସବୁ ଜ୍ଞାନ ଥାଇ ବି ଜନସମାଜ ଅଜ୍ଞତାର ବଶବର୍ତ୍ତୀ । ଅତ୍ୟଧିକ ମଦ୍ୟପାନ ହେତୁ ଉଜୁଡ଼ି ଯାଉଛି ସଂସାର; ଭାଙ୍ଗି ଯାଉଛି ଘର ଓ ପରିବାର । ସୃଷ୍ଟି ହେଉଛି ମତଭେଦ ଓ ମନୋମାଳିନ୍ୟ; ପରସ୍ପର ମଧ୍ୟେ ବିଭେଦନ । ଜାଣି ଜାଣି ଅପମୃତ୍ୟୁକୁ ଆମନ୍ତ୍ରଣ କରାଯାଉଛି ଏଇ ମଦ୍ୟପାନ ଜରିଆରେ । କଥାରେ ଅଛି- 'ଅତି ସର୍ବଦା ଇତି' । ଅତ୍ୟଧିକ ମାତ୍ରାରେ ମଦ୍ୟପାନ ଶରୀରରେ କୁପ୍ରଭାବ ପକାଏ । ସାଧାରଣ ଭାବରେ 'ମଦ'ର ଅର୍ଥ ମୋ ଭାଷାରେ କହିବାକୁ ଗଲେ- 'ମୃତ୍ୟୁର ଦ୍ୱାର' । 'ମ' ଶବ୍ଦର ଅର୍ଥ- 'ମରଣ' ଓ 'ଦ' ଶବ୍ଦର ଅର୍ଥ- 'ଦହନ' । ମଦ୍ୟପକୁ ମଦ ସାରା ଜୀବନ ଅଜ୍ଞାତରେ ହନ୍ତସନ୍ତ କରେ । ଶରୀର ଭିତରେ ପ୍ରବେଶ ମାତ୍ରେ ସୃଷ୍ଟି ହୁଏ ଉତ୍ତେଜନା; ଧିରେ ଧିରେ ଦହନ କରିଚାଲେ ଶରୀରକୁ । ଶରୀରର ଏକ ଏକ ଅଙ୍ଗକୁ 'ମଦ' ତା'ର ଉତ୍ତାପରେ ଉତ୍ତପ୍ତ କରି ଜାଳି ପୋଡ଼ି ଚାଲେ ଏବଂ ପରିଶେଷରେ ମୃତ୍ୟୁର ଦ୍ୱାର ଦେଶରେ ଦଣ୍ଡାୟମାନ କରିଦିଏ । ଆଭ୍ୟନ୍ତରୀଣ ଅଙ୍ଗ ଗୁଡ଼ିକ ଜଳିପୋଡ଼ି ଅକାମୀ ହୋଇଗଲା ପରେ ମଣିଷ ମରିଯାଏ । ଶେଷରେ ଆତ୍ମୀୟ ସ୍ୱଜନମାନେ ତା'ର ଶରୀରଟାକୁ ନେଇ ଶ୍ମଶାନରେ ଦାହ କରିଦିଅନ୍ତି । ଅର୍ଥାତ୍, ଭିତର ଅଙ୍ଗ ପାଉଁଶ ହୋଇସାରିଛି କହିଲେ ଚଳେ; ବାହ୍ୟ ଅଙ୍ଗକୁ ଶ୍ମଶାନରେ ପାଉଁଶ କରି ଦିଆଯାଏ । ତେବେ କୁହନ୍ତୁ ତ, ଏ 'ମଦ' ହିତାକାଂକ୍ଷୀ ବନ୍ଧୁ ନା ଅଜାତଶତ୍ରୁ ?

ପ୍ରଥମେ ଜାଣିବା 'ମଦ' କ'ଣ ଓ କେଉଁଥିରୁ ତିଆରି । 'ମଦ' ଏକ ନିଶା ଉଦ୍ରେକକାରୀ ପାନୀୟ ଯାହା ବିଭିନ୍ନ ପ୍ରକାର ଦ୍ରବ୍ୟରୁ ପ୍ରସ୍ତୁତ । 'ମଦ'କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି; ଯଥା- 'ଦେଶୀ ମଦ' ଓ 'ବିଦେଶୀ ମଦ' ।

ମଦ, ମଦିରା, ସରାପ, ତାଡ଼ି- ଏସବୁ 'ଦେଶୀ ମଦ' ଅନ୍ତର୍ଭୁକ୍ତ ଅଟନ୍ତି । 'ବିଦେଶୀ ମଦ' ଜଳ ଅତିରିକ୍ତ ପାନୀୟ ଶ୍ରେଣୀରେ ଜଣାଶୁଣା; ଯାହାକୁ ଇଂରାଜୀରେ ବିଭରେଜ **(Beverage)** କୁହାଯାଏ । ଏହାକୁ ଅନ୍ୟ ଅର୍ଥରେ ହାର୍ଡ଼ ଡ୍ରିଙ୍କ୍ କୁହାଯାଏ । ଏତଦ୍ ଭିନ୍ନ ଅନ୍ୟ ପାନୀୟ ମାନଙ୍କୁ ସଫ୍ଟ ଡ୍ରିଙ୍କ୍ କହନ୍ତି । 'ବିଦେଶୀ ମଦ'କୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି; ଯଥା- 'ବିୟର' **(beer)**, ୱାଇନ୍ **(wine)**, ସ୍ପିରିଟ **(sprits)** । ସାରା ପୃଥିବୀରେ ଅନେକ ଦେଶର ଲୋକମାନେ ଏହାକୁ ପିଅନ୍ତି । ଏକଶହରୁ ଅଧିକ ଲୋକ ଏହାର ତିଆରି, ବିକ୍ରି, ପାନ କରିବା ଉପରେ ନିୟମ ସୃଷ୍ଟି କରିଛନ୍ତି । 'ମଦ'କୁ ଦ୍ୱାଦଶ ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା- ମଧ୍ୱୀ ବା ମାଧ୍ୱୀକ, ଐକ୍ଷବ, ଦ୍ରାକ୍ଷବ, ତାଳ, ଖାର୍ଜୁର, ପାନସ, ମୈରେୟ, ପାକ୍ଷିକ, ଟାସ୍କ ବା ଟାଙ୍କ, ମଧୁକ ବା ମାଧକୀ, ନାରୀକେଳନ, ଅନ୍ନବିକାରେତ୍ଥ । ମହୁରୁ ମାଧ୍ୱୀକ ବା ମାଧ୍ୱୀ ନାମ୍ନ ମଦ ପ୍ରସ୍ତୁତ କରାଯାଉଥିବା ବେଳେ ଆଖୁରସରୁ- ଐକ୍ଷବ, ଅଙ୍ଗୁର ରସରୁ- ଦ୍ରାକ୍ଷବ, ତାଳ ଗଛର ରସରୁ ପ୍ରସ୍ତୁତ ହୁଏ 'ତାଳ' ନାମଧେୟ ମଦ ଏବଂ ଖଜୁରୀ ଗଛରୁ ପ୍ରସ୍ତୁତ ମଦର ନାମ 'ଖାର୍ଜୁର' । ସେହିପରି ପଣସ ଫଳରୁ 'ପାନସ', ଧାଇଫୁଲ ଓ ଗୁଡ଼ରୁ 'ମୈରେୟ', ଏକପ୍ରକାର ନୀଳବର୍ଣ୍ଣର ମହୁମାଛିର ସଂଗୃହୀତ ମଧୁର 'ପାକ୍ଷିକ', ସୋମଲତା ରସରୁ 'ଟାସ୍କ ବା ଟାଙ୍କ', ମହୁଲ ଫୁଲ ରସରୁ 'ମଧୁକ ବା ମାଧକୀ' ନାମ୍ନୀ ମଦ ପ୍ରସ୍ତୁତ କରାଯାଉଥିବା ବେଳେ ନଡ଼ିଆ ଗଛର ଅଫୁଟା ଖୋସାର ଅଗ କାଟିଲେ ତହିଁରୁ ନିର୍ଗତ ହେଉଥିବା ରସରୁ ପ୍ରସ୍ତୁତ କରାଯାଏ । 'ନାରୀକେଳନ' ନାମକ ଏକପ୍ରକାରର ମଦ । ଚାଉଳ ଆଦିକୁ ସିଝାଇ ବାଖର ଦେଇ ସଢ଼ାଇ ବକ ଯନ୍ତ୍ର ଦ୍ୱାରା ଅର୍କ କାଢ଼ି ପ୍ରସ୍ତୁତ ହେଉଥିବା ମଦକୁ 'ଅନ୍ନବିକାରେତ୍ଥ' ନାମ ଦିଆଯାଇଅଛି ।

ବୃକ୍ଷ, ପୁଷ୍ପ, ଫଳ ଇତ୍ୟାଦିର ରସକୁ ସଢ଼ାଇ ଯେଉଁ ପାନୀୟ ପ୍ରସ୍ତୁତ କରାଯାଏ, ତାହାକୁ ମଦ ବୋଲାଯାଏ । ଏହାକୁ ପାନ କଲେ ନିଶା ହୁଏ । ରାତିରେ ଝରିଥିବା ଖଜୁରୀ ଆଦି ସଜ ରସରେ ନିଶା ହୁଏ ନାହିଁ; କିନ୍ତୁ ତାହା ବାସି ହୋଇଗଲେ ନିଶାରେ ପରିଣତ ହୋଇଯାଏ । ଅର୍ଥାତ୍ ସୂର୍ଯ୍ୟକିରଣ ପଡ଼ିଲେ ତାହା ନିଶା ପାନୀୟରେ ପରିବର୍ତ୍ତନ ହୋଇଯାଏ । ଭାରତରେ ଖଜୁରୀ ଗଛର ବେକ ପାଖ କନ୍ଦାକୁ କ୍ଷତ କରି ଯେପରି ତାଡ଼ି ବାହାର କରନ୍ତି, ସେପରି ଉତ୍ତର ଭାରତରେ ତାଳ ଗଛରୁ ସେହିପରି ତାଡ଼ି ହୁଏ । ମାନ୍ଦ୍ରାଜ ଅଞ୍ଚଳରେ ନଡ଼ିଆ ଗଛର ଅଫୁଟା ଖୋସାର ଅଗ କାଟିଲେ ସେଥିରୁ ଯେଉଁ ରସ ବାହାରେ, ସେ ରସରୁ ତାଡ଼ି ହୁଏ । ଇଉରୋପ ଆଦିରେ ଦ୍ରାକ୍ଷା ବା ଅଙ୍ଗୁର ରସକୁ ସଢ଼ାଇ ବକ ଯନ୍ତ୍ର ଦ୍ୱାରା ଅର୍କ କାଢ଼ି ମଦ ପ୍ରସ୍ତୁତ କରାଯାଏ । ଚାଉଳକୁ ରାନ୍ଧି ଓ ତାକୁ ସଢ଼ାଇ କିମ୍ବା ଯବ ଓ ଗହମ ଆଦିକୁ ସିଝାଇ, ସଢ଼ାଇ, ସେଥିରୁ ଅର୍କ କାଢ଼ି ମଦ ତିଆରି କରାଯାଏ । ଗଡ଼ଜାତ ଅଞ୍ଚଳରେ ମହୁଲ ଫୁଲକୁ ପାଣିରେ ସିଝାଇ ତାକୁ ସଢ଼ାଇ ସେଥିରୁ ପ୍ରସ୍ତୁତ କରାଯାଏ ମହୁଆ ମଦ ଏବଂ ଚାଉଳକୁ ରାନ୍ଧି, ସଢ଼ାଇ ପ୍ରସ୍ତୁତ ହେଉଥିବା ମଦକୁ ହାଣ୍ଡିଆ ମଦ କହନ୍ତି । କେହି କେହି ଆଖୁ ଦୋରୁଅରୁ ଏବଂ ମହୁରୁ ବି ମଦ ପ୍ରସ୍ତୁତ କରନ୍ତି । ସବୁ ମଦର ପ୍ରଧାନ ଉପାଦାନ ମିଠା ପଦାର୍ଥ ଏବଂ ତାହା ସଢ଼ିଗଲେ 'ତାଡ଼ି' ହୁଏ । ସେହି ତାଡ଼ିରୁ ବାହାରୁଥିବା 'ଅର୍କ' ନିଶାଯୁକ୍ତ । ରୋଗ ବିଶେଷରେ ଓ ଧାତୁ ଦୌର୍ବଲ୍ୟାଦିରେ ଚିକିତ୍ସକମାନେ ରୋଗୀକୁ ସାମାନ୍ୟ ପ୍ରମାଣେ ମଦ ସେବନ କରିବାକୁ ଉପଦେଶ ଦିଅନ୍ତି, ତଦ୍ୱାରା ଉପକାର ହେବାର

ଦେଖାଯାଏ । କିନ୍ତୁ ଅଭ୍ୟାସ ପୂର୍ବକ ମଦ୍ୟପାନ ଦ୍ୱାରା ମଦ୍ୟପ ନାନାଦି ରୋଗର ଶିକାର ହେବା ସହ ହିତାହିତ ଜ୍ଞାନ ଭୁଲି ନିଜେ ନିଜର ଅନିଷ୍ଟ କରି ବହୁ ସମସ୍ୟାର ସମ୍ମୁଖୀନ ହୁଏ ।

ପୂର୍ବେ ବୈଦିକ ଯଜ୍ଞରେ ସୋମଲତାକୁ ଛେଚି, ଚିପୁଡ଼ି ଓ ସଢ଼ାଇ 'ମଦ' ପ୍ରସ୍ତୁତ କରି ବ୍ୟବହାର କରାଯାଉଥିଲା । ତନ୍ତ୍ର ଯୁଗରେ ମଧ୍ୟ ପୂଜା ଆଦିରେ ଏବଂ ପଞ୍ଚକର୍ମରେ ସାଧନାରେ 'ମଦ' ବ୍ୟବହାର କରାଯାଉଥିଲା । ଯେତେ ମଦ ଅଛି ସେଥିରୁ 'ଖର୍ଜୁର' ଓ 'ତାଳ' ଶ୍ରେଣୀର ମଦ ପର୍ଯ୍ୟବସିତ ଓ ଅନ୍ୟ ସବୁ ଅଭିସ୍ରୁତ ଅଟେ । ଏହାଛଡ଼ା କ୍ୱାଥରୁ ପ୍ରସ୍ତୁତ ଏକ ପ୍ରକାର ମଦିରାକୁ 'ଅରିଷ୍ଟ' କହନ୍ତି । ଧାନ ବା ଚାଉଳର ମଦିରାକୁ 'ସୁରା', ଯବର ମଦିରାକୁ 'କୋହଳ', ଗହମର ମଦିରାକୁ 'ମଧୁଳିକା', ମିଠାରସର ମଦିରାକୁ 'ଶୀଧୁ', ଗୁଡ଼ର ମଦିରାକୁ 'ଗୌଡ଼ି' ଏବଂ ଦ୍ରାକ୍ଷାର ମଦିରାକୁ 'ମାଧ୍ୱୀକ' କହନ୍ତି । ବୈଦଶାସ୍ତ୍ର ମତରେ ବିଭିନ୍ନ ମଦିରାର ବିଭିନ୍ନ ଗୁଣ ଓ ତହିଁର ପ୍ରୟୋଗ ବି ଭିନ୍ନ ଭିନ୍ନ ଅବସ୍ଥାରେ ଉପକାରକ । 'ମଦ'ରେ ୩୦%-୪୦% ଇଥାନଲ୍ ବା ଇଥାଇଲ୍ ଆଲକୋହଲ୍ ଥାଏ । ପ୍ରସ୍ତର ଯୁଗରୁ ମଦ୍ୟପାନ କରାଯାଉଛି ଜଣାଯାଏ । 'ମଦ'ର ବ୍ୟବହାରିକ ଆବିଷ୍କାର ଖ୍ରୀଷ୍ଟପୂର୍ବ ୭୦୦୦-୬୬୦୦ ରେ ଜିଆହୁରେ କରାଯାଇଛି । 'ମଦ'ରୁ ୬.୯୩ କିଲୋ କ୍ୟାଲୋରୀ ଶକ୍ତି ମିଳେ । ମଦରେ ବ୍ୟବହୃତ ଆଲକୋହଲଟି ମଦ୍ୟପାନର କିଛି ସମୟ ଭିତରେ ଶରୀରରୁ ଜଳୀୟାଂଶ କମାଇ ଦେବାରୁ ମଣିଷ ବା ମଦ୍ୟପ ନିଶାସକ୍ତ ହୋଇଯାଏ । ଇଥାନଲ ବା ଇଥାଇଲ୍ ଆଲକୋହଲ ଏକ ସାଇଟୋଆକ୍ଟିଭ୍ ଔଷଧ । ଏହା ପାନ କଲେ ଚେତନା, ଚିହ୍ନିବା ଶକ୍ତି, ବ୍ୟବହାର, ଚିନ୍ତାଶକ୍ତି ଆଦିର ପରିବର୍ତ୍ତନ ହୁଏ । ଏହା ନିଶ୍ଚେତକ ଓ ଯନ୍ତ୍ରଣା ନିବାରକ ଭାବେ ବ୍ୟବହୃତ ହୁଏ; କିଛି ମାନସିକ ରୋଗୀଙ୍କୁ ବି ଦିଆଯାଏ । ଏହା ପୃଥିବୀରେ ଅପବ୍ୟବହୃତ ଓ ସ୍ୱୟଂ ବ୍ୟବହୃତ ହେଉଥିବା ଔଷଧ । ଏହା ପାନୀୟର ଶତକଡ଼ା କେତେ ଭାଗ, ସେହି ଅନୁସାରେ ହିସାବ ହୁଏ । ଶହେ ମି.ଲି. ପାନୀୟରେ କେତେ ମି.ଲି. ଆଲକୋହଲ ଅଛି ତାହା ପ୍ରକାଶ କରାଯାଏ । ପାଚନ ପ୍ରଣାଳୀରେ ୯୫.୬%ରୁ ଅଧିକ ଆଲକୋହଲ ପ୍ରସ୍ତୁତ ହୋଇପାରିବ ନାହିଁ ।

ସଫ୍ଟ ଡ୍ରିଙ୍କ୍‌ରେ ଆଲକୋହୋଲ ମାତ୍ରା ୦.୫% ରୁ କମ୍ ରଖାଯାଇଥାଏ । ଏବେ କିଛି ଜାଗାରେ ନକଲି 'ମଦ'ର କାରବାର ବହୁ ଜନଜୀବନକୁ ବିପର୍ଯ୍ୟସ୍ତ କରି ପକାଉଛି । ନକଲି ମଦ ତିଆରି ପାଇଁ ସ୍ପିରିଟ୍, ମଦ ପ୍ୟାକିଂ କରିବା ପାଇଁ ବୋତଲ, ବ୍ୟବହାରକ ତରଳ ପଦାର୍ଥ, ମଦ ବୋତଲ ସିଲ୍ କରିବା ପାଇଁ ମେସିନ୍ ଏବଂ ବିଭିନ୍ନ କମ୍ପାନୀର ଲୋଗୋ ବ୍ୟବହାର ହେଉଛି । ମଦ ପ୍ରସ୍ତୁତ କରି ସେଥିରେ ଆର୍.ଏ.ସ୍ପିରିଟ୍, ରଙ୍ଗ, ଫ୍ଲେବର ମିଶା ଯାଉଛି । କମ୍ ଦାମରେ ମଦ ବିକ୍ରି କରି ଅଧିକ ଲାଭବାନ ହେବା ଆଶାରେ ମଦ ମାଫିଆମାନେ ଲୋକମାନଙ୍କ ଜୀବନ ସହ ଖେଳୁଛନ୍ତି । ବ୍ରାଣ୍ଡ ଅସଲି ହେଲେ ମଦ ନକଲି । କିଛି ଜାଗାରେ ଭିନ୍ନ ପ୍ରକାରର ନକଲି ମଦ ପ୍ରସ୍ତୁତ ହୁଏ । ଏକ ଡାମ୍ପଣ ଦ୍ୱାରା ପ୍ରଥମେ ମଦ ବୋତଲରୁ ଠିପି ସାବଧାନର ସହ ଖୋଲାଯାଏ ଯେପରି ଠିପିର ସିଲ୍ ନ ଖୋଲି ବି ଠିପିଟି ସମ୍ପୂର୍ଣ୍ଣ ଭାବେ ବୋଦଲରୁ ବାହାରି ଆସେ । ପ୍ରତ୍ୟେକ ବୋତଲରୁ କିଛି କିଛି ମଦ ବାହାର କରିନେଇ ଅନ୍ୟ ଗୋଟିଏ ବୋତଲରେ ରଖାଯାଏ । ଯେତିକି ପରିମାଣର ମଦ ବାହାରେ ସେତିକି ମାତ୍ରାର ସ୍ପିରିଟ ଓ ପାଣିକୁ ସେହି ବୋତଲରେ ପୂରାଇ

ପୁନଃବିକ୍ରୟାର୍ଥେ ବଜାରକୁ ପଠାଯାଏ । ଏ ପ୍ରକ୍ରିୟାରେ ୨୦ଟି ଅସଲି ମଦ ବୋତଲରୁ ୩୦ଟି ପାଖାପାଖି ନକଲି ମଦ ପ୍ରସ୍ତୁତ କରିଥା'ନ୍ତି ନକଲି ବେପାରୀ ।

ୱାଇନ୍ ପସନ୍ଦ କରୁଥିବା ବ୍ୟକ୍ତିମାନେ ସପ୍ତାହକୁ ଦୁଇ-ତିନି ଥର ରେଡ୍ ୱାଇନ୍ ପିଇବା ଦ୍ୱାରା ଏହା ତ୍ୱଚା ଉପରେ ଭଲ ପ୍ରଭାବ ପକାଇ ଥାଏ । ଏଥିରେ ଥିବା 'ଆଣ୍ଟିଅକ୍ସିଡାଣ୍ଟ' ଏଜିଙ୍ଗ ପ୍ରକ୍ରିୟାକୁ ଧିର କରିଥାଏ । ଏକ ଗବେଷଣାରୁ ଜଣାପଡ଼ିଛି ଯେ ରେଡ୍ ୱାଇନ୍‌ରେ ଦୁଇଟି ତତ୍ତ୍ୱ ଇପିଗୈଲେକ୍ଟଜିନ୍ ଏବଂ ଟନିକ୍ ଏସିଡ୍ ପ୍ରଚୁର ପରିମାଣରେ ଥାଏ; ଯାହା ଆମକୁ ଅନେକ ବଡ଼ ବଡ଼ ରୋଗରୁ ରକ୍ଷା କରେ । ଏହି ରେଡ୍ ୱାଇନ୍ ଗ୍ରୀନ୍ ଟି ପରି କାର୍ଯ୍ୟ କରେ; ଶରୀରର ବିଷାକ୍ତ ମଲିକ୍ୟୁଲସ୍‌କୁ ପ୍ରସ୍ତୁତ କରିବାକୁ ରୋକେ । ଏ ପ୍ରକାରେ ଗ୍ରୀନ୍ ଟି ସାହାଯ୍ୟରେ ଆନୁବଂଶିକ ରୂପରେ ହେଉଥିବା ଅନେକ ରୋଗକୁ କମ୍ କରିଥାଏ । ରେଡ୍ ୱାଇନ୍‌ରେ ଆଉ ଏକ ଉପାଦାନ ରିଜବେରାଟଲ ଥାଏ, ଯାହା ଇନ୍‌ସୁଲିନକୁ ନିୟନ୍ତ୍ରଣ କରେ ଓ ମଧୁମେହର କାର୍ଯ୍ୟକୁ ଉନ୍ନତ କରିଥାଏ । ତେଣୁ ସୀମିତ ମାତ୍ରାରେ ରେଡ୍ ୱାଇନ୍ ପିଇବା ଠିକ୍ । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ବି କଥାଟି ସତ ଯେ ଘରୁ ଅସରପାକୁ ବାହାର କରିବାକୁ ରେଡ୍ ୱାଇନ୍ ବ୍ୟବହାର କରାଯାଇପାରିବ ।

ଅଧୁନା ସମାଜ ମଦ୍ୟପାନ ଏକ ଫ୍ୟାସନ କହିଲେ ଚଳେ । ଶୀତ ପ୍ରଧାନ ପାଶ୍ଚାତ ରାଷ୍ଟ୍ର ଗୁଡ଼ିକରେ ମଦ୍ୟପାନ ଯେତିକି ଫ୍ୟାସନ ନୁହେଁ, ଶରୀର ନିମିତ୍ତ ଏହାର ଆବଶ୍ୟକତା ଅନେକ । ଏହା ଧିରେ ଧିରେ ଲାଇଫ୍ ଷ୍ଟାଇଲ୍ ଭାବେ ଗ୍ରହଣ ହୋଇଗଲାଣି । ବିଶେଷତଃ ହାଇ ସୋସାଇଟିରେ ମଦ୍ୟପାନ ସାଧାରଣ ଖାଦ୍ୟ କହିଲେ ଚଳେ । ବିଶ୍ୱରେ ଦଶଟି ଦେଶ ଅଧିକ ମଦ୍ୟପାନ କରନ୍ତି ବୋଲି ଏକ ସର୍ଭେରୁ ଜଣାଯାଇଛି । ବେଲାରଷ, ଅଣ୍ଡୋରା, ଲିଥୁଆନିଆ, ଚେକ୍ ଗଣରାଜ୍ୟ, ଗ୍ରେନେଡ଼ା, ଅଷ୍ଟ୍ରିଆ, ଆୟରଲ୍ୟାଣ୍ଡ, ଫ୍ରାନ୍ସ, ସେଣ୍ଟ ଲୁସିଆ, ଏଷ୍ଟନିୟା; ଏହି ଦେଶର ବାସିନ୍ଦାମାନେ ମାତ୍ରାଧିକ ମଦ୍ୟପାନ କରନ୍ତି । ମଦ୍ୟପାନ କ୍ଷେତ୍ରରେ ସାରା ବିଶ୍ୱରେ ରେକର୍ଡ଼ କରିଛି ବେଲାରଷ, ସାରା ଦେଶରେ ପ୍ରଥମ ସ୍ଥାନ ପାଇଛି ମଦ୍ୟପାନରେ । ଏଠି ବର୍ଷକୁ ବ୍ୟକ୍ତି ପିଛା ହାରାହାରି ମଦ୍ୟର ପରିମାଣ ୧୪.୩୭ ଲିଟର । ଏ ଦେଶର ଜାତୀୟ ପାନୀୟ ହେଲା ଏକ ପ୍ରକାର ମଦ; ଏଠି ଲୋକମାନେ ପିଉଥିବା ୧୭ ପ୍ରତିଶତ ହେଲା ବିଅର୍, ପାଞ୍ଚ ପ୍ରତିଶତ ୱାଇନ୍ ଏବଂ ୪୭ ପ୍ରତିଶତ ସ୍ପିରିଟ ଥିବାବେଳେ ୩୧ ପ୍ରତିଶତ ଅନ୍ୟ ପାନୀୟ ଥାଏ । ଏଠି ବର୍ଷକୁ ପୁରୁଷମାନେ ପ୍ରାୟ ୨୭.୫ ଲିଟର ଓ ମହିଳାମାନେ ୯.୧ ଲିଟର ମଦ୍ୟପାନ କରନ୍ତି । ମଦ୍ୟପାନରେ ଦ୍ୱିତୀୟ ସ୍ଥାନରେ ଅଛି ଆଣ୍ଡୋରା; ଏଠି ମଦ୍ୟପାନର ହାରାହାରି ପରିମାଣ ୧୩.୩୧ ଲିଟର । ଏ ଦେଶର ଜାତୀୟ ପାନୀୟ ୱାଇନ୍; ଏଠି ୩୫ ପ୍ରତିଶତ ଲୋକ ମଦ ପିଉଥିବା ବେଳେ ୩୫ ପ୍ରତିଶତ ଲୋକ ବିୟର ଓ ୨୦ ପ୍ରତିଶତ ଲୋକ ସ୍ପିରିଟ୍ ବ୍ୟବହାର କରନ୍ତି । ଏଠି ମଦ୍ୟପାନର ପରିମାଣ ବାର୍ଷିକ ହାରରେ ୧୯.୫ ଲିଟର ପୁରୁଷ ଓ ୮.୨ ଲିଟର ମହିଳାଙ୍କର ।

ଲିଥୁଆନିଆରେ ବ୍ୟକ୍ତି ପିଛା ମଦ୍ୟପାନର ହାରାହାରି ପରିମାଣ ୧୨.୯ ପ୍ରତିଶତ । ଲିଥୁଆନିଆ ମଦ୍ୟପାନରେ ତୃତୀୟ; ଏଠି ଜାତୀୟ ପାନୀୟ ହେଲା ମିଡ୍ସ ମିଡ଼ । ଏଠି ୪୬ ପ୍ରତିଶତ ଲୋକ ବିୟର, ୩୪ ପ୍ରତିଶତ ସ୍ପିରିଟ, ୮ ପ୍ରତିଶତ ୱାଇନ୍ ଏବଂ ଅନ୍ୟ ପାନୀୟ ୧୨ ପ୍ରତିଶତ ଲୋକ ପାନ କରନ୍ତି । ପୁରୁଷମାନଙ୍କ ମଦର ପରିମାଣ ୨୪.୪ ପ୍ରତିଶତ ବେଳେ ମହିଳାମାନଙ୍କ ମଦର ପରିମାଣ ୭.୯

ଲିଟର । ଚତୁର୍ଥ ସ୍ଥାନ ଅଳଙ୍କୃତ କରିଛି ମଦ୍ୟପାନରେ ଚେକ୍ ଗଣରାଜ୍ୟ, ଯାହା ବ୍ୟକ୍ତି ପିଛା ମଦ୍ୟପାନର ହାରାହାରି ପରିମାଣ ୧୨.୬୯ ଲିଟର । ଏମାନଙ୍କ ଜାତୀୟ ପାନୀୟ 'ବେଚେରେଭୋକ' । ଏଂ ଲୋକ ୫୪ ପ୍ରତିଶତ ବିୟର, ୨୬ ପ୍ରତିଶତ ସ୍ପିରିଟ, ୨୦ ପ୍ରତିଶତ ୱାଇନ୍ ସେବନ କରନ୍ତି । ପୁରୁଷମାନେ ବର୍ଷକୁ ୧୭.୯ ଲିଟର ଓ ମହିଳାମାନେ ୭.୩ ଲିଟର ପିଇଥା'ନ୍ତି । ଷଷ୍ଠ ସ୍ଥାନରେ ଅଛି ଅଷ୍ଟ୍ରିଆ, ଯା'ର ବ୍ୟକ୍ତି ପିଛା ମଦ୍ୟପାନର ହାରାହାରି ପରିମାଣ ୧୨.୧ ଲିଟର । ଏଠାର ଜାତୀୟ ପାନୀୟ ସ୍କାନପ୍ । ୫୦ ପ୍ରତିଶତ ଲୋକ ବିୟର, ୧୪ ପ୍ରତିଶତ ସ୍ପିରିଟ, ୩୭ ପ୍ରତିଶତ ୱାଇନ୍ ଓ ୮ ପ୍ରତିଶତ ଅନ୍ୟ ମଦ ପାନ ହୁଏ; ପୁରୁଷ ବର୍ଷକୁ ୧୫.୪ ଲିଟର ଓ ମହିଳା ୬.୩ ଲଟର ମଦ ପିଇଥାନ୍ତି ।

ସପ୍ତମ ସ୍ଥାନରେ ଆୟରଲ୍ୟାଣ୍ଡ ଅଛି ଯିଏକି ପ୍ରତିବର୍ଷ ବ୍ୟକ୍ତି ପିଛା ମଦର ପରିମାଣ ୧୧.୯୨ ଲିଟର ଯୋଗାଏ; ଜାତୀୟ ପାନୀୟ ହେଉଛି 'ପେୟଗୀନିଜ' । ଏଠି ୪୮ ପ୍ରତିଶତ ବିୟର, ୧୮ ପ୍ରତିଶତ ସ୍ପିରିଟ୍, ୨୬ ପ୍ରତିଶତ ୱାଇନ୍ ଓ ଅନ୍ୟାନ୍ୟ ମଦ ୧୬.୮ ପ୍ରତିଶତ ଲୋକ ପିଅନ୍ତି । ପୁରୁଷମାନେ ବାର୍ଷିକ ୧୬.୮ ଲିଟର ଓ ମହିଳାମାନେ ୭.୧ ଲିଟର ମଦ୍ୟପାନ କରନ୍ତି । ଫ୍ରାନ୍ସ ଅଷ୍ଟମ ସ୍ଥାନ ଅଧିକାରୀ ଅଟେ । ଏଠି ବାର୍ଷିକ ବ୍ୟକ୍ତି ପିଛା ମଦ ବ୍ୟୟ ହୁଏ ୧୧.୭ ଲିଟର । ପୁରୁଷମାନେ ବର୍ଷକୁ ୧୬.୮ ଲିଟର ମଦ ପିଉଥିବା ବେଳେ ମହିଳାମାନେ ୭.୧ ଲିଟର ମଦ୍ୟପାନ କରନ୍ତି । ୧୯ ପ୍ରତିଶତ ଲୋକ, ୨୩ ପ୍ରତିଶତ ସ୍ପିରିଟ୍, ୨୩ ପ୍ରତିଶତ ୱାଇନ୍, ୨ ପ୍ରତିଶତ ଲୋକ ଅନ୍ୟ ମଦ୍ୟପାନ କରନ୍ତି । ଏଠାକାର ଜାତୀୟ ପାନୀୟ ଓ ବ୍ରଣ୍ଡିଜ । ନବମରେ ସେଣ୍ଟ ଲୁସିଆ ଯା'ର ବ୍ୟକ୍ତି ପିଛା ମଦ୍ୟପାନର ପରିମାଣ ବାର୍ଷିକ ୧୧.୬ ଲିଟର । ଏହାର ଜାତୀୟ ପାନୀୟ ହେଲା 'ପେୟଗୀନିଜ' । ଏଠି ୩୧ ପ୍ରତିଶତ ଲୋକ ବିୟର, ୫୬ ପ୍ରତିଶତ ସ୍ପିରିଟ୍, ୧୩ ପ୍ରତିଶତ ୱାଇନ୍ ଏବଂ ଅନ୍ୟ ମଦ ୧୬.୮ ପ୍ରତିଶତ ଲୋକ ପିଅନ୍ତି । ପୁରୁଷମାନେ ବାର୍ଷିକ ୧୫.୧ ଲିଟର ଓ ମହିଳାମାନେ ୫.୯ ଲିଟର ମଦ୍ୟପାନ କରନ୍ତି । ଏଷ୍ଟୋନିଆକୁ ବିଶ୍ୱ ଦଶମ ସ୍ଥାନ ପ୍ରଦାନ କରିଛି । ଏଠାରେ ବର୍ଷକୁ ହାରାହାରି ମଦ ପିଇବାର ପରିମାଣ ୧୧.୩୬ ଲିଟର; ପୁରୁଷମାନେ ୧୬.୨ ଲିଟର ଓ ମହିଳାମାନେ ୫.୩ ଲିଟର ମଦ୍ୟପାନ କରନ୍ତି । ଏଠାର ମଧ ଜାତୀୟ ପାନୀୟ ପେୟଗୀନିଜ । ଏଠାର ୪ ପ୍ରତିଶତ ଲୋକ ବିୟର, ୩୭ ପ୍ରତିଶତ ଲୋକ ସ୍ପିରିଟ୍, ୧୧ ପ୍ରତିଶତ ଲୋକ ୱାଇନ୍ ପିଉଥିବା ବେଳେ ୧୧ ପ୍ରତିଶତ ଲୋକ ଅନ୍ୟ ମଦ ପିଇଥା'ନ୍ତି । ବହୁବର୍ଷ ଧରି ମଦ୍ୟପାନ କଲେ 'ଆଲକହଲିକ୍' ବା 'ମଦ୍ୟାତ୍ୟୟ', 'କ୍ରନିକ', 'କୁପୋଷଣ', 'ପାଙ୍କ୍ରିଆଟାଇଟିସ୍', 'ଆଲକହଲିକ୍', 'ଯକୃତ ରୋଗ', 'କର୍କଟ' ରୋଗ ସହ ସ୍ନାୟୁମଣ୍ଡଳ ଦୁର୍ବଳ ହୋଇଯାଏ । ଯକୃତ ଦ୍ୱାରା ଆଲକ୍‌ହଲ୍ ଆସେଟାଲଡ଼ିହାଇଡ୍‌ରେ ପରିବର୍ତ୍ତିତ ହୁଏ ଯାହା ଏକ କର୍କଟ ରୋଗ ସୃଷ୍ଟିକାରୀ ପଦାର୍ଥ । ଅଧିକ ମଦ୍ୟପାନର ଫଳ ସ୍ୱରୂପ ଉଚ୍ଚ ରକ୍ତଚାପ, ଷ୍ଟ୍ରୋକ୍ ଆଦି ଅସୁବିଧା ଜାତ ହୁଏ ।

ଆଲକହଲିକ୍ ବା ମଦ୍ୟାତ୍ୟୟ ପୂର୍ବରୁ ଆଲକୋହୋଲ ଆବ୍ୟୁଜ ଓ ଆଲକୋହୋଲ ଡିପେଣ୍ଡେନ୍ସ ନାମରେ ଦୁଇ ଭାଗରେ ବିଭକ୍ତ କରାଯାଉଥିଲା । ଜଣେ ବ୍ୟକ୍ତି ବହୁଦିନ ଧରି ଅତ୍ୟଧିକ ମଦ୍ୟପାନ କରୁଥିବ, ମଦ୍ୟପାନ ପାଇଁ ବହୁତ ସମୟ ବ୍ୟୟ କରୁଥିବ, ଅଧିକ ମଦ୍ୟପାନ ଇଚ୍ଛା କରୁଥିବ, ମଦ୍ୟପାନ କରି ନିଜର କର୍ତ୍ତବ୍ୟ ସମ୍ପାଦନ କରୁ ନଥିବ ଓ

ସାମାଜିକ ସମସ୍ୟା ସୃଷ୍ଟି କରୁଥିବ, ସ୍ୱାସ୍ଥ୍ୟ ସମସ୍ୟା ହେଉଥିବ, ସଙ୍କଟଜନକ ଅବସ୍ଥା ସୃଷ୍ଟି କରୁଥିବ, ମଦ୍ୟପାନ ବନ୍ଦ କଲେ ନିରୋଧନ ବା ଉଇଥଡ୍ରୟାଲ ଲକ୍ଷଣ ବାହାରୁଥିବ ଓ ଏହାର ବ୍ୟବହାର- ଅସହନଶୀଳତା ହେଉଥିବ- ଏସବୁ ଲକ୍ଷଣ 'ମଦ୍ୟାତ୍ୟୟ' ବୋଲି ଚିକିତ୍ସକଙ୍କ ମତ । ଆଲ୍‌କୋହୋଲ୍ ସେବନ ଦ୍ୱାରା ମସ୍ତିଷ୍କ, ହୃତପିଣ୍ଡ, ଯକୃତ, ଅଗ୍ନ୍ୟାଶୟ ଓ ଇମ୍ୟୁନିଟ୍ ବିଭାଗ ଆଦି ଶରୀରର ସମସ୍ତ ଅଙ୍ଗ ପ୍ରଭାବିତ ହୁଅନ୍ତି । ଏହା ଫଳରେ ମାନସିକ ରୋଗ, ୱେର୍ଣ୍ଣିକ କୋର୍ସାକୋଫ ସିଣ୍ଡ୍ରୋମ, ଅନିୟମିତ ହୃଦ୍‌ସ୍ପନ୍ଦନ, ସିରୋସିସ୍ ଓ କର୍କଟ ସମ୍ଭାବନା ଦେଖାଯାଏ । ମଦର ବିପଜ୍ଜନକ ଶାରୀରିକ ଓ ମାନସିକ ପ୍ରଭାବ ପୁରୁଷ ଅପେକ୍ଷା ମହିଳାଙ୍କ ଉପରେ ଅଧିକ ପଡ଼େ । ଗର୍ଭାବସ୍ଥାରେ ମଦ୍ୟପାନ କଲେ ଗର୍ଭସ୍ଥ ଶିଶୁର ଫିଟାଲ ଆଲକୋହଲ ସେକ୍ଟ୍ରମ ଡିଜ୍ ଅର୍ଡ଼ର ହୁଏ ।

ଉଭୟ ଜେନେଟିକ୍ ଓ ପରିବେଶ ଉପାଦାନ ଯୋଗୁଁ 'ଆଲକହଲିକ୍' ହେବାର ବିଶ୍ୱାସ କରାଯାଏ । ଏଥିପାଇଁ ସମପରିମାଣରେ ଉଭୟ ଦାୟୀ । ଆଲକୋହଲିକ୍ ଥିବା ଜଣେ ପିତାମାତା ବା ଭାଇ ଭଉଣୀ ଥିଲେ ୩ରୁ ୪ ଗୁଣ ଅଧିକ ସଙ୍କଟ ରହେ । ସାମାଜିକ, ସାଂସ୍କୃତିକ ଓ ବ୍ୟବହାରିକ ପ୍ରଭାବ ବି ରହେ; ଉଚ୍ଚ ଧରଣର ମାନସିକ ଚାପ, ଉତ୍କଣ୍ଠା ଓ ସହଜ ଲବ୍ଧ ଆଲକୋହୋଲ ଏ ରୋଗ ସଙ୍କଟ ବଢ଼ାଇ ଦିଏ । ରୋଗ ଲକ୍ଷଣ ହ୍ରାସ ପାଇଁ ବା ପ୍ରତିରୋଧ ପାଇଁ ଆଂଶିକ ଭାବେ ଆଲକୋହୋଲ ପିଆ ଯାଇପାରେ । ମଦ୍ୟପାନ ସମ୍ପୂର୍ଣ୍ଣ ବନ୍ଦ କଲେ ବି କିଛି ମାସ ଧରି ଲକ୍ଷଣ ଚାଲୁରହେ । ଚିକିତ୍ସା ବିଜ୍ଞାନ ଅନୁସାରେ ଆଲ୍‌କହଲିକ୍ ଉଭୟ ଶାରୀରିକ ଓ ମାନସିକ ରୋଗ ରୂପେ ବିବେଚନା କରାଯାଏ । ପ୍ରଶ୍ନାବଳୀ ଓ ରକ୍ତ ପରୀକ୍ଷା ପୂର୍ବକ ସନ୍ଦେହାତ୍ମକ ରୋଗ ନିର୍ଣ୍ଣୟ କରାଯାଏ, ରୋଗ ନିର୍ଧାର୍ଯ୍ୟ ନିମନ୍ତେ ଅଧିକ ତଥ୍ୟ ସଂଗ୍ରହ କରାଯାଏ । ମଦର ସୀମିତ ବିକ୍ରି ଓ ନିୟନ୍ତ୍ରଣ, ଆଲ୍‌କୋହୋଲ ଟିକସ ବୃଦ୍ଧି ଏବଂ ଶସ୍ତା ଚିକିତ୍ସା ଉପଲବ୍ଧ କଲେ 'ମଦ୍ୟତ୍ୟୟକ୍ଷ ଦୂର କରିବା ସମ୍ଭବପର ହେବ । ମଦ ହଠାତ୍ ତ୍ୟାଗ କଲେ ସଙ୍କଟ ଦେଖାଯାଏ । ତେଣୁ ନିୟନ୍ତ୍ରିତ ଆଲକୋହୋଲ ଡିଟକ୍ସିଫିକେସନ କରାଯାଏ । ଏ ଲାଗି ବେଞ୍ଜୋଡାଏଜେପିନ ଦଳର ଡାଏଜେପାମ ସାଧାରଣତଃ ବ୍ୟବହାର ହୁଏ । ଏହାର ଚିକିତ୍ସାରେ ମାନସିକ ବ୍ୟାଧି ଓ ଅନ୍ୟ ନିଶା ଜଟିଳତା ସୃଷ୍ଟି କରିବା ସମ୍ଭାବନା ଥାଏ । ଡିଟକ୍ସିଫିକେସନ ପରେ ଦଳଗତ ଥେରାପି ଓ ସାହାଯ୍ୟକାରୀ ଦଳ ରୋଗୀକୁ ପୁନଃ ନିଶାଗ୍ରସ୍ତ ହେବାରେ ସାହାଯ୍ୟ କରନ୍ତି । ଆକାମ୍ପ୍ରୋସେଟ, ଡାଇସଲଫିରାମ ବା ନାଇଟ୍ରେକସୋନ ପରି ମେଡ଼ିସିନ୍ ମଦ୍ୟପାନ କରିବାରୁ ରକ୍ଷା କରିବାକୁ ଦିଆଯାଏ । ମଦ୍ୟତ୍ୟୟ ରୋଗ ଅଳ୍ପ ବୟସ୍କ ଯୁବକଙ୍କୁ ଅଧିକ ହୁଏ; ମଧ୍ୟବୟସ୍କ ତଥା ବୃଦ୍ଧ ବୟସରେ କମ୍ ଦିଶେ । ମଦ୍ୟାସକ୍ତ ଲୋକଙ୍କୁ ଲୋକମାନେ ଅସମ୍ମାନ ଜନକ ଡ୍ରିପଲର, ମଦୁଆ ଏବଂ ଡିପୋଶୋମାନିଆକ ଆଦି ନାମରେ ଡାକୁଥିଲେ । ସନ ୧୯୭୯ ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏପରି ନାମକୁ ନାପସନ୍ଦ କରି ଆଲକୋହୋଲ ଡିପେଣ୍ଡନ୍ସ ସିଣ୍ଡ୍ରୋମ ନାମ ଦେଇଥିଲେ ।

ଯଥେଷ୍ଟ ପୋଷକ ନ ଥିବା ବା ମାତ୍ରାଧିକ ପୋଷକ ଥିବା ଖାଦ୍ୟ ଖାଇବା ଫଳରେ 'କୁପୋଷଣ' ରୋଗ, ଯିଏକି 'ପୁଷ୍ଟିମାନ୍ଦ୍ୟ ବା ଅପପୁଷ୍ଟି' ରୋଗ ନାମରେ ଜଣା । ଗର୍ଭାବସ୍ଥା ଓ ଦୁଇବର୍ଷ ବୟସରୁ କମ୍ ବୟସ ପିଲାଙ୍କର କୁପୋଷଣ ବା ଅପପୁଷ୍ଟି ରୋଗ ହେଲେ ଶାରୀରିକ ତଥା ମାନସିକ ବୃଦ୍ଧି ହୁଏନି । ଅତ୍ୟଧିକ ପୋଷକ ଅଭାବ ଯେପରିକି ଉପବାସ

ଅବସ୍ଥା ହେଲେ ଉଚ୍ଚତା କମ ଓ ଶରୀର ପତଳା ହୁଏ; ଶକ୍ତି ସ୍ତର କମିବା ସହ ପେଟ ତଥା ଗୋଡ଼ ଫୁଲିଯାଏ । ଏଥିରେ ଲୋକର ଅଧିକ ରୋଗ ସଂକ୍ରମଣ ହୁଏ ଓ ଦେହ ଥଣ୍ଡା ରହେ । କୁପୋଷଣ ରୋଗର ସଚେତକ ଚିହ୍ନ ରୂପରେ କମଳା ରଙ୍ଗର ରିବନ ଥାଏ । ଏହି ରୋଗର ଇଂରାଜୀ ନାମ 'ମାଲନ୍ୟୁଟ୍ରିସନ' ବା ମାଲନରିସମେଣ୍ଟ' ଅଟେ । କାରଖାନା ପ୍ରବଣ ଦେଶ ମାନଙ୍କରେ ଓ ସ୍ୱଳ୍ପ ବିକଶିତ ରାଷ୍ଟ୍ରମାନଙ୍କରେ ଏ ରୋଗ ପରିଲକ୍ଷିତ ହୁଏ । ଧନୀ ଦେଶମାନଙ୍କରେ ଅସ୍ୱାସ୍ଥ୍ୟକର ଖାଦ୍ୟ, ଅଧିକ ଶକ୍ତି ସମ୍ପର୍ଣ୍ଣ ଚର୍ବି ଏବଂ ଶ୍ୱେତସାର ଖାଦ୍ୟ ଖାଇବା ଯୋଗୁଁ ଏ ରୋଗ ହୁଏ । ପୃଥୁଳତା ଏକ ଜନ ସ୍ୱାସ୍ଥ୍ୟ ସମସ୍ୟା ରୂପେ ଦଣ୍ଡାୟମାନ । ଉତ୍ତମ ମାନର ଖାଦ୍ୟ ଖାଇବାକୁ ନ ମିଳିଲେ ଏ ରୋଗ ହୁଏ ।

ମଦ ସହିତ ଲୋକମାନେ କିଛି ଚାଖଣା ଖାଇଥା'ନ୍ତି । କିନ୍ତୁ କିଛି ଚାଖଣା ମଦ ସହିତ ଖାଇବାକୁ ବାରଣ କରାଯାଇଛି । ମଦ ସହିତ କାଜୁ ଓ ଚିନାବାଦାମ, ମଦ ସହ ସୋଡ଼ା ବା ଥଣ୍ଡାପାନୀୟ ମିଶାଇ ପିଇବା ଅନୁଚିତ । କାଜୁ ଓ ଚିନାବାଦାମରେ ପ୍ରଚୁର ପରିମାଣରେ କୋଲେଷ୍ଟ୍ରୋଲ ଥିବା ହେତୁ ଏହା ଭୋକ କମାଇ ଦିଏ । ମଦ ସହ ସୋଡ଼ା ବା ଥଣ୍ଡାପାନୀୟ ମିଶାଇ ପାନ କଲେ ଶରୀରର ଜଳୀୟ ଅଂଶ କମିଯାଏ; ସେହିପରି ମଦ ସହ ତେଲ ଛଣା ଖାଦ୍ୟ ଖାଇଲେ ଏସିଡ଼ିଟି ହେବାର ସମ୍ଭାବନା ଥାଏ । ପୁନଃ ମଦ ସହ ଚିପ୍ସ, ଦହି, ଲହୁଣି, ବିରିଆନି, ମସଲାଯୁକ୍ତ ଖାଦ୍ୟ ଖାଇବାରୁ ଦୂରେଇ ରହିବା ଯଥୋଚିତ ଓ ମିଠା ଖାଦ୍ୟ ଖାଇବାରୁ ବି ଦୂରେଇ ରହିବା ଉଚିତ । ମଦ ସହ ମିଠା ଖାଇଲେ ନିଶା ଦୁଇଗୁଣ ବଢ଼ି ଯାଇଥାଏ ଓ ମିଠା ମଦରେ ଥିବା ବିଷାକ୍ତ ପଦାର୍ଥକୁ ଉଜ୍ଜୀବିତ କରିଥାଏ । ମଦ୍ୟପାନ ଉପରେ କରାଯାଇଥିବା ଗବେଷଣାରୁ ଜଣାଯାଏ ଯେ ଶୀତ ଋତୁରେ ଅଧିକ ମଦ୍ୟପାନ କରାଯାଇଥାଏ । ଅନ୍ୟ ଜଣେ ଗବେଷକ ଡ. ମାକ୍ସ ଗ୍ରୀସ ଟ୍ୟୁବର କୁଲୋସିସ୍ ରୋଗ ହେବାର ଆଶଙ୍କା ୦.୫% ବୃଦ୍ଧି ପାଇଥାଏ । ଯେଉଁମାନେ ଦିନରେ ଦୁଇ ପେଗ୍‌ରୁ ଅଧିକ ଡ୍ରିଙ୍କ୍‌ସ କରିଥା'ନ୍ତି, ସେମାନଙ୍କଠାରେ ଉପରୋକ୍ତ ରୋଗର ଆଶଙ୍କା ୩୭ ପ୍ରତିଶତ ବୃଦ୍ଧି ପାଏ । ମଦ ଜନିତ ମୃତ୍ୟୁ ସଂଖ୍ୟା ଭାରତ, ଚୀନ ଓ ଋଷିଆ ଭଳି ଦେଶରେ ସର୍ବାଧିକ ବୋଲି କୁହାଯାଉଛି । ଏହି ଗବେଷଣାରେ ୧୯୯୦ରୁ ୨୦୧୭ ମଧ୍ୟରେ ୧୯୫ ଦେଶର ଲୋକଙ୍କୁ ସାମିଲ୍ କରାଯାଇଥିଲା ।

ଆସାମର ରାଜଧାନୀ ଗୁଆହାଟିରେ ୫ଜଣ ବୈଜ୍ଞାନିକ ଏକ ଉପାୟ ଅବଲମ୍ବନ କରି ଚା'ରୁ ପ୍ରସ୍ତୁତ କରିଛନ୍ତି ମଦ । ଟୋକଲାଇ ଟି ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ଏ ପାଞ୍ଚଜଣ ବୈଜ୍ଞାନିକ କେତୋଟି ଚା'କୁ ମିଶ୍ରଣ କରି ମଦ ତିଆରି କରିଥିଲେ; ଯାହାର ବାସ୍ନା ସବୁଠୁ ନିଆରା । ସେହିପରି ଉକ୍ତ ସଂସ୍ଥାର ମାଇକ୍ରୋଲୋଜି ଓ ମାଇକ୍ରୋ ବାୟୋଲୋଜିର ବୈଜ୍ଞାନିକ ମାନେ ଚା'ରୁ ପ୍ରସ୍ତୁତ ଅନ୍ୟ ତିନି ପ୍ରକାରର ମଦ ତିଆରି କରିଛନ୍ତି । ସେଗୁଡ଼ିକ ହେଲା- ସିଟିସି ୱାଇନ୍, ଆର୍ଥୋଡିକ୍ସ ଓ ଗ୍ରୀନ୍ ଟି ୱାଇନ୍ । ଏହାକୁ ପାନ କଲେ ସୁଗର ଲେବଲ ନିୟନ୍ତ୍ରଣରେ ରହିଥାଏ ବୋଲି ବୈଜ୍ଞାନିକ ମାନଙ୍କର ଅଭିମତ । ଏହା ଅର୍ଗାନିକ ଓ ପେଷ୍ଟିସାଇଡ଼୍‌ସ ଗ୍ରୀନ୍ ଟି'ରୁ ପ୍ରସ୍ତୁତ, ଯାହା ଶରୀରକୁ ଛୋଟମୋଟ ଥଣ୍ଡା ସର୍ଦ୍ଦିକୁ ଦୂରେଇ ଦେବ ବୋଲି ସେମାନେ କହନ୍ତି । ଦକ୍ଷିଣ କୋରିଆରେ ଅଭିନବ ଉପାୟରେ ଏକ ମଦ ପ୍ରସ୍ତୁତ କରାଯାଉଛି, ଯାହା ସାରା ଦୁନିଆରେ ଚର୍ଚ୍ଚିତ । ଏହି ମଦ ଶରୀର ପାଇଁ ଲାଭଦାୟକ ବୋଲି କୁହାଯାଏ ।

ଶରୀରରେ ଥିବା ବିଭିନ୍ନ ରୋଗର ଉପଶମକାରୀ ଏହି ମଦ ୩ରୁ ୪ ବର୍ଷ ଶିଶୁଙ୍କ ମଳରେ ପ୍ରସ୍ତୁତ ହେଲେ ହେଁ ବିଶେଷ ଗନ୍ଧ ହୁଏ ନାହିଁ । କୋରିଆର ଡାକ୍ତର ଲି ଚାଂ ସୁ ତିଆରି କରିଥିବା ଏହି ମଦକୁ ଲୋକେ 'ସାଙ୍ଗସୁଲ୍' କହନ୍ତି । ତାଙ୍କ କହିବା ଅନୁସାରେ ଏ ମଦ ତିଆରି ପାଇଁ ପିଲାଙ୍କର ମଳରେ ୯% ଆଲକହଲ ମିଶାଯାଏ । କିଛି ଗବେଷଣାରୁ ଉପଲବ୍ଧି ମିଳିଛି ଯେ ସ୍ୱଳ୍ପ ପରିମାଣରେ ମଦ୍ୟପାନ ଶରୀର ପ୍ରତି ହିତକାରକ । ଏହାଦ୍ୱାରା ହାର୍ଟ ଭଲ ରହେ, ମଣିଷର ସୃଜନଶୀଳତା ବଢ଼େ; ଆଲଯାଇମର ରୋଗରୁ ସୁରକ୍ଷା ଦେଇଥାଏ । ଅନୁସନ୍ଧାନରୁ ଜ୍ଞାତ ଯେ ପୁରୁଷ ବା ନାରୀ ଯିଏକି ଦୈନିକ ଗୋଟେ ବା ଦୁଇ ପେଗ୍ ମଦ୍ୟପାନ କରନ୍ତି ସେମାନେ ନ ପିଉଥିବା ଲୋକଙ୍କ ଅପେକ୍ଷା ହୃଦଘାତର କମ୍ ଶିକାର ହୁଅନ୍ତି । ମଣିଷ ପାଇଁ ମଦ୍ୟପାନର ସୁସ୍ଥ ଲେଭେଲ ହେଲା ଦୈନିକ ୩ ୟୁନିଟ୍, ଅର୍ଥାତ୍ ସପ୍ତାହକୁ ୨୧ ୟୁନିଟ୍ । ଗୋଟେ ୟୁନିଟ୍ ଆଲକୋହଲ ସହ ସମତୁଲ- 'ଅଧା ପାଇଁଟ ବିୟର (୩-୪% ଆଲକୋହଲ), ଅଳ୍ପ ପରିମାଣର କଡ଼ା ମଦ (୪୦% ଆଲକୋହଲ) । ସେପରି ଦେଢ଼ ୟୁନିଟ୍ ଆଲକୋହଲ ସହ ସମତୁଲ ହେଲା- 'ୱାଇନ୍‌ର ଏକ ଛୋଟ ଗ୍ଲାସ (୧୨% ଆଲକୋହଲ), କଡ଼ା ମଦର ଏକ ପେଗ୍ (୪୦% ଆଲକୋହଲ) ।' ପୁରୁଷମାନେ ଦୈନିକ ୪ ୟୁନିଟ୍‌ରୁ ଅଧିକ ମଦ ପାନ କରିବା ଅନୁଚିତ । ସପ୍ତାହରେ ଦୁଇଦିନ କମ୍‌ସେକମ୍ ବିନା ମଦରେ ଚଳିବା ପାଇଁ ହେବ । ସ୍ୱଳ୍ପ ମଦ୍ୟପାନ ଆମ ଶରୀରରେ H.D.L. (ହିତକାରୀ କୋଲେଷ୍ଟେରୋଲ)ର ପରିମାଣ ବୃଦ୍ଧି କରି ହୃଦ୍ ରୋଗରୁ ରକ୍ଷା କରିଥାଏ ।

ବିଭିନ୍ନ ନିଶା ଦ୍ରବ୍ୟରୁ ଅବକାରୀ ବିଭାଗ ଅନେକ ଲାଭବାନ ହୋଇପାରୁଛି; ବିଶେଷ କରି ମଦରୁ ଅଧିକ ଲାଭବାନ ହେଉଥିବାର ଜଣାଯାଏ । ଅପମିଶ୍ରିତ ମଦ କାରବାର ରୋକିବା ଓ ଟ୍ୟାକ୍ସରେ ଅଧିକ ସମ୍ବଳ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ସରକାର ଏପରି ଏକ ନୀତି ନିର୍ଦ୍ଧାରଣ କରିଛନ୍ତି, ଯଦ୍ୱାରାକି ମଦ ପ୍ରସ୍ତୁତି, ଏହାର ପାତନ ଓ କାରବାର ସରକାରଙ୍କ କଡ଼ା ତତ୍ତ୍ୱାବଧାନରେ ନିୟନ୍ତ୍ରଣ ହେଉଛି । ଏହା ସାମାଜିକ ମୂଲ୍ୟବୋଧକୁ ପ୍ରଭାବିତ ନକରି ଯଥେଷ୍ଟ ପରିମାଣର ରାଜସ୍ୱ ଆଦାୟ କରିବାରେ ସହାୟତ କରିପାରୁଛି । ଚୋରା ମଦ କାରବାରକୁ ପ୍ରତିହତ କରିବା ଓ ସମ୍ଭାବ୍ୟ ମଦ ମୃତ୍ୟୁକୁ ରୋକିବାର୍ଥେ ୨୦୦୬-୦୭ ଆର୍ଥିକ ବର୍ଷରେ ବିହାର ଓ ଓଡ଼ିଶା ଅବକାରୀ (ସଂଶୋଧନ) ଆଇନ ୨୦୦୬ ଜରିଆରେ ଅବକାରୀ ଅପରାଧ ନିମନ୍ତେ ଦଣ୍ଡବିଧି ଗୁଡ଼ିକୁ ଅଧିକ କଠୋରରୁ କଠୋରତର କରାଯାଇଛି । ଏହାକୁ ଅନେକାଂଶରେ ଜାମିନ ବିହୀନ ମଧ୍ୟ କରାଯାଇଛି ଏବଂ ଅବକାରୀ ଅଧିକାରୀ ମାନଙ୍କୁ ପୋଲିସ କ୍ଷମତା ପ୍ରଦାନ କରାଯାଇଛି । ମଦ ବେପାରୀମାନଙ୍କ ଅସାଧୁମେଣ୍ଟର ଭଗ୍ନାର୍ଥେ ସରକାରୀ ସଂସ୍ଥାମାନଙ୍କୁ ବିନା ଲାଇସେନ୍ସରେ ଅବକାରୀ ଦୋକାନ ଖୋଲିବାକୁ ବ୍ୟବସ୍ଥା ହୋଇଛି । ବିହାର ଓ ଓଡ଼ିଶା ଅବକାରୀ (ସଂଶୋଧନ) ଆଇନ ୨୦୦୬ ବହୁ ସଫଳ କରିଛି । ମଦ ମାଫିଆଗଣ ଚୋରାମଦ କାରବାର କରିବାକୁ ଭୀତତ୍ରସ୍ତ ପ୍ରାୟ । ଭାରତ ପ୍ରସ୍ତୁତ ବିଦେଶୀ ଓ ଦେଶୀ ମଦର ପାଇକାରୀ ବ୍ୟବସାୟକୁ ସରକାର ୨୦୦୧ ମସିହାରୁ 'ଓଡ଼ିଶା ରାଜ୍ୟ ପାନୀୟ ନିଗମ' ଜରିଆରେ ହାତକୁ ନେଇଛନ୍ତି, ଯାହା ଅବୈଧ ମଦ କାରବାର ରୋକିବାରେ ଯଥେଷ୍ଟ ସାହାଯ୍ୟ କରିଛି । ଅବକାରୀ ରାଜସ୍ୱ ଅନେକ ମାତ୍ରାରେ ବୃଦ୍ଧି ମଧ୍ୟ ଘଟିଚି । ପୁନଃ ଅବକାରୀ ଧରପଗଡ଼ କାର୍ଯ୍ୟକ୍ରମ ମଧ୍ୟ କଡ଼ାକଡ଼ି ହୋଇଛି; ଜିଲ୍ଲାପାଳ ଏବଂ ପୋଲିସ ଅଧିକ୍ଷକ ମାନଙ୍କୁ ସନ୍ଦିଗ୍ଧ

ଅବୈଧ ମଦରନ୍ଧା କେନ୍ଦ୍ର ସବୁ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଓ ବିଷାକ୍ତ ମଦ କାରବାରକୁ ପ୍ରତିହତ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି । ଏସବୁ ଜାଗାରେ ମିଳିତ ଚଢ଼ଉ ଚାଲିଛି । ପରିବର୍ତ୍ତିତ ପରିସ୍ଥିତି ନିରେଖି ଓଡ଼ିଶା ଅବକାରୀ ବିଲ୍ ୨୦୦୫ ନାମ୍ନୀ ଏକ ନୂତନ ଚିଠା ବିଲ୍ ମାନ୍ୟବର ଓଡ଼ିଶା ବିଧାନସଭାରେ ଉପସ୍ଥାପିତ କରାଯାଇଛି । ମାନ୍ୟବର ବିଧାନସଭା ଏ ବିଲ୍‌କୁ ବିଧାନସଭାର ସିଲେକ୍ସନ କମିଟି ନିକଟକୁ ବିଚାରାର୍ଥେ ପଠାଇଛନ୍ତି । ବିଭିନ୍ନ ରାଜ୍ୟ ପରିଦର୍ଶନ କରି ସିଲେକ୍ସନ କମିଟି ଆବଶ୍ୟକୀୟ ସଂଶୋଧନ ସହିତ ଏ ବିଲ୍‌କୁ ଚୂଡ଼ାନ୍ତ ରୂପରେଖ ଦେଇଛନ୍ତି; ଏହା ନୂତନ ଆଇନ୍‌ରେ ପରିଣତ ହୋଇସାରିଛି । ୨୦୧୭ ଏପ୍ରିଲ୍‌ରୁ ରାଜ୍ୟରେ ନୂଆ ମଦ ଆଇନ୍ ପ୍ରଣୟନ ହେଲା । ସମ୍ବିଧାନରେ ଥିବା 'ଡିରେକ୍ଟିଭ୍ ପ୍ରିନ୍ସିପାଲ ଅଫ୍ ଷ୍ଟେଟ୍ ପଲିସି'ର ଧାରାନୁଯାୟୀ ସ୍ୱାସ୍ଥ୍ୟ ସେବା ଉଦ୍ଦେଶ୍ୟରେ ନିଶାଦ୍ରବ୍ୟକୁ ଔଷଧ ରୂପେ ବ୍ୟବହାର କରାଯାଇ ପାରିବ । ସରକାରଙ୍କ ନିୟମାନୁସାରେ ଲାଇସେନ୍ସ ପ୍ରାପ୍ତ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକମାନେ ନିଜେ ବାର୍ ଖୋଲି ନଥା'ନ୍ତି, ଏଥିପାଇଁ ସେମାନେ ଅନ୍ୟକୁ ନିଯୁକ୍ତି ଦେଇଥା'ନ୍ତି । ଏହି ଲାଇସେନ୍ସ ଦେବା କ୍ଷମତା ଜିଲ୍ଲାପାଳଙ୍କୁ ଦିଆଯାଇଛି ।

ଭାରତ ସ୍ୱାଧୀନତା ପାଇବା ପୂର୍ବରୁ ଗାନ୍ଧିଜୀଙ୍କର ବହୁତ ବଡ଼ ଇଚ୍ଛା ଥିଲା ଦେଶରୁ ନିଶା ନିବାରଣ କରିବା । ସ୍ୱାଧୀନତା ପ୍ରାପ୍ତିର ଅଳ୍ପକାଳ ପୂର୍ବରୁ ସ୍ୱାଧୀନ ଭାରତରେ କେଉଁ କାମକୁ ସେ ଅଗ୍ରାଧିକାର ଦେବେ ବୋଲି ଯେବେ ସାମ୍ବାଦିକମାନେ ଗାନ୍ଧିଜୀଙ୍କୁ ପ୍ରଶ୍ନ କଲେ, ଗାନ୍ଧିଜୀ କହିଥିଲେ "ମୋର ମତ ସ୍ୱାଧୀନତା ପ୍ରାପ୍ତିର ୨୪ଘଣ୍ଟା ଭିତରେ ଦେଶରୁ ସମ୍ପୂର୍ଣ୍ଣ ନିଶା ହଟିବା ଦରକାର ।" ଗାନ୍ଧି ନିଜେ କହିଛନ୍ତି ସର୍ବ ପ୍ରକାର ହିଂସା, ହତ୍ୟା, ଗଣ ବଳାତ୍କାର ଓ ଶିଶୁ ବଳାତ୍କାର ପଛରେ ମଦର ନିର୍ବିବାଦୀୟ ଭୂମିକା ଅଛି । ଏ କାରଣରୁ ମୂଳୋତ୍ପାଟନ ନ କରି ଅହିଂସାର ସ୍ଲୋଗାନ ଦେଇ ରାଜସ୍ୱ ଆଦାୟ ଉଦ୍ଦେଶ୍ୟ ମଦକୁ ପ୍ରୋତ୍ସାହନ ଦେଇ ଜାଣିଶୁଣି ହିଂସା ଆପଣେଇବା ନୀତି ପ୍ରଚଳିତ । ନିଶା ନିବାରଣ ପାଇଁ ୧୯୫୬ ମସିହାରୁ ଏକ ଆଇନ୍ ପାରିତ ହୋଇ ରାଷ୍ଟ୍ରପତିଙ୍କ ସମ୍ମତି ପାଇ ପଡ଼ିରହିଛି । ଏହା ସତ୍ତ୍ୱେ ବି.ଜେ.ଡ଼ି.ର ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜ୍ୟ ବିଧାନସଭାରେ ଏକ ବିଧେୟକ ନୀତି ଆଣିଥିଲେ ଓ ଏ ଆଲୋଚନାରେ ସବୁ ଦଳର ସଦସ୍ୟମାନେ ସମ୍ମତି ଦେଇଛନ୍ତି । ତଥାପି ରାଜ୍ୟରେ ଉକ୍ତ ଆଇନ କାର୍ଯ୍ୟକାରୀ ହେବାର ନାହିଁ । ବିହାରରେ ନିଶା ନିବାରଣ ହୋଇପାରିଲା, କିନ୍ତୁ ଓଡ଼ିଶାରେ ଏହା ହୋଇପାରିଲା ନାହିଁ ।

ଭାଟପଡ଼ା, ନିରାକାରପୁର, କଣାସା, ପୁରୀ

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଏମିତି ସାଥିଟିଏ

## ଗାୟତ୍ରୀ ସିଂହ

ରାତି ସାରା ଆଖିକୁ ନିଦ ନାହିଁ । କେତେବେଳେ କାନ୍ଥଘଣ୍ଟାକୁ ତ କେତେବେଳେ କାନ୍ଥରେ ଟଙ୍ଗା ଯାଇଥିବା ଫଟୋ ସବୁକୁ ଦେଖି ଦେଖି ରାତି ପାହିଗଲା । ବେଡ଼୍‌ରେ ପଡ଼ିରହି ଖାଲି ଏପଟ ସେପଟ ହେଉଛି । ଘରେ ଜାଣିଲେ କ'ଣ କହିବେ । ସେ ତ ତା' ନିଜକୁ ବୁଝାଇ ନେଇଛି ଆଉ ଜୀବନକୁ ସହଜ କରି ନେଇଛି । ଜୀବନକୁ ଯେତିକି ସହଜ ମନେ କରିବ ବଂଚିବା ପାଇଁ ସେତିକି ସରଳ ହୋଇଯିବ । ଏକଥା ସେ ସ୍ଥିର କରି ନେଇଛି । ହେଲେ କେମିତି ବୁଝାଇବ ସେ ଅନୁପକୁ । ତା' ପ୍ରେମକୁ ସେ ପ୍ରତ୍ୟାଖ୍ୟାନ କଲାପରେ ବି ସେ ବାରମ୍ବାର ତା' ମୁହଁରୁ ହଁ ଶୁଣିବା ପାଇଁ ଅପେକ୍ଷା କରି ରହିଛି । କ'ଣ କହି କେମିତି ବୁଝାଇବ ତାକୁ, ତା' ପାଖରେ ଭାଷା ନାହିଁ । ଅନୁପ ତାଙ୍କ ଘର ପାଖ ରୁମ୍‌ରେ ରହେ । କେତେ ଜଣ ପିଲା ମିଶି ମେସ୍ କରି ରୁହନ୍ତି । କିଏ ଷ୍ଟୁଡ଼େଣ୍ଟ ତ କିଏ ଜବ୍ କରେ ଆଉ କିଏ ଜବ୍ ପାଇଁ ପ୍ରିପାରେସନ୍ କରେ । ଅନୁପ ମଧ୍ୟ ସେହି ମେସ୍‌ରେ ରହି ବ୍ୟାଙ୍କ ପି.ଓ.ର ପ୍ରସ୍ତୁତି କରୁଥିଲା । ସେ କଲେଜ ଗଲାବେଳେ ପ୍ରାୟତଃ ଦେଖେ ଅନୁପ ତାକୁ କଥା କୁହା ଆଖିରେ ଚାହୁଁଛି । ଯେମିତି କିଛି କହିବ । ଇଂଲିଶ ଅନର୍ସ ରଖି ବି.ଏ. ପାସ୍ କରିବା ପରେ ଅଧ୍ୟାପିକା ହେବା ଲକ୍ଷ୍ୟ ନେଇ ପି.ଜି.ରେ ଆଡ଼ମିଶନ କଲା । ଏମିତି କଲେଜ ଯିବା ଆସିବାରେ ଅନୁପ ସହିତ ତା'ର ଦେଖା ହୁଏ । ଦିନେ ଦିନେ ରାସ୍ତାରୁ ଅଟୋ ରିଜର୍ଭ କରି ଦୁହେଁ ଫେରନ୍ତି । ହେଲେ କେହି କାହା ସହିତ କଥାବାର୍ତ୍ତା କରନ୍ତି ନାହିଁ । ପରିଚିତ ହେବା ପରେ ଦୁହିଁଙ୍କର ସୀମିତ କଥା । ତାକୁ ଲାଗେ ଅନୁପ ବି ଯେମିତି ବେଶୀ କଥା କହିବାକୁ ଭଲ ପାଆନ୍ତି ନାହିଁ । ଏମିତି ବାରମ୍ବାର ଯିବା ଆସିବା ଭିତରେ ଦୁହିଁଙ୍କ ମଧ୍ୟରେ ବନ୍ଧୁତାର ଖିଅଟିଏ ଯୋଡ଼ି ହୋଇଯାଇଛି । ହେଲେ ଆଜି ଅନୁପ ବନ୍ଧୁତାରୁ ଦୁଇପାଦ ଆଗେଇ ଯାଇଥିଲେ । ଭଦ୍ର ଓ ନମ୍ରତାର ସହ କହିଥିଲେ ତୁମେ ମୋ ଜୀବନସାଥି ହେବାପାଇଁ ପସନ୍ଦ କରିବ କି ? ତା'ର ଯେମିତି ଦେହ ହାତ ଥରି ଯାଇଥିଲା । ସେ ଚୁପଚାପ ଅଟୋରୁ ଓହ୍ଲାଇ ଆସିଥିଲା । ଦୁଇଦିନ ପର୍ଯ୍ୟନ୍ତ କଲେଜ ଗଲା ନାହିଁ । ଘରେ ପଚାରିଲେ ଉତ୍ତର ଦେଲା ଦେହ ଭଲ ଲାଗୁନି । ଯେଉଁଦିନ କଲେଜ ବାହାରିଲା ଅନୁପ ଯେମିତି ତାକୁ ଚାହିଁ ରହିଥିଲା । ଚିତ୍ରା ମୋ ପ୍ରଶ୍ନର କିଛି ଉତ୍ତର ଦେଲନି । ତୁମ ନୀରବତାକୁ ମୁଁ କ'ଣ ବୁଝିବି । ସେ ସ୍ପଷ୍ଟ ଭାବରେ ମନା କରିଦେଲା 'ନା' । ଏହା ସମ୍ଭବ ନୁହେଁ । ହେଲେ କାହିଁକି ଚିତ୍ରା । ମୁଁ ବେକାର ହୋଇ ରହିବିନି, ଏବର୍ଷ ନିହାତି ଭାବରେ ବ୍ୟାଙ୍କ ପି.ଓ. କ୍ୱାଲିଫାଏ କରିଯିବି । ତୁମକୁ କଥା ଦେଉଛି, ତା'ପରେ ତୁମେ ରାଜି ତ ? ଚିତ୍ରା ଅନୁପ ମୁହଁକୁ ଚାହିଁ ପାରୁ ନଥିଲା । ଶୀଘ୍ର ଶୀଘ୍ର ପାଦ ଆଗକୁ ବଢ଼ାଇ ସେଠାରୁ ଚାଲିଗଲା । ପଛରୁ କିନ୍ତୁ ତାକୁ ଏତିକି ଶୁଭିଛି, ହଉ ଜଏନ କରି ସାରିବା ପରେ ତୁମ ଘରକୁ ପ୍ରସ୍ତାବ ନେଇଯିବି । ଅନୁପର କଥା ସବୁ ତା କାନରେ ବାଜି ବାହାରି ପଡୁଥିଲା । ନା କେବେ ବି ସମ୍ଭବ ନୁହେଁ । ଘରେ ଏମିତି ତା ପାଇଁ ସମସ୍ତଙ୍କ ମନ

ଖରାପ । ଆଗକୁ କେହି ନ ଦେଖେଇଲେ ବି ସେ ସମସ୍ତଙ୍କ ମନ ପଢ଼ିପାରେ । ଘରେ ତା' ବିଷୟରେ ଚର୍ଚ୍ଚା ହେଲେ ବାପା ସ୍ପଷ୍ଟ କହି ଦିଅନ୍ତି, ତା' ପାଇଁ କେହି ଚିନ୍ତା କରନି ସେ ଭଲ ପଢୁଛି ତା' କ୍ୟାରିଅର ସେ ନିଜେ ଗଢ଼ିବ । ତା' ଭବିଷ୍ୟତ କେବଳ ତା'ର । ନିଷ୍ପତ୍ତି ବି ତା'ର । ଅନୁପ ଯେଉଁଦିନ ଚାକିରି ପାଇଲା ଅଫିସ୍ ଅର୍ଡ଼ର ଆଣି ତାକୁ ଦେଖାଇଲା । ଖୁସିରେ ଚିତ୍ରା ତାକୁ ଅଭିନନ୍ଦନ ଜଣାଇଲା । ଅନୁପ ତାକୁ ନିଜ ହାତରେ ମିଠା ଖୁଆଇ ଦେଲା । ଚିତ୍ରା ଆଖିରୁ ଲୁହ ଝରିପଡ଼ିଲା । ଏତେ ସ୍ନେହ ଏତେ ପ୍ରେମର ମୁଁ ଯୋଗ୍ୟ ନୁହେଁ ଅନୁପ । ହେଲେ କାହିଁକି ଚିତ୍ରା, ତୁମକୁ ଜୀବନସାଥି ଭାବରେ ପାଇଲେ ମୁଁ ନିଜକୁ ଭାଗ୍ୟବାନ ମନେ କରିବି । ଚିତ୍ରା ଆଖିରୁ ଲୁହର ଧାର । ନା ଅନୁପ ସମ୍ଭବ ନୁହେଁ କହି ଦ୍ରୁତ ବେଗରେ ସେଠାରୁ ଚାଲିଗଲା । କ'ଣ କରିବ କ'ଣ ନାଇଁ ଭାବି ଭାବି ଚିତ୍ରାର ମୁଣ୍ଡ କ'ଣ ହେଇଯାଉଛି । ନା' ସେ କିଛି ଦିନ ପାଇଁ ଆଉ ବାହାରକୁ ଯିବନି । ତା'ଠାରୁ ଦୂରେଇ ରହିଲେ ସେ ଆପେ ଭୁଲିଯିବ । କାହାର ଜୀବନ ବରବାଦ କରିବା ପାଇଁ ତା'ର କୌଣସି ଅଧିକାର ନାହିଁ । ସେ କେମିତି କହିବ କେମିତି ବୁଝାଇବ ଅନୁପକୁ । ଚିତ୍ରା ସହିତ ଦେଖା ନ ହେବାରୁ ଅନୁପ ବ୍ୟସ୍ତ ହୋଇ ପଡ଼ିଲା । ସକାଳ ପାହିଲେ ସେ ଯିବ ଜଏନିଂ ପାଇଁ । ଆଉ ଏ ଜାଗା ସହିତ ତା'ର କୌଣସି ସମ୍ପର୍କ ରହିବ ନାହିଁ । ଯିବା ପୂର୍ବରୁ ଚିତ୍ରା ସହିତ ଦେଖା ହେବାଟା ତା' ପାଇଁ ଅତ୍ୟନ୍ତ ଜରୁରୀ । ଚିତ୍ରାର ମତ ନେଇ ସାରିବା ପରେ ହିଁ ସେ ଘର ଲୋକଙ୍କୁ ପ୍ରସ୍ତାବ ପାଇଁ ପଠାଇବ । ଯଦି ତା'ର ଇଚ୍ଛା ନାହିଁ ତା'ହେଲେ ଜବରଦସ୍ତ କରିବାଟା ଠିକ୍ ହେବ ନାହିଁ । ଭାବିବି ଚିତ୍ରା ମୋ ଭାଗ୍ୟରେ ନାହିଁ । ଏହା ଚିନ୍ତା କରି ଅନୁପ ଚିତ୍ରା ଘରେ ପହଂଚି ଗଲା । କେହି ଦେଖିବା ପୂର୍ବରୁ ଚିତ୍ରାର ନଜର ପ୍ରଥମେ ଅନୁପ ଉପରେ ପଡ଼ିଲା । ଘର ଭିତରେ ଅନୁପକୁ ଦେଖି ଚିତ୍ରା ଗୋଟା ଝାଳରେ ବୁଡ଼ି ସାରିଲାଣି । କାଳେ ପ୍ରସ୍ତାବ ନେଇ ଆସିଥିବ ଆଉ ଏସବୁ ଜାଣିଲେ ଘର ଲୋକଙ୍କ ପ୍ରତିକ୍ରିୟା କ'ଣ ହେବ ସେ ସହଜରେ ବୁଝି ପାରୁଥିଲା । ଚିତ୍ରା ଶୀଘ୍ର ଶୀଘ୍ର ତାକୁ ବାହାରକୁ ନେଇ ପ୍ରଶ୍ନ କଲା କ'ଣ ହେଲା କାହିଁକି ଆସିଛ ? ଦେଖ ଚିତ୍ରା ମୁଁ କାଲି ସକାଳୁ ଚାଲିଯାଉଛି । ତୁମର ହଁ ଶବ୍ଦ ଶୁଣିବା ପାଇଁ ଏଠିକି ଆସିଛି । ଆଉ ଯଦି ନାଁ ତା'ହେଲେ ପ୍ଲିଜ୍ ତା'ର କାରଣଟା ମଧ୍ୟ କହିବ । ଚିତ୍ରାର ପାଦ ତଳୁ ଯେମିତି ମାଟି ଖସି ଯାଉଛି । ଆଖିରେ ଲୁହ ଦେହ ସାରା ଝାଳ, କାନ୍ଦି କାନ୍ଦି ହାତଯୋଡ଼ି କହିଲା କେମିତି ବୁଝାଇବି ତୁମକୁ, ମୋତେ କ୍ଷମା କର ମୁଁ ତୁମକୁ କିଛି କହି ପାରିବିନି । ହେଲେ କାହିଁକି ଚିତ୍ରା ମୁଁ କ'ଣ ତୁମ ପାଖରେ ଏତେ ଅଯୋଗ୍ୟ । ନା ନା ଅନୁପ ତୁମେ ନୁହଁ, ମୁଁ ଅଯୋଗ୍ୟ । ମୁଁ ଯୋଗ୍ୟ ନୁହେଁ ତୁମ ପାଇଁ, ତୁମ ପାଇଁ ନୁହେଁ କି କୌଣସି ପୁରୁଷ ପାଇଁ ନୁହେଁ । ମୁଁ ଏ ପର୍ଯ୍ୟନ୍ତ ମ୍ୟାଚର ହେଇନି... ମୁଁ ଆଜିଯାଏ ଫୁଟି ପାରିନି ସେମିତି କଢ଼ିଟିଏ ହୋଇ ରହିଛି । ବହୁତ ଡାକ୍ତରଙ୍କୁ ଦେଖା ହେଇଥିଲା । କିଛି ସୁଫଳ ହେଲାନି । ବହୁତ ଚେକଅପ୍ ପରେ ନିରାଶ ହେବାରୁ ଘରେ ସମସ୍ତେ ଚୁପଚାପ ହୋଇ ରହିଲେ । ଧିରେ ଧିରେ ପରିସ୍ଥିତି ସ୍ୱାଭାବିକ ହେବା ପରେ ମୋତେ ସମସ୍ତେ ଏଥିପ୍ରତି ଧ୍ୟାନ ନଦେଇ ନିଜ କ୍ୟାରିଅର କଥା ଚିନ୍ତା କରିବା ପାଇଁ କହିଲେ । ଏକା ନିଶ୍ୱାସରେ ଏତେ ଗୁଡ଼ାଏ କଥା ତଳମୁହାଁ ହୋଇ ଚିତ୍ରା କହିଗଲା । କିଛି ସମୟର ନୀରବତା ପରେ ଚିତ୍ରା ଅନୁପ ମୁହଁକୁ ଚାହିଁଲା । ଅନୁପ ଥିଲା ସହଜ ସରଳ । ଯେମିତି କିଛି ହୋଇନାହିଁ । ଏସବୁ କଥା ତାଙ୍କୁ ଆଦୌ ପ୍ରଭାବିତ କରିନାହିଁ । ତାଙ୍କ ମୁହଁରେ କୌଣସି ଦୁଃଖ ବିଷାଦର ଚିହ୍ନବର୍ଣ୍ଣ ନଥିଲା । ହସି ଦେଇ କହିଲେ ବାସ୍ ଏତିକି, ସରିଲା ତୁମ କଥା । ଏବେ ମୁଁ କହିବି, ତା'ପରେ ବି ତୁମେ ମୋର ପ୍ରଥମ ଆଉ ଶେଷ ପସନ୍ଦ । 'ମୋର ବଧୂ ନୁହେଁ ବନ୍ଧୁଟିଏ ଦରକାର ।' ସାରା ଜୀବନ ପାଶେ ପାଶେ ରହି ଦୁଃଖ ସୁଖ ବାଣ୍ଟୁଥିବା ସାଥିଟିଏ ଦରକାର । ମୁଁ ତୁମକୁ ଜୀବନସାରା ଏମିତି ବନ୍ଧୁ ଭାବରେ ମୋ ପାଖରେ ଦେଖିବାକୁ ଚାହେଁ । ଏଥିରେ ତୁମର କିଛି ଆପତ୍ତି ଅଛି । ତୁମର ସବୁ ସମସ୍ୟାକୁ ମୋ ଉପରେ ଛାଡ଼ିଦିଅ । ଆମେ ମିଶି ଏହାର ସମାଧାନ କରିବା । ସତରେ ସେଦିନ ସେ ହାରିଯାଇଥିଲା ପ୍ରେମ ଆଉ ଭଲପାଇବା ପାଖରେ । ଗୋଟିଏ ପୁରୁଷ ନୁହେଁ

ଦେବତା ପାଖରେ । ଲଥ୍ କରି ବସି ପଡ଼ିଥିଲା ଅନୁପର ପାଦ କାଖରେ । ପାଦ ଦୁଇଟି ଧରି ଖାଲି କାନ୍ଦିବାକୁ ଲାଗିଲା । ଏ କ'ଣ କରୁଛ ଚିତ୍ରା କହି ଅନୁପ ତାକୁ ଛାତିରେ ଚାପି ଧରିଥିଲା । ମୋତେ ହସିକି ବିଦାୟ ଦିଅ । କାଲି ମୋର ଜଏନିଂ ଅଛି । ତୁମର ହସ ହିଁ ମୋ ସଫଳତାର ପ୍ରଥମ ସୋପାନ । ମଥାରେ ଧିରେ ଚୁମ୍ବନଟିଏ ଦେଇ ତା'ଠାରୁ ବିଦାୟ ନେଲା । ଏ ଭିତରେ ଚିତ୍ରା ଘରେ ସବୁ କଥା ଜଣାଇ ଦେଇଥିଲା । କିଛିଦିନ ପରେ ଅନୁପର ଘର ଲୋକ ପ୍ରସ୍ତାବ ନେଇ ତାଙ୍କ ଘରକୁ ଆସିଲେ । କାଳେ କେତେବେଳେ ପାଟିରୁ କିଛି ବାହାରିବ ସେଥିପ୍ରତି ଖୁବ୍ ସତର୍କ ଥିଲେ ଅନୁପ, ଉଭୟ ପରିବାର ପାଇଁ । କାରଣ ଅନୁପ ନିଜ ବାପା ମା'ଙ୍କୁ ଚିତ୍ରା ବିଷୟରେ କିଛି ଜଣାଇ ନଥିଲେ । ଯାହା ହେଉ ସତର୍କତାର ସହିତ ଝିଅ ଦେଖା ପର୍ବ ସରିଗଲା । ହେଲେ ଯିବା ପୂର୍ବରୁ ଚିତ୍ରାର ଜେଜେମା କିଛି କଥା କହିବା ପାଇଁ ଚାହୁଁଥିଲେ । ହେଲେ ଅନୁପ ସବୁ ସମ୍ଭାଳି ନେଲେ । ଘରେ ବାହାଘର କଲେ ସାହି ପଡ଼ିଶା ବନ୍ଧୁ ବାନ୍ଧବଙ୍କ ବିଭିନ୍ନ କଥା ପ୍ରଶ୍ନକୁ ଏଡ଼େଇବା ପାଇଁ ସୀମିତ ଲୋକଙ୍କୁ ନେଇ ବାହାରେ ବାହାଘର କରିବା ପାଇଁ ପ୍ରସ୍ତାବ ଦେଲେ ଅନୁପ । ଏଥିରେ ଉଭୟ ପରିବାର ରାଜି ଥିଲେ । ଚିତ୍ରାର ପରିବାର ରାଜି ହେବା ସ୍ୱାଭାବିକ କଥା । ଆଉ ଅନୁପର ପରିବାର ଭଲ ଭାବେ ଜାଣନ୍ତି ତାଙ୍କ ପୁଅକୁ । ସେ ଖୁବ ସରଳ ଆଉ ଗମ୍ଭୀର ବେଶୀ ଭିଡ଼ ଜମାଇ ଦେଖାଇ ହେବା ପ୍ରକୃତି ତା'ର ଜମାରୁ ନାହିଁ । ଉଭୟ ପରିବାର ଆଉ କିଛି ବନ୍ଧୁ ବର୍ଗଙ୍କୁ ନେଇ ବାହାଘର ସରିଗଲା । ଖୁସିରେ ତାଙ୍କର ଦାମ୍ପତ୍ୟ ଜୀବନ କଟି ଚାଲିଲା । ଏ ଭିତରେ ଚିତ୍ରା କଲେଜରେ ଅଧ୍ୟାପିକାର ଚାକିରି ମଧ୍ୟ ପାଇ ସାରିଛି । ଉଭୟ ପତିପତ୍ନୀ ଯୋଡ଼ିଙ୍କର ବନ୍ଧୁତାକୁ ନେଇ ସମସ୍ତେ ବହୁତ ପ୍ରଶଂସା କରନ୍ତି । ଏମିତି ବାହାଘରର ଦୁଇବର୍ଷ ବିତିଗଲାଣି । ଅନୁପର ବାପା ମା ଚାହୁଁଥିଲେ ନାତି ନାତୁଣୀ ସୁଖ । ଅନୁପ ତାଙ୍କର ଗୋଟିଏ ପୁଅ । ପୁଅ ବୋହୂ ଚାକିରିକୁ ଚାଲିଗଲେ ଘରେ ବାପା ମା ଏକୁଟିଆ । ଘରକୁ ପିଲାଟେ ଆସିଗଲେ ତା' ସହିତ ସମୟ ବିତାଇ ବାକି ଜୀବନ ସରିଯିବ । ଦିନେ ଶାଶୁ ଚିତ୍ରାକୁ ପାଖରେ ବସାଇ କହିଲେ ମା'ରେ ତୁମେ ଦୁହେଁ ଗଲାପରେ ଆମେ ଏକୁଟିଆ ହେଇ ଯାଉଛୁ । ଏବେ ପିଲା ପିଲି କଥା ଟିକେ ଚିନ୍ତା କର । ତୁ ତୋର କଲେଜ ଯା, ଆମେ ତା କଥା ବୁଝିବୁ । ତୋର କିଛି ଅସୁବିଧା ହେବ ନାହିଁ । ଚିତ୍ରା ସବୁ ଶୁଣେ କେବେ ହସି ଦିଏ, କେବେ ଚୁପ୍ ରୁହେ । ଶାଶୁଙ୍କଠାରୁ ବାରମ୍ବାର ଏ କଥା ଶୁଣିବା ପରେ ତା'ର ମନ ଦୁଃଖ ହୁଏ । କାହାର ଆଶା ଆଉ ଭାବନାରେ ଆଘାତ ଦେଇଥିବାରୁ ନିଜକୁ ଦୋଷୀ ଦୋଷୀ ଲାଗେ । ସେ କ'ଣ ବା କରିପାରିବ ! ଅନୁପକୁ କୁହେ । ଅନୁପ ବୁଝାଏ । ବାପା ମା' ଆମଠାରୁ ଏ ସବୁ ଆଶା କରିବା ସ୍ୱାଭାବିକ କଥା । ଏଥିରେ କିଛି ନୂତନତ୍ୱ ନାହିଁ । ତୁମେ ଚିନ୍ତା କର ନାହିଁ । ଏହାର ସମାଧାନ ଖୁବ୍ ଶୀଘ୍ର ବାହାରିଯିବ । ମୁଁ ଭଲ ଚିନ୍ତାଟିଏ କରିଛି, ଯାହା ସମସ୍ତଙ୍କ ପାଇଁ ମଙ୍ଗଳ ହେବ । ହଠାତ୍ ଦିନେ ସନ୍ଧ୍ୟାରେ ଅନୁପ ଶୀଘ୍ର ଅଫିସରୁ ଆସି କହିଲେ ମା ଚିତ୍ରାର ଦେହ ଭଲ ନାହିଁ । ମୁଁ ତାକୁ ଟିକେ ଡାକ୍ତର ପାଖକୁ ନେଇ ଯାଉଛି । ଚିତ୍ରା ବୁଝି ପାରିଲାନି । ତା' ଦେହ ଖରାପ କାଇଁ ନା ତ । ଅନୁପ ମୁହଁକୁ ଚାହିଁ ସେ ଚୁପ୍ ରହିଲା । ଦୁହେଁ ବାହାରି ଗଲେ । ଅନୁପ ତା' ସହକର୍ମୀ ପାଖକୁ ନେଇଗଲେ । ତାଙ୍କ ସ୍ତ୍ରୀ ପ୍ରେଗନେଣ୍ଟ ଥିଲେ । ସେଠାରେ ଅନୁପ ସବୁକଥା ଚିତ୍ରାକୁ ବୁଝାଇ ଦେଲେ । ମୋ ସହକର୍ମୀର ସ୍ତ୍ରୀ ଆମ ପାଇଁ ଏ ପିଲାକୁ ଜନ୍ମ ଦେବ । ହେଲେ ଜଣେ ମା' ତା' ପିଲାକୁ ଆମକୁ କାହିଁକି ଦେବ ତା କୋଳ ଶୂନ୍ୟ କରି । ତା'ର ଆଗରୁ ପୁଅଟିଏ ଅଛି । ଆମର ପିଲାଟିଏ ଦରକାର କହିବାରୁ ସେ ସେକେଣ୍ଡ ଇସ୍ୟୁ ପାଇଁ ଖୁସିରେ ରାଜି ହେଇଗଲା । ସେ ମୋର କେବଳ ସହକର୍ମୀ ନୁହେଁ ମୋର ବନ୍ଧୁ ଆଉ ଶୁଭଚିନ୍ତକ । ଚିତ୍ରା ମନରେ ଦ୍ୱନ୍ଦ୍ୱ ରହି ଯାଉଥିଲା । ଆମ ପାଇଁ ସେ ମାନସିକ ଶାରୀରିକ କଷ୍ଟ ପାଇବେ । ପିଲା ଜନ୍ମ ପରେ ସେ ପିଲାକୁ ଚିତ୍ରା ହାତରେ ଟେକି ଦେବେ ବୋଲି କଥା ଦେଇଛନ୍ତି । ସେ ଯାହା ହେଉ ଉଭୟ ଘରକୁ ଫେରିଲେ । ଉଭୟଙ୍କୁ ଦେଖି ମା ଚେୟାରରୁ ଉଠି ଆସିଲେ । କ'ଣ ହେଲା ଚିତ୍ରାର, ଡାକ୍ତର କ'ଣ କହିଲେ । ଅନୁପ ହସି

ହସି କହିଲେ ତୋ ପାଇଁ ଖୁସି ଖବର । ଚିତ୍ରା ମା' ହେବାକୁ ଯାଉଛି । ଆଉ ତୁ ଜେଜେମା । କେତେ ସନ୍ତର୍ପଣରେ ଅନୁପ ମିଛ କଥା ସବୁ କହିଗଲେ । ଅନୁପଙ୍କୁ ସବୁ କଥାରେ ସମର୍ଥନ ଦେବା ଆଉ ଚୁପ୍ ରହିବାଟା କେତେ ଦୂର ଠିକ୍ ଆଉ ଭୁଲ୍ ସେ ବୁଝି ପାରୁ ନଥିଲା । ଏସବୁ ଭାବି ଦେଲେ ତା'ର ମୁଣ୍ଡ ଗୋଳମାଳିଆ ହେଇ ଯାଉଥିଲା । କ'ଣ କରିବ ଅନୁପର ସବୁ କଥାରେ ତାକୁ ଚୁପ୍ ରହିବାକୁ ପଡ଼ିବ । ତାଙ୍କର ଭଲ ପାଇବାକୁ ତଉଲିବା ପାଇଁ ଦୁନିଆରେ ବୋଧେ କୌଣସି ମାପଯନ୍ତ୍ର ନାହିଁ । କିଛିଦିନ ପରେ ପୁଣି ଡାକ୍ତର ଦେଖାଇବା ବାହାନାରେ ଚିତ୍ରାକୁ ପୁଣି ବାହାରକୁ ନେଇଗଲେ । ଘରକୁ ଫେରି ମାଆକୁ କହିଲେ ଡାକ୍ତର କହିଛନ୍ତି ଚିତ୍ରାର ବେଡ୍ ରେଷ୍ଟ ଦରକାର । ଏଠି ରହିଲେ ତୁ ହଇରାଣ ହେବୁ, ସେ ତାଙ୍କ ଘରକୁ ଚାଲିଯାଉ । ସେଠି ସମସ୍ତେ ଅଛନ୍ତି, ତା'ର ଦେଖା ଶୁଣା କରିପାରିବେ । ଡେଲିଭରି ପରେ ଆସିବ । ଅନୁପର ପ୍ରତ୍ୟେକ କଥାରେ ଚିତ୍ରା ବାଧ୍ୟ ଶିଶୁଟିଏ ପରି ସମର୍ଥନ କରି ଚାଲିଥାଏ । ତା' ପାଇଁ ଏତେ ମିଛ ବାହାନା ସମସ୍ତଙ୍କ ସହିତ କରି ଚାଲିଛନ୍ତି । ତାକୁ ଏସବୁ ଭଲ ଲାଗୁ ନଥିଲେ ବି ଅନୁପର ଭଲ ପାଇବା ପାଖରେ ଏସବୁ ତୁଚ୍ଛ । ଦିନକୁ ଦିନ ସେ ଅନୁପ ପାଖରେ ଋଣୀ ହେଇଯାଉଛି । କେଉଁ ଜନ୍ମର ପୁଣ୍ୟ କର୍ମରୁ ସେ ଦେବତାଙ୍କୁ ପାଇଛି । ଅନୁପ, ଚିତ୍ରାକୁ ତାଙ୍କ ଘରେ ଛାଡ଼ି ଦେଇ ସମସ୍ତ ବିଷୟ ବୁଝାଇ ଦେଲେ । ହଠାତ୍ ଦିନେ ଅନୁପର ମା ବାହାରିଲେ ବୋହୂକୁ ଦେଖିବା ପାଇଁ, ଡେଲିଭରି ସମୟ ପାଖେଇ ଆସିଲାଣି ମତେ ବୋହୂ ପାଖକୁ ନେଇଯା । ହେଲେ ଖୁବ୍ ସନ୍ତର୍ପଣର ସହିତ ଅନୁପ କଥାକୁ ଆଡ଼େଇ ଦେଲେ । ପିଲା ଜନ୍ମ ହେଲେ ତୋ ପାଖକୁ ଆସିବ । ତୋ ପିଲା ତୋ ପାଖରେ ସବୁଦିନ ରହିବ । ବ୍ୟସ୍ତ ହଅନା । ସହକର୍ମୀ ସ୍ତ୍ରୀର ଭଲରେ ଡେଲିଭରି ହୋଇଗଲା । ଯୋଗକୁ ତା'ର ଦୁଇଟି ଯାଆଁଳା ଝିଅ ଜନ୍ମ ନେଲେ । ଗୋଟିଏ ଚିତ୍ରାକୁ ଦେଇ ଅନ୍ୟଟି ନିଜ ପାଖରେ ରଖିଲା । ତା'ର ଏହି ମହାନତା ଗୁଣ ପାଇଁ ବୋଧେ ତା'ର କୋଳ ଶୂନ୍ୟ ରହିଲା ନାହିଁ । ଏବେ ଉଭୟ ପରିବାରରେ ଖୁସିର ଲହରୀ । ଚିତ୍ରା ପିଲାକୁ କୋଳେଇ ଅନୁପ ସହିତ ଘରେ ଆସି ପହଂଚିଗଲା । ଘରକୁ ଲକ୍ଷ୍ମୀ ଆସୁଥିବା ଖୁସିରେ ତା' ସ୍ୱାଗତ ପାଇଁ ଅନେକ ଆୟୋଜନ କରି ସାରିଥିଲେ ଅନୁପଙ୍କ ମାଆ । ତାଙ୍କର ଖୁସି ଦ୍ୱିଗୁଣିତ ହୋଇଯାଇଥିଲା । ଚିତ୍ରା ଗାଡ଼ିରୁ ତଳେ ପାଦ ଦେଉ ଦେଉ ଅନୁପଙ୍କ ମାଆ ଆସି ଉଭୟ ମାଆ ଛୁଆକୁ କୋଳେଇ ନେଲେ । ଚିତ୍ରା ଆଖିରୁ ଖାଲି ନୀରବରେ ଆନନ୍ଦାଶ୍ରୁ ବହି ଚାଲିଥିଲା । ସଂସାରରେ ଏତେ ଭଲ ମଣିଷ ଅଛନ୍ତି, ତା' ଆଖି ଆଗରେ ସବୁ ଘଟିଯାଉଛି । ସତରେ କ'ଣ ସେ ଭାଗ୍ୟବତୀ, ଏତେ ସୁଖ ଥିଲା ତା' ଭାଗ୍ୟରେ । ତା'ହେଲେ କାହିଁକି ସେ କଡ଼ିଟିଏ ହୋଇ ରହିଗଲା । ଅନୁପ ମଣିଷ ନୁହଁନ୍ତି ଦେବତା । ତାକୁ ଲାଗିଲା ସେହି କଡ଼ିଟି ଦେବତାଙ୍କ ଠାରେ ଲାଗି ହେବା ପରେ ଯେମିତି ଫୁଲ ହୋଇ ଫୁଟି ସାରିଛି ।


ଆଠମଲ୍ଲିକ, ଅନୁଗୁଳ

ଦୂରଭାଷ : ୭୬୦୬୯୫୭୪୪୫

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ମୋନାଲିସା

ସରୋଜ କୁମାର ଜେନା

ଆଜି ନାରାୟଣପୁର ଗାଆଁରେ ଏକ ଅର୍ଦ୍ଧ ପାଗଳ କହିଲେ ସମସ୍ତେ ପ୍ରାୟ କହିବେ ହଁ ସେହି ଶୁଭେନ୍ଦୁ ତ ? ତା'ହେଲେ ସେହି ଶୁଭେନ୍ଦୁ କିଏ ? ଏହା ଭାବି ଭାବି ମୁଁ ସେଦିନ ଯାଇଥାଏ ସେହି ନାରାୟଣପୁର ଗାଆଁକୁ ନିଜର ଜଣେ ସମ୍ପର୍କୀୟ ପିଇସି ଅପା ଘରକୁ । ଆଗକୁ ଜସ୍ମିନ ନାନୀର ବାହାଘର ତ । ସେଥିପାଇଁ ଗୁଆ ଦେଇ ଯାଇଥିଲି । ଗଲା ବେଳକୁ ଅପା କ'ଣ କିଛି ବସି ଭାଜୁଥାଏ । ଠିକ୍ ସମୟରେ ଦୁଆର ମୁହଁରୁ ଡାକ ପକେଇଲି ଅପା ଅପା କୁଆଡ଼େ ଗଲୁ । ମୋ ଡାକ ଶୁଣି ଅପା କହିଲା ଆରେ ଶୁଭମ୍ କିରେ । ମୁଁ କହିଲି ହଁ ଲୋ ଅପା ମୁଁ । ସେଠୁ ଅପା କହିଲା ଆରେ ଏଇ ଅବେଳଟାରେ କେମିତି ଆସିଲୁ । ସେଠୁ ମୁଁ କହିଲି ନାଇଁଲୋ ଅପା ଜସ୍ମିନି ନାନୀର ବାହାଘରଟା ଠିକ୍ ହୋଇଛି । ଆଉ ସେଥିପାଇଁ ଗୁଆ ଧରି ଆସିଛି । ଏହା ଶୁଣି ଅପା କହିଲା ଆରେ ମୁଁ କ'ଣ ତୋ ନିଜ ଅପା ହୋଇଛି । ନଚେତ୍ ତୋ ବାପା ମୋତେ ଜଣେଇ ନଥାନ୍ତା ଆସି ବାହାଘର ଠିକ୍ ସରିଲାଣି, ମୁଁ ଜାଣିନି । ଏହାପରେ ଶୁଭମ୍ କହିଲା ନାଁ ଲୋ ଅପା ସେମିତି କିଛି ନାଇଁ । ଏମିତି ହଠାତ୍ ଠିକ୍ ହୋଇଛି । ଏହା ପରେ ଅପା କହିଲା କ'ଣ କିଛି ଚାଲିଲୁ ବାଢ଼ି ଦେବି ଖାଇବୁ । ମୁଁ ସେଠୁ କହିଲି ନାଇଲୋ ଅପା ଏବେ ପରା ଖାଇକି ଆସିଛି । ଅପା ମୋ କଥା ଶୁଣିବ କ'ଣ ସେ ତ ହଠାତ୍ ପୋଡ଼ିଗଲା ପୋଡ଼ିଗଲା କହି ଧାଇଁଛି । ମୁଁ ପୋଡ଼ିଗଲା ଶୁଣି ମୋ ଛାତି ଆଉ କ'ଣ ହୋଇଗଲା ଯାଇ ଦେଖେତ ଚଣା ଗୁଡ଼ାକ ଭାଜୁଥିଲା ତାହା ପୋଡ଼ା ଗନ୍ଧ ଦେଉଥାଏ । ମୁଁ କହିଲି, ହଇଲୋ ଅପା ଏଇଥିପାଇଁ ଏତେ ବଡ଼ ପାଟି କରି ଧାଇଁଛୁ । ଅପା କହିଲା ହଁ ରେ ଦେଖୁନୁ ନଚେତ୍ ତୋ ପିଇସା ଆସିଲେ ମୋତେ କ'ଣ ରଖିଥାନ୍ତେ କାହିଁରେ କ'ଣ କହିଥାନ୍ତେ । ହଉ ଛାଡ଼ ଘର ପଟକୁ ଚାଲ୍ ପିଇସା ଆସିଲେ ଯାଇ ଯିବୁ । ଏହାପରେ ମୁଁ କହିଲି, ନାଇଁ ଅପା ମୋର ଉଛୁଳ ହୋଇଯିବ ସମୟ ହେଲାଣି ମୁଁ ଯାଉଛି । କିନ୍ତୁ ଯେତେ କହିଲେ କ'ଣ ହେବ ଅପା ଶୁଣିଲା ନାହିଁ । ଠିକ୍ ଏହି ସମୟରେ ଏକ ଚିତ୍କାର ଶବ୍ଦ ଶୁଭିଲା ଜୋର୍‌ରେ ଭୋ ଭୋ ହେଇ କାନ୍ଦୁଥାଏ, ଭାରି ରଡ଼ି ଛାଡ଼ି ପୁଣି ଏକ ଦୁଃଖ ଗୀତ ସହିତ । ଏହି କଥାକୁ ଅପାକୁ ପଚାରିଲି, କହିଲି ଆଲୋ ଅପା ଏ କ'ଣ ତୁମ ଗାଆଁରେ କ'ଣ ନାଟକ କରିବେ ନାଁ କ'ଣ ? ଅଭିନୟ ଏହି ଦ୍ୱିପ୍ରହର ଶିଖୁଛନ୍ତି । ଅପା କହିଲା ନାଁରେ ଶୁଭମ୍ ଏହା କୌଣସି ମିଛ ଅଭିନୟ ନୁହେଁ ଏହା ଏକଦମ୍ ସତ । ମୁଁ

ସେଠୁ କହିଲି ମାନେ ଏହା ସତ କାନ୍ଦଣା । ଏତେବଡ଼ ଯୁବକ ସ୍ୱର ଭଳି ଲାଗୁଛି । ଅପା କହିଲା ହଁ ଏକଦମ୍ ସତ ।

ସେ ଦୁଇ ତିନି ବର୍ଷ ତଳର କଥା । ଏହାରି ଭିତରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି ଜାଣିଲୁ ଶୁଭମ୍ ଆମ ସାହିରେ । ମୁଁ ସେଠୁ ପଚାରିଲି ପରିବର୍ତ୍ତନ । କେଉଁ ପରିବର୍ତ୍ତନ କଥା କହୁଛୁ ଅପା ? ଅପା ସେଠୁ କହିଲା ସେ କଥା ଛାଡ଼, ମୁଁ କହିବି ସେ କଥା । ତୁ ଆଗ କହିଲୁ, ତୁ କେବେ ନୋଭେଲ ପଢ଼ିଥିବୁ କିମ୍ବା କୌଣସି ସାହିତ୍ୟ ପତ୍ରପତ୍ରିକାରେ ମୋନାଲିସା ବିଷୟରେ ପଢ଼ିଥିବୁ । ମୁଁ ସେଠୁ କହିଲି ହଁ, ଅପା ଯଦିଓ ସେତେ ଜାଣିନି କିନ୍ତୁ ଶୁଣିଛି ମୋନାଲିସା ହସରେ ସାରା ବିଶ୍ୱ କୁଆଡ଼େ ବିମୋହିତ ହୁଅନ୍ତି । କ'ଣ ସେହି ଚିତ୍ରପଟରେ କେଜାଣି । ଅପା କହିଲା, ତାହେଲେ ଆଉ ଗୋଟେ କଥା କହିଲୁ ତୁ କେବେ ଓଡ଼ିଆ ଆଲବମ୍ ଗୀତ ମୋନାଲିସା ଶୁଣିଛୁ କିମ୍ବା ଦେଖିଛୁ ଟିଭିରେ । ମୁଁ ସେଠୁ କହିଲି ହଁ, ଅପା ଶୁଣିଛି ଆଉ ବହୁତ ଭଲ ଲାଗେ ମଧ୍ୟ କିନ୍ତୁ ଗୀତରେ ଯେଉଁଭଳି ଦୃଶ୍ୟମାନ ହେଇଛି ଛବିଟି ଯିଏ ଦେଖିଲେ ସେ ବି ନ କାନ୍ଦି ରହି ପାରିବନି । ଏହା ଶୁଣି ଅପା କହିଲା, ତୁ ଠିକ୍ କହିଛୁ ଶୁଭମ୍ । ସେଠୁ ପୁନଶ୍ଚ ମୁଁ କହିଲି ଅପା ତୁ ଜାଣିଛୁ ଏହି ଗୀତ ଆମ ମେଟ୍ରିକ୍ ପରୀକ୍ଷା ଦେଲା ବେଳର ଗୀତ, ଯାହା ବହୁତ ଲୋକାଦୃତ ହୋଇଥିଲା ଆଉ ଆମେ ସେତେବେଳେ ଏହି ଗୀତଟିକୁ ବହୁତ ବଜାରରୁ ଯେଉଁଠି ବାଜେ ମୁଁ ଶୁଣେ ଏବଂ ନିଜେ କ୍ୟାସେଟ୍ ଦୋକାନରୁ ରେକର୍ଡ଼ିଂ କରି ଆଣି ଘରେ ବହୁବାର ଶୁଣେ । ଆଜି ପର୍ଯ୍ୟନ୍ତ ଏହି ଗୀତ ବି ବହୁତ ଭଲ ଲାଗେ । କାହିଁକି କେଜାଣି ମୋତେ ଏହି ଭଳି ଦୁଃଖ ଗୀତ ଶୁଣିବାକୁ ଭଲ ଲାଗେ । ଏହାପରେ ଅପା କହିଲା, ତୁ ଠିକ୍ କହିଛୁ । ଏହି ଗୀତ ଆଜି ଏକ ଭିନ୍ନ ପରିବର୍ତ୍ତନ ଆଣିଛି । ମୁଁ କହିଲି ତୁ କ'ଣ କହୁଛୁ । ଅପା ସେଠୁ କହିଲା ଶୁଭମ୍ ଟିକିଏ ଶୁଣିଲୁ ତୁ କେବେ କାହାକୁ ଭଲପାଇଛୁ ମାନେ ପ୍ରେମ କରିଛୁ । ମୁଁ ଏହା ଶୁଣିଲା ପରେ ଟିକିଏ ରାଗି ଗଲି, କହିଲି ଅପା ତୁ ଏ କ'ଣ କହି ଯାଉଛୁ । ତୁ ଜାଣି ରଖିବା ଦରକାର ମୁଁ ତୋର ପୁତୁରା ହେବି । ଏହି ସବୁ ପ୍ରଶ୍ନ ତୋ ମୁହଁରୁ ଶୋଭା ପାଉନି ।

ଏହାପରେ ଅପା କହିଲା ତୁ ଖରାପ ଭାବେନା ଶୁଭମ୍, ଅସଲ କଥା ଜାଣିଲେ ତୋ ମୁଣ୍ଡ ଘୁରେଇ ବସିବ । ଏହା ଶୁଣିଲା ପରେ ମୁଁ କହିଲି ଅପା ! ମାନେ ତୁ ଏ କ'ଣ କହୁଛୁ ।

ଏହା ପରେ ଅପା କହିଲା, ହଁ ସେହି ମୋନାଲିସା । ମୁଁ କହିଲି ସେଠୁ କ'ଣ ହେଇଛି ମୋନାଲିସା । ଏମିତି ସବୁ ଗପି ଦେଇ ଯାଉଛୁ । ଅପା କହିଲା, ଶୁଣ ତାହା ହେଲେ ସବୁ ଟିକିନିଖି କରି କହୁଛି । ମୁଁ ସେଠୁ କହିଲି ହଉ ଅପା କହ । ଅପା କହିବା ଆରମ୍ଭ କଲା । କହିଲା, ସେଦିନର ସେ ମୋନାଲିସା ଇତିହାସ ହୋଇ ରହିଛି ସତ କିନ୍ତୁ ତା'ର ସ୍ମିତ ହସରେ ସାରା ବିଶ୍ୱ ବିମୋହିତ କରୁଥିଲା, ଯାହା ପାଇଁ କେତେ ସାହିତ୍ୟିକ ନାନା ମତ ସାବ୍ୟସ୍ତ କରିଛନ୍ତି କବିତା ଆଉ ଗଳ୍ପ ମାଧ୍ୟମରେ । କିନ୍ତୁ ଏଠିକାର ମୋନାଲିସା ଟିକିଏ ଭିନ୍ନ । ମୁଁ କହିଲି ଏଠିକାର ମୋନାଲିସା ମାନେ ଏଠି ବି ମୋନାଲିସାର କ'ଣ ସାମଞ୍ଜସ୍ୟ ରହିଛି । ଅପା କହିଲା, ହଁ ରହିଛି କିନ୍ତୁ ଟିକିଏ ଅଲଗା ଧରଣର ଯାହା ତୁ ଶୁଣିଲେ ଆପେ ଜାଣିଯିବୁ । ବିଶ୍ୱ ପ୍ରତାପ ରାଉତ ବୋଲି ଆମ ପାଖ ଗାଆଁ ମାନସିଂହ ପାଟଣାର ଜଣେ ସମ୍ଭ୍ରାନ୍ତ ପରିବାରର ଅହଂକାରୀ ମଣିଷଟିଏ ତା'ର ଗୋଟିଏ ବୋଲି ଅଲିଅଳି ଝିଅ ମୋନାଲିସା । ଏହି ଆମ ସାହି ବାଟ ଦେଇ ସବୁଦିନ କଲେଜ ଯାଏ ସାଇକେଲ ଧରି । କିନ୍ତୁ ଆଜି ଆଉ

କାହାର । ଏହାପରେ ମୁଁ କହିଲି ମାନେ ! ଅପା ସେଠୁ କହିଲା, ଶୁଣୁ ଏଇ ଯେଉଁ ଚିତ୍କାର ଶବ୍ଦ ଶୁଣିଲୁ ତାହା ସେହି ମୋନାଲିସା ସହ ଜଡ଼ିତ ଏକ ଘଟଣା । ଯେଉଁଥିପାଇଁ ଆମ ଗ୍ରାମର ଅତି ଶିକ୍ଷିତ ପିଲା ଥିଲା ଶୁଭେନ୍ଦୁ । ପାଠରେ ଶାଠରେ ସବୁଥିରେ ଥିଲା ଧୁରନ୍ଧର, ଆଉ ଦେଖିବାକୁ ରାଜା ଛୁଆ ଭଳି ସୁନ୍ଦର କିନ୍ତୁ ଆଜି ମାନସିକ ବିକଳାଙ୍ଗ ।

ମୁଁ ସେଠୁ ଅପାକୁ ପଚାରିଲି ଏମିତି କେମିତି ହେଲା । ଅପା କହିଲା, ଶୁଣୁ ଶୁଭେନ୍ଦୁ ଏବଂ ମୋନାଲିସା ଉଭୟ କଲେଜରେ ପାଠ ପଢୁଥିଲେ । ଶୁଭେନ୍ଦୁର ସୁନ୍ଦରତା ଏବଂ ସବୁ ଭଲ ଗୁଣ ଦେଖି ମୋନାଲିସା ତାକୁ ପ୍ରେମ ଜାଲରେ ପକେଇବାକୁ ଚେଷ୍ଟା କଲା । ଶୁଭେନ୍ଦୁର ବି.ଏ. ଶେଷବର୍ଷ ବେଳକୁ ମୋନାଲିସାର +୨ ପ୍ରଥମ ବର୍ଷ । ବହୁତ ଥର ଶୁଭେନ୍ଦୁର କଥା ପିଲାଙ୍କ ଠାରୁ ମୋନାଲିସା ଶୁଣିଛି, ସେ ଭଲ ଶିକ୍ଷିତ । ତେଣୁ ସେ ତା'ର ବାପାଙ୍କୁ ଯାଇ ଏହି କଥା ଘରେ କହିଛି । ବାପା ଆମ ପାଖ ଗାଁ ନାରାୟଣପୁରର ଶୁଭେନ୍ଦୁ ବୋଲି ଗୋଟେ ଭଲ ଶିକ୍ଷିତ ପିଲାଟେ ଅଛିତ ତୁମେ ତାକୁ ବୁଝନ୍ତନି, ମୋତେ ସେ ଟିଉସନ କରନ୍ତାନି ? ଏହି କଥା ଶୁଣି ମୋନାଲିସା ବାପା କହିଲେ, ଏଇ କଥା ତ ହଉ ମା' ! ମୁଁ ଆସନ୍ତାକାଲି ବୁଝି ତୋତେ କହିବି । ଏହାପର ଦିନ ଯାଇ ବିଶ୍ୱ ପ୍ରତାପ ରାଉତ ଶୁଭେନ୍ଦୁର ଘରେ ସକାଳୁ ସକାଳୁ ଡାକ ପକାଇଲା । ଏହା ଦେଖି କିଛି ଲୋକ ଆଚମ୍ଭିତ ହୋଇଗଲେ, ଆରେ ଏହି ଶୁଭେନ୍ଦୁ କ'ଣ କିଛି କରିଛି କି ? କିନ୍ତୁ ପରେ ସବୁ ଥମ୍ ପଡ଼ିଲେ । ମୋନାଲିସା ବାପା ଶୁଭେନ୍ଦୁକୁ କହିଲେ ଆରେ ମୁଁ ଶୁଣିଛି ତୁ କୁଆଡ଼େ ଗୋଟେ ଭଲ ଛାତ୍ର ଆଉ ଟିଉସନ ମଧ୍ୟ କରୁଛୁ । ତୁ ଯଦିଓ ମୋ ଝିଅକୁ ପଢ଼ାନ୍ତୁ ଟିକିଏ ଭଲ ହୁଅନ୍ତା, ମୋ ଝିଅ କହିଛି ।

ଏହା ଶୁଣି ଗାଆଁ ଲୋକ କହିଲେ, ଆରେ ଯଦିଓ ବାବୁ କହୁଛନ୍ତି ତୁ ତାହାଲେ ରାଜି ହୋଇଯାଆ । ଏହା ପରେ ଲୋକଙ୍କ କଥା ଶୁଣି ଶୁଭେନ୍ଦୁ ହଁ ମାରିଲା । ଆଉ ତା' ପରଦିନ ଠାରୁ ମୋନାଲିସାକୁ ଟିଉସନ କରିଗଲା । କିଛି ଦିନ ଗଲାପରେ ଏକଦା ଘରେ କେହି ନଥାନ୍ତି, ମୋନାଲିସା କିଛି ମୃଦୁପାନୀୟ ଆଣି ଦେଲା, ଆଉ କହିଲା ସାର୍ ଟିକିଏ ପିଇ ଦିଅ । ଏହାପରେ ମଧ୍ୟ ଏହାକୁ ପିଇଥିଲା । ଏମିତି କିଛି ଦିନ ବିତିଗଲା । ହଠାତ୍ ଗୋଟିଏ ଦିନ ମୋନାଲିସା ଶୁଭେନ୍ଦୁକୁ ଭଲପାଇବା ପାଇଁ ପ୍ରସ୍ତାବ ଦେଲା । କିନ୍ତୁ ଶୁଭେନ୍ଦୁ ଏହା ଶୁଣି କହିଲା ତୁମେ ଏ କ'ଣ କହିଯାଉଛ ମୋନାଲିସା, ତୁମେ ପରା ମୋ ଛାତ୍ରୀ, ଆଉ ମୁଁ ତୁମ ଶିକ୍ଷକ; ଏହା କ'ଣ ସମ୍ଭବ ? ଏହା ଶୁଣି ମୋନାଲିସା କହିଲା, ଏଥିରେ କ'ଣ ଅଛି ସାର୍ ! ଆଜିଠାରୁ ତୁମେ ସାର୍ ବଦଳେ ମୋ ପ୍ରେମିକ ହୋଇଯିବ ଆଉ ମୁଁ ତୁମକୁ ମୋ ମନର ରାଜା କରି ରଖିବି । ଏହା ଶୁଣି ଏହି କଥାରେ ବିଲ୍‌କୁଲ୍ ଶୁଭେନ୍ଦୁ ରାଜି ହେଲାନି । ଏହାପରେ ମୋନାଲିସା କହିଲା ଚୁପ୍‌ଚାପ୍ ମୋ କଥାରେ ରାଜି ହେବ ନା, ପରେ ଯେଉଁ ପରିସ୍ଥିତି ଉପୁଜିବ ତୁମେ ସମ୍ଭାଳି ପାରିବ । ଏହା ଶୁଣି ଶୁଭେନ୍ଦୁ କହିଲା, ମାନେ କ'ଣ କରିବ । ହଠାତ୍ ମୋନାଲିସା ତା'ର ବଡ଼ ଫୋନ୍‌ଟି ବାହାର କରି କିଛି ଅଶ୍ଳୀଳ ଫଟୋ ଦେଖାଇଲା, ଯାହାକୁ ଦେଖି ଶୁଭେନ୍ଦୁ ପାଦ ତଳୁ ମାଟି ଖସିଗଲା । ଆଉ ମୋନାଲିସା କହିଲା, ଏବେ କ'ଣ ସାର୍ ରାଜି ହେବେ ତ ! ଏହାପରେ ଶୁଭେନ୍ଦୁ କିଛି ଭାବି ପାରିଲା ନାହିଁ ସେ ଏବେ କ'ଣ କରିବ । ତଥାପି ସବୁ ପରେ ମୋନାଲିସା କଥାରେ ହଁ ମାରିଥିଲା । ଏହାପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ବଢ଼ି ଚାଲିଲା । ଆଉ ପ୍ରାୟ ସମୟ ଘରେ ନିରୋଳା ସମୟ ଦେଖି ଶୁଭେନ୍ଦୁକୁ

ଡାକି ରତିକ୍ରୀଡ଼ାରେ ମଗ୍ନ ରହୁଥିଲେ । କିନ୍ତୁ ଚୋର ଘର ସବୁବେଳେ ଅନ୍ଧାର ନୁହେଁ । ମୋନାଲିସା ସିନା ଜୋରଜବରଦସ୍ତ ଶୁଭେନ୍ଦୁକୁ ଭଲ ପାଇବା ଲାଳସା ଦେଖାଇ ତା'ର କାମନା ମେଣ୍ଟାଉ ଥିଲା । କିନ୍ତୁ ଏପଟେ ଶୁଭେନ୍ଦୁ ଧିରେ ଧିରେ ବହୁତ ଭଲପାଇ ବସିଲା ମୋନାଲିସାକୁ । ତେବେ ଗୋଟିଏ ଦିନ ହଠାତ୍ ମୋନାଲିସା ବେଡ୍‌ରୁମ୍‌ରେ ଅସଂଯତ ଅବସ୍ଥାରେ ଉଭୟଙ୍କୁ ବିଶ୍ୱ ପ୍ରତାପ ଦେଖିଦେଲେ ଆଉ ଅତ୍ୟନ୍ତ ରାଗରେ ସେଦିନ ପ୍ରବଳ ମାଡ଼ ମାରିଥିଲେ ଶୁଭେନ୍ଦୁକୁ । ଏହାପରେ ବିଶ୍ୱ ପ୍ରତାପ ନିଜ ଝିଅକୁ ପଚାରିଲେ ମୋନାଲିସା ତୁ ଏ କ'ଣ କରି ବସିଲୁ । ମୋନାଲିସା କହିଲା ନା ବାପା ଏଥିରେ ମୋର କିଛି ଭୁଲ୍ ନାହିଁ । ଦେଖ ଗୋଟିଏ ଦିନ ମୋ ଅନିଚ୍ଛା ସହିତ ଜୋରଜବରଦସ୍ତ କରି ମୋ ସହିତ ପ୍ରଥମେ ସାର୍ ତାଙ୍କର କାମନା ମେଣ୍ଟାଇ ଥିଲେ । ଏହା ଶୁଣି ଆହୁରି ଉତ୍ୟକ୍ତ ହୋଇପଡ଼ିଲେ ମୋନାଲିସାର ବାପା ବିଶ୍ୱପ୍ରତାପ । ଆଉ ସଙ୍ଗେ ସଙ୍ଗେ ବହୁତ ମାଡ଼ ମାରିଲେ ଶୁଭେନ୍ଦୁକୁ । ଶୁଭେନ୍ଦୁ କିନ୍ତୁ ସେଦିନ କହିଲା, ମୋର କିଛି ଭୁଲ୍ ନାହିଁ ସତ କହୁଛି ଆଜ୍ଞା । ଏହାପରେ ନିଜ ଝିଅକୁ ବିଶ୍ୱପ୍ରତାପ ପଚାରିଲେ ମୋନାଲିସା ତୁ ଏହାର କ'ଣ ପ୍ରମାଣ ରଖିଛୁ । ଏହାପରେ କିଛି ମୋବାଇଲ ଭିଡ଼ିଓ ଦେଖାଇଲା ମୋନାଲିସା । ଏହା ଦେଖି ସାରିଲା ପରେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ତୁରନ୍ତ ଶୁଭେନ୍ଦୁକୁ ଘରୁ ବାହାର କରି ଦେଲା । ଆଉ ଅଲାଜୁକ ମୁହଁରେ ସେଦିନ ସେଠୁ ଶୁଭେନ୍ଦୁ ଘରକୁ ଫେରିଥିଲା । ଘରକୁ ଆସିଲା ବେଳେ ବିଶ୍ୱପ୍ରତାପ ଶୁଭେନ୍ଦୁକୁ ପଚାରିଲା ଏବେ କାହାର ସତ ଆଉ କାହାର ମିଛ ମୁଁ ଜାଣି ପାରିଲି । ତୁ ଗୋଟେ ଭଦ୍ରମୁଖା ଧାରୀ ଅଭଦ୍ର ଗୋଟେ । କିଛି ନ କହି ତୁରନ୍ତ ସାଇକେଲ ଧରି ଶୁଭେନ୍ଦୁ ଘରକୁ ଆସିଲା । ଘରକୁ ଆସି ମନ ଦୁଃଖରେ ବସିଲା । କିଛି ଦିନ ପର୍ଯ୍ୟନ୍ତ ଖାଇଲା ନାହିଁ । ତା'ର ମା ଯେତେ ଡାକିଲେ ବି ବୁଝିଲା ନାହିଁ । କିନ୍ତୁ ତା'ର ମା କାହୁଁ ଜାଣିବେ ଏତେ କଥା ।

ସମୟ ଗଡ଼ି ଚାଲିଲା । ଏକଦା ଦିନେ କଲେଜ ଯିବା ବାଟରେ ନିରୋଳା ସ୍ଥାନ ଦେଖି ଶୁଭେନ୍ଦୁ ମୋନାଲିସାକୁ ପଚାରିଲା ତୁମେ ଯେଉଁ କାମ କଲ ଠିକ୍ କଲ ମୋନାଲିସା । ମୁଁ ତୁମକୁ ଜୀବନ ଦେଇ ଭଲ ପାଉଥିଲି ଆଉ ପାଉଥିବି ମଧ୍ୟ କିନ୍ତୁ ତୁମେ ଏ କ'ଣ କଲ । ମୁଁ ଆଜିବି ତୁମକୁ ଭଲ ପାଉଛି । ଏ ଭଲ ପାଇବା ତୁମେ ଶିଖେଇ ଦେଇଥିଲ । ହେଲେ ତୁମେ ଏବେ ମୋତେ ଆଗ ଭଳି ପଚାରୁନ । ଏହା ଶୁଣିଲା ପରେ ମୋନାଲିସା ହସି ଦେଇ କହିଲା, ଭଲ ପାଇବା କିଏ କାହାକୁ ଭଲ ପାଉଥିଲା, ମୁଁ ତୁମକୁ ହେ ଏହା ତୁମର ଭ୍ରାନ୍ତ ଧାରଣା । ଶୁଣ ମୋ ବାଟ ଛାଡ଼ ମୋର ଏବେ ବାହାଘର ସରିଛି । ଆଉ ଶୁଣ ସେଦିନ ତୁମେ ମୋତେ ଭଲ ପାଇବା ପାଇଁ ମୁଁ ଥଣ୍ଡାରେ କିଛି ନିଶା ମିଶାଇ ଦେଇଥିଲି ଆଉ ତାହା ତୁମେ ପିଇ ସାରିଲା ପରେ ତୁମେ ନିଶାସକ୍ତ ଅବସ୍ଥାରେ ରହିଗଲ, ଆଉ ମୁଁ ତୁମଠାରୁ କାମନା ଚାହିଁଲି ଆଉ ଏହି ସମୟରେ ମୁଁ ମୋ ମୋବାଇଲରେ ଏହାକୁ ସବୁ ରେକର୍ଡ଼ କରି ନେଇଥିଲି । ଯାହା ଫଳରେ ତୁମକୁ ମୁଁ ଭଲପାଇବା ଲାଳସାରେ ସବୁଦିନ ମୋ କାମନା ମେଣ୍ଟାଇ ପାରିବି । ଏହା ଶୁଣିଲା ପରେ ଶୁଭେନ୍ଦୁ କହିଲା, ତୁମେ ଏ କ'ଣ କହିଯାଉଛ ମୋନାଲିସା । ତାହାଲେ ମୋ ଧାରଣା ଏକଦମ୍ ଠିକ୍ ହେଲା । ପିଲାମାନେ ଯାହା କହୁଥିଲେ ତାହା ପୁରା ଠିକ୍ । ତୁମେ ଗୋଟେ ନାରୀ ନୁହେଁ ନାଗୁଣୀ । ଏହାପରେ ମୋନାଲିସା କହିଲା ହଁ, ମୁଁ ଗୋଟେ ବିଷାକ୍ତ ସର୍ପ । ମୋ ଦଂଶନରେ ତୁ ଆଜି ଛଟପଟ ଆଉ ସବୁଦିନ

ଏହିପରି ଛଟପଟ ହୋଇ ଜିଇଁ ଥାଇ ଥାଇ ମରିବୁ ମଧ୍ୟ । ଏହା କହି ସେଦିନ ମୋନାଲିସା ସେଠୁ ଚାଲିଗଲା ।

ଏମିତି ଅନେକ ଦିନ ବିତିଗଲା । ଶୁଭେନ୍ଦୁ ପାଠପଢ଼ା ଛାଡ଼ିଦେଲା ଆଉ ଗୋଟିଏ ନିରୋଳା ଘରେ ଏକା ବସି ବସି ପାଲଟି ଗଲା ଏକ ଅର୍ଦ୍ଧପାଗଳ । ସମୟ ସ୍ରୋତରେ ସେ ହୋଇଗଲା ଗୋଟେ ଅର୍ଦ୍ଧପାଗଳ । ଗୋଟିଏ ଦିନ ସେହି ମୋନାଲିସା ଆଉ ତା'ର ସ୍ୱାମୀ ସେହି ଗାଆଁ ବାଟ ଦେଇ ଗଲାବେଳେ ଗୋଟିଏ ବିବାହ ଉତ୍ସବରେ ସେହି ମୋନାଲିସା ଗୀତ ତାଳେ ତାଳେ ସେ ତାର ମନର ମାନସୀ ମୋନାଲିସାକୁ ଖୋଜୁଥିଲା । ଏହା ଦେଖି ଉଭୟ ମୋନାଲିସା ଏବଂ ତା'ର ସ୍ୱାମୀ କଥା ହେଉଛନ୍ତି । ଏ କ'ଣ ପାଗଳଟା । ମୋନାଲିସା ତା'ର ସ୍ୱାମୀକୁ କହୁଥାଏ ହଁ ହୋଇଥାଏ ପାରେ । କିନ୍ତୁ ଯେତେବେଳେ ତା'ର ମୁହଁ ପ୍ରକୃତରେ ଶୁଭେନ୍ଦୁ ଉପରେ ପଡ଼ିଗଲା, ପ୍ରଥମେ ଭଲରେ ଚିହ୍ନି ପାରିଲା ନାହିଁ । କାରଣ ଏବେ ଶୁଭେନ୍ଦୁ ସମ୍ପୂର୍ଣ୍ଣ ଭିନ୍ନ ମଣିଷଟିଏ, ଦାଢ଼ି ପ୍ରବଳ ଏବଂ ମାନସିକ ବିକଳାଙ୍ଗ । ଶେଷରେ ଗୀତ ସରିଗଲା । ଶୁଭେନ୍ଦୁ ମୁହଁରୁ ଦୁଇପଦ କଥା ମଧ୍ୟ ସରିଗଲା- ମୋନାଲିସା କାହିଁ ଛାଡ଼ିଗଲୁ ମୋତେ । ଏହାପରେ ସତକୁ ସତ ମୋନାଲିସା ଆଉ ତା'ର ସ୍ୱାମୀ ମଧ୍ୟ ସେହି ସ୍ଥାନ ଛାଡ଼ି ଚାଲିଗଲେ । କିନ୍ତୁ ସେଦିନ ତା'ର ଅତି ନିକଟରୁ ନିଜର ମୋନାଲିସାକୁ ପାଖରେ ଦେଖି ମଧ୍ୟ ସେ ଜାଣିପାରୁ ନଥିଲା ତା'ର ମୋନାଲିସାକୁ ।

ଏହାପରେ ମୋତେ ଅପା କହିଲା ଶୁଣିଲୁ ଶୁଭମ୍ । ସେଦିନର ମୋନାଲିସା ଆଉ ଆଜିକାର ଆମ ଏହି ମୋନାଲିସା ବିଷୟରେ । ମୁଁ ସେଠୁ ବହୁତ ଦୁଃଖ ମନରେ କହିଥିଲି ହଁ ଲୋ ଅପା, ଏହି ତାହାଲେ ଶୁଭେନ୍ଦୁ ଏବଂ ମୋନାଲିସାର କାହାଣୀ । ଆଉ ସେଦିନ ମୋନାଲିସାକୁ ଦେଖି ବହୁତ ବିମୋହିତ ହେଉଥିଲେ । ତା'ର ସ୍ମିତହାସ୍ୟରେ କିନ୍ତୁ ଆଜିକା ମୋନାଲିସା ସବୁ କେତେ ଯେ ନିରୀହଙ୍କ ହୃଦୟରେ ଛଳନାର ଲୁହ ଭରି ଦୂରେ ଚାଲି ଯାଉଛନ୍ତି । ଏହାପରେ ଅପା କହିଲା ହଁ ରେ ସେ ପରା ମୋନାଲିସା ଦୂରେ ଚାଲିଗଲା ଶୁଭେନ୍ଦୁ ଅର୍ଦ୍ଧପାଗଳ ହେଲା ।

ବାଲିଝରି, ନରସିଂହପୁର, କଟକ
ଦୂରଭାଷ : ୯୩୪୮୭୮୩୭୯୧

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# କବିତା ବିଭାଗ

## ମାଟିର ମଣିଷ

**ବେଣୁଧର ସୂତାର**

ସୁଖର ସୂରୁଜ ଆସେନି ଯା ପାଇଁ
ଆଲୋକର ରୂପ ନେଇ
ସବୁଜ ଧରାର ସିଏ ରୂପକାର
ମାଟିର ମଣିଷ ସେହି ।
ବିଳାସ ବାଦର ତୀବ୍ର ବିରୋଧୀ
ରୁଦ୍ର ସାଧନା ତା'ର
ନିଖିଳ ମୁଖରେ ହସ ଫୁଟାଇବା
ତା' ଜୀବନ ଅଙ୍ଗୀକାର ।
ଧମନୀ ଚିପୁଡ଼ି ରକ୍ତ ନିଗାଡ଼ି
ଲଗାଇ ପରାଣ ବାଜି
ବସୁମତୀ ହସ ମହାନ ଦୃଶ୍ୟ
ତା' ପାଇଁ ସମ୍ଭବ ଆଜି ।
ଚୈତ୍ର ରଜନୀ ଆଣିନି ତା ପାଇଁ
ଜ୍ୟୋସ୍ନା ଶୀତଳ ରାତି
ସିଏ ଅଖିଳର ଅନ୍ନଦାତା ତା
ବିଶ୍ୱ ମାନବ ପ୍ରୀତି ।
ବସୁମତୀ ସୁତ ନୁହେଁ ବିଚଳିତ
ଦାରିଦ୍ର୍ୟର କଷାଘାତେ
ନିର୍ବିକାରେ ଯେ ବିତରେ ବିଭବ
ଆନନ୍ଦ ଅଶ୍ରୁପାତେ ।
ଶୁଣିଛ କି ଥରେ ମାଟି ମଣିଷର
ଅନ୍ତର ତଳର କଥା
ଦେଖିଛ କି କେବେ ବେଦନା ଦଗ୍ଧ ତା
ସଂସାରର ମହା ବ୍ୟଥା ।
ଯାହାପାଇଁ ଆଜି ଦେଖୁଛ ଧରାରେ
ଆଗାମୀର ସମ୍ଭାବନା
ବିଦ୍ରୋହେ ତାର ବୁଲିବ ମହୀରେ
ମୃତ୍ୟୁର ପରୱାନା ।
ମୁଗ୍ଧ କରିନି ଦଗ୍ଧ ପରାଣ
ସରକାରୀ ସୁରନାମା
ମିଛ ଇସ୍ତାହାରେ ହୋଇକି ପାରିବ
ଧରାରାଣୀ ମନୋରମା ।
ଆଗାମୀ ବିଶ୍ୱ କର୍ଣ୍ଣଧାର ସେ
କରନି ତା' ପ୍ରତି ହେଳା
ତା ବିନା ଅନନ୍ତ ଉଦରେ ଜଳିବ
ଜ୍ୱାଳାର ଅଗ୍ନି ମାଳା ।
ପ୍ରାଣବନ୍ତ ସେ ଯେ ପ୍ରଣବ
କର୍ମର ରଣାଙ୍ଗନେ
ତା ଭାଗ୍ୟ ନିଶାଣ ବିଜୟ ବିଷାଣ
କର୍ମର ଜୟଗାନେ ।
ଅବହେଳିତ ସେ ନିଃସ୍ୱ ମଣିଷଟି
ବିଶ୍ୱମୁଖେ ଦିଏ ଦାନା
ଭାବପ୍ରୀତି ବୈତ୍ରୀ ପବିତ୍ର ବନ୍ଧନେ
କର ତାରେ ନିରାଜନା ।

କେଶଦୁରାପାଳ, କେନ୍ଦୁଝର
ଦୂରଭାଷ : ୯୧୭୮୫୬୮୨୪୬

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଚିରନିଦ୍ରା

ମଧୁସ୍ମିତା ମିଶ୍ର

ଶୁଭସନ୍ଧ୍ୟାରେ ଲେଖୁଚି ବାର୍ତ୍ତା ସମ୍ମୋହନେ ଅମୃତର ମଧୁ ସୁଧା
କୋଟି ତାରା ଫୁଲେ ଧରେ ଆଞ୍ଜୁଳାରେ ମନର ବର୍ଣ୍ଣାଢ୍ୟ ବାଧା ।
ବିଧି ବିଧାନରେ ସୂତ୍ର ଧରିବାରେ ଜୀବନ ଭୂଗୋଳ ହୁଏ
ପୁଣ୍ୟ ପ୍ରଦୀପରେ ପବିତ୍ର ଧରାରେ ଭାବ ଅନୁଭୂତ ହୁଏ ।
କ୍ଲାନ୍ତ ଅବସର ବିମୁଗ୍ଧ ଅନ୍ତର ସପନର ମାୟାଜାଲ
ଉଇଁଥାଏ ମନେ ପୂର୍ଣ୍ଣିମା ଚନ୍ଦ୍ର ଆଶା ଉନ୍ମାଦନାର ଖେଳ ।
ନୂତନ ଆଶଙ୍କ ଜାଗରଣ ତୋଳେ ଘୂର୍ଣ୍ଣିବଳୟର ଇସ୍ତାହାର
ସତେକି ଜୀବନ ଖୋଜୁଥାଏ ତା'ର ଆଦ୍ୟା ଅନ୍ତାକ୍ଷରୀର ଉପହାର ।
ହୃଦୟ ମନ୍ଦିରେ ଇନ୍ଦ୍ରଧନୁ ଶିକ୍ତ ମୁକ୍ତା ବର୍ଣ୍ଣର ଆଶାର ସ୍ତୁପ ରେଖା
ମନ ଉଦ୍ୟାନରେ ମହାପ୍ରଳୟରେ କେତେବେଳେ ଧ୍ୱଂସର ତାଣ୍ଡବ ଶିଖା ।
ଦିବ୍ୟ ଚେତନାରେ ମୋକ୍ଷ ମୁକ୍ତି ପଥ ବାସ୍ତବ ଜୀବନ ସଂଯୋଜିତ
ନିର୍ମଳ ଆହ୍ୱାନେ ଶୁଦ୍ଧ ପୁତ ଆତ୍ମା ନିଶ୍ଚିତ ସ୍ୱର୍ଗୀୟ ପଥେ ପ୍ରଯୁଜିତ ।
ନିର୍ଭୟେ ସଂସାର ସ୍ତରର ଆକାର ସତ୍ୟ ଶିବ ସୁନ୍ଦର ଧାରା
ଧର୍ମ କର୍ମ ସିନା ଶ୍ରେଷ୍ଠ ଏ ଧରାରେ ଯାହା ହୁଏ ଆଲୋକ ମାଳା ।
ଉତ୍ତପ୍ତ ମରୁରେ ଆସିଯାଏ କେବେ ଚିରନିଦ୍ରାର ବିଭିଷୀକା
ଜାଣି ହୁଏନାହିଁ ସେ ଚିରନିଦ୍ରା ଶାନ୍ତି ମୁକ୍ତି ସତ୍ୟର ପତ୍ରିକା ।

ପାରାଦ୍ୱୀପ
ଦୂରଭାଷ : ୭୭୩୫୪୫୩୧୦୫

ISSN -2583-147X(P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସତରେ ତୁମେ ଆସ ଭାରି ଅଝଟ ପଣରେ

**ଗୀତାଞ୍ଜଳି ପୃଷ୍ଟି**

ତୁମେ ଆସ ପାହାନ୍ତି ପ୍ରହରେ
ନିଘୋଡ଼ ନିଦ୍ରାରେ
ସ୍ୱପ୍ନ ଗାଲିଚାରେ...
କେବେ ପୁଣି ନିଛାଟିଆ ଖରାବେଳେ
ଠାକୁର ଘରେ ଅବା ରୋଷଶାଳା ଠାରେ
କେବେ ପୁଣି ଚମକାଇ ଦିଅ
ଗାଧୁଆ ଘରେ ପାଣିର କଳକଳ ଶବ୍ଦରେ
କେବେ କେବେ କାର୍ଯ୍ୟାଳୟର
ଟେବୁଲ ଉପରେ
କୁଢ଼କୁଢ଼ ଫାଇଲର ଗଦା ମଧ୍ୟରେ
ତୁମ ଆସିବାର ସମୟ କାହାକୁ ବା ଜଣା
ହେଲେ ତୁମେତ କରିଦିଅ
ନିମିଷକେ ବାଟବଣା ।
କିଛି ଅନାବନା ଶବ୍ଦ ଲହଡ଼ି ଭାଙ୍ଗନ୍ତି
ମନ ଦିଆରେ, ହୃଦୟ ମନ୍ଦିରେ
ସତରେ ତୁମେ ଆସ ଭାରି ଅଝଟ ପଣରେ
ମନୋଇ ମୌସୁମୀ ଭଳି
କେବେ ବର୍ଷିଯାଅ ତ
କେବେ ଦେଖା ଦେଇ ଲୁଚିଯାଅ...
ଶ୍ରଦ୍ଧା ପୁଣି ଆତ୍ମୀୟତା ପଣରେ
ତୁମ ରାଣ, ତୁମେ ମୋ ପ୍ରେମର ପହିଲି ବସନ୍ତ
ଫଗୁଣର ଫଗୁଭରା ଅନନ୍ତ ଆକାଶ
ଆଦ୍ୟରୁ ପ୍ରାନ୍ତ ଯାଏ...
ହାତ ନ ଛାଡ଼ିବାର ପ୍ରତିଶ୍ରୁତି
ମୋତେ କରିଛି
ଜଡ଼ରୁ ଜୀବନ୍ତ...

ଗତିରାଉତ ପାଟଣା, କଟକ
ଦୂରଭାଷ : ୯୯୧୭୪୧୬୨୫୧

# ଏକତା ଆସିବ ଫେରି

**ନିରୂପମା ସାହୁ**

ବାପୁଙ୍କର ବାଣୀ କିଏ ମାନୁଅଛି
ଅହିଂସା ବଦଳେ ହିଂସା
ମଧୁର ବଚନ କା ତୁଣ୍ଡ କହୁନି
ଜିଦା ଜିଦି ଏଠି ନିଶା ।
ବଡ଼ ସାନ ଆମେ ଯାଇଛୁରେ ଭୁଲି
କଳି ଗୋଳରେ ତ ଆଗ
ବିଞ୍ଚ ନୁହେଁ ସିଏ ମୁଁ ପରା ବିଞ୍ଚ
ତାଦ୍ୱାରା ନ ସିଝେ ଶାଗ ।
ବାପୁଙ୍କ ବାଣୀ ଆଉ ଚଳୁ ନାହିଁ
ଦେଶ ଦେଶ ମଧ୍ୟେ ଯୁଦ୍ଧ
ପରସ୍ପର ମଧ୍ୟେ କେତେ ଭେଦଭାବ
ନିଜ ହସ୍ତେ ନିଜେ ବଧ ।
ବ୍ୟଭିଚାର ଏଠି ଅମାପ ବଢ଼ୁଛି
ଭଦ୍ର ସାଜିଛି କାମାନ୍ଧ
ବିନା ଦୋଷେ ସତ ପାଉଅଛି ଦଣ୍ଡ
ଲୁହରେ ଲୁହରେ ଅନ୍ଧ ।
କେତେ ବାପୁ ଏଠି ଜନମ ନେଲେଣି
ସଜାଡ଼ିବା ନାଁ ଧରୁନି
ବେଳକୁ ବେଳ ବିଗିଡ଼ି ଯାଉଛି
ଦେଶର ଶିରି ତୁଟିଲାଣି ।
ତୁମେ ଥିଲ ଧାନ ଆମେ ତ ଅଗାଡ଼ି
ଫମ୍ପା ମାଠିଆଟି ପରି
ତୁମେ ଏକାହିଁ ଏକତାକୁ ଯୋଡ଼ି
ରଖୁଥିଲୁ ମୁଠିକରି ।
ଆଉ ଥରେ ବାପୁ ନିଅହେ ଜନମ
ଚାହିଁଛୁ ଚାତକ ପରି
ତୁମେ ଆସିଗଲେ ଅହିଂସା ଆସିବ
ଏକତା ଆସିବ ଫେରି ।

ରାଜେନ୍ଦ୍ରନଗର, କଟକ

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଆମେ କେଡ଼େ ଅପାରଗ

ବସନ୍ତ କୁମାର ସାହୁ

ମରଣ ଶେଯରେ ଶୋଇଛି ମୋ ଭାଷା
ହରାଇ ବସିଛି ଆଜି ଚଉଦିଶା
ଚାଟୁକାର ହେଲେ କି ଅବା ଭରସା
ଭାଷା ବଂଚିବାର ଦିଶୁନାହିଁ ଆଶା
ଘାରିଛି ସ୍ୱାର୍ଥର ନିଶା...
କେଡ଼େ ବେଇମାନ ଆମେରେ ଓଡ଼ିଆ
ଜଗତରେ ଲୋକହସା !
ମୋ ରାଇଜ ଗାଆଁ କୋଟିଆ ଉପରେ
ଆନ୍ଧ୍ରର ଲୋଲୁପ ନଜର ସୀମାରେ
ହରାଇଛେ ପୂର୍ବେ ଗଡ଼ଜାତ ଦୂରେ
ଖରସୁଆଁ ଷଢ଼େଇକଳା ଦୁଃଖରେ
ଝାଡ଼ଖଣ୍ଡ ମାଟି ପରେ...
ଦ୍ୱିତୀୟ ଭାଷାର ମାନ୍ୟତା ସରିଲା
ପ୍ରତିବାଦ ନାହିଁ ଥରେ !
ଭାଷା ଆନ୍ଦୋଳନ ଇତିହାସ ଗାଥା
ଏବେବି ଅନ୍ତରେ ଭରିଦିଏ ବ୍ୟଥା
କାନ୍ତି ଚନ୍ଦ୍ରର ସେ ଚକ୍ରାନ୍ତର କଥା
ନୂଆଇଁଲା ନାହିଁ ମୋ ଜାତି ତା ମଥା
ପ୍ରଚେଷ୍ଟା ନୁହେଁ ଅନ୍ୟଥା...
ବିଦେଶୀ ଭାଷାର ଗୋଲାମ ସାଜିଲେ
ଏବେକାର ମହାରଥା ।
କେଡ଼େ ନିର୍ଲଜ ଚାଟୁକାର ଦଳ
ସ୍ୱାର୍ଥ ପାଇଁ ନେତା ଆଜି ମାଳମାଳ
ସ୍ୱାଭିମାନ ବିନା ବୁଡ଼ିଯାଏ କୁଳ
କିଏ ସେ ଶୃଗାଳ କିଏ ସେ ଛାଗଳ
ସରିଗଲେ ମହାବଳ...

ହେଜ ଥରେ ଭାଇ ଅତୀତକୁ ଫେରି
ନୋହୁଁ ଆମେ ହୀନବଳ !
ନୁହଁ ଭାଇ ତୁମେ ସଖୀ ବୃହନ୍ନଳା
ଆପଣା ଭିତରେ ଅର୍ଜୁନର କଳା
ଛଳ କଳବଳ ଅନ୍ୟାୟର ଭେଳା
ବାନର ହୋଇ ତୁ ଓପାଡ଼ନି କୀଳା
ମାଗିଖିଆଙ୍କର ଲୀଳା...
କେତେ ଦିନ ଆଉ ଏ ଜାତି ସହିବ
ବୋଲି ନିଜ ମୁହେଁ କଳା !
ମଧୁବାବୁ, ଗୋପବନ୍ଧୁ ପରିଜନ
ଗଉରୀ ଶଙ୍କର, ଫକୀର ମୋହନ
ଗଜପତି କୃଷ୍ଣଚନ୍ଦ୍ର ମହାମାନ
ରାମଚନ୍ଦ୍ର ଭଞ୍ଜଙ୍କର ଅନୁଦାନ
କେତେ କେତେ ଜାତି ପ୍ରାଣ...
ତାଙ୍କରି ଦାୟାଦ ହୋଇ ବୀର ସୁତ
ସହିବୁ କି ଅପମାନ ?
ଛିଣ୍ଡାଇ ଦେ ପାଦୁ ଯାବତ ଶୃଙ୍ଖଳ
ମନତଳୁ ପୋଛି ସ୍ୱାର୍ଥର କନ୍ଦଳ
କାହା ହାତ ଟେକା ନୁହଁ ତୋ ସମ୍ବଳ
ପ୍ରଭୁ ଚକାଡ଼ୋଳା ଏକଇ ତୋ ବଳ
ଏ ଜାତି ବିକାଶେ ଚଳ...
ନିଜ ଅଧିକାର ଛଡ଼ାଇ ନିଅ ତୁ
ଡାକେ ମାଆ ମାଟି କୋଳ !

ଅପର୍ଣ୍ଣାନଗର, ଚାଉଳିଆଗଞ୍ଜ, କଟକ
ଦୂରଭାଷ : ୮୩୩୯୯୭୯୭୮୦

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଲିପିପତ୍ର

ରଘୁନାଥ ତ୍ରିପାଠୀ

ଲଭୁଅଛ ତୁମେ କେତେ ପ୍ରଣୟୀଙ୍କ
ଅଶ୍ରୁର ଗଭୀର ଆଶ୍ଳେଷ
ତୋଫା କପୋଳର ଲୋତକ ନିର୍ଝର
ପାନେ କରୁଅଛ ନିଃଶେଷ ।
କେତେ କେତେ ପ୍ରେମୀଯୁଗଳ ହୃଦୟେ
ଲେପି ଦେଉଅଛ ଚନ୍ଦନ
କେତେ ଯେ ଖଣ୍ଡିତ ଅନ୍ତରକୁ ଯୋଡ଼ି
ବନୁଅଛ ହୃଦ ସ୍ପନ୍ଦନ ।
ତୁମ ଦେହ ପ୍ରୀତିଲିପି ଚୁମୁଥିବେ
କେତେ ଯେ ତରୁଣୀ ତରୁଣ
ତୁମରି ତନୁରେ ସଜା ଜ୍ଞାନ ଲିପି
କବିତା କାହାଣୀ ପୁରାଣ ।
ଅମାପ ମଙ୍ଗଳ ବାରଣ ପରଶି
ଜୀବନେ ଭରୁଛ ମହକ
ଉଷା ନ ଆସୁଣୁ ସବୁରି ଦୁଆରେ
ହୁଅ ସମାଚାର ବାହକ ।
ତୁମ ଦେହେ ଇତିହାସ ସୁରକ୍ଷିତ
କେତେ ଯୁଗ ଆଉ କଳପ
ହଟ ଚମଟରେ ଭରି ଦେଇପାର
ଦେହେ ଭରି ଖାଲି ଗଳପ ।
ଦୁଃଖର ସାଗରେ ଭସାଉଛ କେବେ
ସାଜି ଆତ୍ମହତ୍ୟା ପରେ
କଳାକାରଟିର ତୂଳିର ପରଶେ
ରଙ୍ଗାୟିତ ତୁମ ଶରୀର ।
ତୁମରି ବୁକୁରେ ଭରି ରହିଥାଏ
ସବୁରି ପ୍ରମାଣ ସତ୍ୟର
କର ସମ୍ଭାଷଣ ଶୁଭାଶୁଭ କାଳେ
ସାଜି ନିମନ୍ତ୍ରକ ପତର ।
ତୁମରି ଅଙ୍ଗରେ ମୁଦ୍ରିତ ମୋହରେ
ବନିଯାଏ ପରା ଟଙ୍କାରେ
କାଗଜଖଣ୍ଡିକ କରେ ଏତେ କାମ
ଶୁଣି ମୁହଁ ହୁଏ ବଙ୍କାରେ ।
ତୁମ ପ୍ରୀତିଭରା ରଙ୍ଗୀନ ତନୁଟି
ଶୋଭାପାଏ ରଙ୍ଗମଞ୍ଚରେ
ଆହେ ଲିପିପତ୍ର ତୁମ ବିନା ଆମ
ପତର ହଲେନି ଗଛରେ ।

ବାଲିସାହି, ମଧୁପାଟଣା, କଟକ
ଦୂରଭାଷ : ୯୪୩୭୩୧୭୫୫୮

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ହେ ମହାତ୍ମା

ଅଶ୍ୱିନୀ କୁମାର ସେଠୀ

ଏ ଦେଶ ନାୟକ ଅହିଂସା ରକ୍ଷକ
ଧରି ମୁକ୍ତି ମନ୍ତ୍ର ଦେଲେ
ପ୍ରେରଣା ଦାୟକ ସ୍ୱରାଜ୍ୟ ମହକ
ବିଶ୍ୱେ ବିତରଣ କଲେ ।
ମୋହନଦାସରୁ ମହାତ୍ମା ହୋଇଲ
ଦୀର୍ଘପଥ ଯାତ୍ରା ଏକ
ଜାତିର ଜନକ କି କଲ କୁହୁକ
ସଂସାର ନତ ମସ୍ତକ ।
ଶାନ୍ତିର ବାରତା ଆହେ ମହାତମା
ଅନ୍ଧାରେ ଆଲୋକ ଦେଲ
ସକଳ ଧର୍ମର ମୂଳ ମନ୍ତ୍ର ସାର
ମହିମାକୁ ଗାନ କଲ ।
ସର୍ବେ ଏକାକାର ମହାନାୟକର
ଡାକରାରେ ମେଳି ହେଲେ
ସତ୍ୟ, ସର୍ବୋଦୟ ଲବଣ ବିଜୟ
ସତ୍ୟାଗ୍ରହରେ ପାଇଲେ ।
ଉପନିବେଶର ସାମ୍ରାଜ୍ୟବାଦର
ଧରାବର୍ଣ୍ଣ ବୈଷମ୍ୟତା
ବିଷ ଦ୍ରୁମମାନ କରିଲ ବିଲୀନ
ଅସ୍ପୃଶ୍ୟତା ଅଜ୍ଞାନତା ।

ଉଦିତ ସୂର୍ଯ୍ୟର ସାମ୍ରାଜ୍ୟେ ଅସ୍ତର
ବୀଜ କଲ ଆବିଷ୍କାର
ଉଲଗ୍ନ ଫକିର କି କଲ ଫିକର
ଫିରିଙ୍ଗି ଶାସନ ଡୋର ।
ମୁକୁଟ ବିହୀନ ସମ୍ରାଟ ବିଦ୍ୱାନ
ମହାମନୀଷୀ ହେ ତୁମେ
ସହସ୍ର ବର୍ଷର ଶ୍ରେଷ୍ଠ ମାନବର
ଯଶଗାନ ବିଶ୍ୱ ଗ୍ରାମେ ।
ଜାତି, ସଂପ୍ରଦାୟ, ହିଂସା, ଦ୍ୱେଷ, ଭୟ
ଆତଙ୍କର ଚରାଭୂଇଁ
ଅଖଣ୍ଡ ଭାରତ ଖଣ୍ଡ ବିଖଣ୍ଡିତ
ଧର୍ମ ପାଗଳଙ୍କ ପାଇଁ ।
ଅହିଂସା ପୂଜାରୀ ଅହିଂସା ଫୁଲରେ
ପୂଜିଲ ଭାରତ ମାତା
ଅହିଂସା ରକ୍ତକୁ ତରପଣ କରି
ରଖିଲ ଭାରତେ କଥା ।
ଆଠହାତ ପିନ୍ଧା ଲଙ୍ଗଳା ଫକିର
କହି ଝିଙ୍ଗାସିଲ ଦୂରେ
ହସିହସି ବାପୁ ସବୁ ସହିଗଲ
ଚରକା ଧରି ହାତରେ ।

କାଟି ପିନ୍ଧ ବୋଲି କହୁଥିଲ ବାପୁ
ହାତେ କୁଟି କରି ଖାଅ
ସ୍ୱଦେଶ ଜିନିଷ (ଏବେ) ବିଦେଶକୁ ଦେଲୁ
ହେଲୁ ତାଙ୍କ ପୋଷ୍ୟ ପୁଅ ।
ସ୍ୱାଧୀନତା ଏଠି ସତସ୍ତରୀ ବର୍ଷରେ
ଆଖିକୁ ଦିଶେ ରୁଗ୍‌ଣ
ପରାଧିନ ଏବେ ଶତାୟୁ ହେଲେବି
ଦିଶୁଛି ହୋଇ ଯବାନ୍ ।
ହିଂସାର ପାହାଡ଼େ ଦୁର୍ନିତିର ଧ୍ୱଜା
ଶାସକ ଅବୁଝା ରାଜା
ତ୍ରିରଙ୍ଗା ପତାକା ତଳେ ନାରଖାର
ପ୍ରହସନ ଏହି ଧ୍ୱଜା ।
ନାରୀର ସୁରକ୍ଷା ନାରୀ ସ୍ୱାଧିନତା
ବଜାର ପଡୁଛି ହୁରି
ରାସ୍ତାଘାଟ ସବୁ ତାପାଇଁ ବିପଦ
ଯାନ ବାହାନ ଆହୁରି ।

ପାଠପଢ଼ା ସବୁ ପ୍ରହସନ ହେଲା
ବିଦେଶ ଯିବାଟା ମୁଖ୍ୟ
ଭିଟାମାଟି ସବୁ ବିକିରି କରିଣ
ବାପ ଯୋଗାଏ ଖୋରାକ ।
ତୁମ କଥା ବାପୁ ସପନ ହୋଇଲା
ନଥିରେ ପାଇଲା ଶୋଭା
ଛକରେ ଛକରେ ପତାକା ଉଡ଼ାଇ
କରନ୍ତି ସ୍ୱାଧିନ ସଭା ।
କେଉଁ ଦେଶଦ୍ରୋହୀ ଗୁଳିରେ ମହାତ୍ମା
ଟଳିଲେ 'ହେ ରାମ' କହି
ଦେଶପ୍ରେମ ବହ୍ନି ରାମ ରାଜ୍ୟ ଧ୍ୱନି
ତା ହୃଦେ ଜାଗିଲା ନାହିଁ ।
ଜୀବନ ଦର୍ଶନ ହେଉ ନିଦର୍ଶନ
ହୃଦେ ଗୁଞ୍ଜରଣ ଆମ
ଭାରତ ମାତାର ଶ୍ରେଷ୍ଠ ସନ୍ତାନ ହେ
ଚରଣେ କୋଟି ପ୍ରଣାମ ।

ଚାଉଳିଆଗଞ୍ଜ, କଟକ

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ପ୍ରାଚୀ

ମୈତ୍ରୀ ଭୂଷଣ ଖୁଣ୍ଟିଆ

ଜଗତେ ସରସ
ଧନ୍ୟ ଯେ ଉକ୍ରଳ
ଉତ୍କୃଷ୍ଟ କଳାର ଦେଶ
ସଂସ୍କୃତି ସମ୍ପନ୍ନ ରାଜ୍ୟ ବୋଲି
ପଡ଼ଇ ସବୁଠି ଚହଳ ।
ଇତିହାସ ଯଦି କଡ଼ ଲେଉଟାଏ
ସୃଷ୍ଟି ହୋଇଯିବ ସ୍ତବ୍ଧ
ଗୁଣ ଗାଉ ଗାଉ
ସମୟ ହେବନି
ସରିଯିବ ତାର ଆୟୁଷ ।
ଏହି ଉତ୍କଳେ ବିଜେ
ନିଜେ ଜଗନ୍ନାଥ
ସାମ୍ୟ ବାରତା ନେଇ
ତାହାରି କୋଳରେ
ଜନମ ଲଭି
ରହୁ ହୋଇ ଭାଇଭାଇ ।
ତାହାରି ଆଶିଷ
ଲଭି ଯେ ନର
ହୋଇଛି ଜଗତ ଜିତା
ପ୍ରାଚୀର ତଟେ
କେନ୍ଦୁଲି ଗ୍ରାମେ
ଜନମ ଲଭିଲେ
ଗୀତଗୋବିନ୍ଦ ରଚୟିତା ।

ତାହାରି କୂଳେ
ସୁନ୍ଦର ସଭ୍ୟତା
ହୋଇଥିଲା ଦିନେ ଠିଆ
ସେ ମାଟିରେ
ଜନମି ଥିଲେ
କେତେ ସାଧୁସନ୍ଥ
ଦାର୍ଶନିକ ପରା ।
ଆଜି ନାହିଁ ପ୍ରାଚୀ
ନାହିଁ ସେ ଫଲଗୁର ଧାର
ଖାଲି ଯେ ବାଲୁକା ରାଶି
କେତେ କାଳ ହେଲା
ମରିତ ଯାଇଛି,
ପଡ଼ି ରହିଛି ଖାଲି ସ୍ମୃତି ।
ମଠ ବାଡ଼ି ତାର
ପତିତ ରହିଛି
ହେଉଛି ଜୀର୍ଣ୍ଣମୁଖି
ସେଇ ଯା ସଂସ୍କୃତି
ଉଦ୍ଧାରିବା ପାଇଁ
ହୁଅରେ ଦାୟଦ ଏକାଠି ।
ଆମରି ହାତରେ
ପ୍ରାଣ ଭରି ଦେବା
ସେହି ପୂର୍ବସୁରୀଙ୍କର
ଅମ୍ଳାନ ଯଶ କୀର୍ତ୍ତି ।

ମହାନଦୀ ବିହାର, କଟକ
ଦୂରଭାଷ : ୮୦୯୮୩୯୯୦୩୦

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ବାପୁଙ୍କ ସ୍ମରଣେ

**ଇଂ. ହରେକୃଷ୍ଣ ଦଳାଇ**

ହେ ପ୍ରଣମ୍ୟ ମହାତ୍ମା ।
ତୁମେ ମାନବରୁ ମହାମାନବ
ନାୟକରୁ ମହାନାୟକ
ସାଧାରଣରୁ ଅସାଧାରଣ
କହିବାକୁ ଭାଷା ନାହିଁ
ଗାଇବାକୁ ତୁମ ଯଶ ପଉରୁଷ ।
ଯେତେ କହିଲେ ବି କମ୍ ହେବ
ତୁମ ଗୁଣର ଗାରିମା
କଅଁଳ ବୟସରୁ ସଂସାର ଗଢ଼ି
ଇତିହାସ ରଚିଗଲ ସୋପାନର ପାହାଚ ଚଢ଼ି
କଥା ଆଉ କାର୍ଯ୍ୟ ସମନ୍ୱୟରେ
ପ୍ରଚଣ୍ଡ ଏକନିଷ୍ଠ ବିଶ୍ୱାସୀ
ସତ୍ୟ ତ୍ୟାଗ ନ୍ୟାୟ ପଥେ
ନିଜେ ଚାଲି ଅନ୍ୟକୁ ଶିଖାଇଲ ।
ଅହିଂସା ଅସ୍ତ୍ରକୁ ଆୟୁଦ୍ଧ କଲ
ପ୍ରବଳ ପ୍ରତାପୀ ଇଂରେଜ ଶାସକଙ୍କୁ
ପରାଜୟ ବରିବାକୁ ଅଣନିଶ୍ୱାସୀ କଲ
ନିଜେ କୁଟି ଖାଇ ନିଜେ କାଟି ପିନ୍ଧି
ମନ୍ତ୍ରରେ ମନ୍ତ୍ରିତ କଲ
ଭାରତବାସୀଙ୍କ ମନ ଓ ପ୍ରାଣରେ
ଛୁଆଁ ଅଛୁଆଁ-ସବର୍ଣ୍ଣ-ଅସବର୍ଣ୍ଣ
ଭେଦଭାବ ଛାଡ଼ି ଉଦ୍‌ବୁଦ୍ଧ କଲ
ପରସ୍ପର ପ୍ରତି ଶ୍ରଦ୍ଧା ଓ ପ୍ରେମର ବାଣୀ ।
ଆମ ହସ୍ତେ ସ୍ୱାଧୀନତା ଦେଇ
ଗୁଳିବିଦ୍ଧ ଜୀବନର ଅସ୍ତରାଗ ଦେଖିଲ ସତ
ହେଲେ ଇତିହାସ ଲେଖାଗଲା
ଚିରଦିନ ପାଇଁ 'ହେ ରାମ ହେ ରାମ' ଶବଦରେ ।
ପ୍ରତିହତ କରି ପରାଧୀନ - ଆମେ ଆଜି ସ୍ୱାଧୀନ
ଆମେ ଭାରତବାସୀ ଅନେକରେ ଏକ-
କେବେ ବି ନୁହେଁ ଅଭିନ୍ନ
'ସବକା ସାଥ ସବକା ବିକାଶ'
ଅଟେ ଆମ ସ୍ଲୋଗାନ ।
ତୁମ ଜନ୍ମ ଜୟନ୍ତୀରେ କରୁ କୋଟି ପ୍ରଣାମ
ଅକ୍ଷୁର୍ଣ୍ଣ ରହିଥାଉ ବାପୁ ଦିଗ୍‌ଦର୍ଶନ
ସ୍ମରଣରେ ରହୁ ତୁମ ଅବଦାନ
ଆଜିର ନୀତିଭ୍ରଷ୍ଟ ସମାଜ ଦିଗହରା
ଜାତିପ୍ରଥା ପୁନର୍ଜୀବିତ,
ପୁନର୍ଜୀବିତ ହିଂସା ପ୍ରତିହିଂସା କ୍ରୋଧ
ଅତ୍ର ତତ୍ର ସର୍ବତ୍ର ଯୁଦ୍ଧର ତାଣ୍ଡବ
ନିରାକରଣର ସମାଧାନ ନେଇ
ପୁନଶ୍ଚ ଅବତରୀ ଆସ -
ଏହି ଆଜିର ସମର୍ପଣ ।

ନୂଆବଜାର, କଟକ
ଦୂରଭାଷ : ୮୮୯୫୨୭୮୪୯୪

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଲଉଡ଼ି ପୁରୁଷ

ଶ୍ରୀ ଚୈତନ୍ୟ କୁମାର ସାହୁ

ତୁମେ ନାହଁ ଆଜି ଏଠି
କେଉଁଠି ଗଲ ଆମେ ଖୋଜୁ ସବୁଠି
ଲଉଡ଼ି ପୁରୁଷ ଥିଲା ତୁମ ନାମ
ଲଉଡ଼ିରେ ଗଢ଼ି ଆଣୁଥିଲ ପ୍ରଭୁ ନାମ
କରଇ ପ୍ରାର୍ଥନା ପ୍ରଭୁଙ୍କୁ ଆମେ ସର୍ବେ
ତୁମ ଆତ୍ମା ଶାନ୍ତି ଦିଅନ୍ତୁ ରୁହ ତୁମେ ସ୍ୱର୍ଗେ ।
ତୁମ ଆଦରଶ ଆମର ଗଇଣ୍ଠି
ଜୀବନେ ରହୁ ଯେ କର୍ମେ ସବୁଠି ।
ଫଗୁ ଦଶମୀରେ ଅଭିର ସଙ୍ଗେ ଲଉଡ଼ି
ତୁମ ପ୍ରାଣ ସ୍ପନ୍ଦନ ମନେପଡ଼େ ସେଦିନ
ଆଜିର ଦିନରେ ପ୍ରଭାତି ।
ରଖିଗଲ ରାଧେ ଗୋବିନ୍ଦ ଗୋପାଳ ଧନ
ତାଙ୍କ ପ୍ରିୟ ପବିତ୍ର ଏଇ ଲଉଡ଼ି ଖେଳର ଚାରଣ ।
ଧନ୍ୟ ତୁମେ ଲଉଡ଼ି ପୁରୁଷ କରେ ମୁଁ ପ୍ରଣାମ
ତୁମ କୀର୍ତ୍ତି ରହୁ ଅମର ଏ ଧାମେ ପବିତ୍ର ନାମ ।

ଦୂରଭାଷ : ୯୯୫୮୮୭୬୩୪୫

# ଭାବନାର ଧାରା

ଶ୍ରୀମତୀ ମନୋଜା ନାୟକ

କହିଦିଅ ଭାବନାର ଅହେତୁକ ପ୍ରଶ୍ନମାଳା
ବସିଛି ମୁଁ ସମର୍ପି ଦେବି କାହାକୁ ପ୍ରୀତିଧାରା
ଆନମନା ହୁଅ କିବା ଭାବିଅଛି ନିଜସାଥୀ
ଦୂରେ ଅବା ପାଶେ ରୁହ ଚାଲୁଥିବି ନିତି ପ୍ରୀତି ।
ସୁଗନ୍ଧରେ ଭରିଦେବି ତୋ ଜୀବନ ଉପବନ
ମଧୁମୟ ଉଦ୍ୟାନରେ ବିତରିବା ନିଶିଦିନ ।
ହସି ହସି ଗାଇଯିବା ଜୀବନର ପଥେ ସାଥୀ
ଦୂର ଦିଗ୍‌ବଳୟ ଛୁଇଁଯିବା ହାତରେ ହାତ ଛନ୍ଦି ।
ସପନର ଲହରୀରେ ଭାସିଯିବା ବହୁଦୂରେ
ପକ୍ଷୀ ସମ ଉଡ଼ିଯିବା ଡେଣାମେଲି ଆକାଶରେ ।
ନୀଳନୟନ ପୂର୍ଣ୍ଣ ହେବ ଦେଖି ଜୀବନର ଆଭା
ଚଉଦିଗ ବାସଯୁକ୍ତ ହେବ ଦେଖି ପ୍ରେମ ପ୍ରଭା ।
ମତୁଆଲା ଭାବେ ଆସ ଝୁମିଯିବା ଏକାନ୍ତରେ
କିଏ ଜାଣେ କେଉଁ ଅଭିଳାଷ ପୂର୍ଣ୍ଣହେବ ଏ ଜନ୍ମରେ ।
ଆସ ସାଥୀ ଦେଖ ଥରେ ଉଜାଣି ଏ ସଂସାରକୁ
ମନ ମୋର ଖେଳି ଉଠେ, କାହାର ଯେ ଶ୍ରୀମୁଖକୁ ।
ସାଥେ ଧରି ମୋର ହାତ ଛୁଇଁ ଯାଅ ହୃଦୟକୁ
ପୂର୍ଣ୍ଣତାରେ ଭରିଦିଅ ଆଜି ସେହି ଭାବନାକୁ ।

ଅନୁଗୁଳ
ଦୂରଭାଷ : ୯୩୩୭୯୫୮୮୩୨

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ମୋ ଗାଁ ପାଇଁ ପଦେ

**ଶ୍ରୀମତୀ ଆରତି ରାଣୀ ଡାକୁଆ**

ଗାଆଁ ତ ଗାଆଁ ମୋରି ଗାଆଁ
କେହି ନୁହେଁ ତା' ସରି,
ସାରା ରାଇଜେ ନାଆଁଟି ତା'ର
ଭଲ ଲାଗେ ମତେ ଭାରି ।
ପାଣି, ପବନ ଏତେ ମଧୁର
ଭୁଲି ହୁଏନା ସତେ,
ପ୍ରବାସେ ରହି ଯେତେ ଅର୍ଜିଲେ
ମନ ଭରେନା ସତେ ।
ନିତି ପ୍ରତ୍ୟୁଷେ ସେ ଦୂରାକାଶେ
ଉଏଁ ଯେବେ ସୂରୁଜ,
ମୋ ଗାଆଁ ଦାଣ୍ଡେ ସତେକି ବୁଣେ
ତମ୍ପା ବରନ ମୁରୁଜ ।
ଚାଷୀ ଭାଇଏଁ ଧରିଣ ସଜ
ବାହାରନ୍ତି କୃଷି କ୍ଷେତ୍ରେ,
ପୁଲକ ଜାଗେ ପରାଣେ ମୋର
ଦେଖିଲେ ସେ ଦୃଶ୍ୟ ନେତ୍ରେ ।

କାହାରି ମନେ ନଥାଏ ଯହିଁ
ହିଂସା, କପଟ ସ୍ୱଭାବ,
କାନ୍ଧକୁ କାନ୍ଧ ମିଳାଇ ସର୍ବେ
ରଖି ଭାଇଚାରା ସଦ୍ଭାବ ।
ତିଳେ ବି ଯହିଁ ନଥାଏ ସତେ
ଜାତି ବର୍ଣ୍ଣର ଭିନ୍ନତା,
ପ୍ରତିଟି ପ୍ରାଣେ ଖେଳଇ ଯହିଁ
ଶାନ୍ତି, ମୈତ୍ରୀ ଓ ସମତା ।
ଆମ ଗାଆଁର ବିକାଶ ପଥେ
ସଦା ମତି ମୋର ରହୁ,
ଏତିକି ଅଳି ତବ ଛାମୁରେ
ଜଣାଏ ମୁଁ ହେ ମହାବାହୁ ।

ପ୍ରଧାନ ଶିକ୍ଷୟିତ୍ରୀ
ବାନ୍ଧବପଡ଼ି ସରକାରୀ ଉ.ପ୍ରା. ବିଦ୍ୟାଳୟ

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ସନ୍ଧ୍ୟା

ଗୀତାଞ୍ଜଳି ନାୟକ

କଳା ଚାଦରକୁ ଘୋଡ଼ିହୋଇ କାହିଁ
ବସୁଧା ଆସିଲା ଧାଇଁ
ଆକାଶ ମଥାରୁ ନାଲିଆ ଟିପାଟା
କୁଆଡ଼େ ଗଲା ଉଭେଇ ।
ଚଢ଼େଇ ଉଡ଼ିଲେ ନିଜ ନୀଡ଼ ପଟେ
ସୁନେଲି ପର ଉଡ଼େଇ
କଅଁଳା ବାଛୁରୀ ରହିଛି ଅନେଇ
ମାଆଠୁଁ ଦୂରରେ ଥାଇ ।
ଗୋଠରୁ ଆସିଲେ ମାଆ କ୍ଷୀର ପିଇ
ଆନନ୍ଦେ ପଡ଼ିବ ଶୋଇ
ହମ୍ବା ରଡ଼ି କରି ଡାକଇ ମାଆକୁ
ରହିଛି ବାଟକୁ ଚାହିଁ ।
ସବୁ କୋଳାହଳ ଖେଳ ସାରିଦେଇ
ପିଲାଏ ପ୍ରାର୍ଥନା ପାଇଁ
ଠାକୁରଙ୍କ ପାଖେ କରନ୍ତି ପ୍ରାର୍ଥନା
ସଦ୍‌ବୁଦ୍ଧି ସଦ୍‌ଜ୍ଞାନ ପାଇଁ ।

ଦିନର କ୍ଳାନ୍ତିକୁ ପଛରେ ପକାଇ
ଚଷା ଭାଇ ଆସେ ଧାଇଁ
ଭାଗବତ ଟୁଙ୍ଗୀ ରହିଛି ଅନାଇ
ସଭିଙ୍କୁ ନିଏ କୋଳେଇ ।
ଭାଗବତ ଦ୍ୱାରା କେତେ ଉପଦେଶ
କାନେ ପୁଣି ଦିଏ କହି
କଅଁଳା ପୁଅକୁ ଶାଶୁ କୋଳେ ଦେଇ
ବୋହୂଟି ଆସିଲା ଧାଇଁ ।
ସଞ୍ଜବତୀ ଦେଇ ଚଉରା ମୂଳରେ
ଦେଲା ସେ ଦୀପ ଜଳେଇ
ମଙ୍ଗଳ ମନାସି ବିଭୁ ପାଦ ତଳେ
ଦେଲା ସେ ମୁଣ୍ଡ ନୁଆଁଇ ।
ସନ୍ଧ୍ୟା ସରିଗଲା ରାତି ଆସିଗଲା
ଚନ୍ଦ୍ରମା ଆସିଲେ ଉଇଁ
ବୋଉ କୋଳ ଧରି କୁନାକୁ ଦେଖାଏ
ଜହ୍ନମାମୁଁ ପରା ଏଇ ।

ନୂଆପଡ଼ା, ବାଲିସାହି, କଟକ

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ବୈଚିତ୍ର୍ୟତା

କୁନଲତା ତ୍ରିପାଠୀ

କେତେ ବୈଚିତ୍ର୍ୟତା ଭରି ଦେଇଅଛ ତୁମ ଏ ଦିବ୍ୟ ଦୃଷ୍ଟିରେ
କେଉଁଠାରେ ଉଚ୍ଚ ପର୍ବତର ମାଳା କେଉଁଠି ସାଗର ଖେଳେ ।
ଧୂସର ମରୁଭୂମି କାହିଁ ବ୍ୟାପିଛି କେଉଁଠାରେ ସମତଳ
କି ଜୀବଜଗତ ପ୍ରକୃତିର ଶୋଭା ମହାନତା ହିଁ ତୁମର ।
ଅସଂଖ୍ୟ ଏ ଜୀବଜଗତ ମଧ୍ୟରେ କେହି ନୁହେଁ କାହା ପରି
ଆକୃତି ପ୍ରକୃତି ସ୍ୱଭାବରେ ସର୍ବେ ଭିନ୍ନ ଭାବ ଥାନ୍ତି ଧରି ।
କେ କଥା କହଇ କେ ଭାବ ଦିଅଇ କେ କରୁଥାଏ ଗର୍ଜନ
କୋଇଲିର କଣ୍ଠେ କୁହୁତାନଟିଏ କାଆ ରାବେ କୁଆ ପୁଣ ।
ପ୍ରତି ଜୀବ ମଧ୍ୟେ ଭିନ୍ନତା ରହିଛି କାହିଁ କେତେ ବିବିଧତା
ଭାବି ହୁଏନାହିଁ ବିଶ୍ୱନିୟନ୍ତାଙ୍କ କର୍ତ୍ତୃତ୍ୱର ବୈଚିତ୍ର୍ୟତା ।
କେ ମାଆ ଗର୍ଭରୁ ଜନମ ଲଭଇ କେ ଅଣ୍ଡା ଫାଟି ବାହାରେ
ଝାଳ ମଇଳାରୁ ଜୀବ ଜାତ ହୁଏ ଜନମ ହେଲେ ମୃତ୍ୟୁରେ ।
ଭିନ୍ନତା ମଧ୍ୟରେ ଏକତା ଅଟଇ ସର୍ବ ପିତା ପରମାତ୍ମା
ଭୂମି, ଜଳବାୟୁ, ଆଲୋକ ସେବନେ ସମସ୍ତେ ହିଁ ଏକ ଆତ୍ମା

ସମସ୍ତଙ୍କ ମଧ୍ୟେ ରକ୍ତ ବହୁଥାଏ ହାଡ଼ମାଂସେ ଗଢ଼ା ଥାଇ
ଭୂମିରୁ ଭୂମାରେ ସମସ୍ତଙ୍କ ବାସ ମଲେ ସର୍ବେ ମାଟି ହୋଇ ।
ଆହାର ବିହାର ସମସ୍ତେ ଲୋଡ଼ନ୍ତି ନିଦ୍ରା, ଭୟ ଓ ମୈଥୁନ
କେବଳ ମାନବ ଦେହେ ଦିବ୍ୟଜ୍ଞାନ ଦେଇଛନ୍ତି ଭଗବାନ ।
ଅନନ୍ତ ଏ ସୃଷ୍ଟି ଅସୀମ ଅଟଇ ଚିନ୍ତା ଚେତନା ବାହାରେ
ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି ମଣିଷ ହିଁ କରିପାରେ ।
ହେ ଭାଇ ଭଉଣୀ ମନେରଖ ସବୁ ଆମେ ଈଶ୍ୱର ସନ୍ତାନ
ଭେଦ ଭାବ ଭୁଲି ଈଶ୍ୱରଙ୍କ ସୃଷ୍ଟି କରି ଦେବାରେ ମହାନ ।
ବ୍ୟକ୍ତିଗତ ସ୍ୱାର୍ଥ ଜଳାଞ୍ଜଳି ଦେଇ ସମୂହ ସ୍ୱାର୍ଥ ସାଧନେ
ପ୍ରୟାସଟିଏ ହିଁ ଜାରି ରଖିଥିବା ଆମ ଚିନ୍ତନେ ଓ କର୍ମେ ।
ବିଶ୍ୱ ଭ୍ରାତୃତ୍ୱର ମନ୍ତ୍ରରେ ଦୀକ୍ଷିତ ହେବାକୁ ଶପଥ ନେବା
ଆନନ୍ଦ ମନରେ ନିରଳସ ହୋଇ କର୍ତ୍ତବ୍ୟ କର୍ମ କରିବା ।
ଜୀବନ ହୋଇବ ସରସ ସୁନ୍ଦର ପ୍ରକୃତି ହସି ଉଠିବ
ବୈଚିତ୍ର୍ୟତା ଭରା ଏ ସୃଷ୍ଟିସମ୍ଭାର ଆନନ୍ଦମୟ ହୋଇବ ।

ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ, କଟକ
ଦୂରଭାଷ : ୮୩୩୯୦୫୧୧୭୩

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ସମର୍ପଣ

ଗୀତା ଦାସ

ପ୍ରୀତିର ଉପହାରଟିଏ
ଦେବି ବୋଲି ଭାବୁଛି
ଗ୍ରହଣ କରିବକି ନାହିଁ
ସେ ତୁମ ଇଚ୍ଛା
ଇଚ୍ଛା ତ ପୁଣି ମୋର ଅଛିନା
ଇଚ୍ଛାକୁ ଚାପିଚୁପି ଦେଲେ
ମନ ମୋର ଊଣା ହୋଇଯିବନି କି ?
ଚିକ୍ ଚିକ୍ କରୁଥିବା ମନର ଭାଷାକୁ
ଥୋଇ ଦେବାପାଇଁ
ଚେଷ୍ଟା କରିବି ତ !
ଦୁଃଖ ସବୁ ଏକାଠି କରି
ମାଟି ଦେଇ ଭଙ୍ଗା କାନ୍ଥରେ ଲେସିବି ।
ଯନ୍ତ୍ରଣାକୁ ଚିରି ଟିକ୍‌ଟିକ୍ କରିଦେବି ।
ଅଭିମାନର ଧାରାକୁ ଭାଙ୍ଗି ଦେବି ।
ଅହଙ୍କାରକୁ ନୀଳସମୁଦ୍ରରେ
ଫିଙ୍ଗି ଦେବି ।
ଖୁସିର ଲହରୀକୁ ପୁଞ୍ଜି କରି
ବିଞ୍ଚି ଦେବି ।
ନେବ ନା ?
ପକ୍ଷୀରାଜ ଘୋଡ଼ାଚଢ଼ି
ନୀଳ ଆକାଶରେ ହଜିଯିବି ।
ଆଉ ଫେରିବିନି କେବେ ।
ଜୋର୍‌ରେ ଦୌଡ଼ିବି ।
ଦୌଡ଼ି ଦୌଡ଼ି ହାଲିଆ ହେଲେ
ଘୋଡ଼ା ପିଠିରେ ଶୋଇଯିବି ।
ହସର ଫଗୁଆ ସାଥିରେ ନେଇ
ସବୁ ଦେଲାପରେ
ହାତ ମୋର ଶୂନ୍ୟ ହୋଇଯାଇଥିବ
ଶୂନ୍ୟତା ତ ଆନନ୍ଦ
ତା' ଭିତରେ ପରା
ଖୁସିର ସାଇତା ପେଡ଼ି ଅଛି ।

ଫିରିଙ୍ଗି ବଜାର, କଟକ-୭୫୩୦୦୯
ଦୂରଭାଷ : ୯୪୩୭୩୧୯୧୫୩

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ବଗଲା ଅଜା

ଅନ୍ନପୂର୍ଣ୍ଣା ସାହୁ

ବଗଲା ଅଜା ଓ ଚଗଲା ନାତି,
ମିଳିମିଶି ନିତି ଚୋରି କରନ୍ତି ।
ସାଇ ପଡ଼ିଶାଙ୍କ ବାଡ଼ିର ଫଳ,
ସକାଳୁ ତୋଳନ୍ତି ନାଁରେ ଫୁଲ ।
କା ବାଡ଼ି ପିଜୁଳି କା ବାଡ଼ି ଲଙ୍କା,
ତୋଳି ଆଣିବାରେ ନଥାଏ ଶଙ୍କା ।
ଥିଲା ଅଜାଙ୍କର କୋଠାର ପଛ,
ପଡ଼ିଶା ବାଡ଼ିର ସଜନା ଗଛ ।
ଅଳପ ଅଳପ ତୋଳନ୍ତି ଅଜା,
ନିତି ହୁଏ ଛୁଇଁ ବେସର ଭଜା ।
ଦିନେ ଅଜା ଡାହି ଭିଡ଼ିଲା ବେଳେ,
ଗଛ ଭାଙ୍ଗି ଅଜା ପଡ଼ିଲେ ତଳେ ।
ଅଜାଙ୍କୁ ଟାଣଇ ନାତି ବିକଳେ,
ଲୁଙ୍ଗି ରହିଗଲା ନାତି ହାତରେ ।
ବୋପାଲୋ ମାଆଲୋ ରଡ଼ି କରିଲେ,
ପାଖ ଲୋକ ଶୁଣି ଧାଇଁ ଆସିଲେ ।
ଦେଖି ଅଜାଙ୍କର ବିବସ୍ତ୍ର ବେଶ,
ସମସ୍ତେ ମାରିଲେ ମୁରୁକି ହସ ।

ମୁଣ୍ଡ ଫାଟି ରକ୍ତ ଯାଉଛି ବହି,
ଅଣ୍ଟାଭଙ୍ଗା କଷ୍ଟ ନ ହୁଏ ସହି ।
ନିନ୍ଦା ଅପମାନ ଯେତେକ ହେଲା,
ଛୁଇଁ ଖିଆ ସୁଖ ବାହାରି ଗଲା ।
ନାତି ପାଟି ଶୁଣି ଆସିଲା ପୁଅ,
ଲୋଭ କଲା ଫଳ ଏବେଟି ପାଅ ।
ବଜାରୁ ଆଣୁଛି ପରିବା ଯେତେ,
ନାଁ ପକା କାମ କରୁଛ ସେତେ ।
କଷ୍ଟେ ବୁଢ଼ା ଦେହେ ଲାଗିଲା ନିଆଁ,
ନିତି ଖାଉ ମନା ନ କରୁ କିଆଁ ।
ଆଜି ସମ୍ମାନରେ ଆସିଲା ଆଞ୍ଚ,
କେତେ କଥା କହୁ ଦେଖାଇ ପେଞ୍ଚ ।
ଟେକି ଟାକି ନେଲେ ଡାକ୍ତରଖାନା,
ଚିକିତ୍ସାରେ ଗଲା ମୋଟା ପାଉଣା ।
ଦେହ ମନ କଷ୍ଟ ଅଜା ପାଇଲେ,
କଲା କର୍ମଫଳ ଭୋଗ କରିଲେ ।
ସେହି ଦିନୁ ଅଜା ବୁଦ୍ଧି ଶିଖିଲେ
ଆଉ କାହା ଗଛେ ହାତ ନ ଦେଲେ ।

ଗୌତମ ନଗର, କଟକ-୪

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସ୍ୱଦେଶ ପ୍ରୀତି

**ବନଲତା ସିଂହ**

ପଚାରିଲା କୁନା ତା ବାପାଙ୍କୁ ଦିନେ
କାଳିଆ, ବଳିଆ ବଳଦ ଚାଲିଗଲେ କେଣେ ?
ମା' ଦେଉ ନାହିଁ ଆଉ କୁଣ୍ଡା ମିଶା ତୋରାଣି
ଲାଞ୍ଜ ହଲାଇ ପିଉ ନାହାନ୍ତି ଆଉ ଦୁଇ ପରାଣୀ ।
ବାପା କହିଲେ କୁନା ଦେଖୁନୁ ଟ୍ରାକଟର
ଆଉ କ'ଣ ଲୋଡ଼ା ଏହି ବଳଦଙ୍କର ।
ବିଦେଶୀ ଜିନିଷ ଦେଲା ଆମ ଆଖି ଖୋଲି
ବିନା ପରିଶ୍ରମରେ ଚାଷ ପଡ଼ିବ ଉଛୁଳି ।
କୁନା କହିଲା ବାପା ଆମେ ଗାନ୍ଧି ଦେଶ ଲୋକ
ସ୍ୱଦେଶରେ ଚଳିବା ଆମେ ଜୀବନ ଯାକ ।
ଶାରଦ ଧାନର ସୁଆଦ ତାଇଚୁନ୍‌ରେ ନାହିଁ
ପାଟି ଥକି ଯାଉଛି ଚୋବାଇ ଚୋବାଇ ।
ଆମକୁ ବୋକା ଭାବି ବିଦେଶ ଦିଏ ଯୋଗାଇ
ପ୍ଲାଷ୍ଟିକ ଚାଉଳ ପ୍ଲାଷ୍ଟିକ ଅଣ୍ଡାକୁ ଖୁଆଇ ।
ପ୍ଲାଷ୍ଟିକର ମଣିଷ ଆଉ କେତେ ଦୂର
ଗଛଲତା ପଶୁପକ୍ଷୀ ପ୍ଲାଷ୍ଟିକର ଘର ।
ସବୁ ଦେଖି ଆମେ ହୋଇଯିବା ଖୁସି
ଅଜଣା ବ୍ୟାଧି ଆସି ପେଟେ ଗଲାଣି ପଶି ।
ଆମ ଦେଶେ ଅଭାବ କି ଆମ ବାଡ଼ି ଖତ
ଯାହା ପାଇଁ ହସୁଥିଲା ଆମ ଚାଷ କ୍ଷେତ ।
ମାଟିର ହାଣ୍ଡି ଆଉ ମାଟି କାଠ ଚୁଲି
ସେ ରୋଷେଇର ସ୍ୱାଦ କିମ୍ପା ଗଲେ ଭୁଲି ।
ନଡ଼ିଆ, ସୋରିଷ, ଜଡ଼ା ଯେତେ ଘଣା ତେଲ
ରୋଗ ନିବାରଣ ପୁଣି ଶରୀରକୁ ଭଲ ।
ଶୁଣ ବାପା ଆମ ମନେ ଦିଅ ହେ ଶକତି
ସ୍ୱଦେଶ ଜିନିଷରେ ବଢୁ ଆମର ପ୍ରୀତି ।
ସଭିଏଁ ମିଳି ବଢ଼ାଇବା ଏକତାର ହାତ
ସାବାଡ଼ ହୋଇବେ ଯେତେ ବିଦେଶୀଙ୍କ ଭକ୍ତ ।
ଆମ ଧମନୀରେ ପରା ସ୍ୱଦେଶର ରକ୍ତ
ଆମ ପରି ରକ୍ତ ତାଙ୍କ ନୁହେଁ ଧଳା ରକ୍ତ ।

ଗଣ୍ଡରପୁର, କଟକ-୩
ଦୂରଭାଷ : ୮୭୬୩୦୬୬୧୦୩

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ଜୀବନ ତରୀ

ପ୍ରଭାତି ରାଣୀ ମହାନ୍ତି

ଅଫୁରନ୍ତ ଏହି ଅଥଳ ସ୍ରୋତେ
ଜୀବନ ତରୀ ମୋ ଯାଉଛି ଭାସି
ନିଃସ୍ୱ ଆଜି ମୁଁ ଚାଲିଛି ଏକା
ନାହାନ୍ତି ବନ୍ଧୁ ନାହାନ୍ତି ସାଥି ।୧ ।

ହୃଦୟ ଦ୍ୱାରେ ପିଟୁଛି କିଏ
ତୁହାକୁ ତୁହା ଆଘାତ ଦେଇ
ଅତୀତକୁ ମୁଁ ଚାହିଁବି ନାହିଁ
ଧରମ ପଥେ ଚାଲିବି ମୁହିଁ ।୨ ।

କେତେ ଗ୍ରୀଷମ ରୌଦ୍ରତାପ
ଜାଳିଛି ପରା ହୃଦୟେ ମୋର
ଆଷାଢ଼ ଢାଳେ ଶ୍ରାବଣ ଧାରା
ପିଇଛି ଲୁହ କେତେ ଯେ ବାର ।୩ ।

ନିର୍ମଳ ଚନ୍ଦ୍ର ଆକାଶ ବୁକେ
ମେଘ ମହ୍ଲାର ଗାଉଛି ଗୀତ
ତା'ର ପବନ ଶୀତଳ ଜୋଛନା
ପୁଲକ ମୋତେ କରୁଛି ସେତ ।୪ ।

ମରିବା ଆଗୁ ପାରୁନି ବଞ୍ଚି
ଯିବାକୁ ଅଛି ଅନେକ ପଥ
ପ୍ରତିଘାତର କରୁଣା ରାଗ
ଅଟକି ଯାଏ ଜୀବନ ରଥ ।୫ ।

କବିଟିଏ ତ କାନ୍ଦିବା କେବେ
ଦେଖିଛ କୁହ ବନ୍ଧୁ ହେ ମୋର
ଅମୃତ ବାଣ୍ଟି ଏ ଧରା ବୁକେ
ଜହର ପିଏ ସେ ବାରବାର ।୬ ।

ନିଃସ୍ୱ ସିନା ଜୀବନେ ସିଏ
ଜୀବନ ପାତ୍ର ପୂର୍ଣ୍ଣ ତାର
ହାରି ବି ଜିତେ ସବୁଠି ସିଏ
ବୁଝେନା କେହି ବେଦନା ସ୍ୱର ।

ଦୂରଭାଷ : ୯୭୭୭୩୨୯୯୮୫

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# କରୁଣାର ଅନୁକମ୍ପାର ହାତ ଯେବେ ଛୋଟ ପଡ଼ିଯାଏ

ରୀତାଞ୍ଜଳି ପ୍ରଧାନ

ସମସ୍ୟା ଯେତେବେଳେ
ବଜାରର ପେଁକାଳି ପାଲଟି ଯାଏ
ଯେ କେହି ଆସି ପରୀକ୍ଷା ନିରୀକ୍ଷା କରି
ନିଜ ନିଜ ଅଭିମତ ରଖି
ଅକ୍ଳେଶରେ ବଜେଇ ଦେଇଯାଏ ।
ଅଭିମତର ପସରାରେ ବୁଡ଼ିଯାଏ
ନିଜେ ଧରି ରଖିଥିବା ଆବାହମାନ କାଳର
ପ୍ରଥା, ଚଳଣି ଅଥବା ପସରା ମୂଲ୍ୟବୋଧର
ବଞ୍ଚି ଶିଖିଥିବା ସତ୍ୟ ବି ମିଥ୍ୟା ଲାଗି ବସେ
ଯେମିତି ତିନି ତୁଣ୍ଡରେ ଛେଳି କୁକୁର ।
ସମସ୍ୟା ଯେତେବେଳେ ନିଜେ
ଅଛିଣ୍ଡା ଗଣିତର ମାନସାଙ୍କ ହୋଇ
ବିଷମ ପାଲଟି ଯାଏ
ନିଛକ ଦୁଃଖ ନିଜସ୍ୱ କର୍ଦ୍ଦମାକ୍ତ
ଅନୁଶୋଚନାରେ ବୁଡ଼ି ରହିଥିବା
ବ୍ୟକ୍ତିତ୍ୱଟି ହାତ ବଢ଼ାଏ...
ହାତ ପାଆନ୍ତାରେ ଥିବା କେହି
ଆତ୍ମୀୟ ଆଡ଼କୁ
କରୁଣାର ଅନୁକମ୍ପାର ନିଷ୍ପାପରତାର ଆଶ୍ରିତ
ଯେତେ ସବୁ ଭାବକୁ ଉଦ୍ଧାରିବାକୁ ।
ଠିକ୍ ସେତିକି ବେଳେ ଯଦି ସବୁ
ସାର୍ବଜନୀନ ହୋଇଯାଏ
କାହାର ଜାଣତେ ବା ଅଜାଣତେ... କିଏ ଜାଣେ
ପବନର ବେଗ ବି ତ
ବେଳେ ବେଳେ କଥା କହେ
ଯାହା ଶବ୍ଦର ତରଙ୍ଗରେ
ଅନ୍ୟ ଏକ ରୂପ ନେବା ଅସମ୍ଭବ ନଥାଏ;
ତା'ପରେ...
ସେଠି ଖାଲି ଅଥୟ ବେଦନାର
ଇସ୍ତାହାର ଯାହା ସ୍ଥାନ ନିଏ
ଯେ କେହି ଆସି ଟେକାଟିଏ ଫୋପାଡ଼ିବାର
ଅଧିକାର ପାଇଯାଏ,
ଚିନ୍ତା ବିନା... କାହିଁକି ନା
ସେ ଟୋକାଟା ଦୁର୍ଭାଗ୍ୟ ବଶତଃ
ଶାଳୀନତା ବିହୀନ ସବୁବେଳେ ଥାଏ ।
ପରିଣତି.... !!
ପଶି ଯାଇପାରେ ସେ ବୁଡ଼ି ଯାଉଥିବା
ମଣିଷର ଆଖିରେ ପାଦରେ
ଲାଗି ଯାଇପାରେ ସହସ୍ର ବର୍ଷର
ପଚାସଢ଼ା ଭାବର ଅଣୁ
କେଉଁ ଅଭାବିତ ଅସମାପ୍ତ
କରୁଣାର ଧାରା ଉପରେ
ଆଉ ରକ୍ଷା କରିବାର
ଆର୍ତ୍ତ ଚିତ୍କାର କରୁଥିବା ସ୍ୱପ୍ନ
ବିଲୀନ ହୋଇ ଯାଇପାରେ ଅସମାପ୍ତ
ସେଇ କର୍ଦ୍ଦମାକ୍ତ ଭାବର ମରୁରେ
ଅନୁଶୋଚନା ବିହୀନ ଆତ୍ମୀୟଙ୍କ
ଆତ୍ମୀୟତା ଭିତରେ ।

ମାର୍ଫତ- ଡକ୍ଟର ଶରତ କୁମାର ପ୍ରଧାନ
ଏନ୍.ଆର୍.ଆର୍.ଆଇ, କଟକ

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# କୋକେଇରେ ଯାଇ ଶୋଇବ

**ଶ୍ରୀ କୈଳାସ ଚନ୍ଦ୍ର ପାଢ଼ୀ**

ଜୀବନ ଜଳୁଛି ଦାଉ ଦାଉ ହୋଇ
ପାଣି ମୁନ୍ଦେ କେହି ଦେଉନି
ଟୋପା ଟୋପା ଲୁହ ଆଖିରୁ ଗଡୁଛି
ଆଖିରୁ ସେ ଲୁହ ଶୁଖୁନି ।୧।

ହୃଦୟକୁ ଯେଉଁ ଆଘାତ ମିଳିଛି
ଚାଲି ଏ ସଂସାର ପଥରେ
ଅସହାୟ ଜଣେ ପାନ୍ଥ ଆଜି ମୁଁ
ମାଗୁଛି ସାନ୍ତ୍ୱନା ଗୀତରେ ।୨।

କିଏ ସାଥୀ ହେବ ଅନ୍ତିମ ଜୀବନେ
ସ୍ୱାର୍ଥପର ଗଲେ ପଳାଇ
ଭାଗବାଣ୍ଟି ନେଇ ଚାଲିଗଲେ ସର୍ବେ
ଟିକିଏ ପଛକୁ ନ ଚାହିଁ ।୩।

ଗୋଟିଏ ବାଟର ପଥିକ ଆମେରେ
ତୁମେ ସେହିପରି ଚାଲୁଛ
କେତେ ଥର ତୁମେ ଝୁଣ୍ଟି ପଡ଼ିଥିବ
ଭାଗ୍ୟକୁ ଧିକ୍କାରି ଧାଇଁଛ ।୪।

ଅନ୍ତିମ ସମୟେ ଅତୀତ କଥାରେ
ମଣିଷ ହୁଅଇ ବ୍ୟଥିତ
ସୁଖର ଯୌବନ ବିଦାୟ ଶେଷରେ
ଜୀବନକୁ ମିଳେ ଆଘାତ ।୫।

ମରଣ ଡାକୁଛି ଆ ଆ ବୋଲି
ଶ୍ମଶାନ ତ ମନା କରୁଛି
କୋକେଇ ଡାକୁଛି ଶୋଇବାକୁ ଶେଯେ
ଆତ୍ମା ନିଆଁ ପରି ଜଳୁଛି ।୬।

ଜୀବନଟା ଯଦି ଏପରି ଚାଲିଛି
କାହିଁକି ମଣିଷ ଚିନ୍ତିତ
ଦୁର୍ଲ୍ଲଭ ଜୀବନ ପର ଦୁଃଖ ପାଇଁ
ଦେଇ ଦେବା ହେବ ବିହିତ ।୭।

ସମାଜ କଲ୍ୟାଣ କରୁ ଏ ମଣିଷ
ଅମର ହୋଇ ସେ ରହିବ
ସବୁ ଦୁଃଖ ତାର ଅପସରି ଯିବ
କୋକେଇରେ ଯାଇ ଶୋଇବ ।୮।

ଦୂରଭାଷ : ୯୯୩୪୩୩୬୧୨୯

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ମୋ ପିଛା ଛାଡୁନି ବର୍ଷା

ବିନ୍ଦୁସାଗର ଓଝା

ସବୁଥର ପରି ଏଥର ବି ଆସିଅଛି ବର୍ଷା
ତା' ପାଦର ପାଉଁଜି ବଜେଇ,
ତା'ର ସେଇ ପାଉଁଜିର ସରୁ ଶବଦ ପରଶେ
ରାସ୍ତାକଡ଼େ ପଡ଼ିଥିବା
ତରୁଭୁଜମଞ୍ଜିମାନେ ଉଠିଛନ୍ତି ଗଜେଇ ।
ଆଜବେଷ୍ଟସ୍‌ର ବନ୍ଦୀଶାଳାରେ
ବନ୍ଦୀ ଥିବା ଧୂଳିଙ୍କୁ କାଖେଇ,
ଘୋଡ଼ା ପରି ତରତରେ ଦଉଡ଼ି ଦଉଡ଼ି
ସଚ୍ଚତୁରେ ନଉଚି ଖସେଇ ।
ବର୍ଷା ସହ ସମ୍ପର୍କ ମୋ ନୂଆ ନୁହଁ, ସମ୍ପର୍କଟା ବହୁତ ପୁରୁଣା,
ଶୈଶବରେ ଆମ ମୁମୂର୍ଷୁ ଚାଳଛପରର କଣା ଦେଇ
ବର୍ଷା ଆସି ଭିଜଉଥିଲା ବିଛଣା ।
କେତେଥର ବର୍ଷା ମୋ ଗାଲକୁ ଚୁମିଚି
ରାତି ଅଧେ ଭାଙ୍ଗିଚି ନିଦ, ତେଣୁ ମୁଁ ତ ଶଙ୍କିଯାଏ ମୃଗ ପରି
ଶୁଣି ମେଘ-ବ୍ୟାଘ୍ରର ଶବଦ ।
କୈଶୋରେ ବି ବର୍ଷା ମୋ ପଛେ ପଛେ
ପ୍ରୀତିପୂର୍ଣ୍ଣେ ଆସିଚି ସହର, ଭଡ଼ାଘରର ରୋଗୀଣା ଆଜବେଷ୍ଟସ୍
ଫାଟଦେଇ ପଶିଆସି, ମୋ ନିଦକୁ ଦେଇଚି ଜହର ।
ମୋର କାଠ କ୍ୟାବିନ୍‌ର ଟିଣ ଛପର
କଣା ବାଟେ ବର୍ଷାଦିଏ ଟଟକା ଗୋଲାପ,
ବର୍ଷାଟା ଅଣୁଏ ବି ବୁଝିପାରେ ନାଇଁ
ମୋ ହୃଦୟତଳ କଣ୍ଟାର ଗଳପ ।
ଆଜି ବି ଯୌବନରେ ଆସିଚି ସେ ସବୁଥର ପରି
ଆମ ଭଡ଼ାଘରର ବୃଦ୍ଧ ଝରକାର କବାଟକଣା ଦେଇ,
ମନଭରି ହନ୍ତସନ୍ତ, କଲବଲ କରିବା ସକାଶେ
କିସମ କିସମର କଷ୍ଟକୁ ନେଇ ।
ଶୈଶବରୁ ଆଜିଯାଏଁ ଏଇ ମୋର ସଂଗ୍ରାମର ପଥେ
ବର୍ଷା ମୋତେ କରୁଅଛି ପିଛା, ତା'ର ଏଇ ବିଷକନ୍ୟା ପ୍ରେମ
ମୋ ପାଇଁ କଙ୍କଡ଼ାବିଛା । ●

ମକୁନ୍ଦପୁର, ଅଚ୍ୟୁତପୁର,
ରାଜକନିକା, କେନ୍ଦ୍ରାପଡ଼ା-୭୫୪୨୨୦
ଦୂରଭାଷ : ୭୯୭୮୩୨୯୫୭୯

# ଶ୍ରଦ୍ଧା ସୁମନ

ସ୍ନେହଲତା ଦ୍ୱିବେଦୀ

ଅବେଳରେ କାହିଁ ଦୂରେ ଗଲ ରହି
କରିଲକି ଅଭିମାନ
ଶ୍ୟାମରଙ୍ଗ ତୁମ ହେଲାତ ମଳିନ
ସୁନ୍ଦରର ଅବସାନ ।
ଲଉଡ଼ିକୁ ଛାଡ଼ି ଗଲ ତୁମେ ଉଡ଼ି
ଆଉ କା'ରେ ଯୋଡ଼ି ମନ
ଡାକରେ କାହାର ହେଲକି ଅସ୍ଥିର
ସ୍ପନ୍ଦନ ହୋଇଲା କ୍ଷୀଣ ।
କରିଲ କି ରୋଷ ମଳୟ ମହକ
ଲାଗିଲାନି ମଧୁଝରା
ଗୋଧୂଳି ବେଳାର ଓଗାଳର ସୁର
କଲାନି କି ଆତ୍ମହରା ।
ହେଲାକି ଅନିତି ତୁମ ଶିକ୍ଷାନୀତି
ମାନିଲେନି ଛାତ୍ରଗଣ
ଗୁମୁରି ଗୁମୁରି ଗୁମାନରେ ଝୁରି
ଛାଡ଼ିଗଲ ପ୍ରଶିକ୍ଷଣ ।
ପ୍ରାଚୀ ଅନୁଷ୍ଠାନ ଝୁରେ ରାତିଦିନ
ତୁମ ଗୁଣ ଗାଇ ଗାଇ
ତୁମ ଉପସ୍ଥାନ ଆଜି ଲାଗେ ଶୂନ୍ୟ
ଉପଦେଶ ଶୁଭୁ ନାହିଁ ।
ଆହେ କଳାକାର କାଳଜୟୀ ତୁମ
ଗୁନ୍ଥାର ପୁଷ୍ପହାର
ଢାଳୁଥିବ ଶ୍ରଦ୍ଧା ମହକିବ ସଦା
ଯେତେ ଥିଲେ ତୁମେ ଦୂର ।

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଶହେ ଚଉବନତମ ଜୟନ୍ତୀରେ ବାପୁ ଘେନ ପ୍ରଣିପାତ

**କବି ଶ୍ରୀ ସୁରେନ୍ଦ୍ର ମହାପାତ୍ର**

ଜାତିର ଜନକ ବାପୁଜୀ ହେ ତୁମେ
ସତ୍ୟ ଅହିଂସାର ଥିଲ ପୂଜାରୀ
ଶହେ ଚଉବନତମ ଜୟନ୍ତୀରେ
ଦିବାନିଶି ଝୁରୁ ତୁମକୁ ସ୍ମରି ।୧ ।
ଏକଜୁଟ କରି ଦେଶ ଜନତାଙ୍କୁ
ବିଦେଶୀଙ୍କୁ ଦେଇଥିଲ ହଟାଇ
ସରଳ ଜୀବନ ଉଚ୍ଚ ଚିନ୍ତା ନେଇ
ଆଦର୍ଶ ଜୀବନ ଥିଲ କଟାଇ ।୨ ।
ସ୍ୱଚ୍ଛ ଦୂରଦୃଷ୍ଟି ଅହିଂସାର ଯଷ୍ଟି
ସାଜିଥିଲ ଦେଶେ ହେ ଦେବଦୂତ
କାରାବାସ ଗଲ କଷଣ ସହିଲ
ହଟାଇ ଦୁର୍ଦ୍ଦଶ ଇଂରେଜ ଦୂତ ।୩ ।
ସ୍ୱପ୍ନର ଭାରତ ରାମରାଜ୍ୟ ତୁମ
ଆଜି ହୋଇ ଦିଗହରା
ସ୍ୱାଧୀନତା ପରେ ଭୁଲିଗଲେ ସବୁ
ନୀତି, ଆଦର୍ଶର ଧାରା ।୪ ।
ତୁମ ତ୍ୟାଗ ବଳେ ସ୍ୱାଧୀନତା ସିନା
ପାଇଥିଲା ଆମ ଦେଶ ଭାରତ
ଘରେ ଘରେ ଆଜି ହିଂସାର ରାଜୁତି
କ୍ଷମତା, ପଦବୀ ପାଇଁ ବିବ୍ରତ ।୫ ।

ଛୁଆଁ ଅଛୁଆଁର ଭେଦ ଉଠାଇଲ
ଶିଖାଇ ସଭିଙ୍କୁ ପ୍ରେମର ଭାବ
ଦୁସ୍ଥ ମାନବର ସେବା ଥିଲା ତୁମ
ଜୀବନର ବଇଭବ ।୬ ।
ଆହେ ବାପୁ ତୁମ ନିଶା ନିବାରଣ
ଧ୍ୱନି କାହିଁ ଲୁଚିଗଲା
ମାଦକ ଦ୍ରବ୍ୟର ସେବନ ପାଇଁକି
ଘରେ ଘରେ ଲାଗେ ପାଲା ।୭ ।
ସାରା ଭାରତକୁ ପାଦରେ ମାପିଲ
ହାତେ ବାଡ଼ିଟିଏ ଧରି
ଏକାଠି କରିଲ ଭାରତବାସୀଙ୍କୁ
ଏକତ୍ୱ ମନ୍ତ୍ର ଉଚ୍ଚାରି ।୮ ।
ଫେରିଆସ ବାପୁ ଦିନଟିଏ ପାଇଁ
ଦେଖ ସ୍ୱପ୍ନର ଭାରତ
କେବଳ ପାଳୁଛୁ ତୁମ ଜନ୍ମତିଥି
ବର୍ଷକରେ ଦିନେ ମାତ୍ର ।୯ ।
ପ୍ରତିମୂର୍ତ୍ତି ତୁମ ଓର୍ପରେ ଧୋଇ
ଫୁଲ ହାରେ ସୁସଜ୍ଜିତ
ଜୟନ୍ତୀରେ ଆସି ଦେଖ ତୁମ ଫଟୋ
ଘେନ ଆମ ପ୍ରଣିପାତ ।୧୦ ।

ଯୋବ୍ରା, କଟକ-୩

# କନ୍ୟାରତ୍ନ ଅନନ୍ୟା

ଅମରନାଥ ବାରିକ୍

ପ୍ରଚଣ୍ଡ ପ୍ରଳୟ ମଧ୍ୟରେ ସହିଷ୍ଣୁ
ମରୁଭୂମି ପାଇଁ ବର୍ଷା ତୁହି
ସନ୍ଧ୍ୟା ଆଳତିର ସୁଗନ୍ଧ କର୍ପୂର
ପୂଜା ପାଇଁ ଲୋଡ଼ା ଫୁଲ ତୁହି ।

ଚାତକର ସ୍ୱନକ୍ଷତ୍ର ଜଳ ବିନ୍ଦୁ
ଅମା ରାତ୍ରିର ଆଲୋକ ତୁହି
ଦୁଃଖ ଦରିଆର ପରମ ଆନନ୍ଦ
ପଙ୍କ ପୁଷ୍କରିଣୀ ପଦ୍ମ ତୁହି ।

ଶୁଷ୍କ ଜଙ୍ଗଲରେ ବୃଷ୍ଟିପାତ ରାଶି
ସଙ୍ଗୀତ ସ୍ୱର ସାଧନା ତୁହି
ତୋ’ ବିନା ଅଚଳ ଛୋଟ ଏ ସଂସାର
ସବୁ ମିଳେ ପାଶେ ଥିଲେ ତୁହି ।

ମାତୃ ଭଗ୍ନୀ କାୟା ଜାୟା ରୂପ ପୁଣି
ଆଦିଶକ୍ତି ସୃଷ୍ଟିରୂପ ନେଇ
ପିତାମାତା ହେବା ସୌଭାଗ୍ୟ ଦେଇଛୁ
ଆସିଛୁ ଅନନ୍ୟା ଶିଶୁ ହୋଇ ।

ଶହେ ପୁତ୍ର ଥାଇ କି ଲାଭ ହୋଇବ
ତୋ ପରି କନ୍ୟାଟି ଯଦି ନାହିଁ
କୋଠା ଗାଡ଼ି ଧନ କିବା ପ୍ରୟୋଜନ
ତୋ ଭଳି ଝିଅର ବାପ ହୋଇ ।

ପୂରିଗଲା ଆଜି ଦ୍ୱିତୀୟ ବରଷ
ଆସିଥିଲୁ ଏ ଦିନରେ ତୁହି
ଏ ଅଭୁଲା ତିଥି ପାରିବିନି ଭୁଲି
ସବୁ ଖୁସି ପାଇ ଗଲି ମୁହିଁ ।

ଗ୍ରାମ ଦେବତୀଙ୍କ କୃପାଦୃଷ୍ଟି ଥାଉ
ସମାଜ ହିତ ସାଧନ ପାଇଁ
ରଖିଥାନ୍ତୁ ମାଆ ମଙ୍ଗଳରେ ତତେ
ଜନ୍ମ ଦିନେ ମୋ ଆଶିଷ ଏହି ।

କୟାଁ, ମଙ୍ଗଳପୁର, ଯାଜପୁର
ଦୂରଭାଷ : ୯୫୪୦୩୦୮୦୯୫

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# କଖାରୁ ଗଛ

**ସୁଲୋଚନା ଦାଶ**

କେଉଁ ଗଛ ତ ଫୁଲ ଦିଏ
କେଉଁ ଗଛଟି ଫଳ
କଖାରୁ ଗଛୁ ଆମେ ତ ପାଉ
ଫୁଲ ପତର ଫଳ ।୦ ।

ଅଣ୍ଡିରା ଫୁଲ ଆଣିକି ଭାଜୁ
ବେସନ ଗୁଣ୍ଡ ଦେଇ
ମୁସୁମୁସୁ ସେ ଲାଗଇ ଭଜା
ଆହା କି ମଜା ଭାଇ ।୧ ।

କଖାରୁ ଫଳରେ ଜୀବସାର
ଥାଏ ଯେ ଧାତୁସାର
ସବୁ ଭଜା ଓ ତରକାରିରେ
ହୁଏ ସେ ଦରକାର ।୩ ।

ଚାଲରେ ପିଲେ ଲଗାଇ ଦେବା
ଆମ ବାଡ଼ିରେ ଯାଇ
କଖାରୁ ଗଛ ମାଡ଼ି ଚାଲିବ
ରଞ୍ଜାରେ ସେ ମେଲେଇ ।୪ ।

ପତର ତାର କଅଁଳ ଡଙ୍କ
ନେଇ କରୁ ବେସର
ସେଥିରେ ବଡ଼ି ଦି'ଟା ପଡ଼ିଲେ
ଲାଗଇ କି ସୁନ୍ଦର ।୫ ।

କେତେ ଯେ ଫୁଲ କେତେ ଯେ ଫଳ
ପୁଣି ପାଇବା ଶାଗ
ଖାଇବାକୁ ସେ ଦିଏନି ଖାଲି
ଅମଳଜାନ ଆଗ ।୬ ।

ସବୁ ଗଛ ପରି ଦିଅଇ ସେ ତ
ଜଳୀୟ କଣା ପରା
ବାୟୁମଣ୍ଡଳ ରହେ ଶୀତଳ
ଗଛଟି ପାଇଁ ସାରା ।୭ ।

ଆକାଶବାଣୀ କଳାକାର
ବିଜ୍ଞାନ ଶିକ୍ଷୟିତ୍ରୀ, ଖାନନଗର ହାଇସ୍କୁଲ,
ମଧୁପାଟଣା, କଟକ-୧୦
ଦୂରଭାଷ : ୯୪୩୭୩୦୦୯୪୨

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ନବୀନର ଆଗମନେ

**ଶୀତଳ କୁମାର ବେହେରା**

ସ୍ୱାଗତଂ ଅଠର ଉତ୍କଳ ଜନନୀ
ନୂତନର ଆଗମନେ
ଧରଣୀ ରାଣୀ ତା ପଣତ କାନିରେ
ଫୁଲର ଚାଙ୍ଗୁଡ଼ା ଆଣେ ।
ଓଠରେ ଫୁଟାଇ ଅପୂର୍ବ ପୁଲକ
ଶୁଭ ସକାଳର ଗୀତ
ରଜନୀ ଗନ୍ଧାର ଭୁରୁଭୁରୁ ବାସ୍ନା
କୁହୁଡ଼ି ବର୍ଷଣେ ଶୀତ ।
ଅତି ସନ୍ତର୍ପଣେ ପୁରୁଣା ବରଷ
ଘେନିଲା କାଲି ବିଦାୟ
ଚୋରି ଡକାୟତି ଦୁଷ୍କର୍ମ ଦୁର୍ନୀତି
ନାରୀ ନିର୍ଯାତନା ଭୟ ।
ବିମୁଦ୍ରା କରଣ ଜି.ଏସ୍.ଟି. ଧ୍ୱନି
ପ୍ରଗତିର ଇତିହାସ
ଓଡ଼ିଆ ସାହିତ୍ୟ ଭାଷାର ମାନ୍ୟତା
ଦୀର୍ଘ ଦିନ ଅଭିଳାଷ ।
ଓଡ଼ିଆ ସଂସ୍କୃତି ଓଡ଼ିଆ ଚଳନି
ଶୁଦ୍ଧ ଉଚ୍ଚାରିତ ଜ୍ଞାନ
ସରକାରୀ କାର୍ଯ୍ୟ ଫଳକରେ ଲେଖା
ଐତିହ୍ୟ ଭାଷା ଆଇନ ।

ସରଳ ଜୀବନ ଉଚ୍ଚ ଚିନ୍ତାଧାରା
ଲକ୍ଷ୍ୟ ହେଉ ସଭିଙ୍କର
ସତ୍ୟ, ଶାନ୍ତି, ଦୟା, କ୍ଷମା, ସ୍ନେହ, ଶ୍ରଦ୍ଧା
ହୃଦେ ହେଉ ଭରପୁର ।
ବାସ୍ନାୟିତ ହେଉ ପ୍ରାଣର ଭାବନା
ମନେ ଜାଗୁ ଧର୍ମ ଭାବ
ମଧୁମୟ ହେଉ ଜୀବନର ପଥ
ନୂଆ ବର୍ଷ ଆବିର୍ଭାବ ।
ଉତ୍କଳର ନାରୀ ଭାରି ସ୍ୱାଭିମାନୀ
ମର୍ଯ୍ୟାଦାର ମୂଲ୍ୟବୋଧ
ମାଆଙ୍କୁ ସମ୍ମାନ ନାରୀ ଅଧିକାର
ମାନବୀୟ ପରିଶୋଧ ।
କଳା ସଂସ୍କୃତିରେ ଦେଶର ପ୍ରଗତି
ଜନସେବା ହେଉ ବ୍ରତ
ଭାଇଚାରା ଭାବ ଜାତି ଧର୍ମ ବର୍ଣ୍ଣ
ଶାନ୍ତି ମୈତ୍ରୀ ସୁଶୋଭିତ ।
ଓଡ଼ିଆ ଜାତିର ମଉଡ଼ମଣି ସେ
ଜଗତର ନାଥ ହରି
ନବୀନ ବରଷ ସରସ ସୁନ୍ଦର
ଶ୍ରୀପଦେ ଆମ ଗୁହାରି ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ନରେନ୍ଦ୍ରପୁର, ଘଣ୍ଟେଶ୍ୱର, ଭଦ୍ରକ
ଦୂରଭାଷ : ୭୭୫୦୯୦୯୭୦୩

ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# ତଥାଗତ ବୁଦ୍ଧ

**ଶ୍ରୀ ରାଜକିଶୋର ସ୍ୱାଇଁ**

ସତ୍ୟର ସନ୍ଧାନେ ରାଜପଦ ଆଉ
ଘର ଛାଡ଼ିଥିଲେ ଯିଏ,
ସେ ପରା ସିଦ୍ଧାର୍ଥ ପରେ ତଥାଗତ
ବୁଦ୍ଧ ହୋଇଗଲେ ସିଏ ।୧ ।

କପିଳବାସ୍ତୁର ଲୁମ୍ବିନୀ ଉଦ୍ୟାନେ
ହୋଇଥିଲେ ସିଏ ଜାତ,
ରାଜା ଶୁଦ୍ଧୋଦନ ରାଣୀ ମାୟାଦେବୀ
ଥିଲେ ତାଙ୍କ ତାତ ମାତ ।୨ ।

ହୃଦୟ ତାଙ୍କରି ଥିଲା ନିରିମଳ
ଛନ୍ଦ ଓ କପଟ ଶୂନ୍ୟ
ପୁନେଇଁ ରାତିର ଚନ୍ଦ୍ରମା ପରାଏ
ସଫା ଥିଲା ତାଙ୍କ ମନ ।୩ ।

ପିଲାବେଳୁ ଜୀବନର ଅସାରତା
କଲା ବିଚଳିତ ଅତି,
ଜଗତରୁ ଜଗଦୀଶଙ୍କ ଆଡ଼କୁ
ମୋଡ଼ି ହେଲା ତାଙ୍କ ମତି ।୪ ।

ଘରଦ୍ୱାର ଛାଡ଼ି ବୋଧଗୟାଠାରେ
ହୋଇଥିଲେ ଧ୍ୟାନରତ,
କଠିନ ସାଧନା କରି ଦିବାନିଶି
ନିର୍ବାଣ ହେଲେ ପ୍ରାପତ ।୫ ।

କାମନାର ବିନାଶରେ ମିଳେ ମୁକ୍ତି
ଦୁଃଖ ହୋଇଯାଏ ଦୂର,
କାମନା ହିଁ ସବୁ ଦୁଃଖର କାରଣ
କରିଥିଲେ ସେ ପ୍ରଚାର ।୬ ।

ଅହିଂସା ପରମ ଧର୍ମର ଥିଲେ ସେ
ଆଜନ୍ମରୁ ଉପାସକ,
ଜୀବେ ଦୟା ଆଉ କରୁଣାର ଥିଲେ
ସିଏ ପରା ପ୍ରବର୍ତ୍ତକ ।୭ ।

ବୁଲି ବୁଲି ସିଏ ବାଣ୍ଟିଥିଲେ ପରା
ମାନବ ଜାତିକୁ ପ୍ରେମ,
ତାଙ୍କ ପ୍ରଚାରିତ ଧରମର ନାଆଁ
ହୋଇ ଗଲା ବୌଦ୍ଧ ଧର୍ମ ।୮ ।

ଜୀବନ ତାଙ୍କରି ଥିଲା ସମର୍ପିତ
ସମାଜର ହିତ ପାଇଁ,
ସବୁ ଦିନ ପାଇଁ ରହିଗଲେ ସିଏ
ଜଗତେ ଅମର ହୋଇ ।୯ ।

ତାଙ୍କ ନୀତି ଆଉ ଆଦର୍ଶ ହେଉଛି
ଆମ ଏ ଦେଶର ପୁଞ୍ଜି,
ଶରଧାରେ ଅନୁକରଣ କରିବା
ଶାନ୍ତି ଲାଗି ଆମେ ଆଜି ।୧୦ ।

●

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡ଼ା, ନୂଆବଜାର, କଟକ-୭୫୩୦୦୪
ଦୂରଭାଷ : ୯୪୩୭୪୪୨୦୪୧

ISSN -2583-147X (P), Vol.- 10, Issue No.I, April 2024
Bastabatara Pariprakash Prachee
*Peer Reviewed and Referred Research Journal*

# ସାକ୍ଷାତକାର

ଜଣେ ସୁଗୃହିଣୀ ହିସାବରେ ନିଜର କର୍ତ୍ତବ୍ୟକୁ ସୁଚାରୁରୂପେ ତୁଲେଇବା ସହିତ ନିରନ୍ତର ସାହିତ୍ୟ ସାଧନାରେ ରତ ଥିବା ଶ୍ରୀମତୀ ସୁଦ୍ଯୁମ୍ନା ପଣ୍ଡାଙ୍କ ଦ୍ୱାରା ରଚିତ କାବ୍ୟ କବିତା, ଗଳ୍ପ, ପ୍ରବନ୍ଧ, ଭ୍ରମଣ କାହାଣୀ ଆଦି ସମାଜ ପାଇଁ ଏକ ନୂତନ ଦିଗନ୍ତ ସୃଷ୍ଟି କରିପାରିଛି । ତାଙ୍କ ରଚିତ ପ୍ରତ୍ୟେକ ସୃଷ୍ଟିରେ ସମାଜ ପାଇଁ ସୁନ୍ଦର ବାର୍ତ୍ତାଟିଏ ରହିଥିବା ବେଳେ ତାଙ୍କ ଶବ୍ଦ ସଂଯୋଜନାର ଚାତୁରୀ ସମସ୍ତ ପାଠକଙ୍କୁ ଆକୃଷ୍ଟ କରିପାରିଛି ।

ସେହି ବିଶିଷ୍ଟ ସାହିତ୍ୟିକାଙ୍କୁ ଭେଟିଥିଲେ ଆମ ସ୍ୱତନ୍ତ୍ର ପ୍ରତିନିଧି **ପ୍ରତାପ ସ୍ୱାଇଁ...**

ପ୍ରଶ୍ନ : ଆପଣ ସାହିତ୍ୟ ଜଗତକୁ କେବେ ଆସିଲେ ?

ଉତ୍ତର : ସାହିତ୍ୟ ଜଗତକୁ ମୁଁ କେବେ ଆସିଲି ସେ ବିଷୟରେ ବୋଧହୁଏ ମୁଁ ବି ଜାଣେ ନାହିଁ । କାହିଁକି ନା, ମୋର ହେତୁ ହେଲା ଦିନଠାରୁ ମୋତେ ସଙ୍ଗୀତ, ଗୀତ, ନାଟକ, ପାଲା, ଦାସକାଠିଆ ଆଦି ପ୍ରତି ପ୍ରବଳ ରୁଚି ରହିଥିଲା । ମୁଁ ଛୋଟ ଥିଲାବେଳେ ଆମ ଘର ସାମ୍ନାରେ ବରାବର ପାଲା ହେଉଥିଲା । ମୁଁ ସେହି ପାଲା ନ ସରିବା ଯାଏଁ ସେ ସ୍ଥାନରୁ ଉଠୁ ନ ଥିଲି । ଷୋହଳ ପାଲା ସହିତ ଅନେକ ସାହିତ୍ୟ ବିଷୟକୁ ମୁଁ ମନେରଖି ଦେଇ ପରବର୍ତ୍ତୀ ସମୟରେ ମୋ ଭାଇ ଭଉଣୀମାନଙ୍କୁ ନେଇ ସେହି ପାଲା ପରିବେଷଣ କରି ଦେଉଥିଲି । ନାଟକ ଦେଖି ଆସିବା ପରେ ସେହି ନାଟକର ପ୍ରତ୍ୟେକ ଚରିତ୍ରର ଅଭିନୟ ମୁଁ ଅତି ସୁନ୍ଦର ଭାବରେ କରି ଦେଉଥିଲି । ତେଣୁ ଆମ ଘରେ ତଥା ମୋ ପଡ଼ୋଶୀମାନେ ବାରମ୍ବାର ମୋର ସେହି ଅଭିନୟ ଦେଖିବାକୁ ଚାହୁଁଥିଲେ । ଆଉ ପୁଣି ଛୋଟ ବେଳୁ ମୋ ଜେଜେମା ପଢୁଥିବା ପୁରାଣ ଆଦିକୁ ମନଦେଇ ଶୁଣିବାକୁ ମୋତେ ଭାରି ଭଲ ଲାଗୁଥିଲା । ମୋ ବାପା ଜଣେ ସାହିତ୍ୟାନୁରାଗୀ ଥିଲେ । ଅନେକ କାବ୍ୟ କବିତା ତଥା ଉପାଦେୟ ପୁସ୍ତକ ଆମଘରେ ମହଜୁଦ ଥିଲା । ତେଣୁ ମୁଁ ସମୟ ମିଳିଲେ ସେସବୁ ପଢ଼ିବାର ସୁଯୋଗ ପାଉଥିଲି । ଏହି ପଢ଼ିବା ଏବଂ ଶୁଣିବା ଭିତରେ ମୁଁ ଧୀରେ ଧୀରେ ଲେଖିବାକୁ ଆରମ୍ଭ କରିଥିଲି ସ୍କୁଲ ସମୟରେ । କିନ୍ତୁ ତାହା ସେହି ରଫ୍ ଖାତାରେ ହିଁ ରହିଯାଇଥିଲା । କାରଣ, ସେତେବେଳେ ଗାଁ ଗୁଡ଼ିକରେ ବାହ୍ୟ ଜଗତକୁ ଜାଣିବାର ସୁବିଧା ନଥିଲା ।

ପ୍ରଶ୍ନ : ଆଣ ଏଯାବତ୍ କେତେ ଖଣ୍ଡ ପୁସ୍ତକ ଲେଖିଛନ୍ତି ?

ଉତ୍ତର : ଏଯାବତ୍ ମୋର ଚାରିଖଣ୍ଡ ପୁସ୍ତକ ପ୍ରକାଶିତ ହୋଇପାରିଛି । ମାତ୍ର ଆହୁରି ଅନେକ କୃତି ରହିଛି ପ୍ରକାଶ ଅପେକ୍ଷାରେ । ଗଳ୍ପ, ପ୍ରବନ୍ଧ, ଭ୍ରମଣ କାହାଣୀ ଆଦିକୁ ମୁଁ ପ୍ରକାଶିତ କରିପାରି ନାହିଁ । ଆହୁରି ଅନେକ କବିତା ମଧ୍ୟ ରହିଛି ଅପ୍ରକାଶିତ ଅବସ୍ଥାରେ ।

ପ୍ରଶ୍ନ : ଆପଣ କବିତା, ଗଳ୍ପ, ପ୍ରବନ୍ଧ, ଉପନ୍ୟାସ ମଧ୍ୟ ଲେଖନ୍ତି । ଆପଣଙ୍କ ଲେଖା ମାଧ୍ୟମରେ ସମାଜକୁ କେଉଁ ବାର୍ତ୍ତା ଦେବାକୁ ଚାହାଁନ୍ତି ?

ଉତ୍ତର : ମୁଁ ସମସ୍ତ ପ୍ରକାରର ଲେଖା ଲେଖେ । ମୋର ଲେଖାର ମୌଳିକତା ହେଲା ସମ୍ପ୍ରତି ସମାଜରେ ଘଟିଯାଉଥିବା

ଘଟଣା ଏବଂ ଅଘଟଣର ରୂପରେଖକୁ ଜନତାଙ୍କ ପାଖରେ ପହଞ୍ଚାଇବା ଏବଂ ତା'ର ନିରାକରଣ କରିବା । ମୋ ଚାରିପାଖେ ଘଟି ଯାଉଥିବା ଘଟଣା ସବୁ ଯେତେବେଳେ ମୋତେ ବ୍ୟତିବ୍ୟସ୍ତ କରେ, ସେତେବେଳେ ମୁଁ ଲେଖନୀ ଧରେ ତା'ର ପ୍ରତିବାଦ କରିବାକୁ ।

ପ୍ରଶ୍ନ : ବିଭିନ୍ନ ସମୟରେ ଆମ ଭାଷା ସଙ୍କଟରେ ଥିବା ନେଇ ଅନେକ ଆଲୋଚନା ହୋଇଥାଏ । ଏ ବିଷୟରେ ଆପଣଙ୍କ ମତ କ'ଣ ?

ଉତ୍ତର : ଭାଷା ସଙ୍କଟ ସେତେବେଳେ ଦେଖାଦିଏ, ଯେତେବେଳେ ଲୋକ ନିଜ ଭାଷାରୁ ବିମୁଖ ହୋଇ ଯାଆନ୍ତି । ବେଳେ ବେଳେ ଲାଗେ ମଧ୍ୟ ଆମ ଉତ୍ତରପିଢ଼ି ପାଖରେ ଏସବୁ ଦେଖା ଦେଉଛି ବୋଲି । କିନ୍ତୁ ପ୍ରକୃତରେ ତାହା ନୁହେଁ । କେହି ଯଦି ଏକାଧିକ ଭାଷା ଜ୍ଞାନ ରଖି ପାରିଲା ତାହା ସମସ୍ତଙ୍କ ପାଇଁ ଗୌରବର ବିଷୟ । କାହିଁକି ନା ଭାଷା ସାହିତ୍ୟ ରାଷ୍ଟ୍ର ଗଢ଼େ । ଭାବର ଆଦାନ ପ୍ରଦାନ ପାଇଁ ନିଶ୍ଚିତ ଭାବରେ ଆମମାନଙ୍କୁ ଅନେକ ଭାଷାର ବ୍ୟବହାର କରିବାକୁ ବାଧ୍ୟ କରାଏ । କିନ୍ତୁ ତାର ମାନେ ନୁହେଁ ଆମେ ନିଜ ଭାଷା ପ୍ରତି ଅବହେଳା ପ୍ରଦର୍ଶନ କରିବା ବା ନିଜ ଭାଷାକୁ ହେୟ ଜ୍ଞାନ କରିବା । ନିଜ ଭାଷାକୁ ତାର ଉଚିତ ମାନ୍ୟତା ଦେବା ପ୍ରତ୍ୟେକ ନାଗରିକଙ୍କ ପ୍ରଥମ କର୍ତ୍ତବ୍ୟ । ବେଳେ ବେଳେ ଦୁଃଖ ଲାଗେ ଆଜିକାଲିର ଛୁଆ ଇଂରାଜୀ ମାଧ୍ୟମ ସ୍କୁଲରେ ପାଠପଢ଼ି ଇଂରାଜୀରେ କଥା ହେବା ଆଭିଜାତ୍ୟର ପ୍ରତୀକ ବୋଲି ଧରି ନେଇଛନ୍ତି । କିନ୍ତୁ ଏ ବିଷୟରେ ପ୍ରତ୍ୟେକ ଅଭିଭାବକ ତାଙ୍କ ଶିଶୁମାନଙ୍କୁ ସଚେତନ କରାଇବା ଉଚିତ ଯେ, ନିଜ ମାତୃଭାଷା ସବୁଠୁ ଉଚ୍ଚ ଓ ସେମାନେ ତାକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ତା'ର ଯଥୋଚିତ ଆଦର କରିବା ବିଧେୟ ବୋଲି । ଖୁସିର ବିଷୟ ଯେ ଏବେ ଧୀରେ ଧୀରେ ଯୁବପିଢ଼ିଙ୍କ ଆଗ୍ରହ ମଧ୍ୟ ଭାଷା ପ୍ରତି ବଢ଼ି ବଢ଼ି ଚାଲିଛି ଏବଂ ସେମାନେ ତା'ର ଉନ୍ନତି ଦିଗରେ ପଦକ୍ଷେପ ନେବାପାଇଁ ଅଣ୍ଟା ଭିଡ଼ିଲେଣି । ଅନେକ ନୂଆ ନୂଆ ସ୍ରଷ୍ଟାଙ୍କ ସୃଜନରେ ଆମ ବାଣୀ ଭଣ୍ଡାର ସମୃଦ୍ଧ ହେବାକୁ ବସିଛି । ତେଣୁ ଭାଷା ସାହିତ୍ୟର ନିଶ୍ଚିତ ଭାବରେ ଉନ୍ନତି ହେଉଛି ।

ପ୍ରଶ୍ନ : ସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ଆଇନ ପ୍ରଣୟନ ହୋଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରି ନାହିଁ । ଏହା ଦ୍ୱାରା କିଛି ପରିବର୍ତ୍ତନ ହୋଇ ପାରିଥାନ୍ତା ବୋଲି ଭାବୁଛନ୍ତି କି ?

ଉତ୍ତର : ଓଡ଼ିଆ ଭାଷା ଏକ ଉନ୍ନତ ଭାଷା ଏଥିରେ ସନ୍ଦେହ ନାହିଁ । କିନ୍ତୁ ଆରମ୍ଭରୁ ସରକାରୀ ବା ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଇଂରାଜୀ ଭାଷାର ପ୍ରଚଳନ ହୋଇ ଆସୁଅଛି । ତେଣୁ ଲୋକ ତାକୁ ସହଜରେ ଛାଡ଼ି ପାରୁ ନାହାନ୍ତି । କିନ୍ତୁ ଅନ୍ୟ ପ୍ରଦେଶ ଗୁଡ଼ିକରେ ତାଙ୍କ ମାତୃଭାଷାକୁ ସରକାରୀ ଭାଷା ରୂପେ ବିନା ଦ୍ୱିଧାରେ ଗ୍ରହଣ କରିଛନ୍ତି । ଆମ କ୍ଷେତ୍ରରେ ମଧ୍ୟ ସେଭଳି ହେବା ଉଚିତ୍ । କାହିଁକି ନା ଯଦି ଓଡ଼ିଆ ଭାଷା ପ୍ରତ୍ୟେକ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନମାନଙ୍କରେ ବହୁଳ ବ୍ୟବହାର କରାଯାଏ, ତାହେଲେ ସର୍ବସାଧାରଣ ତା'ର ମୂଲ୍ୟ ବୁଝିପାରନ୍ତେ ଏବଂ ନିଶ୍ଚୟ ତା'ର ଆଦୃତି ବଢ଼ି ପାରନ୍ତା । କିନ୍ତୁ ଦୁଃଖର ବିଷୟ ଯେ ତାହା ଏଯାଏଁ ସମ୍ଭବ ହୋଇପାରୁ ନାହିଁ ।

ପ୍ରଶ୍ନ : ଓଡ଼ିଆ, ସଂସ୍କୃତ ତଥା ଜନଜାତି ଭାଷା ମଧ୍ୟରେ କି ପ୍ରକାର ସମ୍ପର୍କ ଅଛି ?

ଉତ୍ତର : ମନର ଭାବକୁ ଅନ୍ୟ ପାଖରେ ପହଞ୍ଚାଇବାକୁ ଭାଷାର ପ୍ରୟୋଜନ ହୋଇଥାଏ । ବୋଧହୁଏ ପୁରାତନ କାଳରେ ମନୁଷ୍ୟ ନିଜ ଭାବକୁ ଅନ୍ୟ ପାଖରେ ବ୍ୟକ୍ତ କରିବାକୁ ଠାର ବା ସଙ୍କେତର ପ୍ରୟୋଗ କରୁଥିଲା । କାଳକ୍ରମେ ସେହି ସଙ୍କେତକୁ ଶବ୍ଦ ମାଧ୍ୟମରେ ଦର୍ଶାଇବାକୁ ଯାଇ ଭାଷାର ପ୍ରଚଳନ ହୋଇ କରିଥିଲା । ତେଣୁ ଦେଖାଯାଏ ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଗୋଟିଏ ନିର୍ଦ୍ଦିଷ୍ଟ ଭାଷାର ବ୍ୟବହାର ହୋଇଆସୁଛି ଏବଂ ଭାଷାର ବିଭିନ୍ନତା ମଧ୍ୟ ରହିଛି । ସେ ଯେ କୌଣସି ଭାଷା ହେଉନା କାହିଁକି, ଭାଷାର ମୂଳ ଲକ୍ଷ୍ୟ ହେଲା ଭାବର ପରିପ୍ରକାଶ କରିବା । ସାରା ବିଶ୍ୱରେ ଏବେ

ସାତ ହଜାରରୁ ଊର୍ଦ୍ଧ୍ୱ ଭାଷାର ପ୍ରଚଳନ ଥିବାବେଳେ ଆମ ଭାରତରେ ସାତ ଶହରୁ ଊର୍ଦ୍ଧ୍ୱ ଭାଷାର ପ୍ରଚଳନ ହୋଇ ଆସୁଅଛି । ସେଥିମଧ୍ୟରୁ ସଂସ୍କୃତ ଭାଷା ସର୍ବ ପୁରାତନ ଏବଂ ସବୁ ଭାଷାର ମୂଳ ବା ମାଁ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶାରେ ମଧ୍ୟ ଓଡ଼ିଆ ବ୍ୟତୀତ ଆହୁରି ଅନେକ ଭାଷାର ବ୍ୟବହାର ହୋଇଆସୁଛି । ସାରା ଓଡ଼ିଶାରେ ସାଧାରଣତଃ ଲିଖିତ ଭାଷା ହିସାବରେ ଓଡ଼ିଆ ଭାଷାର ବ୍ୟବହାର ହେଉଥିଲେ ହେଁ କଥିତ ଭାଷାରେ ସାମାନ୍ୟ ବିଭିନ୍ନତା ପରିଲକ୍ଷିତ ହୋଇଥାଏ । ସେହିପରି ପଶ୍ଚିମ ଓଡ଼ିଶାକୁ ଆସିଗଲେ ସେହି ଭାଷା ପରିବର୍ତ୍ତନ ହୋଇଯାଇ ସମ୍ବଲପୁରୀର ପରିଚୟ ପାଇଥାଏ । ଆଜି ବି ଆମ ଦେଶର ଅଭ୍ୟନ୍ତରରେ ଅନେକ ଜନଜାତିର ଲୋକେ ବସବାସ କରୁଛନ୍ତି । ସେମାନେ ନିଜ ନିଜ ଭିତରେ ଗୋଟିଏ ସ୍ୱତନ୍ତ୍ର ଭାଷାରେ କଥାବାର୍ତ୍ତା କରନ୍ତି । ଏହା ତାଙ୍କର ମୌଳିକତା ଏବଂ ସେମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ । ତେଣୁ ପ୍ରତ୍ୟେକ ଭାଷାର ମୌଳିକତା ଥିଲେ ସୁଦ୍ଧା ପରସ୍ପର ସଂଶ୍ଳିଷ୍ଟ ।

ପ୍ରଶ୍ନ : ଆପଣଙ୍କୁ ଲେଖିବାରେ କିଏ ପ୍ରେରଣା ପ୍ରଦାନ କରନ୍ତି ?

ଉତ୍ତର : ପ୍ରଥମତଃ ମୁଁ ଲେଖେ ମୋ ମନର ଉତ୍ତେଜନାକୁ ପରିପ୍ରକାଶ କରିବା ପାଇଁ । ମୋ ଚତୁଃପାର୍ଶ୍ୱର ପରିବେଶ ମୋତେ ବାଧ୍ୟ କରାଏ କଲମ ଧରିବାକୁ । ଦ୍ୱିତୀୟରେ ମୋର ପରମ ପୂଜ୍ୟ ଗୁରୁ ଶ୍ରୀଯୁକ୍ତ ଶଶିଭୂଷଣ ପାଣିଗ୍ରାହୀ ସବୁବେଳେ ମୋର ପ୍ରେରଣା ହୋଇ ରହିଛନ୍ତି ଏବଂ ରହିଥିବେ ମଧ୍ୟ । ତାଙ୍କ ନିରଳସ କର୍ମ ଜୀବନ ତଥା ତାଙ୍କ ଅନେକ ଲେଖା ମେତେ ଅଭିପ୍ରେରିତ କରେ କିଛି ଲେଖିବାକୁ । ତା'ପରେ ମୋର ପାଠକମାନଙ୍କ ଉତ୍ସାହ ଏବଂ ମୋର ପରିବାରର ସମସ୍ତ ସଦସ୍ୟଙ୍କ ସହଯୋଗ ମୋତେ ପ୍ରେରଣା ଦିଏ ଆଉ ପାଦେ ଆଗେଇ ଯିବାକୁ ।

ପ୍ରଶ୍ନ : ଆପଣ ଜଣେ ସୁଗୃହିଣୀ, ଗୃହ ଜଞ୍ଜାଳରେ ଥାଇ ସୁଦ୍ଧା ସାରସ୍ୱତ ଯାତ୍ରାରେ ଜଣେ ସଫଳ ଯାତ୍ରୀ ହୋଇ ପାରିଛନ୍ତି କିପରି ?

ଉତ୍ତର : ମୁଁ ଜଣେ ଗୃହିଣୀ, ତେଣୁ ସବୁବେଳେ ମୋ ପାରିବାରିକ ଜୀବନ ତଥା ମୋ ପାରିପାର୍ଶ୍ୱିକ ପରିସ୍ଥିତିକୁ ବେଶି ଗୁରୁତ୍ୱ ଦେଇଥାଏ । ମୁଁ ଚାହିଁଥିଲେ ଚାକିରି କରିପାରିଥାନ୍ତି, କିନ୍ତୁ ମୋ ପରିବାର ପାଇଁ ମୋ କର୍ତ୍ତବ୍ୟ ମୋତେ ସେଥିରୁ ବାରଣ କଲା । କିନ୍ତୁ ମୁଁ ନିଶ୍ଚିତ ଭାବରେ ଭାଗ୍ୟଶାଳୀ ଯେ ମୋ ପରିବାର ମୋର ସାରସ୍ୱତ ଯାତ୍ରାରେ ମୋ ସହିତ ସବୁବେଳେ ଛିଡ଼ା ହୋଇଥାନ୍ତି । ମୋ ସ୍ୱାମୀ ଶ୍ରୀଯୁକ୍ତ ସୁରେନ୍ଦ୍ର ମୋହନ ପଣ୍ଡା ପ୍ରତି କ୍ଷେତ୍ରରେ ମୋର ସହାୟତା କରିଥାଆନ୍ତି । ମୋ ପିଲାମାନେ ମଧ୍ୟ ମୋର ଏହି ସାରସ୍ୱତ ସାଧନା ପାଇଁ ଗର୍ବ ଅନୁଭବ କରନ୍ତି । ତେଣୁ ମୋତେ ବିଶେଷ ଅସୁବିଧା ହୁଏନାହିଁ ।

ପ୍ରଶ୍ନ : ପୁରସ୍କାର ବା ସମ୍ବର୍ଦ୍ଧନା ଲେଖକକୁ କେତେ ଉତ୍ସାହିତ କରେ ?

ଉତ୍ତର : ପୁରସ୍କାରଟିଏ ପାଇଲେ ଯେ କୌଣସି ଲୋକ ଆନନ୍ଦିତ ହୁଅନ୍ତି । ସେହିପରି ଜଣେ ଲେଖକକୁ ପୁରସ୍କୃତ କଲେ ସେ ଆନନ୍ଦିତ ବା ଉତ୍ସାହିତ ହୁଏ ନିଶ୍ଚୟ, କିନ୍ତୁ ପରବର୍ତ୍ତୀ ସମୟରେ ତା'ର ଦାୟିତ୍ୱ ବଢ଼ି ଯାଏ । ସେହି ପୁରସ୍କାର ବା ସମ୍ବର୍ଦ୍ଧନାର ମାନ ରଖିବାକୁ ସେ ଆହୁରି ଦାୟିତ୍ୱ ସମ୍ପନ୍ନ ହେବାକୁ ବାଧ୍ୟ ହୁଏ । କିନ୍ତୁ ଦୁଃଖର ବିଷୟ ଯେ ଆଜିକାଲି ଉଚିତ ବ୍ୟକ୍ତିଙ୍କୁ ଉଚିତ ମାନ୍ୟତା ମିଳି ପାରୁନାହିଁ । ସମ୍ବର୍ଦ୍ଧନା ମଧ୍ୟ ବ୍ୟବସାୟ ପାଲଟି ଗଲାଣି ।

ପ୍ରଶ୍ନ : ସାମ୍ପ୍ରତିକ ପରିସ୍ଥିତିରେ ସାହିତ୍ୟର କିଛି ଭୂମିକା ଅଛି ବୋଲି ଭାବୁଛନ୍ତି କି ?

ଉତ୍ତର : ନିଶ୍ଚୟ ଅଛି । ସାହିତ୍ୟ ଏପରି ଏକ ମାଧ୍ୟମ, ଯିଏ କି ସମସ୍ତ ସମ୍ପର୍କକୁ ଯୋଡ଼ି ରଖିବାରେ ସହାୟତା କରେ । ସାହିତ୍ୟ ନଥିଲେ ଆମେ ଆମର ପୂର୍ବସୂରୀମାନଙ୍କୁ ମନେ ପକେଇବାର ସୁଯୋଗ ପାଆନ୍ତେ ନାହିଁ । ସାହିତ୍ୟ ଅଛି ବୋଲି ଆଜି ଆମ ସଂସ୍କୃତି ବି ବଞ୍ଚି ରହିଛି । ସାହିତ୍ୟ ଅଛି ବୋଲି ଆମେ ବେଦ ବେଦାନ୍ତ ଗୀତା ସଂହିତା ଆଦିକୁ ସରଳୀକରଣ କରି ଲୋକଙ୍କ ପାଖରେ ପହଞ୍ଚାଇବାକୁ ସମର୍ଥ ହେଉଛୁ ।

ସାହିତ୍ୟ ଅଛି ବୋଲି ଆଜି ବି ଆମେ ରାମାୟଣ, ମହାଭାରତ ଆଦି ଗ୍ରନ୍ଥରେ ସମସ୍ୟା ସମାଧାନର ମାର୍ଗ ଖୋଜି ପାଉଛୁ । ତେଣୁ ନିଶ୍ଚିତ ଭାବରେ ସାହିତ୍ୟ ହିଁ ସମସ୍ତ ପରିସ୍ଥିତିରେ ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ ।

ପ୍ରଶ୍ନ : ଆପଣ ଆପଣଙ୍କ ଲେଖନୀ ମାଧମରେ ଦେଶ ଓ ଜାତିକୁ କେଉଁ ସନ୍ଦେଶ ଦେବାକୁ ଚାହାନ୍ତି ?

ଉତ୍ତର : ମୁଁ ସବୁବେଳେ ସମାଜକୁ ସୁଧାରିବାକୁ ଚେଷ୍ଟା କରେ । ଛୋଟ ଛୋଟ କଥାକୁ କେନ୍ଦ୍ର କରି ଅନେକ ସମସ୍ୟା ମାନ ଦେଖା ଦେଇଥାଏ । ବ୍ୟକ୍ତିଗତ ଭାବରେ କହିଲେ ତାହା ଗ୍ରହଣୀୟ ହୋଇ ନପାରେ । ତେଣୁ ମୁଁ ମୋ ଲେଖନୀକୁ ମାଧମ କରି ସେହି ସମସ୍ୟାର ସମାଧାନର ପନ୍ଥା ଦେଖାଇବାକୁ ଚେଷ୍ଟା କରେ । ଯେମିତି କେତେକ ପରିବାରକୁ ନେଇ ଗାଁ, କେତେକ ଗାଁକୁ ନେଇ ଜିଲ୍ଲା, କେତେକ ଜିଲ୍ଲାକୁ ନେଇ ଗୋଟିଏ ରାଜ୍ୟ ଓ କେତେକ ରାଜ୍ୟର ସମ୍ମିଶ୍ରଣରେ ଗୋଟିଏ ଦେଶ ଗଠନ ହୋଇଥାଏ, ସେହିପରି ଦେଶରେ ସୁଧାର ଆଣିବା ପାଇଁ ପ୍ରଥମେ ପରିବାରରୁ ହିଁ ଆରମ୍ଭ କରିବାକୁ ପଡ଼ିଥାଏ । ପରିବାର ଗୁଡ଼ିକ ଠିକ୍ ବାଟରେ ଚାଲିଲେ ଗ୍ରାମ ସୁଧୁରିଯିବ, ଗାଁ ଗୁଡ଼ିକର ଉନ୍ନତି ହେଲେ ଜିଲ୍ଲାର ଉନ୍ନତି ହେବ, ଜିଲ୍ଲା ଗୁଡ଼ିକ ଠିକ୍ ରହିଲେ ରାଜ୍ୟରେ ସୁଧାର ଆସିବ ଓ ରାଜ୍ୟ ଗୁଡ଼ିକ ଠିକ୍ ରହିଲେ ଦେଶର ଉନ୍ନତି ଅବସମ୍ଭାବୀ । ତେଣୁ ମୁଁ ଚେଷ୍ଟା କରେ ପ୍ରତ୍ୟେକ ସମ୍ପର୍କରେ ମଧୁରତା କରି ଦେବାକୁ । ମୋ ଲେଖାରେ ନକାରାତ୍ମକ ଭାବନାକୁ ସ୍ଥାନ ଦିଏ ନାହିଁ । କାହିଁକି ନା ଉଦ୍ୟମ ହିଁ ସଫଳତାର ମୂଳମନ୍ତ୍ର ।

ପ୍ରଶ୍ନ : ଆଜିର ଯୁବପିଢ଼ିଙ୍କ ଲେଖା ସେପରି କିଛି ମହତ୍ତ୍ୱ ରଖୁ ନାହିଁ, ଏ ବିଷୟରେ ଆପଣ କ'ଣ କହିବେ ?

ଉତ୍ତର : ଖୁସିର ବିଷୟ ଯେ, ଆଜିକାଲି ଯୁବପିଢ଼ି ଭାଷା ସାହିତ୍ୟକୁ ଆଗକୁ ନେବାପାଇଁ ଆଗେଇ ଆସିଲେଣି । କିନ୍ତୁ ପରିତାପର ବିଷୟ ଯେ ସେମାନଙ୍କ ଭିତରୁ କେତେକ ନିଜକୁ ଶ୍ରେଷ୍ଠ ବିବେଚିତ କରିବା ପାଇଁ ଅସତ୍ ପନ୍ଥା ଅବଲମ୍ବନ କରୁଛନ୍ତି । କିନ୍ତୁ ସମସ୍ତଙ୍କ ପାଇଁ ଏହା ପ୍ରଯୁଜ୍ୟ ନୁହେଁ । କେତେଜଣ ଯୁବ ଲେଖକ ତାଙ୍କ ସ୍ୱତନ୍ତତା ରକ୍ଷା କରି ବାଣୀ ଭଣ୍ଡାରକୁ ସମୃଦ୍ଧ ମଧ କରୁଛନ୍ତି । ତେଣୁ ସେହି କେତେଜଣଙ୍କ ଲେଖା ନିଶ୍ଚୟ ସମାଜକୁ ଦିଗ୍‌ଦର୍ଶନ ଦେବ ।

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ